ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ହୋଲି ଉତ୍ସବ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**




Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୩ |
| କରୋନା ଭୂତାଣୁ ସଂକ୍ରମଣ | | ୧୬ |
| କାହାଣୀ ବିଭାଗ | | ୧୭ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୧୮ |
| ପଶ୍ଚାତାପ | ଗଦାଧର ବଳ | ୨୫ |
| କବୁଲ୍ ହେ | ଶ୍ରୀମାନି ପ୍ରିୟଦର୍ଶିନୀ ଦାସ | ୩୧ |
| ଖରାପ ସ୍ୱପ୍ନ | ରାଜେଶ କୁମାର ବାରିକ | ୪୨ |
| ନିଆରା ଦେଶଭକ୍ତି | ସୁଷମା ପରିଜା | ୪୪ |
| ସବୁଜ ସ୍ୱର୍ଗ | ବିନୟ ମହାପାତ୍ର | ୪୮ |
| ପ୍ରତିଶୋଧ | ମହେଶ୍ୱର ସାହୁ | ୬୦ |
| ବିଶ୍ୱାସର ନୋଟବନ୍ଦୀ | ତ୍ରିଲୋଚନ ଦାସ | ୬୬ |
| ପ୍ରେମ ତ ପରିତୃପ୍ତିର କଥାକହେ | ଅନସୂୟା ପଣ୍ଡା | ୭୫ |
| ଏକ ଛୋଟିଆ ପ୍ରେମ କାହାଣୀ | ଦୀପକ ଷଡ଼ଙ୍ଗୀ | ୮୦ |
| ସଡ଼କ ଦୁର୍ଘଟଣା | ଡମ୍ବରୁଧର ବାଗ | ୮୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଷେଣ୍ଢିଆଭାଇର ଭାଲେଣ୍ଟାଇନ୍ ଡେ | ଇଂ ବିଦ୍ୟାଧର ପଣ୍ଡା | ୮୫ |
| ସାବାସ ବିଲୁଆ | ଅଙ୍କିତା ପାଢ଼ୀ | ୯୧ |
| ଅତୀତ | ସୁଧାଂଶୁ ଶେଖର ସାହୁ | ୯୭ |
| ଫୁର୍ | ପୁଷ୍ପାଞ୍ଜଳୀ ବୁଢ଼େକ୍ | ୯୯ |
| ଅପରାଧୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୦୧ |
| ତ୍ରିକାଳଦର୍ଶୀ ନଟବାବା (ନାଟକ) | ଇଂ ବିଦ୍ୟାଧର ପଣ୍ଡା | ୧୦୬ |
| ସରଗପରୀକୁ ପ୍ରେମକରି (ନାଟକ) | ନୂତନ କୁମାର ବେହେରା | ୧୧୫ |
| **କବିତା ବିଭାଗ** | | **୧୨୫** |
| କେହି ଜଣେ | କୃଷ୍ଣଚନ୍ଦ୍ର ଡାକୁଆ | ୧୨୬ |
| ଦେଶର ଅବସ୍ଥା | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୨୭ |
| ପ୍ରତୀକ୍ଷିତ ପ୍ରତ୍ୟୁଷ | ପ୍ରଭାତ ବଳ | ୧୨୮ |
| ଶେଷର ଆରମ୍ଭ | ପୁଷ୍ପାଞ୍ଜଳୀ ପଣ୍ଡା | ୧୨୯ |
| ହୃଦୟ ଝୁରୁଛି | ଅଜୟ କୁମାର ବେହେରା | ୧୩୦ |
| ମୋ ସ୍ୱପ୍ନରେ ତୁମେ | ଜ୍ଞାନରଞ୍ଜନ ମହାରଣା | ୧୩୧ |
| ବିଶ୍ୱାସ | ଦୀପକ କୁମାର ପାତ୍ର | ୧୩୨ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅନ୍ଧଗଳି | ସତ୍ୟନାରାୟଣ ମିଶ୍ର | ୧୩୩ |
| କବିତା | ସୁବ୍ରତ ଜେନା | ୧୩୫ |
| ବିଶ୍ୱାସ | ସୌମେନ୍ଦ୍ର ମହାନ୍ତି | ୧୩୭ |
| ତୁମରି ସ୍ମୃତିରେ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୯ |
| ସମୁଦ୍ର କୂଳର ପ୍ରେମିକା | ନିଲାମ୍ବର ମହାନନ୍ଦ | ୧୪୦ |
| କିଛି ଭାବନା | ଦେବବ୍ରତ ବାରିକ | ୧୪୧ |
| ପ୍ରଥମ ପ୍ରେମ | ବାସନ୍ତୀଲତା ଜେନା | ୧୪୩ |
| ବିଦଗ୍ଧ ସ୍ୱର | ପ୍ରଶାନ୍ତ କୁମାର ପଧାନ | ୧୪୪ |
| କବର | ହେମନ୍ତ ନାଏକ | ୧୪୫ |
| ଭିନ୍ନ ଏକ ଭୋକ | ବିଜୟ କୁମାର ପଣ୍ଡା | ୧୪୬ |
| ଭଲ କଥା | ହରେରାମ ପଣ୍ଡା | ୧୪୮ |
| ନିଶବ୍ଦ ନିର୍ଦ୍ଦେଶ | ସଂଜୀବ କୁମାର ଦାସ | ୧୪୯ |
| ମୋ ଗାଁ ସକାଳ | ବୈଦ୍ୟନାଥ ପଣ୍ଡା | ୧୫୧ |
| ବସନ୍ତର ଆଗମନେ | ହେମନ୍ତ ଦାଶ | ୧୫୩ |
| କ୍ରନ୍ଦନରତା ଧରିତ୍ରୀ | ସରୋଜିନୀ ମିଶ୍ର | ୧୫୫ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସଡ଼କ ସୁରକ୍ଷା | ରାମଚନ୍ଦ୍ର ପ୍ରଧାନ | ୧୫୯ |
| ବୋଉ | ନିହାରିକା ରଥ | ୧୬୦ |
| ହୃଦୟର ଲେଖା | ସତ୍ୟବାନ ନାୟକ | ୧୬୧ |
| ଆସ ଗଛଟିଏ ପୋତିବା | ଗିରିଧାରୀ ଧଳ | ୧୬୨ |
| ଭୋକ | ମଞ୍ଜୁରାଣୀ ମିଶ୍ର | ୧୬୪ |
| ଜରାନିବାସକୁ ଯାଉଛି ବନ୍ଧୁ | ଶିଶିର କୁମାର ମିଶ୍ର | ୧୬୬ |
| ହୋଲି | ପୁଷ୍ପଲତା ସାହୁ | ୧୬୭ |
| କିପରି | ଜୟନ୍ତ କୁମାର ସାହୁ | ୧୬୮ |
| ଅଭୁଲା ସ୍ମୃତି | ଶ୍ରୀମତି ସଂଯୁକ୍ତା ମହାପାତ୍ର | ୧୬୯ |
| ଆନ୍ତରିକତା | ଭାସ୍କରଚନ୍ଦ୍ର ଖଣ୍ଡା | ୧୭୧ |
| ଭାନୁପ୍ରିୟାର ମନ | ନବୀନ ପଧାନ | ୧୭୩ |
| କୃତଘ୍ନ | ଅନାମ ଚରଣ ସାହୁ | ୧୭୪ |
| ସୁଖୀ ରହିବାର ପାଇଁ | ମହେଶ୍ୱର ସାହୁ | ୧୭୬ |
| ମଣିଷ ଜୀବନ ପାଣିଫୋଟକା | ଅଙ୍କିତା ପାଢ଼ୀ | ୧୭୮ |
| ଉର | ନୂତନ କୁମାର ବେହେରା | ୧୮୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅଶୋକ ବନେ ଜାନକୀ | ରାମ ପ୍ରସାଦ ସିଂହ | ୧୮୨ |
| ତୁମ ପାଇଁ | ଶିବାନନ୍ଦ ବନଛୋର | ୧୮୩ |
| ଆ’ରେ ଫଗୁଣ ଆ | ରୋହିତ ସେଠୀ | ୧୮୫ |
| ଯେତେବେଳେ ଛୋଟ ହୋଇଥିଲି | ଭାରତୀ ସାହୁ | ୧୮୬ |
| ଘୃଣା | ଅଲେଖ ମେହେର | ୧୮୭ |
| କାହାର ସେ ପ୍ରତିବିମ୍ବ | ପବିତ୍ର ଦାସ | ୧୮୮ |
| ନୀଳାଚଳ ନାଥ ହେ | ନୃସିଂହ ଚରଣ ମହାନ୍ତି | ୧୮୯ |
| ଅଭିଶାପ | ଇତିଶ୍ରୀ ମହାରଣା | ୧୯୦ |
| ତିନିପାଦର ଜୀବନ | ମନୋରଞ୍ଜନ ବିଷୋୟୀ | ୧୯୨ |
| ଦିନେ ଦିନେ ସକାଳେ ମୋତେ ଶୋଷ ଲାଗେ | ଶିବଶଙ୍କର ସାହୁ | ୧୯୩ |
| ଫୁଲ | ସୁଦିପ୍ତା ବେହେରା | ୧୯୪ |
| ଏବେ କିନ୍ତୁ ଭାବିବାର ବେଳ | ଅଭିମନ୍ୟୁ ବେହେରା | ୧୯୫ |
| ବର୍ଷା ଛିଟା | ସରୋଜ ସାହୁ | ୧୯୬ |
| ଆଶା | ପୁଷ୍ପାଞ୍ଜଳୀ ବୁଢ଼େକ | ୧୯୭ |
| ପୁଅମାନେ | କୈଳାଶ ସାହୁ | ୧୯୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସମର୍ପଣ | ଜଗଜ୍ଜୀବନ ସେଠୀ | ୧୯୯ |
| ମୁଁ ଅଧ୍ୟାପକ | ଓମ୍ ପ୍ରସାଦ ପ୍ରଧାନ | ୨୦୦ |
| ଅଲେଖା କବିତା | ନିରଞ୍ଜନ ସାହୁ | ୨୦୨ |
| କାଗଜ ଫୁଲ | ସତ୍ୟବ୍ରତ ସାହୁ | ୨୦୩ |
| ଧନ୍ୟ ସେ ପୁତ୍ର | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୦୪ |
| ଏବେ ଏବେର ବସନ୍ତ | ଦଣ୍ଡାସି ପ୍ରଧାନ | ୨୦୫ |
| ପ୍ରାତଃ ଭ୍ରମଣ | ବିଭୂତି ଭୂଷଣ ରଥ | ୨୦୭ |
| ଘରୁଆ ବୈଷ୍ଣବ | ମନୁ ଭାଇ | ୨୦୮ |
| ବିସ୍ଥାପିତ | ଅଶ୍ୱିନୀ କୁମାର | ୨୧୧ |
| ଜ୍ୟୋସ୍ନା | ବିଭୂତି ରଞ୍ଜନ ପାଣିଗ୍ରାହୀ | ୨୧୪ |
| ନିରୀହ ସୁସ୍ମିତା | ସାବିତ୍ରୀ ସ୍ୱାଇଁ | ୨୧୫ |
| ପ୍ରକୃତି | ପୂର୍ଣ୍ଣିମା ଲେଙ୍କା | ୨୧୬ |
| ପ୍ରତିଶ୍ରୁତି | ମନୋରଞ୍ଜନ ମୁଦୁଲି | ୨୧୭ |
| ମାଟିର ମଣିଷ | ଆୟୁଷ ମହନ୍ତ | ୨୧୮ |
| ବୁଇନ | ଡା ନୀଳମାଧବ କର | ୨୨୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୋ ଭଉଣୀ | ପ୍ରସନ୍ନଜିତ ମହାପାତ୍ର | ୨୨୪ |
| ମା ସରସ୍ୱତୀ | ପ୍ରସନ୍ନ ପଧାନ | ୨୨୬ |
| ମାତୃଭାଷା | ସେବକାନ୍ତ ନନ୍ଦ | ୨୨୭ |
| ବିଚିତ୍ର ସଂସାର | ବୈବସ୍ୱତ ନାଏକ | ୨୨୮ |
| ଚୁଲବୁଲି ପ୍ରିୟା | ମହେନ୍ଦ୍ର କୁମାର ସ୍ୱାଇଁ | ୨୨୯ |
| ହେ ଛାତ୍ରସମାଜ | ସନ୍ଧ୍ୟାରାଣୀ ନନ୍ଦ | ୨୩୧ |
| ଗାଁରେ ଜହ୍ନରାତି | ପ୍ରସନ୍ନ କୁମାର ରାଉତ | ୨୩୨ |
| ସାଗରିକା | ସାଗର ନାୟକ | ୨୩୩ |
| କାଲି ଓ ଆଜି | ପ୍ରଶାନ୍ତ କୁମାର ନାଥ | ୨୩୪ |
| ଆସ ସମସ୍ତେ ଖେଳିବା ହୋଲି | ସମ୍ବିତ ମିଶ୍ର | ୨୩୬ |
| ମନେ ପଡୁଛ ତୁମେ | ଶ୍ରୀରାଜଶେଖର ସି ଚିମା | ୨୩୭ |
| ତୁମପାଇଁ ପଦେ | ରାହୁଲ କୁମାର ନନ୍ଦ | ୨୩୮ |
| ମଧ୍ୟରାତ୍ରୀର ଗ୍ଲାନି | ସନାତନ ମହାକୁଡ଼ | ୨୩୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| **ସମ୍ବଲପୁରୀ ବିଭାଗ** | | ୨୪୧ |
| ସମ୍ପିଆଁ | ଜିତେନ୍ଦ୍ର ପାଣ୍ଡେ | ୨୪୨ |
| ହୁରଗୁନି | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୨୪୩ |
| ମଶାନପଦା | ଦୀପକ କୁମାର ପାତ୍ର | ୨୪୪ |
| ଆଏଲା ବସନ୍ତ | କ୍ଷମାନିଧି ସାହୁ | ୨୪୫ |
| ଆଏଜ୍ କାଲିର୍ ମୁନୁଷ୍ | ଯୁବରାଜ କୁଦେଇ | ୨୪୭ |
| ଭାବ୍ ପିରତି | ଉମେଶ କୁମାର ସୁନା | ୨୪୮ |
| ଗିତ୍ ପଦେ ଗାଁରେ | କ୍ଷୀରୋଦ କୁମାର ସାହୁ | ୨୪୯ |
| କରମ୍ | ସୁଭାସ ଚନ୍ଦ୍ର ଭୁଏ | ୨୫୦ |
| ଭୁଆସେନ୍ | ଅରୁଣ କୁମାର ଭୋଇ | ୨୫୨ |
| ଝୁମୁରା ନାଇଁ ଲାଗେ | ବିକାଶ ଚନ୍ଦ୍ର ବେହେରା | ୨୫୪ |
| କବରିଆ ଜୀବନ୍ | ସହଦେବ ଧରୁଆ | ୨୫୫ |
| ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ | ଗଣେଷ ଭୁଏ | ୨୫୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| **ପ୍ରବନ୍ଧ ବିଭାଗ** | | ୨୫୯ |
| ଆସ କିଛି ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୦ |
| ଓଡ଼ିଆ ଭାଷା ଆଜି ଦିଗହରା | ମନୋଜ କୁମାର ପଣ୍ଡା | ୨୬୨ |
| ବେସରକାରୀ କ୍ଲିନିକ୍ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୬୭ |
| ବିବାହ ବନ୍ଧନ | ସୋସିଆଲ୍ ଫୋରମ୍ | ୨୭୫ |
| ସ୍ୱଭାବ | ଇଂ ଶଶାଙ୍କ ଶେଖର ପଣ୍ଡା | ୨୮୨ |
| ମୋ ଗାଁ ମନ୍ଦିର | ଶାନ୍ତନୁ କୁମାର ରାଉତ | ୨୮୬ |
| ବିଶେଷ ସୂଚନା | | ୨୮୮ |


ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ଟାଇପ୍ ହୋଇଥିବା ଆଲେଖ୍ୟକୁ ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଉପସ୍ଥାପିତ କରି ପଠାଇଲେ ତାହା ପ୍ରକାଶନ ହେତୁ ତୁରନ୍ତ ଯୋଗ୍ୟ ବିବେଚିତ ହେବ । ଧନ୍ୟବାଦ ।

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୨୦ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆଜି ପବିତ୍ର ହୋଲି ପର୍ବ, ହିନ୍ଦୁ ଧର୍ମରେ ଏହି ଦିନର ମହାତ୍ମ୍ୟ ଅନେକ ରହିଛି କିନ୍ତୁ ଏହି ପର୍ବ ବିଶେଷ ଭାବରେ ଯୁବସମାଜରେ ଅତ୍ୟନ୍ତ ପସନ୍ଦ କରାଯାଏ, ଯେଉଁଥିରେ ପରସ୍ପରକୁ ସ୍ନେହରେ ବିଭିନ୍ନ ରଙ୍ଗଦ୍ୱାରା ରଙ୍ଗାୟିତ କରିବାର ସୁଯୋଗ ମିଳିଥାଏ । ଯଦିଓ ଏହି ଦିବସଟି ଫଗୁ ଖେଳିବା ପାଇଁ ବିଖ୍ୟାତ ତଥାପି କାଳାନ୍ତରରେ ଏଥିରେ ଅନ୍ୟ ଅନେକ ରଙ୍ଗର ସମାହାର ହୋଇ ସାରିଛି । ଜାତିଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଆନନ୍ଦର ସହ ପାଳନ କରନ୍ତି ।

ଦେଶରେ ସାଂପ୍ରତିକ ସମୟରେ ଯେଉଁଭଳି ପରିସ୍ଥିତି ସୃଷ୍ଟି ହୋଇଛି ସେଇ ସମୟରେ ହୋଲି ଭଳି ଉତ୍ସବର ମହତ୍ୱ ଅଧିକ ହୋଇଯାଏ । ଚଳିତ ବର୍ଷ ହୋଲି ଉତ୍ସବ ସମୟରେ ବିଶ୍ୱବ୍ୟାପୀ କରୋନା ଭୁତାଣୁର ଉପସ୍ଥିତି ଉତ୍ସବର ପରିବେଶକୁ ଉଣାଅଧିକେ ମାନ୍ଦା କରିଦେଇଥିଲା । ଯଦିଓ ହୋଲି ଖେଳିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗୀତାମୂଳକ ଉତ୍ସାହ ଦେଖାଯାଇଥିଲା । ତଥାପି ବିଗତ ଅନେକ ବର୍ଷ ଭଳି ଚଳିତ ବର୍ଷ ହୋଲି ପୂର୍ବରୁ ଉପଦେଶାତ୍ମକ ସନ୍ଦେଶ କିଛି ଦେଖିବାକୁ ମିଳିନଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି କୁହାଯାଏ ଯେ ହୋଲିରେ ପାଣି ନଷ୍ଟ ହେଉଛି । ଏହି ବର୍ଷ ଏହି ସନ୍ଦେଶ ପ୍ରାୟ ଦେଖିବାକୁ ମିଳିଲା ନାହିଁ । କିନ୍ତୁ କରୋନା ହେତୁ ହୋଲି ସେମିତିରେ ବି ଫିକା ହୋଇଗଲା ।

ଆହ୍ୱାନ ଇ-ପତ୍ରିକାର ସ୍ଥାୟୀତ୍ୱର ଶ୍ରେୟ କେବଳ ଏହାର ଲେଖକ ଲେଖିକା ମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି । ପ୍ରତ୍ୟେକ ମାସରେ ଅନେକ ଉତ୍ସାହିତ ଲେଖକଲେଖିକା ସ୍ୱତଃ ନୂଆ ନୂଆ ଲେଖା ଲେଖି ପଠାଉଛନ୍ତି ଏବଂ ସେମାନଙ୍କର ସ୍ନେହ, ସଦିଚ୍ଛା ଓ ଉତ୍ସାହ ମୋତେ ଏହି ପତ୍ରିକା ପ୍ରକାଶନ ପାଇଁ ଉତ୍ସାହ ଓ ପ୍ରେରଣା ଯୋଗାଇ ଦେଉଛି । ବିଗତ ବର୍ଷମାନଙ୍କ ତୁଳନାରେ ଏବେ ପତ୍ରିକାର କଳେବର ବହୁତ ବଡ଼ ହୋଇଛି ଏବଂ ମାସପରେ ମାସ ଏଥିରେ ଅଧିକରୁ ଅଧିକ ଲେଖା ପ୍ରକାଶିତ ହେଉଛି । ଏହା ନିଶ୍ଚୟ ଭାବରେ ଏକ ସୁଖଦ ଖବର ।

ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଖବର, କେବଳ ଆମର ଲେଖକଲେଖିକା ମାନଙ୍କ ଉଦ୍ଦେଶ୍ୟରେ । ଯେଉଁବନ୍ଧୁମାନେ ଲେଖା ପଠାଉଛନ୍ତି ଯଦି ସମସ୍ତେ ଲେଖାକୁ ଓଡ଼ିଆରେ ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାଇବେ ତା ହେଲେ ପତ୍ରିକା ପ୍ରକାଶନ ଶୀଘ୍ର ହୋଇ ପାରିବ । ଏକ ଦୁଇ ପୃଷ୍ଠା ବିଶିଷ୍ଟ ଲେଖା ଗୁଡ଼ିକୁ ଟାଇପ୍ କରିବାକୁ କଷ୍ଟ ହେଉନାହିଁ, କିନ୍ତୁ ଅନେକ ପୃଷ୍ଠାର ହାତଲେଖା ଛବି ପଠାଉଛନ୍ତି ଯାହା ଭଲକରି ଦେଖାଯାଉନାହିଁ ଏବଂ ସେ ସବୁକୁ ଟାଇପ୍ କରିବା କଷ୍ଟସାଧ୍ୟ ବି ହେଉଛି । ତେଣୁ ଦୟାକରି ନିଜସ୍ୱ ଲେଖାକୁ ଟାଇପ୍ କରି ପଠାନ୍ତୁ । ପୂର୍ବରୁ ଲମ୍ବା ଲମ୍ବା ଲେଖାଗୁଡ଼ିକୁ ଟାଇପ୍ କରିବାପାଇଁ ସମୟ ମିଳୁଥିଲା ବେଳେ ବର୍ତ୍ତମାନ ସମୟର ଘୋର ଅଭାବ ହେତୁ ଟାଇପ୍ କରିବା ସମ୍ଭବ ହେଉନାହିଁ । ଟାଇପ୍ କରିବାପାଇଁ ଅନ୍ୟଉପରେ ନିର୍ଭର କରିବାକୁ ହେଲେ ମୋତେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ, ଯାହା ମୋ ପକ୍ଷରେ ସମ୍ଭବ ନାହିଁ । ଆପଣ ଜାଣନ୍ତି ଏହି ପତ୍ରିକା ଏକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ପୂର୍ଣ୍ଣତଃ ଅଣବ୍ୟବସାୟିକ ପତ୍ରିକା, ତେଣୁ ଏହାର ପ୍ରକାଶନ ପାଇଁ ଆବଶ୍ୟକ ଅର୍ଥ, ସମୟ ସବୁ ନିଜକୁ ହିଁ ଖର୍ଚ୍ଚ କରିବାକୁ ପଡୁଛି । ଏଣୁ ଆପଣଙ୍କୁ ଅନୁରୋଧ ଆପଣ ନିଜ ଲେଖା ସବୁ ନିଜେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ମୋବାଇଲ୍‌ରେ ଓଡ଼ିଆରେ ଟାଇପ୍ କରି ମଧ୍ୟ ଇମେଲ୍ ଦ୍ୱାରା ପଠାଇ ପାରିବେ ।

ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ଗ୍ରହଣ କରିବାକୁ ମନା କରୁଛି କାରଣ ଏଥିରେ ଦୈନିକ ଅସଂଖ୍ୟ ଲେଖା ଆସୁଛି, ସେ ସବୁକୁ ସାଇତି ରଖିବା ଏବଂ ପତ୍ରିକା ପାଇଁ ସଂଗ୍ରହ କରିବା ଅସମ୍ଭବ ହୋଇଯାଉଛି । ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ପତ୍ରିକା ପାଇଁ ଆଲେଖ୍ୟ ସଂଗ୍ରହ କରିବାକୁ ପ୍ରକୃଷ୍ଟ ଉପାୟ ହେଉଛି ଇମେଲ୍ । ତେଣୁ ଆପଣ ନିଜ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ ଦ୍ୱାରା ହିଁ ପଠାନ୍ତୁ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣ ମାନଙ୍କୁ ଭଲ ଲାଗିବ ।

ନିଜକୁ ସୁରକ୍ଷିତ ରଖନ୍ତୁ । କରୋନାର କରାଳ ଛାୟା ସମଗ୍ର ଭାରତ ଭୂଖଣ୍ଡ ଉପରେ ପଡ଼ିବାକୁ ଆରମ୍ଭ ହୋଇଛି, ତେଣୁ ସାବଧାନତା ଅବଲମ୍ବନ କରନ୍ତୁ । ସମସ୍ତେ ସୁସ୍ଥ ରହନ୍ତୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୂଆ

# କରୋନା

## ଭୂତାଣୁ ସଂକ୍ରମଣ

### ଅନେକ ବ୍ୟକ୍ତି ଏହି କରୋନା ଭୂତାଣୁ ବିଷୟରେ ଚିନ୍ତିତ ।



କରୋନା ଏକ ବୃହତ ଭୂତାଣୁ ଗୋଷ୍ଠୀର ଏକ ଭୂତାଣୁ, ଯାହା ମନୁଷ୍ୟ ଏବଂ ପଶୁମାନଙ୍କୁ ଥଣ୍ଡା ଜନିତ ରୋଗଭଳି ସଂକ୍ରମଣ କରିଥାଏ । ଏହାଦ୍ୱାରା ସାମନ୍ୟ ଜ୍ୱର ଥଣ୍ଡାରୁ ଆରମ୍ଭ କରି ଅତି ବିପଦ୍‌ଜନକ ଶ୍ୱାସ ସଂକ୍ରମଣ ମଧ୍ୟ ହୋଇଥାଏ ।

ସଂପ୍ରତି ଦେଖା ଦେଇଥିବା କରୋନା ଭୂତାଣୁ, ଯାହା ଏମ୍‌ଇଆର୍‌ଏସ୍ ସଂକ୍ରମଣ କରିଥାଏ, ଅପେକ୍ଷାକୃତ ଏକ ନବୀନତମ ଭୂତାଣୁ, ଯାହା ବିଷୟରେ ଅଧିକ ସୂଚନା ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇପାରିନାହିଁ । ଏହା କେମିତି ହୁଏ, ଏହାଦ୍ୱାରା କଣ କଣ ଲକ୍ଷଣ ଦେଖାଯାଇପାରେ, ବା ରୋଗୀକୁ କେଉଁଭଳି ସଂକ୍ରମିତ ହୁଏ, ଆଦି ବିଷୟରେ ଅଧିକ ଗବେଷଣା ଚାଲିଛି ।

### ଏହି ରୋଗପାଇଁ କୌଣସି ସୁନିଶ୍ଚିତ ଚିକିତ୍ସାବ୍ୟବସ୍ଥା ରହିଛି କି ?



ବର୍ତ୍ତମାନ ସମୟରେ ଏହି ଭୂତାଣୁଜନିତ ସଂକ୍ରମଣ ପାଇଁ କୌଣସି ନିଶ୍ଚିତ ଚିକିତ୍ସା ବ୍ୟବସ୍ଥା ନାହିଁ । କିନ୍ତୁ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଲକ୍ଷଣ ଅନୁସାରେ ବିକଳ୍ପ ଚିକିତ୍ସା ଉପଲବ୍ଧ କରାଯାଇ ରୋଗ ଉପଶମ କରିବାକୁ ଚେଷ୍ଟା କରାଯାଉଛି ।

### ଏହି ଭୂତାଣୁ ପାଇଁ କୌଣସି ଟୀକାକରଣ ବ୍ୟବସ୍ଥା ରହିଛି କି ?



ନା । ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁର ପ୍ରତିଷେଧକ ହିସାବରେ କୌଣସି ଟୀକା ଆବିଷ୍କାର କରାଯାଇନାହିଁ ।

## ଏହି ନୂତନ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ସବୁ କଣ ?

- କାଶ ହେବା — ଜ୍ୱର ଆସିବା
- ନିମୋନିଆ ହେବା — ଶ୍ୱାସରୁଦ୍ଧ ହେବା

**କିଛି କ୍ଷେତ୍ରରେ**

- ବାନ୍ତି ହେବା — ତରଳଝାଡ଼ା ହେବା

**ରୋଗବ୍ୟାପିଲେ**

- ଅତ୍ୟାଧିକ ନିମୋନିଆ — ବୃକକ୍ ଯନ୍ତ୍ର ଅକାମୀ ହେବା

ଏବଂ ଯଦି ଏହି ରୋଗକୁ ସଠିକ ସମୟରେ ଚିକିତ୍ସା କରାଯାଏ ନାହିଁ, ତା'ହେଲେ ଏହାର ସୁଦୂରପ୍ରସାରୀ ପ୍ରଭାବ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇପାରେ ।

ବିଶ୍ୱାସ କରାଯାଏ ଯେ କରୋନା ଭୂତାଣୁ ଅନ୍ୟ ସମସ୍ତ କରୋନା ଭୂତାଣୁ ଏବଂ ଥଣ୍ଡାଜ୍ୱର ଭଳି ବ୍ୟାପିଥାଏ ।

| | | |
|---|---|---|
| ରୋଗୀ ସଂସ୍ପର୍ଶରେ ଆସିବା ଦ୍ୱାରା | ରୋଗୀର ଛିଙ୍କ ଓ କାଶ ଦ୍ୱାରା | ରୋଗୀଙ୍କ ମୁହଁ, ନାକ, ଆଖି ଆଦିକୁ ଛୁଇଁବା ଦ୍ୱାରା |

### ଏହି ସଂକ୍ରମଣରୁ ନିଜକୁ ରକ୍ଷା କରିବାର କିଛି ଉପାୟ;

- ସଂକ୍ରମଣର ସନ୍ଦେହ ଥିଲେ / କିମ୍ବା ଘରକୁ ବାହାରୁ ଫେରିବାପରେ ହାତକୁ ସାବୁନ ଦ୍ୱାରା କିମ୍ବା ସ୍ପିରିଟ୍ ଦ୍ୱାରା ସଫା କରନ୍ତୁ ।
- କାଶ ହେଉଥିଲେ ନିଜ ମୁହଁ ଓ ନାକକୁ ମାସ୍କ କିମ୍ବା ରୁମାଲ / ଟିସୁ ପେପର୍ ଦ୍ୱାରା ଘୋଡ଼ାଇ ରଖନ୍ତୁ ।
- କାଶୁଥିବା / ଛିଙ୍କୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖନ୍ତୁ ।
- ଆମିଷ ଖାଦ୍ୟକୁ ଭଲଭାବରେ ରୋଷେଇକରି ଖାଆନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

କଲରାପତରିଆ ବାଘର ଛପି ଆଗେଇବା ଓ ହରିଣ ଶିକାର-

ଆଉ ଏକଦିନ କଲରାପତରିଆ ବାଘଟି ଶିକାରକୁ ଲକ୍ଷ୍ୟ କରିଥାଏ । ତା ଚାଲି ବହୁତ ସନ୍ତର୍ପଣ । ଲାଙ୍ଗୁଡଟି ପ୍ରାୟେ ଭୂମିକୁ ଛୁଇଁ ଯାଉଥାଏ । ଦୁଇଟି ଗୋଡ ବଙ୍କେଇ ହୋଇଯାଇଥାଏ । ପେଟଟି ଭୂମିକୁ ଛୁଏଁ ନ ଛୁଏଁ । ତାର ଛୋଟ ମୁହଁଟି ଆଗକୁ ଲମ୍ବି ଯାଇଥିଲା । ଆଖି ଶିକାର ଉପରେ ଲାଗି ରହିଥିଲା । କଲରାପତରିଆ ବାଘଟି ବହୁ ସନ୍ତର୍ପଣତା ସହିତ ଗୋଡ ଆଗକୁ ନେଉଥିଲା । ଟିକିଏ ଧିରେ ଚାଲି ପୁଣି ପେଟେଇ ପଡୁଥିଲା । ସବୁବେଳେ ଆଖି ସଂପୂର୍ଣ୍ଣ ଭାବରେ ଶିକାର ଉପରେ ନିବିଦ୍ଧ ଥିଲା । ଛୋଟ କାନ ଦୁଇଟି ବଙ୍କେଇ ଯାଇଥିଲା । ତାର ମୋଟା ଲାଙ୍ଗୁଡଟି ଲମ୍ବି ଯାଇ ଟିକେ ଟିକେ ମଝିରେ ହଲୁଥିଲା । କଲରାପତରିଆ ବାଘ ଧିରେ ଧିରେ ରାସ୍ତା ଅତିକ୍ରମ କରିଗଲା । ସେପଟେ ଘାସ ଜମି । ରାସ୍ତାରେ ମଧ୍ୟ କଲରାପତରିଆ ବାଘକୁ ହଠାତ୍ ଚିହ୍ନିବା କଷ୍ଟ । ଦେଖିଲେ ଲାଗିବ ଦୂରରୁ ଏମିତି କାଠ ଗରଟିଏ ପଡିଛି ଆଉ ତା ଉପରେ ଛତୁ ସବୁ ହୋଇଯାଇଛି । ଏହି ବାଘର ଶରୀର ଅଜଗର ସାପପରି ଲାଗିବନି କିନ୍ତୁ ଲାଗିବ ଯେମିତି ଏକ ମୋଟା କାଠ ଗର । ତାର ମୁହଁ ଆଗେଇ ଯାଇଥାଏ । ଆଖି ଗୁଡିକ ସ୍ଥିର ହୋଇ ଅନାଇ ରହିଥାଏ । ଛୋଟ ଛୋଟ ଆଖି ଯୋଡିଏ । ନଖ ଗୁଡିକ ପଞ୍ଝାରୁ ଖୋଲି ନଥିଲା । କଲରାପତରିଆ ବାଘଟି ବଡ ସନ୍ତର୍ପଣତା ସହିତ ଘାସ ଜମିକୁ ଆଗଉ ଥାଏ ।

ଆଗରେ ସାମାନ୍ୟ ପାଣିର ଧାର । କଲରାପତରିଆ ବାଘଟି ପାଣି ଧାରରେ ବସିଗଲା ।

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ତା ମୁଣ୍ଡ ଆଗ କାନ୍ଧ ଉପରେ ଅନେକ ତଳକୁ ନଇଁ ଯାଇଥିଲା । ଦୁଇ କାନ୍ଧ ମଝିରେ ଛାତି ତଳକୁ ମୁଣ୍ଡ ନଇଁ ଆସିଥିଲା । କାନ ଦୁଇଟି ଆଗ ଆଡକୁ ବଙ୍କି ଯାଇଥିଲା । ପଛ ଗୋଡଟି ପାଖରେ ପେଟ ମାଟିକୁ ଲାଗି ରହିଥିଲା । ପଛପଟେ ଗଛ ଗୁଡିକ ଉପରକୁ ଉଠିଯାଇଥାଏ । ତାର କେତୋଟି ଡାଳ କଲରାପତରିଆ ବାଘର ଉପର ଆଡେ ଥାଏ । କଲରାପତରିଆ ବାଘର ଦେହର ଧଳା କଳା ରଙ୍ଗଛାପି ଛାପି ହୋଇଥିଲା । ଭିତରେ ଅପେକ୍ଷାକୃତ ନାଲି ଦାଗ ସବୁଥିଲା । ଗୋଡର ଉପର ଆଡକୁ ବା ପେଟ ଆଡକୁ ଏ ନାଲି ଦାଗ ସବୁ ସ୍ପଷ୍ଟ ଦେଖାଯାଏ । ମୁହଁର ଆଡକୁ ବା ଗୋଡର ତଳ ଆଡକୁ ନାଲି ଦାଗ ସବୁ ଅସ୍ପଷ୍ଟ ବେଶୀ କଳା ଦେଖାଯାଏ । ବେକ ପାଖରେ ତ ମୋଟେ ଜଣା ପଡେନି, ଖାଲି କଳା ଜଣାପଡେ । କିନ୍ତୁ ତାକୁ ଯଦ ଯବକାଚ ନେଇ ବଡ କରାଯାଏ ତା ହେଲେ ଏ ନାଲି ଦାଗ ଜଣା ସ୍ପଷ୍ଟ ଜଣା ପଡିବ । ଏହା ହେଉଛି କଲରାପତରିଆ ବାଘର ବିଶେଷତ୍ୱ । ଗହଳିଆ ଜଙ୍ଗଲରେ ଏହି ବାଘମାନେ ଖୁବ୍ ସହଜରେ ଲୁଚି ଯାଇପାରନ୍ତି । କଲରାପତରିଆ ବାଘଟି ଖୁବ୍ ଧ୍ୟାନର ସହ କିଛି ଲକ୍ଷ୍ୟ କରୁଥିଲା । ଆଗରେ ଥିବା କିଛି ଶିକାରର ଶବ୍ଦ ବାରୁଥିଲା । ମୁଣ୍ଡଟି ଶରୀରଠୁ ବଙ୍କେଇ ଯାଇଁ ତଳୁଆ ହୋଇଯାଇଥିଲା ।

ଟିକିଏ ଦୂରରେ ସମ୍ବରଟିଏ ଅଳ୍ପ ଝରଣା ପାଣିରେ ପଶି ଅନାଇଥିଲା । ଝରଣା କୂଳରେ ଏଣେ ତେଣେ ପଥର ଥିଲା । ଗୋଟିଏ କୂଳ କାଦୁଆ ଥିଲା । ସେଠି କିଛି ଘାସ ମାଡି ଆସିଥିଲା । ସେହି ବାଟ ଦେଇ ସମ୍ବରଟି ପାଣି ଭିତରେ ପଶିଗଲା । ତାର ଚାରିଖୁରା ପାଣି ଭିତରେ ଥାଏ । ସେ ପାଣି ଭିତରେ ଯାଇଁ ସ୍ଥିର ହୋଇ ଠିଆ ହୋଇଗଲା ଆଉ ବଙ୍କେଇ ଅନାଇ ରହିଲା । ଧିର ପାଣି ତା ଗୋଡକୁ କାଟି ବୋହିଯାଉଥାଏ । ପାଣି ପ୍ରାୟେ ଆଣ୍ଠୁଏରୁ କମ୍ । ଆଉ କେଉଁଠି ପାଣି ଚହଲିବାର ନଥିଲା । ସେହି ସମ୍ବର ହରିଣର ପ୍ରତିବିମ୍ବ ପାଣିରେ

 Magazine Downloaded from www.aahwaan.com

ପଡିଥାଏ । ଡାହଣକୁ ଗଛର ପ୍ରତିବିମ୍ବ, ଟିକିଏ ହାଲ୍କା ତା ପଛକୁ ସମ୍ବର ଠିଆ ହୋଇଥିଲା । ସମ୍ବରର ଦେହଟି ମାଟିଆ ପାଉଁଶିଆ, ପିଠିଟା ଏକଦମ୍ ସିଧା, ଶରୀର, ସବଳ,ସୁସ୍ଥ । ପିଠି ଉପରେ ଅସ୍ୱଭାବିକ ଭାବେ ଏକ କାଉ ବସି ରହିଥିଲା । କାଉ ଆଉ ସମ୍ବର ଦୁଇ ଜଣ ଯାକ ଏକ ଦିଗକୁ ଅନାଇ ରହିଥିଲେ । ସମ୍ବରଟି ନିଜର ବାମକୁ ବେକ ମୋଡି ଦେଇଥିଲା । କାନର ଫଡା ଦୁଇଟି ଆଗ ଆଡକୁ ବଙ୍କେଇ ଯାଇଥିଲା । ଆଖି ମଧ୍ୟ ଆଗ ଆଡକୁ ସ୍ଥିର ନିଶ୍ଚଳ ହୋଇ ଦେଖିଥିଲା । ନାକ ପୁଡା ମଧ୍ୟ ଆଗ ଆଡକୁ ବଙ୍କେଇ ଯାଇଥିଲା । ଏହାଦ୍ୱାରା ସମ୍ବର ଆଗରେ କଣ ଘଟୁଛି ନିଜର ଶ୍ରବଣ, ଘ୍ରାଣ ଏବଂ ନିଜର ଦୃଷ୍ଟି ଶକ୍ତି ଦ୍ୱାରା ଜାଣିବାକୁ ଚେଷ୍ଟା କରୁଥିଲା ।

ସମ୍ବରଟି ଅନେକ ସମୟ ଧରି ପାଣିରେ ଠିଆ ହୋଇ ରହିଲା । ତା ଆଖି ଗୁଡିକ ସେମିତି ଲାଗି ରହିଥିଲା । ତାପରେ ଉଠି ଉପରକୁ ଆସିଲା । ଉପରେ ଘାସ ଥିଲା । ଛୋଟ ଘାସୁଆ ଜମି ପଛରେ ଗଭୀର ଜଙ୍ଗଲ ଥିଲା । ସେଥିରେ ବଡ ବଡ ଗଛ ଭରି ରହିଥିଲା । ସମ୍ବର ହରିଣଟି ସେଇଠି ଆସି ଠିଆହୋଇ ରହିଲା । ତାର ଚାରିଗୋଡ ଅସ୍ଥିର ହେଉଥିଲା । ଆଗ ଗୋଡ ଦୁଇଟି ଥୟ ଧରୁ ନଥିଲା । ଲାଙ୍ଗୁଡ ଦୁଇ ଗୋଡ ସନ୍ଧିରେ ଯାକିହୋଇ ଯାଇଥାଏ । ପୁରୁଷ ସମ୍ବର ମୋଟା ବେକ ଉପରେ ଗୋଟିଏ ଛୋଟିଆ ମୁଣ୍ଡ । ତା ଉପରେ ଅନେକ ଶିଙ୍ଘ, ଦୁଇଟି ଶିଙ୍ଘରୁ ଅନେକ କେନା ବାହାରିଥାଏ । କେନା ଗୁଡିକ ଲମ୍ବା ଗୋଜିଆ ହୋଇ ଉପରକୁ ମେଲିଯାଇଥାଏ । ଯେତେ ବଡ ସମ୍ବର ହରିଣ ସେତେବଡ ଶିଙ୍ଘ । ସମ୍ବର ହରିଣଟି ଏକ ଲୟରେ କାହାକୁ ଅନାଇ ରହିଥିଲା । ତାର ଆଖି, କାନ, ମୁଣ୍ଡ ଥୋବଣି ସବୁ ତାର ଡାହାଣକୁ ବଙ୍କେଇ ଯାଇଥିଲା ।

ଅଳ୍ପ ଦୂରରେ ଶୁଖିଲାରେ ଦୁଇଟି ସମ୍ବର ତଳେ ଶୋଇରହିଥିଲେ । ଦୁଇଟି ଯାକ ମାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ବର । ଏମାନେ ହରିଣମାନଙ୍କ ଅପେକ୍ଷା ଅନେକ ବଡ । ଦେହସାରା ପାଉଁଶିଆହଳଦିଆ ରଙ୍ଗର ଲୋମ । କେଉଁଠି କେଉଁଠି ସାମାନ୍ୟ କାଳିଜିଆ ପଡିଯାଇଛି । ମୁଣ୍ଡ ଉପରେ ବଡ ବଡ ଘୂରି ବୁଲୁଥିବା କାନ ସବୁ ଠିଆ ହୋଇ ରହିଥିଲା । ଏହି ହରିଣ ମାନଙ୍କର ଅପେକ୍ଷାକୃତ ଗୋଜିଆ ମୁଣ୍ଡରେ ବଡ ବଡ କଳା ଆଖି ଥିଲା । କଳା ଥୋବଣି ଧାରରେ ବଡ ବଡ ନାକ । ଏ ଜନ୍ତୁର ମୁହଁଟି ଛୋଟ, ଏକ ଲମ୍ବା ମୋଟାଳିଆ ବେକ ସ୍ଥୁଳ ଶରୀରକୁ ଲାଗି ରହିଛି । ସମ୍ବରମାନେ ବଡ ସୁସ୍ଥ ଜଣାପଡନ୍ତି ।

ଦୁଇଟି ଯାକ ସମ୍ବର ଶୋଇରହି ଏପଟ ସେପଟ ଅନାଇ ରହୁଥିଲେ । ସେମାନଙ୍କର ଅତି ଚଂଚଳ ଆଖି ଅତି ଚଂଚଳ କାନ । କାନ ଗୁଡିକ ସର୍ବଦା ଏପଟ ସେପଟ ହେଉଥିଲା । ଏମିତିଆ ଲମ୍ବା କାନ ଗୁଡିକ କିଛି ବି ଶବ୍ଦ ଶୁଣିବା ପାଇଁ ବ୍ୟସ୍ତ ରହିଥାଏ । ଘାସ ଉପରେ ଶୁଖିଲା ପତ୍ର ସବୁ ପଡିଥାଏ । ଡାଳଗୁଡିକ ଶୁଖିଯାଇଥିଲା । ଶୁଖିଲା ଜଙ୍ଗଲରେ ସମ୍ବରଟି ଛାଇରେ ଶୋଇ ରହିଥାଏ । ପତ୍ରଝଡା ଦେଇଥିବା ହେତୁ ଉପରୁ ସୂର୍ଯ୍ୟ କିରଣ ଗଛର ଫାଙ୍କ ଦେଇ ସମ୍ବର ଉପରେ ଟିକେ ଟିକେ ପଡୁ ଥାଏ । ଯେଉଁଠି ସୂର୍ଯ୍ୟ କିରଣ ପଡୁଥାଏ ସେହି ଅଂଶ ସାମାନ୍ୟ ଭାବରେ ସୁନେଲି ଦେଖାଯାଉ ଥାଏ । ସମ୍ବରଟି ଏପଟ ସେପଟ ମୁଣ୍ଡ ହଲାଇ ଚାଲିଥାଏ । ସେପଟେ ଜଙ୍ଗଳ କେମିତି ସାମାନ୍ୟ ଶାଗୁଆ । ପାଣି ଅଳ୍ପ ଅଛି । ଶାଗୁଆନ୍ ଗଛ ନାହିଁ । ତେଣୁ ଜଙ୍ଗଲ ଏ ପର୍ଯ୍ୟନ୍ତ ମଧ୍ୟ ସାମାନ୍ୟ ଶାଗୁଆ ହୋଇଅଛି । ଅଳ୍ପ ଦୂରରେ ନାଳ ଯଦିଓ ଆଜି ଦିନରେ ଶୁଖିଲା କିନ୍ତୁ ଟିକେ ଟିକେ ପାଣି କେଉଁଠି ଅଛି ।

ସେଠି ତିନୋଟି ହରିଣ ଠିଆ ହୋଇଥିଲେ । ହରିଣଙ୍କ ମୁଣ୍ଡରେ ଲମ୍ବା ଲମ୍ବା ଶିଙ୍ଗ ଆସିଯାଇ ଥିଲା । ଶିଙ୍ଗ ଗୁଡିକ କାନର ଦୁଇ ପଟୁ କେନା ହୋଇ ମେଲି ଆସିଥାଏ ତାପରେ ସେଠୁ ଅନେକ କେନା ହୋଇ ଅନେକ ଲମ୍ବି ଯାଇଥାଏ । ଶେଷ ଆଡକୁ ସବୁ କେନା ଗୁଡିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡିଆ ହୋଇଆସିଥାଏ । ପ୍ରଥମେ ପ୍ରଥମ କେନା ଆରମ୍ଭ ହୁଏ ଠିକ୍ କାନର ଅଳ୍ପ ଉପରେ, ତାପରେ ଗୋଟିଏ କେନା ଖୁବ ଲମ୍ବା ହୋଇଯାଏ ପୁଣି ସେଥିରୁ କେନା ବାହାରି ଆସେ । ସୁସ୍ଥ ସବଳ ଶରୀର ହରିଣର ରଙ୍ଗ ଖୁବ୍ ମାଟିଆ, ଦେହରେ ଧଳା, ଲମ୍ବା ଗୋଲିଆ ପଟି ପଟି ଚିହ୍ନ ଥାଏ । ଏହି ହରିଣର ବେକ ତଳ ଧଳା ଦିଶେ । ଖୁବ ଜୋରରେ ଦୌଡୁଥିବା ହେତୁ ଏମାନଙ୍କ ଗୋଡଗୁଡିକ ପତଳା । ଛୋଟ ଛୋଟ ଲୋମ ଥିବା ଗୋଡର ରଙ୍ଗ ସାମାନ୍ୟ ଧଳା ।ଏମାନାଙ୍କ ଲାଂଜ ଗୁଡିକ ଛୋଟ ।

ହରିଣ ତିନୋଟି ଅନାଇ ରହିଥାନ୍ତି । ବେଳେ ବେଳେ ମୁଣ୍ଡ ହଲାଉଥାନ୍ତି । ଲମ୍ବା କାନଗୁଡିକ ଏପଟ ସେପଟ କରୁଥାନ୍ତି । କାନ ଗୁଡିକର ପତଳା ଅଂଶ ସାମନ୍ୟ ନାଲି ଦେଖାଯାଉଥାଏ । ହରିଣମାନଙ୍କର ଲମ୍ବା କଳା ଆଖି ଗୁଡିକ କାହାକୁ ଯେମିତି ଅନାଇ ରହିଥାନ୍ତି । କଲାରା ପତରିଆ ବାଘଟି ଏମିତି ଅନେକ ସମୟ ଛପି ଛପି ରହିଲା । ଆଉ ବହୁ ସନ୍ତର୍ପଣର ସହିତ ଆଗେଇବା ପରେ ସାମନ୍ୟ ଉଠି ଠିଆ ହେଲା । ତାପରେ ଖୁବ୍ ଜୋର୍ରେ ଦୌଡିବା ଆରମ୍ଭ କଲା । ବର୍ତ୍ତମାନ ତା ଶରୀର ଏକଦମ୍ ଲମ୍ବା ହୋଇଯାଇଥିଲା । ଗୋଡ ଗୁଡିକ ମଝିରେ ଲାଙ୍ଗୁଡ ଶେଷ ଆଡକୁ ବଙ୍କି ଯାଇଥାଏ । କିଛି ଅଂଶ ମାଟିକୁ ଛୁଇଁ ଯାଇଥାଏ । ବାଘର ପେଟ ଅଂଶଟି ପିଞ୍ଜରା ଆଡକୁ ପଶିଯାଇଥାଏ । ଛାତିଟି ଫୁଲିଯାଇଥାଏ । ଆଗ ପଞ୍ଝା ଦୁଇଟି ଆଗକୁ ଲମ୍ବି ଯାଇଥାଏ । ବେକ ଆଉ ଟିକେ ଆଗକୁ ଲମ୍ବି ଯାଇଥାଏ । ମୁଣ୍ଡ ତଳକୁ ନଇଁ ଆସିଥାଏ । କଲରାପତରିଆ ବାଘଟି ଖୁବ୍ ଜୋର୍ରେ ଦୌଡୁଥିଲା । ତଳେ ସବୁ ଜିନିଷ ଅସ୍ପଷ୍ଟ ହୋଇଯାଇଥିଲା । ତା ଦେହର ରେଖାଗୁଡିକ ଅସ୍ପଷ୍ଟ ହୋଇଯାଇଥିଲା କେମିତି ଘସରିଆ ହୋଇଯାଉଥିଲା । ତାର ହଳଦିଆ ଜଳୁଥିବା ଆଖିଗୁଡିକ ଶିକାର ଉପରେ ଲାଗି ରହିଥିଲା । ତା ଦୌଡିବାରେ ଏକଦମ୍ ଶବ୍ଦ ନଥିଲା ।

 Magazine Downloaded from www.aahwaan.com

ଘାସ ଗୁଡିକ ଦୁଇ ପଟକୁ ମେଲେଇ ହୋଇଯାଉଥିଲେ । ଚିତାଠାରୁକଲରାପତରିଆ ବାଘର ଆକାରର ପ୍ରଭେଦ ପରିଷ୍କାର ଭାବରେଜଣାପଡିଯାଉଥିଲା । ଯଦିଓ ଏ ବାଘଟି ଖୁବ୍ ସୁସ୍ଥ ସବଳ, ଆଉ ଖୁବ୍ ଜଲଦି ଶିକାର କରିପାରେ । କିନ୍ତୁ ଏ ବାଘର ଲକ୍ଷଣ ହୋଉଛି ଏହା ଲୁଚି, ଛିଡାହୋଇ, କୁଦାମାରି, ଅଳ୍ପବାଟ ଦୌଡି ଶିକାର କରେ ।

କଲରାପତରିଆ ବାଘଟି କୁଦାମାରି ହରିଣକୁ ଧରିଦେଲା ଟିକିଏ ଚେଷ୍ଟାରେ ହରିଣର ବେକକୁ କାମୁଡି ଧରିଲା ଆଉ ତଂଟି ଝୁଣିଦେଲା । ହରିଣଟି ତଳେ ପଡିରହିଥାଏ । ତା ବେକ ପାଖରେ ଦୁଇଟି ଖୁବ୍ ଗଭୀର କ୍ଷତ । ସେଇଟି ବାଘ ତାର ଲମ୍ବା ମୋଟା ଶ୍ୱାନଦାନ୍ତ କାନାଇନ୍ ଟୁଥ୍‌କୁ ହରିଣ ବେକରେ ଗଳେଇ ଦେଇଛି ଆଉ ତଂଟିକୁ ଖୁବ୍ ଜୋର୍‌ରେ କାମୁଡି ଧରିଛି । ଫଳରେ ଶ୍ୱାସରୁଦ୍ଧ ହୋଇ ହରିଣଟି ମୃତ୍ୟୁ ବରଣ କରିଛି । ଘାସୁଆ ଜମିରେ କଲରାପତରିଆ ବାଘଟି ବସିରହିଥିଲା । ପାଖରେ ମଲା ହରିଣଟି ପଡି ରହିଥିଲା । ତଂଟିି ପାଖରେ କ୍ଷତ ନ ଛାଡିଦେଲେ ଦେହରେ କେଉଁଠି ବି ସାମାନ୍ୟ କ୍ଷତ ନାହିଁ । ହରିଣର ଜିଭ ଦୁଇ ଦାନ୍ତ ତଳେ ଚିପି ହୋଇଯାଇଥାଏ ।

କଲରାପତରିଆ ବାଘର ମୁହଁର ଚାରିପଟେ ରକ୍ତ । ଅନେକ ସମୟଧରି କଲରାପତରିଆ ବାଘଟି ହରିଣଟିକୁ କାମୁଡି ଧରିଥିଲା । ନାକର ତଳେ ମଧ୍ୟ ରକ୍ତ ଲାଗିରହିଥାଏ । କଲରାପତରିଆ ବାଘର ଆଖିଟି ବର୍ତ୍ତମାନ ସବୁଜ ଲାଗୁଥିଲା । ତାର ମୋଟା ହୋଇଯାଇଥିବା ଛୋଟ କାନଟି ବଙ୍କେଇ ହୋଇ ସେ ହରିଣ ଆଡକୁ ବୁଲିଯାଇଥିଲା । ହରିଣର ଚମଡ଼ା ଲାଲ୍, ଧୂସର ସେଥିରେ ଧଳା, ଧଳା, ପଟି ପଡିଛି । କଲରାପତରିଆ ବାଘର ରଙ୍ଗ ହୋଇଛି ହଳଦିଆ, କଳା, ଧଳା, ତା ମଝିରେ କଳା ପଟି ପଡ଼ିଛି ।

ବାଘର ଆକାର ହରିଣ ଆକାର ଠାରୁ ଖୁବ୍ ବଡ ନ ଥିଲା କିନ୍ତୁ ଏ ବାଘ ଖୁବ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଜରେ ହରିଣକୁ ମାରି ଦେଇଥିଲା । ବାଘଟି ଦେଖିଲା ଶିକାର ଘାସୁଆ ଜଙ୍ଗଲରେ ପଡିଛି । ଏଣେ ତେଣେ ପାଖରେ ଟିକିଏ ଟିକିଏ ପତ୍ର ପଡିଛି । ତେଣୁ ଏ ହରିଣକୁ ଖୁବ୍ ଶୀଘ୍ର ଲୁଚାଇ ଦେବାକୁ ପଡିବ । ବାଘଟି ପୁଣି ଥରେ ମଲା ହରିଣର ଗଳାକୁ ଟାଣି ନେଲା ।ଧିରେ ଧିରେ ସେ ଯାଗାରୁ ଟାଣିନେଇ ଏକ ଗଛ ତଳକୁ ନେଇ ଆସିଲା ଆଉ ବୁଦା ଉହାଡକୁ ନେଇଗଲା । ସେଇଠି ତାକୁ ଖାଇବାକୁ ଆରମ୍ଭ କଲା । ବାଘ ଟିକିଏ ଖାଇ ଅନେଇବାକୁ ଚେଷ୍ଟା କଲା । କାଳେ କିଏ କେଉଁଠୁ ଆସୁଥିବ । କଲରାପତରିଆ ବାଘର ମୁଖ୍ୟ ଶତ୍ରୁ ସିଂହ । ସିଂହ କେଉଁଠୁ ବି ଆସିଯାଇ ପାରେ । ତେଣୁ ତାକୁଜଲ୍‌ଦି ଜଲ୍‌ଦି ଖାଇବାକୁ ପଡିବ । ତା ଆଖିରେ ବର୍ତ୍ତମାନ ଶିକାରୀର କ୍ରୋଧ ନ ଥିଲା । ନୀଳ, ସବୁଜ ଆଖି ଭିତରେ କେମିତି କେଉଁଠି ଡର ଟିକିଏ ଥିଲା । ତାର ଆଖି ପୁଣି ତାର ଶିକାର ଆଡକୁ ନଇଁ ଗଲା । ସେ ଜଲ୍‌ଦି ଖାଇବାକୁ ଚେଷ୍ଟାକଲା । ଶିକାରର ସେପଟେ ଗୋଟିଏ ଲମ୍ବା କାଠ ଗରଟିଏ ପଡିଥାଏ । କେଉଁ କାଳରୁ କାଠ ଗରଟିଏ ପଡିରହି ଶୁଖିଯାଇ, କଳା ପଡି ଯାଇଛି । ସେଇଠି ଶୁଖିଲା ଘାସ ଗୁଡିକ ଖୁବ୍ ବଡ ହୋଇଯାଇଛି । ବାଘ ତା'ରି ଭିତରେ ମଲା ହରିଣଟିକୁ ପକାଇ ଦେଲା । ସହଜରେ ଜଣେ ଠିଆ ହୋଇ ଯାଗାଟିକୁ ଖୋଜି ପାଇବ ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଶ୍ଚାତାପ



ଗଦାଧର ବଳ

'ଲିସା' ଅଲିଅଳି ଝିଅ ମୋର କାନ୍ଦୁଛି ଯେ କାନ୍ଦୁଛି । ଯେତେ ଯାହା ବୁଝେଇଲେ ବି ବୁଝୁନି ପିଲାଟା ! ଅଲିଅଳି ଝିଅଟା ମୋର, ଭଲଭାବେ କଥା ବି କହି ପାରୁନି ସେ । ୨ ପୁରି ୩ ଚାଲିଲା ତାକୁ । ଠିକ ମାର୍ଗଶିର ମାସ ଗୁରୁବାରରେ ଜନ୍ମ ହୋଇଥିଲା ସେ । ବଂଧୁମାନେ କହନ୍ତି ସେ କୁଆଡେ ମୋର ମାଆ ଲକ୍ଷ୍ମୀ ଠାକୁରାଣୀ । ଜନ୍ମ ପରେ ମୋର ପିତୃ ହୃଦୟକୁ ଦୋହାଲାଇ ଦେଇଛି ସେ । ଆର୍ଥିକ ଅବସ୍ଥା ବି କ୍ରମଶଃ ସ୍ୱଚ୍ଛଳ ହୋଇଛି ମୋର ତାର ଜନ୍ମ ହେବା ପରେ ପରେ ।

ମୁଁ ବା କଣ କରିବି କିଂକର୍ତ୍ତବ୍ୟମୁଢ ମୁଁ ଆଜି ! କଣ ବା କରିଥାନ୍ତି ! ପତ୍ନୀ ମୀରାର ନାଲି ଆଖି, ଆକଟ, ରୁକ୍ଷ ମାନସିକତା, ଉଶୃଙ୍ଖଳ ତଥା ଉଗ୍ର ବ୍ୟବହାର ମୋ ହୃଦୟକୁ ବି ଅନେକ ଥର ଆଘାତ ଦେଇ କ୍ଷତାକ୍ତ କରିଦେଇଛି । ଯନ୍ତ୍ରଣାରେ ଛଟପଟ ହୋଇଛି ମୁଁ ଅନେକ ଥର । କାହାରି ପାଖରେ କହି ପାରେ ନାହିଁ କି ପ୍ରତିବାଦ ବି କରି ପାରେ ନାହିଁ ମୁଁ । କର୍ମ ବ୍ୟସ୍ତତାର ଦ୍ୱାହିଦେଇ ନା ବଖାଣି ପାରୁଛି ଅନ୍ୟ ପାଖରେ, ନା ଦେଖେଇ ପାରିଛି କାହାକୁ କେବେ ।

ଲିସାକୁ ବୋଉ ମୋର ଛାଡି ଗାଁକୁ ଯିବାର ଆଜିକୁ ଠିକ ଆଠ ଦିନ ବିତି ଗଲାଣି । ମୋର ହୃଦୟକୁ ଲୁହା ଠୁଁ ବି ଅଧିକ ଟାଣ କରି ସାରିଛି ଏହା ଭିତରେ । କେମିତି ବା କରି ନ ଥାନ୍ତି ! ପତ୍ନୀ ମୀରାର ସମସ୍ତ ଟାହି ଟାପରା, କଟୁକଥା, କେତେ ବା ଏ କାନରେ ପୁରାଇ ସେ କାନରେ ବାହାର କରିଥାନ୍ତି ମୁଁ । ସମୟ କାଳ ପାତ୍ର କିଛି ନାହିଁ ତାର । ଅଫିସରୁ ମଣିଷ ଖଟି ଖଟି ଘରକୁ ଫେରିବା ମାତ୍ରେ ସବୁ ବେଳେ ମୀରାର ସେଇ ବୋଉ କଥା ! ପିଲାଟାର ଯତ୍ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠିକ ଭାବେ ନେଉନି, ପିଲାଟାକୁ ନଷ୍ଟ କରିଦେବ ଏମିତି କରି, ମରହଟିଆ ବୁଢ଼ୀଲୋକ ସେ ! ପିଲାଟାକୁ ଠିକ ସମୟରେ ଖାଦ୍ୟ କି ମେଡିସିନ ଖାଇବାକୁ ଦେଉନି, ଧୂଳି ମାଟିରେ ଖେଳଉଛି ଯେ ଇନିଫେକ୍ସନ ହେବାର ସମ୍ଭାବନା ବି ଅଛି । ଏମିତି କେତେ କଣ ଲିସା ଜନ୍ମ ହେବାପର ଠୁଁ ବୋଉ ବିରୁଦ୍ଧରେ ଅଭିଯୋଗ କରୁଛି ସେ ! ମୁଁ ବି ଅନେକ ଥର କହିଛି ଧାଇଟିଏ ଆଣି ରଖିବାକୁ । ମାତ୍ର ସେ ଶୁଣିଲେ ତ ! ମୀରା ବୋଉକୁ ଜିଦ କରି ଗାଁରୁ ନେଇ ଆସିଲା ଲିସା ଜନ୍ମ ପରେ ପରେ । ବୋଉ କୋଳରେ ବଢି ଚାଲିଲା ଲିସା । ମାତ୍ର ସେଇ ଦିନରୁ ହିଁ କହୁଛି ବୋଉର ପରିଷ୍କାର ପରିଚ୍ଛନ୍ନତା ନାହିଁ । ସେଇଥି ପାଇଁ କୁଆଡେ ପିଲାଟା କ୍ରମଶଃ ଦୁର୍ବଳ ହୋଇ ଗଲାଣି । ବୋଉ ପାଇଁ ବି କୁଆଡେ ଲିସା ଖୁବ ଜିଦଖୋର ହୋଇ ଗଲାଣି । ଜେଜେ ମା ଛଡା ଅନ୍ୟ କିଛି ଶିଖିବାର ମାନସିକତା ବି ରଖୁନି ! କାଲି ଭଳି ସ୍କୁଲ ଯିବ ସେ । ପାଠ କେମିତି ପଢିବ ? ତାଙ୍କ ପ୍ରତି ଅହେତୁକ ଦୁର୍ବଳତା ବଢି ଚାଲିଛି ଲିସାର ଇତ୍ୟାଦି ଇତ୍ୟାଦି... ତାର ଏମିତି କେତେ ଯେ ଅଭିଯୋଗ ସବୁ ସେଇ ବୋଉ ବିରୁଦ୍ଧରେ । କେତେ ବା ଆଉ ଶୁଣିଥାନ୍ତି ମୁଁ ।

ବୋଉ ବି କି ପ୍ରକାରର ମଣିଷଟା କେଜାଣି । ସବୁ ଶୁଣି ବି ପ୍ରତିବାଦ କରେନି କେବେ । ଲିସା ଭଲ ତ ସେ ଭଲ । ଲିସାଟା ଯେମିତି ତା ଜୀବନ, ଆତ୍ମା, ହୃଦୟ ସବୁକିଛି । ତେଣୁ ସେ ଏଠାରୁ କେଉଁଆଡେ ଯିବାକୁ ନାରାଜ । କେବଳ ଦାଦାଙ୍କ କଥା କହିଲେ କେବେ କେବେ ସେ ଗାଁକୁ ଯିବା କଥା କହେ ।

ତେଣୁ ବାଧ୍ୟ ହୋଇ ୮ ଦିନ ତଳେ ବୋଉକୁ ଗାଁକୁ ପଠାଇ ଦେଇଛି ମିଛ ବାହାନା କରି । ମିଛରେ ତାକୁ କହିଛି ବୁଲବୁଲ ବାତ୍ୟାରେ ଆମ ଜମିରେ ହୋଇଥିବା ଧାନ ଫସଲ କ୍ଷୟକ୍ଷତିର ସରକାରି ତଦନ୍ତ ଚାଲିଛି । ତେଣୁ ଆମର କେହି ଉପସ୍ଥିତ ନ ରହିଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସରକାରଙ୍କ ପାଖକୁ ଫସଲ ହାନିର ରିପୋର୍ଟ ଯିବ ନାହିଁ । ସରକାରି ସହାୟତା ରାଶି ମିଳିବନି ଆମକୁ । ତେଣୁ ତୋର ଗାଁକୁ ନିହାତି ଯିବା ଦରକାର । ତଦନ୍ତ ସରିବା ପରେ ମୁଁ ନିଜେ ଯାଇ ନେଇ ଆସିବାର ମିଥ୍ୟା ପ୍ରତିଶୃତି ଦେଇଛି ତାକୁ ।

ମୁଁ ବା କଣ କରିଥାନ୍ତି । କେତେ ବା କଥା ଶୁଣିଥାନ୍ତା ବିଧବା ମାଅଟା ମୋର ମୀରା ପାଖରୁ ଏମିତି ?

ସେପଟେ କିନ୍ତୁ ଲିସାଟା ଜେଜେ ମା ଜେଜେ ମା ହୋଇ ଆଠଦିନ ହେବ ପାଣି ବି ଛୁଉଁନି । ଖାଇବା ବେଳକୁ ଜେଜେ ମା ତ ଶୋଇବା ବେଳକୁ ଜେଜେ ମା । ଲିସାକୁ କ୍ଷଣଟିଏ ବୁଝାଇବା କଷ୍ଟକର ହୋଇ ଗଲାଣି ।

ବୋଉକୁ ସିନା ଗାଁକୁ ପଠାଇ ଦେଲି । ସେହିଦିନରୁ ମୁଁ ବି ଗୋଟିଏ ମୁହୂର୍ତ୍ତ ଶାନ୍ତିରେ ନିଶ୍ୱାସ ନେଇ ପାରୁନି ବିଧବା ବୁଢୀ ମାଆଟା କଥା ଭାବିଭାବି । ବରଂ ଅଶାନ୍ତି, ଅନୁଶୋଚନା ପ୍ରତିକ୍ଷଣ ମୋତେ କ୍ଷତାକ୍ତ କରି ଦେଉଛି । ବୋଉ କଥାକୁ ମନେ ପକାଇ ମୋତେ ଅନେକ କଥା ଭାବିବାକୁ ପଡୁଛି । ବିଧବା ବୁଢୀ ଲୋକ, ଗାଁରେ କେମିତି ଚଳୁଥିବ । ଘରେ ବି ଅନ୍ୟ କେହି ନାହିଁ ତା ଯତ୍ନ ନେବାକୁ ।

ଖୁଡି ଯିବା ପରେ ଦାଦା ଏକୁଟିଆ ଲୋକ । ପୁଅ ବୋହୂ ବି ତାଙ୍କର ବିଦେଶରେ । ଜୀବନ ଯାକ ତ ଦାଦା ହିଁ ଆମ ପରିବାରର ଦେଖା ଶୁଣା କରି ଆସିଛନ୍ତି । ବାପା ଅସମୟରେ  ମୋ ମାଆ, ମୁଁ ଓ ମୋ ସାନ ଭଉଣୀ କବିତାକୁ ଛାଡି ଚାଲିଗଲେ । ଆମେ ଭାଇ ଭଉଣୀ ଛୋଟ ଛୋଟ ସେତେବେଳେ ହୋଇଥିଲୁ । ଦାଦା ହିଁ ମୋତେ ଇଂଜିନିୟର ପାଠ ପଢାଇଲେ । ଡିଗ୍ରି ଇଂଜିନିୟର କଲେ । କବିତାକୁ ବି ସେମିତି ବି.ଏ.ପର୍ଯ୍ୟନ୍ତ ପଢାଇବା ପରେ ତାର ମନ ପସନ୍ଦ ମୁତାବକ ବିବାହ କରାଇ ଦେଇଛନ୍ତି । ଶଶୁର ଘରେ ସେ ଭଲରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି । ମୁଁ ବି ଡିଗ୍ରୀ ଇଂଜିୟରିଂ ପଢି ସାରିବା ପରେ ବାଙ୍ଗାଲୋରରେ ଏକ ବହୁରାଷ୍ଟ୍ରୀୟ କଂପାନୀରେ ଚାକିରି କଲି ଓ କିଛି ଦିନ ପରେ ଗାଁ ପାଖ ଅନ୍ତରଙ୍ଗ ବନ୍ଧୁ ବିକାଶର ଭଉଣୀ ମୀରା ସହ ଉଭୟଙ୍କ ସହମତି କ୍ରମେ ଆମ ମାନଙ୍କ ଇଚ୍ଛା ମୁତାବକ ବିବାହ କରାଇ ଦେଇଥିଲେ ସେ । ମୀରା ବିକାଶର ଏକମାତ୍ର ଭଉଣୀ । ସେ ବି ଉଚ୍ଚ ଶିକ୍ଷିତା । ବିବାହ ପୁର୍ବରୁ ଭୁବନେଶ୍ୱରର ଏକ ବହୁ ରାଷ୍ଟ୍ରୀୟ କଂପାନୀର ଉଚ୍ଚ ବେତନରେ ଚାକିରି କରିଥିଲା ସେ । ମୋର ଚାକିରି ସୁଦୁର ବାଙ୍ଗାଲୋରରେ ଥିବା ବେଳେ ସେଠାରୁ ରିଜାଇନ କରି ମୀରା ପାଇଁ କେବଳ ମୁଁ ଭୁବନେଶ୍ୱରରେ ଏକ ସଫ୍ଟୱେର କମ୍ପାନିରେ ଯୋଗ ଦେବାକୁ ବାଧ୍ୟ ହେଲି । ନିଜର କର୍ମ ବ୍ୟସ୍ତତା ହେଉ କି ସ୍ୱାସ୍ଥ୍ୟ ସଚେତନତା ହେଉ ମୀରା କିନ୍ତୁ ଏତେ ଶୀଘ୍ର ମାଆ ହେବାକୁ ଚାହୁଁ ନ ଥିଲା । ଏଥିପାଇଁ ଏହା ଭିତରେ ସେ ୨/୩ଥର ଅସମୟରେ ଗର୍ଭ ନଷ୍ଟ ବି କରାଇଛି । ମାତ୍ର ମୋର ଜିଦ ଆକଟ ପାଇଁ ସେ ବାଧ୍ୟ ହୋଇ ଶେଷଥର ମାଆ ହୋଇଥିଲା । ଲିସାକୁ ଜନ୍ମ ଦେଇଥିଲା ।

ବୋଉ ଯିବା ପରେ ମିରା ଅନୁଭବ କରୁଛି ବୋଉର ଅନୁପସ୍ଥିତତାକୁ । ପିଲାଟାକୁ ଘରେ ଛାଡି ଯିବା ପରେ ବୋଉ କେତେ ଯେ କଷ୍ଟସ୍ୱୀକାର କରି ତାକୁ ବଢାଇଛି ଆଜି ମୀରା ଅନୁଭବ କରୁଛି । ଗତ ସାତ ଦିନ ମଧ୍ୟରେ ୪ ଦିନ ତାର ବକେୟା ବାର୍ଷିକ ଛୁଟି ନେଇ ସେ ଘରେ ଲିସା ପାଖରେ ହିଁ ଥିଲା ! ତିନିଦିନ ତଳେ ଅଫିସର ବାର୍ଷିକ ଅଡିଟ ପାଇଁ ସେ ବାଧ୍ୟ ହୋଇ ଅଫିସ ଯାଉଛି ଓ ମୁଁ ନିଜେ ଲିସାର ଦେଖାଶୁଣା ଛୁଟି ନେଇ କରୁଛି ତାପର ଠାରୁ । ମୋର ବି ଆଉ ଗୋଟିଏ ଦିନ ଛୁଟି ହାତରେ ଅଛି । କଣ କରିବୁ କଣ କରିବୁ ଏମିତି ଜୀବନର ଦୋ ଛକିରେ ଉଭୟ ଅଣ୍ଡାଳି ସାଉଁଟି ହେଉଥିବା ବେଳେ, ସାଙ୍ଗସାଥି ବନ୍ଧୁ ବାନ୍ଧବ, ସଂପର୍କୀୟ ସମସ୍ତଙ୍କୁ କହି ସାରିଲୁଣି ଧାଇଟିଏ ଯୋଗାଡ କରିବା ପାଇଁ । ମାତ୍ର ହଠାତ ମିଳୁଛି

 Magazine Downloaded from www.aahwaan.com

କେଉଁଠି ଯେ !

ତା ପରେ ଲିସାଟା ବି ଏକ ଜିଦିଆ ପିଲାଟା । ସକାଳୁ ଉଠି ରାତି ପର୍ଯ୍ୟନ୍ତ ଖାଲି ଜେଜେ ମା ଜେଜେ ମା ହେଉଛି । ଜେଜେ ମାକୁ ଖୋଜି ଖୋଜି ପାଣି ଟୋପେ ବି ଛୁଉଁନି ସେ । ବୋଉଟା ଏମିତି ଅଭ୍ୟାସ କରାଇ ଦେଇଛି ତାକୁ 'ଧୋରେ ବାୟା ଧୋ' ଗୀତ ତା ଜେଜେ ମା ଠାରୁ ନ ଶୁଣିଲେ ବିଛଣାକୁ ଯାଉନି ସେ । ଭାରି ଅଝଟ ହେଉଛି ଜେଜେ ମା'କୁ ନ ଦେଖି ।

ଏପଟେ ଅସନ୍ତା କାଲି କଣ କରାଯିବ, ଲିସାକୁ କେଉଁଠି ଛାଡିବା ଚିନ୍ତାରେ ଆମେ ଉଭୟେ । ମୁଣ୍ଡ ମୋର ଗରମ ହୋଇଗଲା ଯେ ବହେ ଶୋଧି ଦେଇଗଲି ମୀରାକୁ । ମୋ ବୋଉ ତ ବହୁତ ଖରାପ ନା ? ତମ ପିଲାକୁ ଖରାପ କରି ଦେଉଥିଲା ସେ । ପୁଣି କଣ ପାଇଁ ଦରକାର ହେଉଛି ତାର ? ପାଶ୍ଚାତାପ ଦାବାଗ୍ନିରେ ଜଳୁଥିଲା ମୀରା ସେତେ ବେଳେ । ବୋଉ ଆଉ ମାଆର ତଫାତଟାକୁ ଅନୁଭବ କରୁଥିଲା ନିରବ ନିଶ୍ଚଳ ଭାବେ । କିଛି ନ ବୁଝି ଏମିତି ମତ ଦେଉଥିବା ସବୁ ମୀରାମାନେ ଏମିତି ଭୁଲ କରି ବସନ୍ତି ସେ କଥା ମୀରା ହିଁ ହୃଦୟଙ୍ଗମ କରୁଥିଲା । ନାତିନାତୁଣୀ ମାନଙ୍କ ପାଇଁ ଜେଜେମା ଜେଜେବାପାଙ୍କ ଆବଶ୍ୟକତାକୁ ଅନୁଭବ କରୁଥିଲା ମୀରା ସେ ସମୟରେ ! ଆମେ ଉଭୟ କାଲିର ସକାଳ ଓ ଲିସାର ଆବଶ୍ୟକତା କଥା ତର୍ଜମା କରୁଥିବା ବେଳେ ହଠାତ ମୋ ମୋବାଇଲକୁ କଲଟିଏ ଅସିଥିଲା । ବିରକ୍ତି ପୁର୍ଣ୍ଣ ଭାବଧାରାରେ ଇଚ୍ଛା ନଥିଲେ ବି ଅସମୟରେ ଫୋନଟିକୁ ବାଧ୍ୟ ହୋଇ ଉଠାଇବାକୁ ଯାଇ ଦେଖିଲି ଦାଦାଙ୍କ ଫୋନ ଗାଁରୁ ଆସିଛି । ଫୋନ ଉଠାଇବା ପରେ ଦାଦା ସେପଟୁ କହୁଥିଲେ,“ବିବେକ ତୋ ବୋଉଟା ସେହି ଦିନରୁ ଆସିବା ପରେ ନାତୁଣି କଥା କହି କହି ଖାଲି କାନ୍ଦୁଛି । ଖିଆ ପିଆ ବି ଛାଡି ଦେଲାଣି । ଯେତେ ଆଟକେଇଲେ ବି ରହିଲା ନାହିଁ । ଖାଲି କହିହେଲା କି ଲିସା କାନ୍ଦୁଥିବ କେମିତି ଏଠାରେ ରହିବି ? ମୋତେ ନେଇ ଚାଲ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୁବନେଶ୍ୱରରେ ମୋ ନାତୁଣି ପାଖରେ ଛାଡି ଦେଇ ଆସିବ । ଲିସାକୁ ରାତିରେ ସ୍ୱପ୍ନରେ ଦେଖୁଛି ! ମୋ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ । ଚାଲି ବୁଲି ଠିକ ଭାବେ କରିପାରୁ ନାହିଁ । ବାଧ୍ୟ ହୋଇ ଆମ ଗାଁ ବସରେ ତୋ ବୋଉକୁ ବସାଇ ଦେଇଛି ! ସଂଧ୍ୟା ୮ ଟାରେ ବରମୁଣ୍ଡା ବସ ଷ୍ଟାଣ୍ଡରେ ପହଁଞ୍ଚିଯିବ । ଯିବା ପୁର୍ବରୁ ତୁମ ଦୁହିଁଙ୍କ ଫୋନକୁ ଯେତେ ବି କଲ କଲି ଲାଗିଲା ନାହିଁ । ଗାଁ କଥା ତ ଜାଣିଛୁ ଅନେକ ସମୟରେ ଟାୱାର ଆସେ ନାହିଁ ! ଦିନ ଯାକ ଲଗେଇ ଲଗେଇ ଏବେ ଲାଗିଲା । ମନେ କରି ବୋଉକୁ ବସରୁ ଆସି ନେଇଯିବୁ । ବୁଢୀ ଲୋକ ହଇରାଣ ହେବ ।"

ଦାଦାଙ୍କର କଥା ସରିବା ପୁର୍ବରୁ କାନ୍ଥରେ ଝୁଲୁଥିବା ଘଣ୍ଟାକୁ ଚାହିଁଲି ଆଠଟା ବାଜିବାକୁ ପନ୍ଦର ମିନିଟ ବାକିଥାଏ । ବରମୁଣ୍ଡା ବସଷ୍ଟାଣ୍ଡକୁ ମୋତେ ପନ୍ଦର ମିନିଟ୍ ସମୟ ଲାଗିବ ! ତେଣୁ ମୋର ମଟର ସାଇକେଲଟି ବାହାର କରି ଷ୍ଟାର୍ଟ ମାରିବାକୁ ଯିବା ବେଳକୁ ଦେଖିଲି ମୀରା ନିରିହ ନିଷ୍ପାପ ଶିଶୁଟିଏ ପରି ମୋ ପାଖରେ ଛିଡା ହୋଇ ହେଲମେଟଟି ମୋ ହାତକୁ ବଢାଇ ଦେଉ ଥିଲା । ପାଶ୍ଚାତ୍ତାପର ଦାବାଗ୍ନିରେ କୁହୁଳୁ ଥିବା ମୀରା ସେ ଦିନ ମୋର ହଠାତ ବାହାରକୁ ଯିବାର କାରଣ ମଧ୍ୟ ପଚାରି ନଥିଲା.. ମୋର ବି କେଉଁଆଡେ ଯାଉଛି କହିବାର ସୁଯୋଗ ବି ନଥିଲା ସେତେ ବେଳେ.....

ଗଦାଧର ବଳ.
ଆଇନଜୀବୀ.ଭଦ୍ରକ
୯୪୩୭୧୨୮୪୧..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବୁଲ୍ ହେ



ଶ୍ରୀମାନି
ପ୍ରିୟଦର୍ଶିନୀ ଦାସ

ବରକୋଳି ମୁଁ ତୁମକୁ ଛାଡ଼ି ବଞ୍ଚିପାରିବିନି, ତୁମେ ଦୂରେଇ ଗଲେ ନା କଟିବ ଦିନ ନା କଟିବ ରାତି ମନେ ପଡିବ ଖାଲି ତୁମରି କଥା ମୋତେ .... ! ସୁବ୍ରତ୍ରର କଥା ସରିନଥିବା ବେଳେ ସବନମ୍ କହି ଉଠିଲା

- "ଓଃ ତୁମକୁ କେତେଥର କହିବି ଯେ ମୋତେ ସେ ବରକୋଳି ଜମା ଡ଼ାକିବନି ବୋଲି କୋଉ ଶୁଣୁଛ ଯେ ତୁମେ । ହଉ ଦେଲ ମୋତେ ସେ ବରକୋଳି ଗୁଡ଼ିକ, ଦେଖ ସନ୍ଧ୍ୟା ହୋଇ ଆସିଲାଣି ଏଣେ ଘରକୁ ନଗଲେ ବାପା ବ୍ୟସ୍ତ ହୋଇ କେତେ କଥା ପଚାରିବେ ।"

- ଦେଖିଲ ତ ଏଇ ବରକୋଳି ପାଇଁ ଏତେ ଲୋଭ ବୋଲି ତୁମକୁ ବରକୋଳି ଡାକେ, ଆଗକୁ ଶୀତ ଋତୁ ସରିଯିବ ବରକୋଳି ନଥିବ ସେତେବେଳେ କଣ କରିବ ଯେ ତୁମେ ହାଃ ହାଃ ।

- ଆଚ୍ଛା ତାହେଲେ ତୁମ ବରକୋଳି ଡାକ ଛାଡିଯିବ ତ ?

ନା ନା କହି ସବନମ୍ କୁ ବରକୋଳି ବରକୋଳି ବୋଲି କହି ଚିଡ଼େଇ ଉଠେ ସୁବ୍ରତ । ସବନମ୍ ରାଗିଯାଇ କୁହେ "ଦିଅ ଆଗ ସେ ବରକୋଳି ଗୁଡ଼ିକ ମୁଁ ଯାଏ । ତୁମର କଥା ସରିବନି ଜାଣିଛି ।"

ହସି ହସି ବରକୋଳି ଗୁଡ଼ିକ ସବନମ୍ ହାତକୁ ବଢେଇ ଦିଏ ସୁବ୍ରତ । ସବନମ୍ ତାକୁ ନେଇ ସୁବ୍ରତ ଠୁ ଆଗକୁ ଆଗକୁ ଚାଲି ଯାଉଥିଲା । ପଛରୁ ସୁବ୍ରତ ତାକୁ ଅପଲକ ନୟନରେ ଚାହିଁ ଥିଲା । ଏଇ ସବନମ୍ ଯେ ଦୀର୍ଘ ପାଞ୍ଚ ବର୍ଷ ପରେ ସୁବ୍ରତର ଭଲପାଇବାକୁ ସ୍ୱୀକାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛି । ସାମନ୍ତରାପୁରର ବ୍ରାହ୍ମଣ ଘର ପୁଅ ହେଇ ସେ ଭଲ ପାଉଛି ମୁସଲିମ ଝିଅ ସବନମ୍‌କୁ । ନା ସେ ଭାବିଛି ସମାଜ ନା ଧର୍ମ କଥା । ଦୁହେଁ ପ୍ରଥମେ ଭଲ ବନ୍ଧୁ ଥିଲେ ହେଲେ ସୁବ୍ରତ ସବନମ୍ କୁ ଭଲ ପାଇବା କଥା ଜାଣିଲା ପରେ ସବନମ୍ ଦୂରେଇ ଯାଇଥିଲା । ହେଲେ ସେ ପୁଣି ସୁବ୍ରତ ନିକଟକୁ ଫେରି ଆସିଥିଲା ବନ୍ଧୁ ରୂପେ ନୁହେଁ ଗୋଟେ ପ୍ରେମିକା ରୂପେ । ଦୁହେଁ ସମାଜକୁ ନ ଡରି ପ୍ରେମରେ ବୁଡ଼ି ରହିଥିଲେ । ପ୍ରେମର ସେଇ ପ୍ରଥମ ଅନୁଭୂତି ଖୁବ୍ ଭଲ ଲାଗୁଥିଲା । ସୁବ୍ରତ ମନେ ମନେ ଭାବୁଥିଲା ସବନମ୍ ପାଖରେ ଥିଲେ ନା ଦିନ ସରନ୍ତା, ନା ରାତି, ନା ମାସ ସରନ୍ତା, ନା ବର୍ଷ । ସମୟ ଅଟକି ଯାଆନ୍ତା କି ?

ସୁବ୍ରତ ହାତଘଣ୍ଟାକୁ ଅନେଇ ଦେଖେ ସମୟ ୬.୩୦ ମିନିଟ । ସବନମ୍ ଯେ କେତେବେଳୁ ଚାଲି ଗଲାଣି । ତାର ମନେ ପଡ଼ିଲା ବୋଉ କହିଛି କିଛି ସଉଦା ନେଇ ୭ ଟା ସୁଦ୍ଧା ଘରେ ପହଞ୍ଚିବାକୁ, ହେଲେ କଣ ସଉଦା ନେବା ପାଇଁ କହୁଛି ମୋର କିଛି ବି ମନେ ପଡୁନି । ଏଇ ସବନମ୍ ଥିଲେ ତାର କଣ ବା ମନେ ପଡିବ । ହଉ ଛାଡ଼ ଦୋକାନରେ ପହଞ୍ଚି ମୋତେ ପୁଣି ବୋଉକୁ ଫୋନ କରିବାକୁ ପଡ଼ିବ, ରାଗୁଥାଉ ଯେତେ ରାଗିବ ମୁଁ କରିବି ବା କଣ ?

- ହାଲୋ.. ! ବୋଉ ତୁ କଣ କହିଥିଲୁ ନେବା ପାଇଁ ଆଉ ଥରେ ଟିକେ କହ ।

- କଣ ମୁଁ ଏପଟେ ରୋଷେଇ କରିବା ପାଇଁ ବସିଛି ତୁ ସେପଟେ ସଉଦା କଥା ଭୁଲି ଗଲୁଣି । ମୁଁ ରୋଷେଇ କରିବି କଣ ତୋ ମୁଣ୍ଡ ?

- ଓଃ କାହିଁ ରାଗୁଛୁ କହିଲୁ ?

- ଭୁଲା ରୋଗ ହେଇଯାଉଛି କି ପୁଅ ତୋତେ ? ହେଉ ହେଉ ଅଟା ଆଉ ଆଳୁ ନେଇ ଜଲ୍‌ଦୀ ଘରକୁ ଫେରି ଆସିବୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସତରେ ତ ମୋତେ ନିଶ୍ଚୟ ଭୁଲା ରୋଗ ହେଇଯାଇଛି ଏଇ ସବନମ୍ ପାଇଁ । ଆଖି ଖୋଲିଲେ ସେ ଆଖି ବନ୍ଦ କଲେ ସେ ଆଉ କଣ ବା ମନେ ରହିବ ।

ସୁବ୍ରତ ତରତରରେ ସଉଦା ଆଣି ଆସୁଥିବା ବେଳେ ତାର କିଛି ସାଙ୍ଗଙ୍କ ସହ ଧକ୍କା ହେଇଯାଏ । ଆରେ ସୁବ୍ରତ କଣ ଅନ୍ଧ ହୋଇଯାଇଛୁ କି ? ନା ସବନମ୍ ପ୍ରେମରେ କିଛି ଦେଖି ପାରୁନୁ ? ଜାଣିଛୁ ସାଙ୍ଗ ସେ ତୋର କେବେ ହୋଇପାରିବନି, ତେଣୁ ଏବେଠୁ ତାକୁ ଭୁଲି ଯା ନହେଲେ ଆଗକୁ ବହୁତ୍ କଷ୍ଟ ସହିବୁ । ତୋତେ କଣ ଧର୍ମ କଥା ଜଣା ପଡୁନି ? ଛାଡ଼ ସେ ମୁସଲିମ ଝିଅକୁ ଆମେ ତୋ ପାଇଁ ସବନମ୍ ଠୁ ସୁନ୍ଦର ଝିଅ ଖୋଜି ଆଣିବୁ । ସୁବ୍ରତ ଏହା ଶୁଣି ତାର ସେଇ ସାଙ୍ଗ ଗାଲରେ ଗୋଟେ ଶକ୍ତ ଚାପୁଡା ଦେଇ କୁହେ, "ତୁମମାନଙ୍କ ପାଇଁ ହିନ୍ଦୁ ଓ ମୁସଲମାନ, ମନ୍ଦିର ଓ ମସଜିଦ, ପୂଜା ଓ ନମାଜ ଭିନ୍ନ ହେଲେ ସୁବ୍ରତ ଓ ସବନମ୍ କେବେ ଭିନ୍ନ ହୋଇପାରିବେନି ।" ସୁବ୍ରତ ଯେ ସବନମ୍ କୁ ଜୀବନଠୁ ଅଧିକ ଭଲ ପାଉଛି ତାହା ତା ସାଙ୍ଗ ମାନଙ୍କୁ ଅଛପା ରହିଲା ନାହିଁ ।

ତା ପରଦିନ ସୁବ୍ରତ ତା ବୋଉ ଆଚାର ବନେଇବା ପାଇଁ ରଖିଥିବା କିଛି ସୁଖା ବରକୋଳି ଲୁଚେଇ ନେଉଥିବା ବେଳେ ତା ବୋଉ ହାତରେ ଧରା ପଡେ ।

- ଆରେ ତୁ ତ ଏ ବରକୋଳି ଜମା ଖାଉନାହିଁ । ହେଲେ କୁଆଡେ ନଉଛୁ ଏସବୁ ଶୁଣେ ?

- ତୁ ଏତେ କଥା ଜାଣେନା ବୁଝିଲୁ ।

- ତା'ହେଲେ ସେସବୁ ବରକୋଳି ସବୁ ସେଇଠି ରଖି ଯା ।

- ବୋଉ ଲୋ ମୁଁ ବରକୋଳି ପାଇଁ ବରକୋଳି ନେଉଛି - କହି ଦୌଡି ପଳାଏ ।

- ବରକୋଳି ପାଇଁ ବରକୋଳି ନେଉଛୁ ? ଆରେ ଶୁଣି ଯା ମୁଁ ବୁଝି ପାରିଲିନି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ତୋର କିଛି ବୁଝିବା ଦରକାର ନାହିଁ ବୋଉ । ଦୌଡି ଦୌଡି ସୁବ୍ରତ କହୁଥାଏ ।

- ହଉ ରହ ରହ ତୁ ଆଜି ଘରକୁ ଆସେ, ତୋ କଥା ବୁଝୁଛି ।

ଇସ୍ କେତେ ବରକୋଳି.. ! ମୁଁ ମଧ୍ୟ ତୁମ ପାଇଁ ଗୋଟେ ଜିନିଷ ଆଣିଛି । -"ଆଖି ବନ୍ଦ କଲ ।

- ସୁବ୍ରତ ଆଖି ବନ୍ଦ କରି ଦିଏ ।

- "ଏବେ ଖୋଲ" ସବନମ୍ କୁହେ ।

ସୁବ୍ରତ ଆଖି ବନ୍ଦ କରି ଖୋଲି ଦେଖେ ସବନମ୍ ଟିଫିନ୍ ରେ ବିରୀୟାନି ଆଣିଛି । ସୁବ୍ରତ ଅଳ୍ପ ସମୟରେ ତାକୁ ଶେଷ କରିଦିଏ ।

- କେମିତି ଲାଗିଲା ? କହିଲନି ତ ?

- ଖୁବ୍ ବଢିଆ, ତୁମେ ହିଁ ବନେଇ ଥିବ ।

- ଆରେ ତୁମେ କେମିତି ଜାଣିଲ ?

- ତୁମ ହାତରନ୍ଧା ମୁଁ ଜାଣିବିନି ଆଉ ଜାଣିବ କିଏ ? ଆମେ ପ୍ରଥମେ ସାଙ୍ଗ ଥିବା ବେଳେ ତୁମେ ପ୍ରଥମ କରି ବିରିୟାନି ବନାଇ ଆଣିଥିଲ ।

- ହଁ ହଁ.. ! ତା'ହେଲେ ତୁମର ମନେ ଅଛି ସବୁ । ମୋର ବି ମନେ ପଡୁଛି ସେଦିନ ତୁମେ ଘରେ ତୁମ ବୋଉଙ୍କ ଠାରୁ ଗାଳି ଶୁଣିଥିଲ, କାରଣ ସୋମବାର ଥିଲା ବୋଲି । ଓଃ ଭୁଲି ଗଲି ଆଜି ମଧ୍ୟ ସୋମବାର ।

- ଓଃ କଣ କଲ ଯେ ? ତୁମକୁ ଦେଖିଲେ ମୁଁ ସବୁକିଛି ଭୁଲି ଯାଉଛି.. ! ଏବେ ଘରକୁ ଗଲେ ବୋଉଠୁ ଗାଳି ଶୁଣିବାକୁ ପଡିବ ।

- ହାଃ ହାଃ... ! ବହୁତ୍ ଭଲ ହେବ । କହି ହସି ଉଠେ ସବନମ୍ ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁବ୍ରତ ସବନମ୍ ଠୁ ବିଦାୟ ନେଇ ଘରକୁ ଚାଲି ଆସେ । ସୁବ୍ରତର ବୋଉ ସୁବ୍ରତର ସାର୍ଟ୍ କୁ ଲକ୍ଷ୍ୟ କରି କୁହନ୍ତି -

- ଏ ପୁଅ ସାର୍ଟ୍ ରେ କଣ ଲାଗିଛି ଯେ ?

- ବୋଉ ବିରୀୟାନି ଥରି ଥରି କୁହେ ।

- ହେ ରାମ... ! ସୋମବାର କେଉଁଠି ଆଇଁଷ ଖାଇଦେଲୁ ଯେ । ଯା ଯା ସେ ସାର୍ଟ୍ ବଦଳେଇ ଦେଇ ଗାଧେଇ ପଡ଼ି ଆସେ । ନହେଲେ ତୋ ବାପା ତୋତେ ମାରି ଦେବେ ।

- "ହଉ ବୋଉ" କହି ଯାଉଥିବା ସମୟରେ ତାର ବୋଉ କୁହନ୍ତି ।

- "ଆଚ୍ଛା ପୁଅ, ତୁ କୋଳି ଗୁଡ଼ିକ ସବୁ ନେଲା ବେଳେ କହିଲୁ ବରକୋଳି ପାଇଁ ବରକୋଳି ନେଉଛି । ତାର ଅର୍ଥ କଣ ?"

- ବୋଉ ସବନମ୍ ପାଇଁ ।

- ସବନମ୍ ? ସେ କିଏ, ନାମରୁ ଲାଗୁଛି କୌଣସି ମୁସଲିମ ଝିଅ ।

- ହଁ ବୋଉ ଆର ଗାଁ ଖାନ୍ ବାଦ୍ ସାହିର ଝିଅ ସେ ସବନମ୍ ।

- ହେଲେ ତୁ ତା ପାଇଁ ?

- ବୋଉ ମୁଁ ତାକୁ ଭଲ ପାଉଛି । ଥରି ଥରି କୁହେ ସୁବ୍ରତ ।

- କଣ କହୁଛୁ ତୁ ? ହେଲେ ଆମ ଧର୍ମ ?

- ହଁ ବୋଉ ମୁଁ କାହା କଥା ବି ଭାବିନି ? କାରଣ କଣ ଜାଣିଛୁ ବୋଉ, ପ୍ରେମ ଆଗରେ ସବୁ ତୁଚ୍ଛ । ଧନି ଗରିବ, ଜାତି ଅଜାତି, ଅସହାୟତାର କିଛି ମାନେ ନଥାଏ । ଦୁଇ ହୃଦୟ ମିଳନରେ ପ୍ରେମ ହୁଏ ଏବଂ ପ୍ରେମ ଚାହିଁଲେ ସବୁ ବାଧାବିଘ୍ନ ଅତିକ୍ରମ କରିପାରେ ।

- ହେଲେ ମୁସଲିମ ଝିଅଟିକୁ ଗୋଟେ ବ୍ରାହ୍ମଣ ଘରର ବୋହୂ କରିବାକୁ ତୋ ବାପା ଆଉ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜେଜେବାପା କେବେ ବି ରାଜି ହେବେନି ପୁଅ ।

- ସେକଥା ମୁଁ ବୁଝିବି । ସମୟ ଆସୁଛି । ମୋତେ ବହୁତ୍ ଭୋକ ହେଉଛି ତେଣୁ ମୋତେ ଆଗେ ଖାଇବାକୁ ଦେଲୁ ।

- ହେଲେ ପୁଅ ତୁମ ଭଲ ପାଇବାକୁ ସମାଜ କେବେ ସ୍ୱୀକୃତି ଦେବନି । ମୋ କଥା ତ ରଖ ।

- ମୋ ବୋଉ ଟା ପରା, ସେ ତୋ ବୋହୂ ହେବ ନିଶ୍ଚୟ ଦେଖିବୁ ।

- ହେଉ ବାପା ଯାହା ଠାକୁରଙ୍କ ଇଚ୍ଛା ।

ସୁବ୍ରତ ଓ ତାର ମା କଥାବାର୍ତ୍ତା ହେଉଥିବା ସମୟରେ ସୁବ୍ରତର ବାପା ଓ ଜେଜେବାପା ରାଗରେ ଘର ଭିତରକୁ ପ୍ରବେଶ କରନ୍ତି । ସୁବ୍ରତର ମା ପଚାରନ୍ତି କଣ ହେଇଛି ? ରାଗିଲା ଭଳି ଜଣାପଡୁଛ । ବହୁତ୍ ବଡ଼ ଗଣ୍ଡଗୋଳ ହେଇଛି ଆଜି ମୁସଲମାନଙ୍କ ସହ । ସୁବ୍ରତର ବାପା କୁହନ୍ତି ।

- ହେଲେ କଣ ପାଇଁ ବାପା ?

- ଆମ ଗାଁର ଜମିରେ ଆମେ ମନ୍ଦିର ନିର୍ମାଣ କରିବାର ଅଛି । ହେଲେ ସେମାନେ ମଧ୍ୟ ସେଇଠି ମସଜିଦ କରିବେ ବୋଲି ଅଡି ବସିଛନ୍ତି ।

- ହଁ ବାପା ମନ୍ଦିର ହେବ ଓ ମସଜିଦ ବି ହେବ । ଏଥିରେ ଅସୁବିଧା କଣ ?

- ନା ଆମ ଗାଁ ଲୋକଙ୍କ ଜମି ସେଇଟା, ସେଠାରେ ମସଜିଦ କେବେ ବି ହୋଇ ପାରିବନି ।

- ହେଲେ ବାପା ଅଧା ତ ଆମ ଗାଁ ଲୋକଙ୍କ ଜମି ଆଉ ଅଧା ତ ତାଙ୍କ ଗାଁ ଲୋକଙ୍କ ଜମି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ତୁ ଯେମିତି କହୁଛୁ, କଣ ତୁ ମୁସଲମାନ ଘର ପୁଅ ?

- ନା ବାପା ମୁଁ ସମସ୍ତଙ୍କ ସମାନ ପାଇଁ କହୁଛି । ଦୁଇଟି ଗାଁ ଭିତରେ କାହିଁ କେତେ କାଳରୁ ଭାଇଚାରା ଅଛି । ଭଲ ସମ୍ପର୍କ ଅଛି । ସେଇ ଭାଇଚାରାକୁ ଏମିତି ଗଣ୍ଡଗୋଳ କରି ଭାଙ୍ଗି ଦିଅନି । ସେଠାରେ ମନ୍ଦିର ଓ ମସଜିଦ ଦୁଇଟା ହେଲେ ବହୁତ୍ ଭଲ ହେବ । ଦୁଇ ଗାଁ ଭିତରେ ଖୁବ୍ ଭଲ ସମ୍ପର୍କ ରହିବ ବାପା ।

- ନା ନା ନା, କେବେ ବି ନୁହେଁ । ସେଠାରେ କେବଳ ମନ୍ଦିର ହେବ ହିଁ ହେବ । କାହା କଥା କିଛି ଶୁଣିବାର ନାହିଁ । ଆଉ ହଁ ତୁ ମନେରଖ ତୁ ତୋର ଯେତିକ ମୁସଲମାନ ବନ୍ଧୁ ଅଛନ୍ତି ସେମାନଙ୍କ ସହ ବନ୍ଧୁତା ସେତିକିରେ ଶେଷ କର । ଯଦି ତୋତେ କୌଣସି ମୁସଲମାନଙ୍କ ସହ ମିଶିବାର ଦେଖିବି, ସେବେଠୁ ଏ ଘରେ ତୁ କାହାର କିଛି ନୁହଁ ତୋର ଆଉ ଏ ଘରେ ସ୍ଥାନ ରହିବ ନାହିଁ ।

ସୁବ୍ରତର ପାଦତଳୁ ମାଟି ଖସିଗଲା ପରି ଲାଗିଲା । ତାହେଲେ କଣ ତା ମନର ମାନସୀ ସହ ଆଉ ଦେଖା ହେଇପାରିବ ନାହିଁ ? କଣ ତାର ପ୍ରେମ ସଫଳ ହେବନି ? ନା ମୋ ପ୍ରେମକୁ କେବେ ଅଧୁରା ରହିବାକୁ ଦେବିନି କେବେ ନୁହେଁ । ସୁବ୍ରତ ତାର ଶୋଇବା ଘରକୁ ଯାଇ ସବନମ୍ କୁ ଫୋନ କରି ସବୁ କଥା ଜଣାଇଲା । ସବନମ୍ ମଧ୍ୟ ତାଙ୍କ ଗାଁ ଲୋକ ରାଗିକି ଅଛନ୍ତି ବୋଲି କୁହେ ।

- ତେବେ ଆମେ କଣ କରିବା ବରକୋଳି ? ଘରଛାଡି ଚାଲିଯିବା ? ପଚାରିଲା ସୁବ୍ରତ ।

- ଦେଖ ତୁମ ପରିବାର ପ୍ରଥମେ ଏବଂ ମୁଁ ଦ୍ୱିତୀୟରେ ତେଣୁ କିଛି ଦିନ ଅପେକ୍ଷା କର ଦୁଇ ଗାଁରେ ଶାନ୍ତି ସୁଧାର ଆସିଲେ ସବୁ କିଛି ସମ୍ଭବ ହେବ ।

- ହେଲେ ମୋତେ କାହିଁ କିଛି ଠିକ୍ ଲାଗୁନି ବରକୋଳି । ହେଲେ ତା ଆଗରୁ ଆମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋର୍ଟ ମ୍ୟାରେଜ୍ କରିନେବା ? ଯାହା ଫଳରେ ଆମ ଦୁଇଜଣଙ୍କ ପରିବାର ନିଶ୍ଚୟ ରାଜି ହୋଇଯିବେ ।

- ଠିକ୍ ଅଛି ।

ତା ପରଦିନ ସକାଳେ ସୁବ୍ରତ ଓ ସବନମ୍ କୌଣସି କାମର ବାହାନା କରି ଘରେ ମିଛ କହି ଆସି କୋର୍ଟ ମ୍ୟାରେଜ କରି ଦିଅନ୍ତି । ଏ ଘଟଣା କାହାକୁ ନ ଜଣାଇବା ପାଇଁ ସୁବ୍ରତ କହିଦିଏ । ଏବଂ ତାକୁ ପ୍ରତିଦିନ ଏକ କୋଠା ନିକଟକୁ ଆସିବାକୁ କୁହେ । ଯେଉଁଠାକୁ ହିନ୍ଦୁ କି ମୁସଲମାନ କୌଣସି ଲୋକ ଯିବା ଆସିବା କରନ୍ତି ନାହିଁ । ଯାହା ଫଳରେ ଦୁହେଁ ନିସଙ୍କୋଚରେ କଥା ହୋଇପାରିବେ । ସୁବ୍ରତ ସବନମ୍‌କୁ ଯେଉଁ କୋଠାକୁ ଆସିବାକୁ କହିଥିଲା ସେଇ କୋଠାଟି ଦୁଇଟି ଗାଁର ମଝିରେ ଥିବା ଏକ ୫ ମହଲା କୋଠା ଥିଲା । ଯେଉଁଟା କେବେଠୁ ପରିତ୍ୟକ୍ତ ହୋଇପଡ଼ିଥିଲା । ସୁବ୍ରତ ଓ ସବନମ୍ ଦୁହେଁ ଡର ଭୟ ଛାଡ଼ି ସେଇ ଘରର ଛାତ ଉପରେ ଘଣ୍ଟା ଘଣ୍ଟା ଧରି କଥା ହୁଅନ୍ତି ଓ ନିଜ ଭବିଷ୍ୟତ ବିଷୟରେ ଭାବିବାକୁ ଲାଗନ୍ତି ।

ଦୁର୍ଭାଗ୍ୟବଶତଃ ଗୋଟେ ଦିନ ଏମାନଙ୍କ କଥା ହୋଇ ସେ କୋଠାରୁ ବାହାରୁଥିବାର ଦୃଶ୍ୟ ଏକ ଦୁଷ୍ଟ ପ୍ରକୃତିର ଲୋକ ଦେଖିଦିଏ । ସେଇ ଦୁଷ୍ଟଲୋକଟି ଯାଇ ଗାଁରେ କେତେଜଣଙ୍କୁ ଜଣାଇ ଦିଏ । ତୁଣ୍ଡ ବାଇଦ ସହସ୍ର କୋଶ ଭଳି ସୁବ୍ରତ ଓ ସବନମ୍ ଙ୍କ ପ୍ରେମ କାହାଣୀ ଦୁଇଟି ଗାଁର ସବୁ ଲୋକ ଜାଣିଦିଅନ୍ତି । ଏକଥା ଯାଇ ସୁବ୍ରତ ଓ ସବନମ୍‌ଙ୍କ ବାପାଙ୍କ କାନରେ ପଡେ । ସବନମ୍ ଘରେ ପହଞ୍ଚୁ ପହଞ୍ଚୁ ତାର ବାପା ତା ଚୁଟି ଟାଣି ଏକ ଘରେ ବନ୍ଦ କରି ଦିଅନ୍ତି । ସେପଟେ ସୁବ୍ରତର ବାପା ସୁବ୍ରତକୁ ବହୁତ୍ ମାଡ଼ ଗାଳି ଦିଅନ୍ତି । ଓ ସୁବ୍ରତକୁ ଅନେକ କଥା କୁହନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ବ୍ରାହ୍ମଣ ଘର ପୁଅ ବାହା ହେବ ମୁସଲମାନ ଝିଅକୁ ଅସମ୍ଭବ । ସୁବ୍ରତର ଜେଜେ କହିଲେ ।

- ତୁ ମୋର ମାନ ସମ୍ମାନ ସବୁ ତଳେ ପକାଇଲୁ । ତୁ କି ମୋ ଯୋଗ୍ୟ ପୁଅ ? ସୁବ୍ରତର ବାପା କୁହନ୍ତି ।

- ଆମେ ଯାହା କରିବୁ ତୋ ମଙ୍ଗଳ ପାଇଁ । ତୁ ସାରା ଜୀବନ ହସିବୁ ଓ ଖୁସିରେ ରହିବୁ । ସୁବ୍ରତ ବୋଉ କାନ୍ଦି କାନ୍ଦି କହୁଥିଲେ ।

- ସବନମ୍ ବିନା ମୋର କିଛି ଖୁସି ନାହିଁ ବୋଉ.. !

ଦୂରରୁ ଜଣେ ଲୋକ ଧଇଁ ସଇଁ ହୋଇ ଆସି କହିଲା, "ମୁସଲମାନ ମାନେ ଆସୁଛନ୍ତି ଆଉ ହାତରେ ଅଛି ଖଣ୍ଡା..... ! ଏପଟେ ଗାଁଲୋକ ମଧ୍ୟ ବାଡ଼ିଧରି ରାସ୍ତାରେ ରୁଣ୍ଡ ହୋଇଗଲେଣି । ଆପଣଙ୍କୁ ଜଲ୍‌ଦୀ ଯିବାକୁ ପଡିବ ।

ସବନମ୍ ର ବାପାଙ୍କୁ ଦେଖି ସୁବ୍ରତ କହିଲା ।

- ଆମର ବିବାହ ହୋଇ ସାରିଛି ଏଥର କଣ କରିବା କଥା କରନ୍ତୁ ।

- ବିବାହ ?

- ହଁ । କହି ଘର ଭିତରୁ ମ୍ୟାରେଜ ସାର୍ଟିଫିକେଟ ଆଣି ବଢେଇ ଦିଏ ସବନମ୍ ର ବାପାଙ୍କ ହାତକୁ ।

- ସାର୍ଟିଫିକେଟ ଟି ଦେଖୁ କ୍ରୋଧରେ ଚିରି ଦିଅନ୍ତି ସବନମ୍ ର ବାପା । ଏ ସାର୍ଟିଫିକେଟ ନୁହେଁ ତୁ ଯଦି ଚାହିଁବୁ ଗୋଟେ ସର୍ତ୍ତ ଅଛି, ତା'ହେଲେ ଯାଇ ତୁ ସବନମ୍ କୁ ପାଇବୁ ।

- ସବନମ୍ ପାଇଁ ମୁଁ କିଛି ବି କରିପାରିବି.. ! ଏବେ ସର୍ତ୍ତଟି କୁହନ୍ତୁ ।

- ତୁ ଆମ ମୁସଲମାନ ଧର୍ମ ଗ୍ରହଣ କର । ଆଉ ସେଠାରେ ମନ୍ଦିର ବଦଳରେ ମସଜିଦ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଗାଁ ଲୋକଙ୍କୁ ରାଜି କର ।

- ସୁବ୍ରତ ଏ କଥା ଶୁଣି ତା ବାପାଙ୍କ ନିକଟକୁ ଅନେଇ ନିରୁତ୍ତର ରହିଲା ।

- ନା ଚାଲିଯାଅ ଏଠୁ । ଆମ ପୁଅର ଦରକାର ନାହିଁ ତୁମ ସବନମ୍ । ସୁବ୍ରତର ବାପା କୁହନ୍ତି ।

- ଶୁଣ, ମୋ ଝିଅକୁ ପୁରାପୁରି ଛାଡ଼ିଦେ । ନହେଲେ ଅବସ୍ଥା ଖରାପ୍ ହେବ କହିଦେଉଛି । କହି ଚାଲି ଯାଆନ୍ତି ସବନମ୍ ର ବାପା ।

ସୁବ୍ରତର ଘରେ ସମସ୍ତେ ମନଦୁଃଖରେ ବସି ଥାଆନ୍ତି । ଏହି ସମୟରେ ସୁବ୍ରତ ସବନମର ଜଣେ ସାଙ୍ଗକୁ ଫୋନ କରି ସବନମ୍‌କୁ ସେଇ କୋଠି ନିକଟକୁ ଆସିବା ପାଇଁ କୁହେ । ସେ ଝିଅଟି ଯେହେତୁ ସବନମ୍ ଘର ପାଖର ତେଣୁ ନିଃସନ୍ଦେହରେ ତାକୁ ଘର ଭିତରକୁ ଡ଼ାକି ଆଣନ୍ତି ସବନମ୍ ର ବାପା । ସେ ଝିଅଟି ସବନମ୍ କୁ ସୁବ୍ରତ ବିଷୟରେ କୁହେ । ରାତିରେ ସମସ୍ତେ ଶୋଇ ସାରିଲା ପରେ ସବନମ୍ ସେଇ କୋଠି ନିକଟକୁ ଆସି ସୁବ୍ରତକୁ ପଛ ଆଡ଼ୁ କୁଣ୍ଢେଇ ଧରି କାନ୍ଦେ ।

- ଏ ତୁମ ଶେଷ କାନ୍ଦ ସବନମ୍ । ଆମେ ଦୁହେଁ ଆଜି ଚାଲିଯିବା ଗୋଟେ ନିର୍ଦ୍ଦିଷ୍ଟ ଜାଗାକୁ, ସେଠି ନା କିଏ ଆମର କ୍ଷତି କରିବାକୁ ଥିବେ... !

- ସୁବ୍ରତ ମୁଁ ବହୁତ୍ ଖୁସି । ଆମେ ଏଇ ଦିନକୁ କେତେ ନା ଅପେକ୍ଷା କରିଥିଲେ । ମୁଁ ବିଶ୍ୱାସ କରି ପାରୁନି ଏ ଖୁସିର ସମୟ ଆସିଯାଇଛି.. ! ଆଜି ଆମେ ଆମ ପରିବାର, ସମାଜ ଓ ଧର୍ମ ସହ ଲଢି ବିଜେତା ହେଇଛେ, ଆମ ପ୍ରେମ ବି ବିଜେତା ହୋଇଛି ।" ସବନମ୍ ସୁବ୍ରତର ହାତକୁ ଧରି କୁହେ ।

- ହଁ ସବନମ୍ ଆମେ ସବୁଦିନ ପାଇଁ ଏକାଠି ହୋଇଯିବା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ସୁବ୍ରତ ଆମ ପ୍ରଥମ ଦେଖା ତୁମର ମନେ ପଡୁଛି ?

- ହଁ, ମୁଁ ସେଦିନ ସ୍କୁଲ୍ କୁ ବରକୋଳି ନେଇଥିଲି । ଆଉ ତୁମେ ସେଇ ବରକୋଳି ଲୋଭରେ ପଡ଼ି ମୋତେ ହାତ ଦେଖାଇ ମାଗିଥିଲ । ସେଇ ହାତ ଏବେ ତୁମେ ନିଜ ହାତରେ ଧରିଛ ।

- ହାଃ ହାଃ ମୁଁ ତୁମ ବରକୋଳି ପ୍ରେମରେ ପଡ଼ିଯାଇଥିଲି ।

- କିନ୍ତୁ ସବନମ୍, ମୁଁ ତୁମ ପ୍ରେମରେ... !

ଦୁହେଁ ପରସ୍ପରକୁ ଚାହିଁ ବହୁତ୍ ସମୟ ହସିଲେ ।

- ଏବେ ସମୟ ହେଇଗଲାଣି । କଣ ତୁମେ ରାଜି ଏହି ସମ୍ପର୍କରେ ସବୁଦିନ ରହିବା ପାଇଁ ? ସୁବ୍ରତ ପଚାରେ ।

- କୁବୁଲ୍ ହେ ସବନମ୍ କୁହେ ସୁବ୍ରତକୁ ଥରେ ଚାହିଁ ଦେଇ ।

ସୁବ୍ରତ ହସି ହସି ସବନମ୍ ହାତକୁ ଜାବୁଡ଼ି ଧରେ ଏବଂ ସେଇ ୫ ମହଲା କୋଠା ଉପରୁ ତଳକୁ ଡେଇଁପଡେ । ସେତେବେଳେ ମଧ୍ୟ ଦୁହେଁ ଦୁହିଁଙ୍କ ହାତକୁ ଜାବୁଡ଼ି ଧରି ଥାଆନ୍ତି । ଏହାପରେ ସେମାନେ ସବୁଦିନ ପାଇଁ ଏକ ଜାଗାରେ ଏକାଠି ହେଇଗଲେ ଯାହାକୁ ହିନ୍ଦୁ ମାନେ 'ସ୍ୱର୍ଗ' ଓ ମୁସଲମାନ ମାନେ 'ଜନ୍ନତ' କୁହନ୍ତି । କିନ୍ତୁ ସେଠାରେ ଏହାର କୌଣସି ନାମ ନଥିଲା ।

'କୁବୁଲ୍ ହେ' ସୁବ୍ରତ ସବନମ୍ ର ପ୍ରତି ଉତ୍ତର ଦେଲା । ଏବଂ ଦୁହେଁ ଯାତ୍ରା ଆରମ୍ଭ କଲେ, ଯେଉଁ ଯାତ୍ରାର ଶେଷ ନଥିଲା । ସମାଜ ସିନା ଧର୍ମର ପାଚେରୀ ଠିଆ କରିଛି, କିନ୍ତୁ ସେମାନଙ୍କ ପ୍ରେମ ସେଇ ଧର୍ମର ପାଚେରୀ କି ଭାଙ୍ଗି ଦେଇଛି ।

ଜଗନ୍ନାଥପୁର, ଗୋବିନ୍ଦପୁର, କଣ୍ଟାପଡ଼ା, କଟକ-୭୫୪୦୦୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖରାପ ସ୍ୱପ୍ନ



ରାଜେଶ କୁମାର ବାରିକ

ସନ୍ଧ୍ୟାର ସମୟ ଥାଏ ଆକାଶରେ ଚୁନା ଚୁନା ତାରା ସାଙ୍ଗକୁ ଶିତଳ ପବନ ବୋହୁଥାଏ । ସତେ ଯେମିତି ଝଡ ପରର ଆକାଶ ର୍ନିମଳ ଅନ୍ଧାରୁଆ । ବେସ୍ କିଛି ଦିନର ନୀରବତା ପରେ ଚୁପଚାପ୍ ଛାତ ଉପରେ ପାଖାପାଖି ବସିଥାଉ ପରି ଆଉ ମୁଁ । ନୀରବର ନିଶ୍ଚିହ୍ନତା ଭିତରେ ଦୂର ଦିଗନ୍ତଟା ଯେମିତି ଆକାଶରେ ମିଳେଇ ଯାଇଛି । ଯେମିତି ସମୟର ସ୍ୱରରେ ବଦଳି ଯାଇଛି ଦେହର ବୟସ, ମୁହଁର ଭୃଲତା, ଆଖିର କଜଳ ଆଉ ରାସ୍ତାର ଇତିହାସ । ବହିର ଭିତରଟା ସତେଜ ଥିଲେବି ଚିରିଯାଇଛି ମଲାଟ । ଦର ଦାମ କସିବ କିଏ ନା ଭିତରର ପାଠକୁ ପଢିବ କିଏ ? ସତରେ ଏମିତି କାହିଁକି ହୁଏ ,କିଛି ବି ବୁଝାପଡେନି ମନ ସିନା ଭୁଲି ଯାଏ କିନ୍ତୁ ଛାତିରେ ଲାଖିହୋଇ ରହିଯାଏ.... ସାରା ଜୀବନ  । କିନ୍ତୁ ତୁମେ କୁହ ଭୁଲ୍ ମୋର ରହିଲା କେଉଁଠି  ?

ନା... ନା... ସବୁ ଭୁଲ ତ ମୋର ତୁମକୁ ଭଲପାଇବା ! ଆଉ ବାପାଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ତୁମକୁ ବିବାହ କରିବା । ବାପା ମୋପାଇଁ କେତେ ଭଲ ଭଲ ପ୍ରସ୍ତାବ ଠିକ୍ କରିଥିଲେ କିନ୍ତୁ ତୁମର ଏଇ ଭୋଳା ମୁହଁଟାକୁ ଦେଖି ପଳାଇ ଆସିଥିଲି ହେଲେ କଣ ହେଲା ? ନା ରହିଲା ସ୍ୱପ୍ନ ନା ରହିଲା ବାସ୍ତବତା, ମାନୁଛି ତୁମେ ତୁମର ସବୁ ଶକ୍ତି ଲଗାଇଛ ଆମ ସ୍ୱପ୍ନ ପୁରା କରିବାକୁ । ଖାଲି ଏଇଥି ପାଇଁ ତ ତୁମ ପ୍ରେମର ପରସରେ ଆଜକୁ ୨୫ବର୍ଷ ହେବ ବିତାଇ ସାରିଲିଣି ତୁମ ସହ । ଖାଲି ମା ଏତିକି କହୁଛି ତୁମେ ଯେଉଁ ସ୍ୱପ୍ନ କଥା କହୁଛନା ତାକୁ ଭୁଲିଯାଅ । ପିଲାମାନଙ୍କ ସ୍ୱପ୍ନ ପିଲା ମାନଙ୍କୁ ଦେଖିବାକୁ ଦିଅ । ଦେଖିବ ସମସ୍ତେ ଠିକ୍ ହୋଇଯିବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷ ଠକିଲେ ଶିଖେ ଆଉ ଅଭିଜ୍ଞତା ଜୀବନର ମୋଡ ବଦଳାଏ ! ତୁମେ କୁହ ମୋର ଅଭିଜ୍ଞତା କଣ କିଛି କାମକୁ ନୁହେଁ ? ବାପା ମୁଁ ତାଙ୍କର ସବୁ ଭଲ ମନ୍ଦ ବାଛ ବିଚାରି ଭାବିବା ଜଦି ଭୁଲ ମୁଁ ଭୁଲ୍ କରିଛି ! ବାପା ମାଁ ଙ୍କର ସ୍ୱପ୍ନ ଜଦି ତାଙ୍କ ପିଲାମାନେ ପୁରା କରିବେନି ତ କରିବ କିଏ ? ଆଖିର କଜଳ ପରି ଛାତିରେ ଜାକି କେତେ ଯତ୍ନରେ ବଡକଲି ଭାବିଥିଲି ବଡ ହୋଇ ମୋର ସବୁ ଆଶା ସ୍ୱପ୍ନ ପୁରା କରିବ କିନ୍ତୁ ହେଲେ ତୁମରି ପାଇଁ ପିଲାଟା ଖରାପ ହୋଇ ଯାଇଛି ।

ଜାଣିଛ ! ନୋକିଆ ୧୨୦୦ ମଡେଲ୍ ଚେଞ୍ଜ୍ ହୋଇ ୧୨୦୮ ଆସିବାକୁ ପୁରା ୫ବର୍ଷ ଲାଗିଯାଇଥିଲା । କିନ୍ତୁ ଏବେ ପ୍ରତ୍ୟକ ଦିନ ୨ରୁ ୩ଟା ମୋଡେଲ ମାର୍କେଟ୍ କୁ ଆସୁଛି, ଥରେ ଆସି ଦେଖ ବାହାର ଦୁନିଆକୁ ଦେଖ କେତେ ଡେଭଲପ୍ କଲାଣି ? ଆଜିର ସମୟରେ ସମୟ ସହ ନ ଦୌଡ଼ିଲେ ପଛରେ ପଡିଯିବ ସିନା ଆଗକୁ ଆସିପାରିବନି । ତୁମେ କଣ ଚାହୁଁଛ ଆମ ପିଲା ଗାଁ ସ୍କୁଲ୍ ରେ ଗୋଟେ କିରାଣୀ ହୋଇ ରହିଯାଉ ! ଯାହା ତୁମ ଅଧୁରା ସ୍ୱପ୍ନ ? ନିଜର ସ୍ୱାଧୀକାର କୁ ପିଲା ମାନଙ୍କ ଉପରେ ଲଦିଦେବା ଅପେକ୍ଷା ଥରେ ଛାଡିଦିଅ ତାଙ୍କ ନିଜର ସ୍ୱପ୍ନ ପୁରା କରିବାକୁ । ଗୋଡରେ ରଶି ବାନ୍ଧି । ଦେଖିବ ଆକାଶର ଚାନ୍ଦ ହୋଇ ସବୁଦିନ ଝଲସୁଥିବ ।

ମୁଁ କିଛି କହିବା ଆଗରୁ ମୁହଁକୁ ହାତ ଦେଇଦେଲା ପରି , କହିଲା... ମୁଁ ତୁମର ସ୍ତ୍ରୀ ଆଜିବି ତୁମକୁ ଆଗଭଳି ଭଲ ପାଉଛି ପ୍ଲିଜ୍ ଆମର ସେଇ ଅଧୁରା ସ୍ୱପ୍ନକୁ ଖରାପ ସ୍ୱପ୍ନ ଭାବି ଭୁଲିଯାଅ । ପିଲା ମାନଙ୍କୁ ତାଙ୍କ ସ୍ୱପ୍ନ ପୁରା କରିବାକୁ ଦିଅ ପ୍ଲିଜ୍....... ପାଖରୁ ଆହୁରି ପାଖକୁ ଆସି ମୋ କାନ୍ଧ ଉପରେ ଶୋଇ ପଡିଲା । କିନ୍ତୁ ମୁଁ ନୀରବ ଆକାଶରେ ଚାନ୍ଦ ଆଉ ମୋ ପାଖରେ ମୋ ଚାନ୍ଦିନୀ କୁ ନେଇ ଭାବନା ରାଇଜରେ ବୁଡିଗଲି... ।

ଦେବେନ୍ଦ୍ର ପୁର,ଅଭଣା,ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଆରା ଦେଶଭକ୍ତି



ସୁଷମା ପରିଜା

ରାତି ପ୍ରାୟ ଗୋଟାଏ ବାଜିବ । କାନନବିହାର ଫେଜ୍ ଥ୍ରୀ ଇଲାକାର ଶେଷମୁଣ୍ଡରେ ଥିବା ତ୍ରିତଳ ଆପାର୍ଟମେଣ୍ଟର ପଛପଟ ପାଚେରୀ ଡେଇଁ ସେଇ ପାଖରେ ଥିବା ଗହଳିଆ ବୁଦାମୂଳେ ଟିକିଏ ବସି ପଡିଲା ଭରତ । ସତର୍କତା ବଶତଃ ଚାରିଆଡେ ଆଖି ବୁଲେଇ ଆଣିଲା, ସବୁଆଡେ ଶୂନ୍‌ଶାନ୍ । ଏବେ ଗଭୀର ନିଦ୍ରାରେ ଥିବେ ସମସ୍ତେ । ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡ ମଧ୍ୟ ଢୋଳେଇ ପଡିଥିବ । ଏଇ ହେଉଛି ପ୍ରକୃଷ୍ଟ ସମୟ, ଚୁପ୍‌ଚାପ୍ ନିଜ କାମ ପାରିଦେଇ ଫେରିଯିବ ସେ । ଭରତ ପିଲାଟି ଦିନରୁ ମାଆ ଛେଉଣ୍ଡ ଥିଲା, ବାପା ମରିଗଲା ପରେ ଗାଆଁରେ ରହି ମାଟ୍ରିକ୍ ପାସ୍ କରିଥିଲା କଷ୍ଟେ ମଷ୍ଟେ, ଆଗକୁ ପଢିବା ପାଇଁ ଖୁବ୍ ଇଚ୍ଛା ହେଉଥିଲେ ମଧ୍ୟ ସମ୍ବଳ ନଥିଲା । ଚାକିରୀ କରିବ ବୋଲି ଆସିଥିଲା ରାଜଧାନୀକୁ । ରାଜଧାନୀରେ ଆସି ତିନିବର୍ଷକାଳ ହେଲା ରହିବା ଦିନୁଁ ବହୁତ ଚେଷ୍ଟା କରିଥିଲା କିଛି କାମଧନ୍ଦା କରି ଜୀବିକା ନିର୍ବାହ କରିବା ଲାଗି । ହେଲେ ସବୁଆଡୁ ନିରାଶ ହୋଇ ଭୋକଶୋଷରେ ଆଉଟୁ ପାଉଟୁ ହୋଇ ବୁଲୁଥିଲା ବେଳେ ସାକ୍ଷାତ ହୋଇଥିଲା ତା'ରି ବୟସର ଧନେଶ୍ୱର ସହିତ, ଯିଏ ଛୋଟ ମୋଟ ଚୋରି କରି ଚଳୁଥିଲା । ଭରତର ହାଲ ହରକତ ଦେଖି ଦୟାପରବଶ ହୋଇ ସିଏ ତା' ପଲାରେ ଆଶ୍ରା ଦେଲା ଭରତକୁ । ସାଥିରେ ନେଇ ଖୁଆଇ ପିଆଇ ରଖିଲା ଆଉ ଚୋରି କରିବାର କାଇଦା ଶିଖେଇଲା । ଏବେ ଚୋରି କରିବା ତା'ର ନିଶା ଆଉ ପେଶା । ରାତି ହେଲେ ନିଜ ପଲାରୁ ବାହାରି ପଡେ ଭରତ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡବଡ ଘର ଦେଖି ଯେଉଁଠି ସୁବିଧା ମିଳେ ସେଠି ଚୋରି କରେ, ଦୁଇ ଜଣ ମିଶି ଚୋରି ସାମାନ ସବୁ ଠିକଣା ଯାଗାରେ ଦିଅନ୍ତି ଆଉ ଦିନସାରା ପଲା ଭିତରେ ଶୋଇ ରୁହନ୍ତି । ବେଳେବେଳେ ଭରତର ମନେ ପଡେ ବାପା କଥା । ପର ଘରେ ମୂଲ ଲାଗି ଚଳୁଥିଲା ହେଲେ ଅନ୍ୟର ଧନକୁ କେବେ ଲୋଭ କରୁନଥିଲା । ସବୁବେଳେ କହୁଥିଲା, ମୋ ପୁଅ ମୋ ଭଳି ମୂଲିଆ ହେବ ନାହିଁ, ପାଠପଢି ବଡବାବୁ ହେବ । ଭରତକୁ କେତେ ଶିଖେଇ ଥିଲା ବାପରେ ! ଭଲ ମଣିଷ ହେବୁ, ବଡ ହୋଇ ମୋ ନାଆଁ ରଖିବୁ । ହେଲେ ହେଲା କ'ଣ ?ହେଃ ! କାହିଁକି ଆଜି ଆଉ ସେକଥା ଭାବୁଛି, ଯାହା ହେବାର ଥିଲା ହୋଇଛି କହି ମୁଣ୍ଡଝାଡି ଦେଇ ଉଠିଲା ଭରତ ।

ଆଜି ତିନିଟିଘରୁ ଚୋରି କରି ସାରିବା ପରେ ଭରତ ଚତୁର୍ଥ ଘରେ ପହଞ୍ଚିଲା । ପାଇପ ଧରି ଚଢି ଚଢି ତିନି ମହଲା ଉପରେ ଥିବା ଘରଟିରେ ଝରକାର ରେଲିଂ ଭାଙ୍ଗି ପଶିଥିଲା ସେ । ବୋଧହୁଏ ସେଇଟି ବେଡ଼ରୁମ୍ ଥିଲା । ଘରର ପାରିପାର୍ଶ୍ୱିକ ପରିସ୍ଥିତି ଦେଖି ମନେ ହେଉଥିଲା ଘରେ କେହି ନାହାଁନ୍ତି ବୋଲି । ସୁନ୍ଦର ସୁବ୍ୟବସ୍ଥିତ ଥିଲା ଘରଟି । ଘରେ ଥିବା ଷ୍ଟିଲ୍‌ର ଆଲମୀରା ଚାବିଟି ପାଇବା ପାଇଁ ଖଟରେ ପଡିଥିବା ଗଦି ତଳ, ଡ୍ରେସିଂ ଟେବୁଲର ଡ୍ରୟାର୍, କାନ୍ଥ ଆଲମୀରା ଖୋଲି ତନ୍ନତନ୍ନ କରି ଖୋଜି ପକାଇଲା ସେ । କୋଉଠି ହେଲେ ମିଳିଲାନି ଚାବି । ନିଜ ପକେଟ୍‌ରେ ରଖିଥିବା ଚାବି ଖୋଲାଯନ୍ତ୍ର (ପେଚକସ୍)କୁ ହାତ ମାରିଲା ବେଳକୁ ସେଇଟା ବି ନାହିଁ, ଦୁର୍ଭାଗ୍ୟବଶତଃ ସେଇଟା କେମିତି କୋଉଠି ଗଳି ପଡିଛି ବୋଧହୁଏ । କିଛି ଗୋଟାଏ ମୁନିଆଁ ଜିନିଷ ଖୋଜିବାକୁ ଆରପଟ ଘରକୁ ପଶିଲା ଭରତ । ସେଇଟି ବୋଧହୁଏ ଲିଭିଂ ରୁମ୍ କମ୍ ଡ୍ରଇଁରୁମ୍ । ସୁନ୍ଦର ସେଣ୍ଟର୍ ଟେବୁଲ୍ ଟିଏ ପଡିଛି, ତା' ପାଖକୁ ସୋଫା କମ୍ ବେଡ୍, ସାଇଡ଼ରେ ରଖାଯାଇଛି ୱାର୍ଡ ରୋବ୍‌ଟିଏ । ୱାର୍ଡରୋବରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଲାପଡି ନଥିବା ଭଳି ମନେ ହେଲା ତା'ର । ଅନ୍ଧାର ଭିତରେ ଅଣ୍ଡାଳି ଅଣ୍ଡାଳି ଖୋଲିଲା ସେଇଟିକୁ । ହଳହଳ ହୋଇ ପୋଷାକପତ୍ର ସବୁ ଝୁଲୁଥିଲା ସେଥିରେ, ହାତ ମାରିବା ବେଳକୁ ଧାତବ ଜିନିଷଟିଏ ବାଜିଲା ହାତରେ, କିଛି ଦାମୀ ଜିନିଷ ହୋଇଥିବ ବୋଲି ଭାବି ପକେଟରୁ ଛୋଟିଆ ଟର୍ଚ୍ଚଟେ ବାହାର କରି ୱାର୍ଡରୋବ୍ ଭିତରକୁ ପକାଇଲା ଭରତ । ଆଖି ଦୁଇଟା ବିସ୍ଫାରିତ ହୋଇଗଲା ତା'ର, ସାମନାରେ ଝୁଲୁଥିଲା ହଳେ ସେନା ପୋଷାକ, ସେଥିରେ ଥିବା ସାର୍ଟରେ ଲାଗିଥିଲା ଧାଡି ଧାଡି ହୋଇ ପିତ୍ତଳର ସେନା ପଦକ ସବୁ, ସାଇଡ୍‌ଥାକରେ ଥିଲା ଅଶୋକସ୍ତମ୍ଭ ଶୋଭିତ ସୈନିକ ଟୋପିଟିଏ, ହାତପାଦ ଥରିଉଠିଲା ତା'ର । ପଡ଼ି ଯାଉ ଯାଉ ପାଖ ସୋଫାକୁ ଧରି ପକାଇ ତା'ଉପରେ ବସିପଡିଲା ସିଏ, ହାତରେ ଧରିଥିବା ଟର୍ଚ୍ଚ ଲାଇଟ୍ ପଡିଲା କୋଣରେ ପଡିଥିବା ଛୋଟ ଟେବୁଲ୍ ଉପରେ, ସେଠାରେ ଥିଲା ସେନା ପୋଷାକ ପରିହିତ ଜଣେ ମଧ୍ୟବୟସ୍କ ଲୋକଙ୍କର ହସ ହସ ମୁହଁର ଫଟୋ । ଫଟୋରେ ଜାତୀୟ ପତାକାକୁ ସାଲ୍ୟୁଟ୍ କରୁଥିଲେ ସେନାବାହିନୀର ସେଇ ଅଫିସର ଜଣକ । ଭରତ ହାତରୁ ଟର୍ଚ୍ଚ ଲାଇଟ୍‌ଟି ଖସି ପଡିଲା, କେଉଁ ଏକ ଭାବାବେଗରେ ସେ ଉଠି ଠିଆ ହୋଇ ପଡିଲା ଆଉ ଦୁଇହାତ ଯୋଡି ମୁଣ୍ଡ ଝୁଙ୍କାଇ ସେ ଠିଆ ହେଲା ଯାଇ ସେଇ ଫଟୋଟି ପାଖରେ ।

ତା'ର ଆପାଦମସ୍ତକ ଥରୁଥିଲା, ଆଖିରୁ ତା'ର ଝରି ପଡୁଥିଲା ଧାର ଧାର ଲୁହ, ସେ ସ୍ୱଗତୋକ୍ତି କଲା ଭଳି କହୁଥିଲା, "ହେ ମହାମାନବ ! ମୁଁ କେତେ ବଡ ଭୁଲ୍ କରିବାକୁ ଯାଉଥିଲି, ତୁମେ ମୋ ଦେଶ ମାଆଙ୍କୁ ଜଗିଛ, କାଳେ କେଉଁ ବାହାର ଶତ୍ରୁ ଆସି ଆମକୁ ଆକ୍ରମଣ କରିବ ବୋଲି ତୁମେ ନିଜର ଭୋକ ଶୋଷ ନିଦ ସୁଖ ସବୁ ତ୍ୟାଗକରି ସୀମାନ୍ତରେ ଜଗିରହୁଛ, ଆମପାଇଁ ଦରକାର ବେଳେ ହସି ହସିଜୀବନ ଦେବାକୁ ମଧ୍ୟ କୁଣ୍ଠାବୋଧ କରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ, ଆଉ ମୁଁ ଚଣ୍ଡାଳ ତୁମରି ଘରୁ ହିଁ ଚୋରି କରିବାକୁ ଆସିଛି ! ଧିକ୍ ! ଶତ ଧିକ୍ ମୋର ଜୀବନକୁ । ମୋତେ କ୍ଷମା କରିଦିଅ ହେ ମହାମାନବ ! ମୁଁ ମୁର୍ଖ, ଅଜ୍ଞାନୀ, ମୁଁ ମହାପାପୀ, ମୋର ଦୋଷ ଅପରାଧ କ୍ଷମା କରିଦିଅ । ଛାତିରୁ ହାବୁକା ହାବୁକା ହୋଇ କୋହ ଉଠି ଲୁହ ହୋଇ ବୋହି ଯାଉଥିଲା ଭରତ ଆଖିରୁ,  ସେ ଆଣ୍ଠୁମାଡ଼ି ମୁଣ୍ଡ ଝୁଙ୍କାଇ ବସି ରହିଥିଲା ସେଇ ଫଟୋ ସାମନାରେ କେତେ ସମୟ ଯାଏଁ । ହଠାତ୍ ଚେତନା ପଶିଲା ତା'ର, ଭୋର୍ ହୋଇ ଆସୁଛି, ଯଦି ସେ ଧରା ପଡିଯାଏ, ତେବେ ? ତା'ର ମନ ଅନୁତାପରେ ଭରି ଯାଉଥିଲା କିନ୍ତୁ ସେଠାରୁ ଚାଲି ଆସିବା ଛଡା ଆଉ କୌଣସି ଉପାୟ ନଥିଲା ତା' ପାଖରେ । ସେ ଉଠିଲା, ଖାଲି ହାତରେ ସେଇ ଘରୁ ଫେରିବା ପୂର୍ବରୁ ନିଜର ଭୁଲ୍ ସ୍ୱୀକାର କରି ଚିଠି ଖଣ୍ଡିଏ ଲେଖି ରଖି ଦେଇ ଆସିଲା ସେଇ ଫଟୋଟି ପାଖରେ  । ।

ଶାରଳା ଭବନ, ପୋତା ପୋଖରୀ, ନୂଆବଜାର, କଟକ

ଭ୍ରାମ୍ୟଭାଷ : ୯୩୩୭୭୭୭୬୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁଜ ସ୍ୱର୍ଗ



ବିନୟ ମହାପାତ୍ର

ଗାଆଁ ହାଇସ୍କୁଲରେ ଆଜି ପରେଶବାବୁଙ୍କର ଶେଷଦିନ ଥିଲା । ଦୀର୍ଘ ବତିଶ ବର୍ଷର ଶିକ୍ଷକତା ଜୀବନର ଅନ୍ତିମ ଦିନ । ନିଜ କାର୍ଯ୍ୟକାଳ ଶେଷ ଦିନଟିରେ ଗାଆଁର କିଛି ପୁରୁଖାଲୋକ ସ୍କୁଲର ଶିକ୍ଷକ ଏବଂ ଛାତ୍ରମାନେ ସମସ୍ତେ ମିଶି ତାଙ୍କ ବିଦାୟ ସମ୍ବର୍ଦ୍ଧନାପାଇଁ ସଭାଟିଏ କରିଥିଲେ । ସଭା ସରିଗଲା ପରେ ସମସ୍ତେ ଯିଏ ଜୁଆଡେ ଚାଲିଗଲେ । ସମସ୍ତଙ୍କଠାରୁ ବିଦାୟନେଇ ପରେଶବାବୁ ଘରମୁହାଁ ହେଲେ ତାଙ୍କର ସେହି ଚିରାଚରିତ ରାସ୍ତାରେ ।

ଆଜିବି ମନେପଡେ ସେଇ ପୁରୁଣା ଦିନର ସବୁ କଥା । ସେଦିନ ଯେତେବେଳେ ତାଙ୍କର ବି.ଏ ପାଶ୍ ଖବରଟା ତାଙ୍କର ଛୋଟିଆ ଗାଆଁଟିରେ ବଡଖବର ହୋଇ ପ୍ରଚାରିତ ହୋଇଗଲା, ସେତେବେଳେ ପରେଶବାବୁଙ୍କ ବାପା ଛାତିଫୁଲାଇ ଗର୍ବରେ ମୁଣ୍ଡ ଉଚ୍ଚାକରି ପରେଶ ବାବୁଙ୍କର ପିଠି ଥାପୁଡେଇ ଦେଇଥିଲେ । କହିଲେ, ପୁରୁ (ପରେଶକୁ ଘରଲୋକେ ପୁରୁ ବୋଲି ଡାକନ୍ତି) ତୁ ଏଇ ବଂଶର ନାଆଁ ଉଚ୍ଚାକରିଦେଲୁ । କୁଳର ମୂହଁ ଉଜ୍ଜ୍ୱଳ କରିଦେଲୁ । ସାତ ପୁରୁଷରୁ ଏଇ ଘରୁ, ଆରେ ଏଇ ଘରୁ କଣ, ଏଇ ଗାଆଁରୁବି କେହି କଲେଜ ଯାଇ ନଥିଲା, ହେଲେ ତୁ କଲେଜ ଗଲୁ ଆଉ ବିଏ ବି ପାଶକଲୁ । ଗର୍ବରେ ମୋ ଛାତି କୁଣ୍ଢମୋଟ ହୋଇଯାଉଛି । ସ୍ୱର୍ଗରେ ଥାଇ ଆମ ପୂର୍ବ ପୁରୁଷମାନେ କେତେ ଖୁସି ହେଉଥିବେ ଆଜି ।

ସେତେବେଳେ ଗାଆଁର ହାଇସ୍କୁଲ ନଥାଏ, ପିଲାଏ ପାଞ୍ଚ, ସାତ ମାଇଲ ଦୂରରେ ଥିବା ରାସୋଳ ହାଇସ୍କୁଲକୁ ପାଠ ପଢିବାକୁ ଯାଉଥିଲେ, ଯିବାଆସିବା ପାଇଁ ସେପରି ସୁବିଧା ବି

ଆହ୍ୱାନ ଇ-ପତ୍ରିକା




Magazine Downloaded from www.aahwaan.com

ନଥିଲା ସେ ସମୟରେ । ପିଲାମାନେ ଘରୁ ଡାଲି ଚାଉଳ ନେଇ ହାଇସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ । ଯେତେ ପିଲା ଗାଆଁ ମାଇନର ସ୍କୁଲରୁ ପାଶ କରୁଥିଲେ, ତାର ଦଶଭାଗରୁ ଭାଗେ ପିଲା ହାଇସ୍କୁଲ ଯାଇ ପାରୁଥିଲେ । ସମସ୍ତଙ୍କର ଆର୍ଥିକ ସୁବିଧା ଏତେ ଭଲ ନଥିଲା, ସେଇଠି ପିଲାଙ୍କୁ ହଷ୍ଟେଲରେ ରଖେଇ ପାଠ ପଢେଇବାକୁ । ଆଉ କଲେଜ ପାଠତ ବହୁତ ଦୂରର କଥା ଥିଲା । ସେ ସମୟରେ ପରେଶବାବୁ ତାଙ୍କ ଗାଆଁର ପ୍ରଥମ ଏବଂ ଏକମାତ୍ର ଗ୍ରାଜୁଏଟ ଥିଲେ ।

ଏହି ସମୟରେ ପରେଶ ବାବୁଙ୍କ ଗାଆଁର କିଛି ଜଣାଶୁଣା ବୁଢାବୁଢା ଲୋକ ମିଶି ଗାଆଁରେ ଶିକ୍ଷାସୁବିଧା ପାଇଁ ହାଇସ୍କୁଲଟିଏ କରିବାକୁ ଯୋଜନା କରୁଥିଲେ । ଗାଆଁଲୋକେ ମଧ୍ୟ ନିଜର ସାଧ୍ୟ ଅନୁସାରେ ଯିଏ ଯାହା ପାରିଲେ ଆର୍ଥିକ ଏବଂ ଶ୍ରମ ସହାୟତା କରିବାକୁ ଆଗେଇ ଆସିଲେ ଏବଂ ଏଇ ବର୍ଷ ସ୍କୁଲ ଆରମ୍ଭ କରିବାପାଇଁ ସ୍ଥିର ହୋଇଥିଲା । ସ୍କୁଲପାଇଁ ଗାଆମୁଣ୍ଡରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ତଳେ 10 ଏକର ସରକାରୀ ଜମିକୁ କଲେକ୍ଟରଙ୍କୁ କହି ସ୍କୁଲପାଇଁ ନିଆଯାଇଥିଲା । ହେଲେ ଏତେଶିଘ୍ର ଏତେଟଙ୍କା କେଉଁଠାରୁ ଆସିବ ଯେ ସ୍କୁଲପାଇଁ କୋଠାଘର ତିଆରି ହୋଇପାରିବ । ତେଣୁ ଗାଆଁବାଲା ସମସ୍ତେ ମିଶି କାଠଖୁଣ୍ଟ ପୋତି, ଚାରି ବଖରା ଚାଳଘର ଯେମିତି ସେମିତି କରି ତିଆରି କରିଦେଲେ, ମଝିରେ ଝାଟି ଲଗେଇ ପାର୍ଟିସନ କାନ୍ଥ ମଧ୍ୟ ହୋଇଗଲା । ପରେ ସୁବିଧା ଦେଖି ଧୀରେଧୀରେ ଝାଟିଉପରେ ମାଟିବୋଳି କାନ୍ଥ କରିଦିଆଯିବାର ପ୍ରସ୍ତାବ ହେଲା । ଯେପରି ହେଉ ଏଇବର୍ଷଠାରୁ କ୍ଲାସ ଆରମ୍ଭ କରିବାର ଯୋଜନା ପକ୍କା କରିଦିଆ ଯାଇଥିଲା । ପରେଶ ବାବୁଙ୍କର ଗ୍ରାଜୁଏଟ ହେବା ଖବରଟା ପାଇ ଗାଆଁର ସମସ୍ତେ ବହୁତ ଖୁସି ହୋଇଯାଇଥିଲେ । ସେଦିନ ସଂଧ୍ୟାରେ ନୁଆ ସ୍କୁଲର ମ୍ୟାନେଜିଂ କମିଟିର ପ୍ରାୟ ଦଶ ପନ୍ଦରଜଣ ସଭ୍ୟ ପରେଶବାବୁଙ୍କ ଘରକୁ ଆସି ହାଜର । ସମସ୍ତେ ମିଶି ପରେଶବାବୁଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ବସି ପରେଶଙ୍କୁ ସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ହେବାପାଇଁ ଅନୁରୋଧ କରିଥିଲେ କିନ୍ତୁ ପରେଶବାବୁ ବଡ ବିନମ୍ରତାର ସହିତ ପ୍ରଧାନଶିକ୍ଷକ ହେବାକୁ ମନା କରିଦେଇ କହିଲେ, ଆଜ୍ଞା, ମୁଁ ଏବେ ଏବେ କଲେଜରୁ ବାହାରିଲି, ସ୍କୁଲ ଚଳେଇବା ପାଇଁ ଯତିକି ଜ୍ଞାନ ଆଉ ଅଭିଜ୍ଞତା ଲୋଡା ସେପରି କାଣିଚାଏ ଯୋଗ୍ୟତା ବି ମୋର ନାହିଁ । ମୁଁ ପ୍ରଧାନଶିକ୍ଷକ ହେବାପାଇଁ ଯୋଗ୍ୟ ନୁହେଁ, କିନ୍ତୁ ସ୍କୁଲରେ ଶିକ୍ଷକଟିଏ ହୋଇ ପାରିଲେ ମୁଁ ନିଜକୁ ବଡ ଭାଗ୍ୟବାନ ମଣିବି । ଶେଷରେ ସ୍ଥିରକରାଗଲା ଯେ ଜଣେ ରିଟାୟର୍ଡ ଶିକ୍ଷକଙ୍କୁ ପ୍ରଧାନଶିକ୍ଷକ ପଦରେ ବର୍ଷକ ପାଇଁ ନିଯୁକ୍ତି ଦିଆଯିବ ଏବଂ ପରେଶବାବୁ ଆସିଷ୍ଟାଣ୍ଟ ହେଡମାଷ୍ଟ୍ରହୋଇ ବର୍ଷକ ଭିତରେ ସବୁ କାମ ଶିଖିଯିବେ ଏବଂ ଆରବର୍ଷଠାରୁ ନିଜେ ହେଡମାଷ୍ଟ୍ର କାମ ସମ୍ଭାଳି ନେବେ ।

ଆଜିବି ମନେପଡେ ପରେଶବାବୁଙ୍କର, ସେଇଦିନ ଆଉ ଆଜି ଭିତରେ କେତେ ଫରକ ଆସି ଯାଇଛି ସତେ । ଦୀର୍ଘ ବତିଶବର୍ଷ ଭିତରେ କେତେଯେ ପାଣି ବୋହିଯାଇଛି ନଈରେ, କେତେ ମେଘ ଭାସି ଯାଇଛନ୍ତି ଆକାଶରେ କେତେ ପୁରୁଣା ଲୋକ ଗୋଟି ଗୋଟି ହୋଇ ଚାଲିଗଲେ କେତେ ଶିଶୁ ଏଇଗାଆଁରେ ଜନ୍ମନେଲେ । ଏଇ ସ୍କୁଲରେ ପାଠପଢି ଜୀବନରେ ଆଗକୁ ମାଡି ଚାଲିଗଲେ । କିଛି ତ ଫେରନ୍ତି ଗାଆଁକୁ, ମଝିରେ ମଝିରେ ଦେଖା ହୋଇଯାଏ, ଆଉ କେତେ ପିଲା ପାଠଶାଠ ପଢି ବଡ ମଣିଷ ହୋଇଗଲେ, ଆଉ ଗାଆଁର ମାଟିକାଦୁଅ ଭରା ରାସ୍ତାକୁ ଫେରିବାକୁ ମନ ବଳାନ୍ତି ନାହିଁ । ପରେଶବାବୁ ଭାବନ୍ତି ସତରେ ତାଙ୍କ ପାଠ ପଢାରେ, ମାଆ ବାପାଙ୍କର ପାଳନ ପୋଷଣରେ ଅବା ନିଜ ଘର, ନିଜ ଗାଆଁ ପ୍ରତି ମମତା ଆଉ ସ୍ନେହ ଆଉ ଦାୟିତ୍ୱ ବିଷୟରେ ଶିଖାଇବାରେ କେଉଁଠି କିଛି ଦୋଷ ରହିଗଲା ? ନା ଗାଆଁ ମାଟି, ପାଣି ପବନରେ କିଛି କିଛି ତ୍ରୁଟି ରହିଗଲା ଯେ ପିଲାଏ ଏଇ ଗାଆଁ, ନିଜ ବାପାମାଆ, ନିଜ ଭିଟାମାଟିକୁ ଏତେ ସହଜରେ ଭୁଲିଗଲେ ?

ଆହ୍ୱାନ ଇ-ପତ୍ରିକା




Magazine Downloaded from www.aahwaan.com

ସ୍କୁଲଠାରୁ ଘର ଫେରିବା ରାସ୍ତାରେ ଆମ୍ବ ତୋଟାଟିଏ ପଡେ, ବହୁତ ବଡ ଆମ୍ବ ତୋଟାଟି, ବାଆଁ ପାଖରେ ଥିବା ମୁଣ୍ଡିଆ (ଛୋଟ ପାହାଡ) ପର୍ଯ୍ୟନ୍ତ ଲାଗିଛି । ଆଜିବି ମନେଅଛି, କିଛି ବର୍ଷ ପୂର୍ବରୁ ଏ ମୁଣ୍ଡିଆଟି ବର୍ଷସାରା ସବୁଜିମାରେ ଭରିରହୁଥିଲା । ଅନେକ ଗୁଡିଏ ବଡ ବଡ କରଞ୍ଜ, ଜାମୁ ଆମ୍ବ ଗଛ ଆଉ କେତେଜାତି ଜଙ୍ଗଲୀ ଗୁଳ୍ମଲତାରେ ଭରିରହି ଅତି ସୁନ୍ଦର ଦିଶୁଥିଲା । ହେଲେ ଆଜି ହତଶୀରି, ଟାଙ୍ଗରା ଶୁଷ୍କ ହୋଇ, ହଡାବଳଦପରି ତାର ଅସ୍ଥି କଙ୍କାଳସାର କଙ୍କରିତ ପିଠି ଦେଖେଇ ପଡିରହିଛି । ନାଲି ଗୋଡିପଥର ମିଶା ଏଇ ମୁଣ୍ଡିଆଟି ତାର ସବୁଜ ଚାଦର ହଜେଇ ଆଜି ରୁକ୍ଷ ମୁମୁର୍ଷୁ ମୁହଁକୁ ଦେଖେଇ ପଡିରହିଛି । ଅନେକ ଜାଗାରୁ ଲୋକେ, ମାଟି, ପଥର ଆଦି ଖୋଳିନେଇ ଖାଲଖମା ବି କରି ସାରିଲେଣି । ସତରେ ଆମେ ମଣିଷ କେତେ ନିର୍ଦ୍ଦୟ ! ଯେଉଁ ପ୍ରକୃତିମାଆ ଆମକୁ ଜୀବନ ଦେବାପାଇଁ ନିଜକୁ ସପୁର୍ଣ୍ଣରୂପେ ସମର୍ପିତ କରିଦେଇଛି, ଆମେ ତାର ବଦାନ୍ୟତାକୁ କେବେ ସମ୍ମାନ ଦେଇନୁ, ବରଂ ନିର୍ଦ୍ଦୟ ଭାବରେ ତାର ପ୍ରାଣ ଲୁଟିନେବାକୁ କେବେ କୁଣ୍ଠା ପ୍ରକାଶ କରୁନୁ । ପ୍ରକୃତିଠାରୁ ସବୁକିଛି ଛଡାଇ ନେବାକୁ ଆମେ କେତେ ବ୍ୟଗ୍ର, ସତେ ଯେପରି ପ୍ରକୃତି ଏତେ ସମ୍ପତ୍ତି ତା ନିଜପାଇଁ ସାଇତି ରଖିଛି । ଆମେ କେମିତି ଭୁଲିଯାଉଛୁ, ପ୍ରକୃତି ଯାହାବି ରଖିଛି ସବୁ କିଛି ଆମରି ପାଇଁ ସାଇତି ରଖିଛି । ତାର ପ୍ରତିଟି ବୁନ୍ଦା ପାଣି ସମଗ୍ର ଜୀବ ଜଗତର ତୃଷା ମେଣ୍ଟେଇବା ପାଇଁ, ପ୍ରତିଟି ଗଛର ପ୍ରତିଟି ପତ୍ର ସମଗ୍ର ଜୀବଜଗତର ପ୍ରାଣବାୟୁକୁ ଅଙ୍ଗାରକାମ୍ଳରୁ ଅକ୍ସିଜେନରେ ବଦଳେଇବା ପାଇଁ ରଖିଛି । ଆମେ ପ୍ରକୃତିକୁ ଧ୍ୱଂସକରି ପରୋକ୍ଷଭାବରେ ଆମ ଜୀବ ଜଗତକୁ ବିନାଶର ଖାଇ ଭିତରକୁ ଧକା ଦେଉନୁତ ? ପରେଶବାବୁଙ୍କର ଆଖି ଛଳଛଳ ହୋଇ ଆସୁଥିଲା ।

ସାଇକେଲରୁ ଓହ୍ଲେଇପଡି ବସିଗଲେ ଗୋଟାଏ ଗଛମୂଳରେ । ସଂଧ୍ୟା ପୂର୍ବର ସୂର୍ଯ୍ୟର କଅଁଳିଆ ନାଲି କିରଣ ବିଛାଡି ପଡିଥିଲା ଚାରିଦିଗରେ । ସୁଲୁସୁଲୁ ଥଣ୍ଡା ପବନରେ ତାଙ୍କର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଧା ଧଳା ଅଧା କଳା ବାଳସବୁ ଫୁରୁଫୁରୁ ଉଡୁଥାଏ, ସତେଅବା ପ୍ରକୃତି ମାଆ ବଡ ଶରଧାରେ ତାଙ୍କ ମୁଣ୍ଡକୁ ସାଉଁଳି ଦେଉଛି । ଆଜି ମଣିଷ, ମଣିଷ ଭିତରେ ଦେବତ୍ୱ ଖୋଜୁଛି କିନ୍ତୁ ନିଜଭିତରର ମଣିଷଟିକୁତ ମାରି ସାରିଛି । ମଲାମଣିଷ ଭିତରେ ଦେବତ୍ୱ ଆସିବ କେଉଁଠୁ ? ସମସ୍ତେ କେବଳ ନିଜ କଥା ହିଁ ଭାବୁଛନ୍ତି । ନିଜେ ବଞ୍ଚିବା ବଢିବା ପାଇଁ ସଂଘର୍ଷ କରୁଛନ୍ତି । ଅନ୍ୟକଥା ଭାବିବାକୁ ସମୟ କାଇଁ । ମଣିଷ କେତେ ଆତ୍ମକୈନ୍ଦ୍ରୀକ ହୋଇଯାଇଛି ସତେ ! ମଣିଷ ଭୁଲିଯାଉଛି ତାର ଏ ଜୀବନ ତା ପାଇଁ ଏକ କରଜ । ତାର ପ୍ରତିଟି ଦିନ, ପ୍ରତିଟି ନିଶ୍ୱାସ ତା ପାଇଁ ଗୋଟିଏ ଗୋଟିଏ କରଜ । ଜୀବନଟା ତ ମାଗଣାରେ ମିଳିନି । ମାଆ ବାପ ଏଇ ଶରୀର ଏଇ ଜୀବନ ଦେଇଦେଲେ । ଏଇଟା କଣ ସନ୍ତାନପାଇଁ ସେମାନଙ୍କର ଦାନ ଥିଲା ? ଜନ୍ମରୁ ବଡ ହେବା ପର୍ଯ୍ୟନ୍ତ ଖାଇବାକୁ ପିଇବାକୁ ଦେଇ ପାଠ ପଢାଇ ମଣିଷ କଲେ ସେଇଟା କଣ ସେମାନଙ୍କର ଦାନଥିଲା ନା ସେମାନେ ସନ୍ତାନକୁ ତାର ପୁରୁଣା କରଜ ଶୁଝୁଥିଲେ ? ମଣିଷ କାହିଁକି ଭାବି ପାରେନା ସେଇଟା ମାଆ ବାପାଙ୍କ ଠାରୁ ନିଆଯାଇଥିବା ଏକ କରଜ ବୋଲି । ଯାହା ସନ୍ତାନମାନଙ୍କୁ ସୁଧମୂଳ ସହିତ ମାଆବାପାଙ୍କୁ ଫେରାଇଦେବାକୁ ଚେଷ୍ଟାକରିବା ଉଚିତ୍ । ହଁ, ଯେ ପର୍ଯ୍ୟନ୍ତ କରଜ ପଇଠ ପାଇଁ ନୋଟିସ ନ ଆସିଛି ସେ ପର୍ଯ୍ୟନ୍ତ କରଜଟା କରଜ ପରି ଲାଗେନା । ହେଲେ, ନା ବାପାମାଆ, ନା ପ୍ରକୃତି ଦେଉଥିବା ଏଇ କରଜକୁ କରଜପରି ଭାବନ୍ତି, ନା କେବେ କରଜ ପଇଠ କରିବା ପାଇଁ ତାଗିଦା ନୋଟିସ ପଠାନ୍ତି ? କିନ୍ତୁ ଋଣ ଗ୍ରହିତାମାନେ କିପରି ବଡ ନିର୍ଲଜଭାବରେ ନିଜଉପରେ ଥିବା କରଜକୁ ଭୂଲି ଯାଆନ୍ତି ?

କେହି କେବେ ହିସାବ କରିଛି ? ଆମେ ଆମର ପ୍ରତିଟି ନିଶ୍ୱାସରେ ନେଉଥିବା ପବନର ମୂଲ୍ୟ କେତେ ? ନିଶ୍ୱାସର ଏଇ ଦୂର୍ମୂଲ୍ୟ ପବନ ଟିକକ କଣ ମାଗଣା ? ଦାନ ? ? ନା' କରଜ ??? ଯେଉଁ ପାଣି ଟୋପାକ ଆମେ ପିଉଛେ ତାର ମୂଲ୍ୟ କେତେ ? କଣ,

 Magazine Downloaded from www.aahwaan.com

ମ୍ୟୁନିସପାଲିଟିର ଯେଉଁ ପାଣିବିଲ ଆସେ କେବଳ ସେତିକି ? ଆରେ, ସେଇଟାତ ପାଣି ସଂଗ୍ରହ କରି ଘରେ ପହଞ୍ଚାଇବାର ଖର୍ଚ୍ଚ, କିନ୍ତୁ ଧରିତ୍ରୀ ମାଆର ଏଇ ସମ୍ପଦର ମୂଲ୍ୟ କିଏ କେମିତ ପୈଠ କରିବ ? କେବେ କେହି ଭାବିଛି ?? ମଣିଷ ଯେଉଁ ଭାତମୁଠାକ କି ରୁଟି ପଟକ ଖାଏ, ତାର ମୂଲ୍ୟ କେତେ । ଯେତିକି ଚାଷୀ, ବେପାରୀ, ଦୋକାନୀ ଖର୍ଚ୍ଚ କରେ, ଅଥବା କେବଳ ଆମର କିଣାମୂଲ୍ୟ ? କିନ୍ତୁ ଗୋଟିଏ ଧାନ କି ଗହମ କି ଗୋଟିଏ କଖାରୁ ମଞ୍ଜିରୁ ମୁଠାଏ ଧାନ ଗହମ କିମ୍ବା ଆଠଦଶଟା କଖାରୁ ଫଳେଇବା ପାଇଁ ଧରିତ୍ରୀ ମାଆର ଯେଉଁ ଶ୍ରମ ତାର ମୂଲ୍ୟ କିଏ ଦେବ ? ତାର ମୂଲ୍ୟ କେତେ ? ବିନା ମାଟିରେ କଣ ଚାଷ କରିହୁଏ ?

ମଣିଷ ଜନ୍ମର ପ୍ରଥମ ମୁହୁର୍ତ୍ତରୁ କେତେଯେ କରଜର ବୋଝତଳେ ଦବିଯାଏ, କେହି କେବେ ଭାବିଛି ସେକଥା ? ମାଆର ଅମୃତ ତୁଲ୍ୟ ଦୁଧ ଟୋପାକ, ବାପାର ଶ୍ରମ, ପ୍ରକୃତି, ପଞ୍ଚଭୂତର ଅବଦାନ, ଟୋପାଏ ପାଣି, ପ୍ରତିଟି ନିଶ୍ୱାସର ପବନ ଏସବୁର କରଜ କଥା କେହି କେବେ ଭାବେ ? ନା' ଆମେ କେବେବି ଭାବୁନା । କିନ୍ତୁ ନିର୍ଲଜପରି ଟିକିଏ ହସିଦେଇ ଆମର କରଜଦାତାଙ୍କୁ ମହାନ ଦାନୀ ଆସନରେ ବସାଇ ଆମେ ଭୁଲିଯାଉ ସେମାନଙ୍କର ମହାନତା । ମାଆ ବାପାଙ୍କୁ ହତାଦର କରି ତିଳତିଳ ଜଳି ମରିଯିବାକୁ ଛାଡିଦେଉ । ଆମକୁ ଆମ ନିଶ୍ୱାସର ପବନ, ଆମର ଖାଦ୍ୟ, ଆମର ବାସଗୃହ ଦେଉଥିବା ବୃକ୍ଷ କାଟି ପକାଉ । କାରଣ ମାଆ ବାପା ପ୍ରକୃତି ସେମାନେ କେବେ କରଜ ଶୁଝିବାକୁ ତାଗିଦା କରି ନୋଟିସ ପଠାନ୍ତି ନାହିଁ । ପ୍ରକୃତି, ପଞ୍ଚଭୂତ ନିରବରେ ସବୁକିଛି ସହିଯାଏ କେବେ କିଛି କହେନି । ତେଣୁ ସେମାନଙ୍କର କରଜକଥା ଆମେ ଭୂଲିଯାଉ । ସତରେ କେତେ ମହାନ ଆମର ଏଇ କରଜଦାତାମାନେ ! ଆମର ଏତେ ଅତ୍ୟାଚାର ପରେ ବି ସେମାନେ ସେମାନଙ୍କର ସେବା ଦେବା ବନ୍ଦ କରି ନାହାନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ ବାପା ଜୀବନର ଶେଷ ନିଶ୍ୱାସ ଛାଡିବା ପର୍ଯ୍ୟନ୍ତ ପିଲାମାନଙ୍କର ମଙ୍ଗଳ କାମନା କରୁଥାଆନ୍ତି । ପ୍ରକୃତି ପାଣି ପବନ ଖରା ବର୍ଷା ଆଦି ତାର ସବୁ କିଛି ଦାନକରିବା ନିରବଚ୍ଛିନ୍ନ ଭାବେ ଜାରି ରଖିଥାଏ । କିନ୍ତୁ କେତେଦିନ ପର୍ଯ୍ୟନ୍ତ ଏ ସପ୍ଲାଇ ଏମିତି ନିଧଡକ ଚାଲି ପାରିବ ? ଆଜି ନହେଲେ କାଲି, ଏବେ ନହେଲେ ଶହେ କି ହଜାର ବର୍ଷ ପରେ ସବୁକିଛି ଆପେ ଆପେ ବନ୍ଦ ହୋଇଯିବ । ବ୍ରହ୍ମାଣ୍ଡରେ କିଛିବିତ ଅସିମିତ ନୁହେଁ । କୋଇଲା, ପେଟ୍ରୋଲ ପରି ପାଣି, ପବନର ଅକ୍ସିଜେନ ସବୁକିଛି ସମାପ୍ତ ହୋଇଯିବ । ଯଦି ଆମେ ସେମାନଙ୍କର ଜତ୍ନ ନନେଉ, ପ୍ରକୃତିର ସନ୍ତୁଳନ ବିଗିଡିଯିବ । ରିସାଇକ୍ଲିଙ୍ଗ ବାଧାପ୍ରାପ୍ତ ହେବ ଏବଂ ତା ସହିତ ଏ ସମସ୍ତ ଜୀବଜଗତ ବିନାଶ ହୋଇଯିବ ।

'ଆଜି' ସରିଗଲା ପରେ 'କାଲି' ତ ନିଶ୍ଚୟ ଆସିବ, ଆଜିର ଦିନଟି କାଲି ହୋଇବା ଆଗରୁ, ପରେଶ ବାବୁ ତାଙ୍କର ବହି ଖାତା ମେଲେଇ ବସିଗଲେ ହିସାବ ଯୋଡିବା ପାଇଁ । ଆଜିର ଲାଭ କ୍ଷତିର ତର୍ଜମା ପାଇଁ । କେତେ କଣ ପାଇଲେ, ଆଉ କେତେ ପାଇବାର ଆଶା, ହେଲେ ତାଙ୍କ ହିସାବ ଖାତାରେ, ଦେବାର ଘରଗୁଡିକ ଏମିତି ଖାଲି ଖାଲି କାହିଁକି ଦିଶୁଚି । ମୁଣ୍ଡ ବାଳରେ ଆଙ୍ଗୁଠି ବୁଲଉ ବୁଲଉ ଭାବିବାକୁ ଲାଗିଲେ । ଜୀବନରେ ତାଙ୍କୁ ଯାହାବି ମିଳିଛି ସେସବୁ ତାଙ୍କୁ କେହିନା କେହି ତ ଦେଇଛିି, ହେଲେ ପ୍ରତି ବଦଳରେ ସେମାନଙ୍କୁ ସେ କଣ ଦେଇଛନ୍ତି ? ପ୍ରତି ନିଶ୍ୱାସରେ ନେଇଥିବା ବାୟୁ, ସୂର୍ଯ୍ୟର ଆଲୋକ, ଝରଣାର ଜଳ, କୋଇଲିର ମଧୁର ସଙ୍ଗୀତ, ଫୁଲର ସୌନ୍ଦର୍ଯ୍ୟ ଆଉ ସେମାନଙ୍କର ମହ ମହ ବାସ୍ନା, ମାତା ପିତାଙ୍କର ଅବଦାନ, ସ୍ନେହ ଆଶ୍ୱାସନ, ବାତ୍ସଲ୍ୟ, ପତ୍ନୀର ଅନାବିଳ ପ୍ରେମ, ସନ୍ତାନର ସେ ହସର ଆନନ୍ଦ । ପ୍ରତିବଦଳରେ କଣ ଦେଇପାରିଛନ୍ତି ସେମାନଙ୍କୁ ? ସେମାନଙ୍କର ଦାନ ତୁଳନାରେ କିଛିବିତ ଦେଇପାରି ନାହାନ୍ତି । ସେମାନଙ୍କ ପ୍ରତି ନିଜର କିଛି କର୍ତ୍ତବ୍ୟ ବି ଠିକ୍ ଭାବେ ପୁରା କରିପାରିନାହାନ୍ତି । ସେମାନଙ୍କୁ ଧନ୍ୟବାଦ୍ କେବେବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହି ନାହାନ୍ତି ।

କେଉଁ ବିଶାଦିତ ମୁଖରେ ଟିକିଏ ହସ, କେଉଁ ହତାଶ ମନରେ ଟିକିଏ ଆଶା, କେଉଁ ଦୁଃଖି ଜୀବନରେ କାଣିଚାଏ ସୁଖ ସେ କଣ କେବେ ଦେଇ ପାରିଛନ୍ତି ? ନିଜକୁ ନିଜେ ପ୍ରଶ୍ନକଲେ ପରେଶବାବୁ । ସତରେ, ତାଙ୍କ ମନ ଆଜି ଏସବୁ ଭାବିବାକୁ କାହିଁକି ବିବଶ ହୋଇଯାଉଛି ! ନିଜକୁ ବଡ ହସହାୟ ଅନୁଭବ କରୁଥିଲେ ସେ, ଆତ୍ମା ତାଙ୍କରର ଲଜ୍ୟାରେ ମୁହଁ ତଳକୁ କରିନେଉଥାଏ । ସବୁ କିଛି ଥାଇ ବି ନିଜକୁ କଙ୍ଗାଳପରି ଅନୁଭବ କରୁଥିଲେ ପରେଶବାବୁ ? ମନ, ହୃଦୟ, ଶରୀର ନିଜର ବିବେକ ଆଖିରେ ଅପରାଧୀଟିଏ ପରି କଠଗଡାରେ ଠିଆ ହୋଇଛି । ମନରେ ତାଙ୍କର ଅପରାଧ ବୋଧ ତାଙ୍କୁ ଧିକ୍କାର କରୁଛି । ଆଜି କେତେ ନିଶ୍ୱ ହୋଇଯାଇଛନ୍ତି ସିଏ ?

ଅବସର ପରେ ଏକ ନୂତନ ଜୀବନ ଏକ ନୂତନ ଦିବସର ଆରମ୍ଭ କରିବା ସହିତ ପରେଶ ବାବୁ ଏକ ନୂତନ ସଂକଳ୍ପ ଏକ ନୂତନ ଶପଥ ନେଲେ । ହେ ପ୍ରଭୁ ! ମୋର ମନରେ ଦୟା, କ୍ଷମା, ସ୍ନେହ, ପର ଦୁଃଖରେ ଦୁଃଖି ହେବାର ଭାବ ଟିକେ ଦିଅ । ଶରୀର, ମନ ବଚନରେ ସାହସ ଓ ଶକ୍ତି ଟିକେ ଦିଅ । ଏ ସଂସାରରୁ ଫେରିବା ଆଗରୁ କଡା ଗଣ୍ଡା ହିସାବରେ ମୋର କରଜ ମୁଁ ଶୁଝି ନ ପାରିଲେ ନାହିଁ, ଅତି କମରେ ସୁଧ ଗଣ୍ଡାକ ଯେପରି ଫେରାଇଦେଇ ପାରିବି, ସେତିକି ଶକ୍ତି ଓ ସାମର୍ଥ୍ୟ ମୋତେ ଦିଅ । ଏକ ନୂତନ ଭାବନା ମନରେ ସଂଯୋଗୀ ସାଇକେଲରେ ବସିଗଲେ ।

ସଂଜ ଗଡି ଯାଇଥାଏ ସେତେବେଳକୁ । ଚଉପାଢି ପାଖରେ ଗାଆଁର ବୁଢା ଟୋକାହୋଇ କିଛି ଗାଆଁଲୋକ ଜମା ହୋଇଥାଆନ୍ତି । କେତେଜଣ ଦୁଃଖସୁଖ, ଏଣୁତେଣୁ ଗୁଡାଏ ଗପିବାରେ ବ୍ୟସ୍ତ, ଆଉକେତେ ଭଜନ କୀର୍ତ୍ତନ ପାଇଁ ଖୋଳ ଖଜଣି ଟୁଙ୍ଗଟାଙ୍ଗ କରିବା ଆରମ୍ଭ କରି ଦେଲେଣି । ସେ ସମୟରେ ପରେଶ ବାବୁ ସେଠାରେ ପହଞ୍ଚି

 Magazine Downloaded from www.aahwaan.com

ସାଇକେଲଟାକୁ ଷ୍ଟାଣ୍ଡରେ ଲଗାଇ ଚଉପାଢି ଆଡକୁ ବଢିଲେ । ଏଇ ଅସମୟରେ ତାଙ୍କୁ ଚଉପାଢିରେ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପ୍ରାଇମେରୀ ଶିକ୍ଷକତାରୁ କିଛିଦିନ ଆଗରୁ ରିଟାୟର୍ଡ ହୋଇଥିବା ଅଜୟ ବାବୁ ପଚାରିଲେ ସାର ଆପଣ ଏଠାରେ, ସବୁକିଛି ଠିକ୍ ଠାକ୍ ତ । ଖବର ପଠେଇଥିଲେ ଆମେସବୁ ଘରଯାଏ ଆସିଯାଇଥାନ୍ତୁ । ପରେଶବାବୁ କହିଲେ, ନାହିଁ ନାହିଁ, ସେମିତି କିଛି ଚିନ୍ତାର ବିଷୟ ନାହିଁ, କିନ୍ତୁ ମୋ ମନରେ ଏକ ଗୁରୁତର ଚିନ୍ତା ମୋତେ ବ୍ୟତିବ୍ୟସ୍ତ କରୁଛି, ସେଥିପାଇଁ ଭାବିଲି ସେ ବିଷୟରେ ଆପଣମାନଙ୍କ ସହିତ ପରାମର୍ଶ କଲେ ହୁଏତ ସମାଧାନର କିଛି ରାସ୍ତା ବାହାର ହୋଇପାରିବ । ସମସ୍ତଙ୍କୁ ଏଇଠାକୁ ଡାକନ୍ତୁ ସେ ବିଷୟରେ ବିଚାର ଆଲୋଚନା କରିବା । ପରେଶବାବୁ କଣ ଗୁରୁତର ଚିନ୍ତାରେ ପଡିଛନ୍ତି ଜାଣିବାକୁ ସମସ୍ତେ ଏକାଠି ହୋଇଗଲେ ।

ପରେଶବାବୁଙ୍କ ମନରେଥିବା ଆଜିର ପରିବାର, ସମାଜ, ପରିବେଶ ଏବଂ ପ୍ରକୃତି ବିଷୟରେ ଯାହାକିଛି ତାଙ୍କ ମନକୁ ଉଦବେଳିତ କରୁଥିଲା, ସେକଥା ସମସ୍ତଙ୍କ ଆଗରେ ଏକା ନିଶ୍ୱାସରେ ସବୁ କହିଗଲେ । କଥାମଝିରେ ଅଜୟବାବୁ କହିଲେ, ସାର, ଆମେ ସବୁତ ବୁଢା ହୋଇଗଲେଣି, ଆମେ ଆଉ କଣ କରିପାରିବା ? ଗାଆଁର ପାଠପଢୁଆ, ପାରିବାର ଯୁବକ ଯେତେକ ସମସ୍ତେ ପ୍ରାୟ ଗାଆଁଛାଡି ସହରମୁହାଁ ହୋଇଗଲେଣି । ଗାଆଁରେ ଆଉ କିଏ ଅଛି, ଗାଆଁକଥା ବୁଝିବାକୁ କି ସମାଜରେ ସଂସ୍କାର ଆଣିବାକୁ ? ତାଛଡା ଏସବୁ କାମ ଯେପରି, ବୃକ୍ଷରୋପଣ, ଗ୍ରାମ ଉନ୍ନୟନ, ପରିଛନ୍ନତା ଆଦି ସରକାରଙ୍କ କାମ, ସରକାର ଏସବୁ କଥା ଚିନ୍ତାକରିବେ ଯେବେ ସୁବିଧା ହେବ ସେମାନେ କରିବେ ଏଥିରେ ଆମେ ମୁଣ୍ଡ ଖେଳେଇ କଣ କରି ପାରିବା ? ପରେଶବାବୁ ସବୁଶୁଣି ଟିକିଏ ହସିଲେ, କହିଲେ, ଆପଣ ଠିକ୍ କହିଲେ, ଏସବୁ ସରକାରଙ୍କ କାମ, ସରକାର ଚିନ୍ତା କରିବେ, ଆମେ କାହିଁକି କରିବା ? କିନ୍ତୁ ଆପଣତ ପିଲାଙ୍କୁ ପାଠ ପଢାଉଥିଲେ । କଟକ ଚିନ୍ତା ବାଇମୁଣ୍ଡିକୁ କରିବା କି ପିଲାଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଢାଇଥିବେ । କହିଲେ ଦେଖି, ବାଇମୁଣ୍ଡି ଯଦି ଭାବିଥାନ୍ତା, ମହାନଦୀ ବନ୍ୟାରୁ କଟକକୁ ବଞ୍ଚେଇବା କେବଳ ରାଜାଙ୍କ ଚିନ୍ତା, ରାଜା ସେକଥା ଭାବିବେ, ଯାହା ଠିକ୍ ମଣିବେ ସେୟା କରିବେ । ତେବେ ଆଜି ଏ କଟକ ସହର, ଧବଳ ଟଗର ବଞ୍ଚିକି ଥାଆନ୍ତାଟି ? ବାଇମୁଣ୍ଡିକୁ କଣ ପଡିଥିଲା ରାତିରାତି ନଶୋଇ କଟକକୁ ବନ୍ୟାରୁ କିପରି ରକ୍ଷାକରାଯିବ ସେକଥା ଭାବିବାକୁ ? କିନ୍ତୁ ନାହିଁ, ବିଚରା ବାଇମୁଣ୍ଡି ଭାବୁଥିଲା କଟକ କଥା । କଟକ ତାର ଜନ୍ମମାଟି, ତାର ମାଆ, ତାର ଘର ତାର ସହର । ସେଇଥିପାଇଁ ସେ ଭାବିଲା କଟକ କଥା ଆଉ ରାଜାଙ୍କୁ ସମାଧାନର ରାସ୍ତା ବି ବତେଇଦେଲା ।

ଆମେ କଣ ଆମ ଘରକଥା ଗାଆଁକଥା ଭାବି, ଗାଆଁର ଭଲ ପାଇଁ କିଛି କରିପାରିବାନି ? ଆମ ଗାଆଁ କଥା ଯଦି ଆମେ ନଭାବିବା, ଆମକଥା ଆଉ କିଏ ଭାବିବ ବୋଲି କିପରି ଆଶାକରିବା ? ଆଉ ଗୋଟିଏ କଥା, ଏ କଥା ଶୋଳଅଣା ସତ ଯେ ଆମେ ବୁଢା ହୋଇଗଲେଣି । ଆମ ଦେହରେ କାମ କରିଲା ଭଳି ସେତେ ଶକ୍ତି ଆଉ ନାହିଁ, କିନ୍ତୁ ଆମ ପାଖରେ ଅନେକ ବର୍ଷର କର୍ମର ଅଭିଜ୍ଞତା, ଜୀବନର ଅଭିଜ୍ଞତା ଅଛି, ଯେଉଁଟା ଏଇ ଯୁବକମାନଙ୍କ ପାଖରେ ନାହିଁ । ଆମ ଅଭିଜ୍ଞତା ଆଉ ସେମାନଙ୍କର ଶ୍ରମ ଯଦି ଏକାଠି ହୋଇଯାଏ ତେବେ କୁହନ୍ତୁ ଦେଖି, ଦୁନିଆର କେଉଁ କାମ ଆମପାଇଁ ଅସମ୍ଭବ ହୋଇଯିବ ? ତାଛଡା ଛୁଟି ଦିନମାନଙ୍କରେ ଆମ ଗାଆଁରେ ଥିବା ସ୍କୁଲ ଛାତ୍ରମାନେ ବି ଆମ ସହିତ ଯୋଗ ଦେଲେ ଗାଆଁ ପରିମଳ ହେଉ କି ବୃକ୍ଷରୋପଣ ହେଉ ସବୁ କାମ ଆମେ କରିପାରିବା । ଥରେ ଚେଷ୍ଟା କରିବାରେ କ୍ଷତି କଣ ? ଉପସ୍ଥିତ ଥିବା ସମସ୍ତେ ଏକାସ୍ୱରରେ କହିଉଠିଲେ, ସାର ଆମେ ଆପଣଙ୍କ ସାଥିରେ ଅଛୁ, ଆମେ କରିବୁ ଆମ ଗାଆଁ ପାଇଁ କାମ । ଆପଣ ଖାଲି ଆମକୁ କୁହନ୍ତୁ କଣ କେମିତି କରିବାକୁ ହେବ ।

ପରେଶବାବୁ ସମସ୍ତଙ୍କୁ ବୁଝାଇ କହିଲେ ଭଲକାମ ଯେତେ ପ୍ରଥମେ ନିଜ ଘରଠାରୁ ହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରମ୍ଭ ହୋଇଥାଏ । ଆମେ ନିଜେ ବଦଳିଲେ, ଆମ ସହିତ ଦୁନିଆଁ ବି ବଦଳିଯିବ । ଆମେ ନିତିଦିନ ଆମ ଘର ଝାଡୁକରୁଛେ ଆଉ ଆମଘରର ସବୁ ଅଳିଆ ରାସ୍ତା ଉପରେ ପକାଇ ଦେଉଛେ । ଆମଘର ସିନା ପରିଷ୍କାର ହୋଇଗଲା, କିନ୍ତୁ ଆମ ଘରସାମ୍ନାର ରାସ୍ତା ଅଳିଆ ହୋଇଗଲା । ଆମେ ପ୍ରତି ସାହିରେ ଗୋଟିଏ ଅଳିଆ ଜାଗା ରଖିବା ଏବଂ ସମସ୍ତେ ପଣନେବା କାଲିଠାରୁ ଆମେ ଆମ ଘର ଝାଡୁ କରିବା ସହିତ ଆମ ଘରସାମ୍ନାର ରାସ୍ତାକୁ ବି ଝାଡୁ କରିବା ଏବଂ ଅଳିଆ ସବୁ ଆଣି ଗୋଟିଏ ଜାଗାରେ ଜମାକରିବା । ମଝିରେ ମଝିରେ ସେଗୁଡିକ ଜାଳିଦେବା । ଦେଖିବେ, ଆମ ଘର ସାଥିରେ ଆମ ଗାଆଁ ରାସ୍ତାବି ପରିଷ୍କାର ଆଉ ସୁନ୍ଦର ଦିଶିବ । ଆରମାସ ଆଡକୁ ଆମ୍ବ, ଜାମୁକୋଳି ଆଦି କେତେ ପ୍ରକାରର ଫଳ ପାଚିଯିବ । ଆମେ ଯେତେ ଫଳଖାଇବା ସେଗୁଡିକର ମଞ୍ଜି ନଫୋପାଡି ଏକାଠି ସଂଗ୍ରହ କରିବା । ବର୍ଷାଦିନ ଆସିବା ଆଗରୁ ସେଗୁଡିକ ଗାଆଁ ପାଖରେ ଥିବା ଖାଲି ଜାଗାରେ ବିଞ୍ଚିଦେବା ବର୍ଷାପଡିଲେ ସେଗୁଡିକରୁ ଗଜାବାହାରି ନିଜେ ନିଜେ ବଢିପାରିବେ ତାଛଡା ଆଉକିଛି ମଞ୍ଜିରୁ ଚାରା ତିଆରିକରି ଆମେ ଆମ ଗାଆଁ ରାସ୍ତା କଡରେ, ପୋଖରୀ ହୁଡାରେ ବୃକ୍ଷରୋପଣ କରିବା ଏବଂ ଆମେ ସମସ୍ତେ ପ୍ରତି ବ୍ୟକ୍ତି ଦଶୋଟି ଲେଖାଏଁ ଗଛର ଦାୟିତ୍ୱନେବା । ଦେଖିବେ ପାଞ୍ଚ ବର୍ଷରେ ଆମ ଗାଆଁରେ କେତେ ଗଛ ଆଉ କେତେ ଫଳଗଛର ଜଙ୍ଗଲ ତିଆରି ହୋଇଯିବ ।

ସମସ୍ତେ ପରେଶବାବୁଙ୍କ ସାଥିରେ ଅଣ୍ଟାଭିଡି ଆଗେଇ ଆସିଲେ, ମାସ ଗୋଟାକରେ ଗାଆଁର ନକ୍ସା ବଦଳିଗଲା । ଲୋକେ କହନ୍ତି ଗାଆଁ ଏତେ ପରିଷ୍କାରଯେ ରାସ୍ତା ଉପରେ ଭାତଥାଳି ରଖି ଖାଇବାକୁ ମନହେବ । ବର୍ଷ ଦୁଇଟାରେ ପରେଶବାବୁଙ୍କ ଗାଆଁର ଦୃଶ୍ୟ ସମ୍ପୁର୍ଣ୍ଣ ବଦଳି ଯାଇଥିଲା । ଗାଆଁର ଚାରିଦିଗ ସବୁଜିମାରେ ଭରିଗଲା, ଗାଆଁ ପାଖର ସେଇ ଟାଙ୍ଗରା ମୁଣ୍ଡିଆଟାକୁ ସତେ ଯେପରି କିଏ ସବୁଜ ଚାଦରରେ ଢାଙ୍କି ଦେଇଛି । ଗାଆଁର ସବୁ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ରାସ୍ତା କଡରେ ଗଛଗୁଡିକ ଯିବା ଆସିବା ଲୋକର ସ୍ୱାଗତ ପାଇଁ ଯେପରି ମୁଣ୍ଡଟେକି ଠିଆ ହୋଇଛନ୍ତି । ଆଉ ବର୍ଷ କେତେଟାରେ ସେମାନେ ପଥିକକୁ ଛାୟାପ୍ରଦାନ କରିବା ସହିତ ମିଠାଫଳଦେଇ ସମସ୍ତଙ୍କୁ ଖୁସିକରିଦେବେ ।

ପରେଶବାବୁଙ୍କ ଭାବନା କେବଳ ତାଙ୍କ ନିଜ ଗାଆଁରେ ସୀମିତ ରହିଲାନି, ଦେଖାଦେଖି ଏବଂ ପରେଶବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଖପାଖର ପ୍ରାୟ ପଚାଶ ଗାଆଁର ଦୃଶ୍ୟ ମଧ୍ୟ ଧୀରେ ଧୀରେ ବଦଳିବାରେ ଲାଗିଛି । ଆପଣ ଯଦି କେବେ ପରେଶବାବୁଙ୍କ ଗାଆଁ ଆଡେ ଯିବେ, ତେବେ ଏକ ସବୁଜସ୍ୱର୍ଗର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇଯିବେ । ଏତେସବୁ ପରିବର୍ତ୍ତନ ଦେଖିପାରିବେ । ଭାବିଲେ ଦେଖି ସବୁଗାଆଁରେ ଜଣେ ଜଣେ ପରେଶବାବୁ କଣ ଜନ୍ମ ନେଇ ପାରିବେନି ?

ବିନୟ ମହାପାତ୍ର

କିଟ୍ ଛକ, ପଟିଆ, ଭୁବନେଶ୍ୱରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିଶୋଧ



ମହେଶ୍ୱର ସାହୁ

ଆକ୍ରମଣର ପ୍ରତି ଆକ୍ରମଣ ଓ ସତ୍ୟର ବିଜୟ ପାଇଁ ଅସତ୍ୟ ନୀତି ଆଦରିବା ଏଇ ମଣିଷ ସଭ୍ୟତାରେ ଏକ ପ୍ରକାର ପ୍ରସ୍ତୁତି ଅଟେ । କ୍ଲାନ୍ତ ମନ ଓ ଉଦାସିଆ ହୃଦୟ ମଣିଷକୁ ଦୁର୍ବଳ ଓ ରୋଗଗ୍ରସ୍ତ କରିଦିଏ । ମଣିଷ ବଞ୍ଚିବା ପାଇଁ କେତେକ ନୀତି ଓ ଆଦର୍ଶର ଦିଗ ଧାରଣ କରିଥାଏ । ଏଥିପାଇଁ ଆଜି ମଣିଷ ଶ୍ରେଷ୍ଠ ଯିବ ହିସାବରେ ଦୁନିଆକୁ ନିଜ ଆୟତ୍ତରେ ରଖି ପାରିଛି । ଶ୍ରାବଣୀ ବହୁତ ଶାନ୍ତ, ସରଳ, ନିରୀହ, ଧୀର ଓ ନମ୍ର ଶୋଭାବର ଝିଅଟିଏ । ଲେଖିବା ଓ ପଢିବା ସହିତ ରୁଚି ରଖିଥାଏ ବ୍ୟାୟାମ ଉପରେ । ସକାଳ ସୁରୁଜ ନ ଉଇଁବା ଆଗରୁ ଉଠି ନିଜର ନିତ୍ୟକର୍ମ ଭାବରେ ଅଧଘଣ୍ଟା ବ୍ୟାୟାମ କରେ । ବ୍ୟାୟାମ କରିବା ସହିତ ନିଜ ଘର ପାଖ ଉଦ୍ୟାନରେ ଟିକେ ବୁଲାବୁଲି କରିଥାଏ ।

ଆଜି ରବିବାର ବିଦ୍ୟାଳୟ ବନ୍ଦ ଥିବାରୁ ସକାଳେ ଉଠି ବ୍ୟାୟାମ କରି ଉଦ୍ୟାନକୁ ଯାଇଥାଏ । ଉଦ୍ୟାନର ଶୋଭା ଅତ୍ୟନ୍ତ ଆକର୍ଷଣୀୟ ହୋଇ ଥିବାରୁ ବହୁତ ଖୁସି ହୋଏ ଶ୍ରାବଣୀ ।

ସକାଳ ସମୟ ଶ୍ରାବଣୀ ପହଞ୍ଚି ଯାଇଛି ଉଦ୍ୟାନ ଭିତରେ ଓ ଦେଖି ପ୍ରବଳ ଭୟଭୀତ ହୋଇଗଲା । ଏକ ବିଶାଳ କାୟ ସର୍ପ । ସର୍ପଟି ଉଦ୍ୟାନ ମଧ୍ୟରେ ବୁଲି ବୁଲି ଝିଣ୍ଟିକା, ବେଙ୍ଗ, ମୂଷା ଆଦି ପ୍ରାଣୀ ମାନଙ୍କୁ ଆହାର ରୂପେ ଗିଳି ଚାଲିଛି । ଶ୍ରାବଣୀ ଦେଖିଲା ସର୍ପଟି ବଡ଼ ଭୟଙ୍କର ଓ ବିଶାଳ କାୟ ମଧ୍ୟ । ପାଖରେ ପଡିଥିବା ଏକ ବାଉଁଶ ବାଡ଼ି ଧରି ଆଘାତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲା ସର୍ପ ଉପରେ । ସର୍ପ ନିଜର ଫଣା ଉଠେଇ ବହୁତ ଗର୍ଜନ କରି ମୁଖରୁ ବିଷ ଉଦ୍ଗାର କରିବାରେ ଲାଗିଲା । ଶ୍ରାବଣୀ ନିଜ ହୃଦୟରେ ସାହସ ବାନ୍ଧି ପୁଣି ଆଘାତ କରିବାରେ ଲାଗିଲା । ଏମିତି ଦେହ ସାରା ନର୍ଘାତିଆ ପ୍ରହାର ଯୋଗୁଁ ସର୍ପଟି ମୃତ୍ୟୁ ମୁଖକୁ ଯାଇଥିଲା । ଶ୍ରାବଣୀ ଶେଷରେ ଘରକୁ ଦଉଡି ଦଉଡି ପଳେଇ ଆଇଲା । ଘରେ ଆସି ବାପା ମାଆ ଓ ଅନ୍ୟ ସଦସ୍ୟ ମାନଙ୍କୁ ଘଟଣା ସମ୍ପର୍କରେ ଜଣେଇବାରୁ ସମସ୍ତେ ଶ୍ରାବଣୀ ସାହସକୁ ବହୁତ ଶାବାସୀ କରିଥିଲେ ।

ଶ୍ରାବଣୀ ବିନା ଦୋଷରେ ବିଶାଳ ଗୋଖର ସର୍ପକୁ ହତ୍ୟା କରିଥିଲା ସତ୍ୟ ହେଲେ ତାର ମନ ସବୁବେଳେ ଅଶାନ୍ତି ରହୁଥାଏ । ମନେ ମନେ ଭାବେ ମୁଁ ନିର୍ଦୋଷରେ ସର୍ପଟିକୁ ହତ୍ୟା କରିବା ମୋର ବହୁତ ବଡ଼ ଭୁଲ ଓ ମୁଁ ବଡ଼ ଅନ୍ୟାୟ କଲି । ଏମିତି ନିଜର ହୃଦୟରେ ସବୁବେଳେ ଅନୁତାପର ଅନଳ ପ୍ରଜ୍ୱଳିତ ହୋଇ ଚାଲିଥାଏ ।

ଲୋକେ କୁହନ୍ତି କୌଣସି ସର୍ପକୁ ହତ୍ୟା କରିବା ପରେ ତାର ଶବକୁ ପୋଡି ଦିଅ, ନ ହେଲେ ତାର ଆଖିକୁ ନଷ୍ଟ କରିଦିଅ । ହେଲେ ଶ୍ରାବଣୀ ସର୍ପଟିକୁ ହତ୍ୟାକରି ଉଦ୍ୟାନ ମଧ୍ୟରେ ଛାଡି ଆସିଥାଏ ।

ସର୍ପଟି ମରିବା ପରେ ତାର ଯୋଡି ସର୍ପ, ଶବ ପାଖରେ ପହଞ୍ଚି ଯେତେବେଳେ ଅଘଟଣ ଦେଖିଲା ବହୁତ ଦୁଃଖ ପ୍ରକାଶ କଲା । ଶବରୁ ଦୁର୍ଗନ୍ଧ ବାହାରିବା ଯାଏ ଶବ ପାଖରେ ଜଗି ରହି କାନ୍ଦିବାରେ ଲାଗିଲା । ହେଲେ ମରିଥିବା ପ୍ରାଣୀ କେବେ ଜୀବନ୍ତ ହୁଏ ନାହିଁ । ଥରେ ଶରୀରରୁ ପ୍ରାଣ ବାୟୁ ଉଡ଼ିଗଲା ପରେ ଆଉ କେବେ ଫେରି ଆସେନା । ସେମିତି ଯୋଡି ସର୍ପଟି ଶବଟିକୁ ଜଗି ଜଗି ଶେଷରେ ଅତ୍ୟନ୍ତ କ୍ରୋଧନ୍ୱିତ ହୋଇ ଶବର ଆଖିକୁ ଦୃଷ୍ଟି ଗୋଚର କଲା । ସେ ଯେତେ ନିରକ୍ଷଣ କରୁଥାଏ ତାକୁ କେବଳ କୌଣସି ଏକ ମଣିଷ, ଯିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ଜଣେ ଝିଅର ବାଉଁଶ ବାଡ଼ିରେ ପ୍ରହାର ଘାତର ଛବି ଦୃଶ୍ୟମାନ ହେଉଥାଏ । ଏମିତି ବହୁତ ସମୟ ଧରି ନିରୀକ୍ଷଣ କଲା ପରେ ନିଜ ହୃଦୟକୁ ପ୍ରତିଶୋଧର ଶାନ୍ତି ଉନ୍ମେଚିତ ହୋଇଥିଲା । ନାଁ ନାଁ ଚକ୍ଷୁର ଲୋତକ ନିମିଶ ମାତ୍ର ଓ ହୃଦୟରୁ କାଢ଼ିଦେଇଥାଏ ଦୁଃଖ ଓ ଗ୍ଲାନିର ଭାବନା । ସେମିତି ଯୋଡି ସର୍ପଟି ଏବେ ଜାଣିପାରିଲା ଯେ ନିଜକୁ ଦୁଃଖରେ ମ୍ରିୟମାଣ କରି ତିଳ ତିଳ କରି ଜାଳିବା ଅପେକ୍ଷା ପ୍ରତିଶୋଧ ନିତ୍ୟାନ୍ତ ଆବଶ୍ୟକ । ହଁ ମୋ ପ୍ରାଣ ପ୍ରିୟାର ହତ୍ୟାରୀଠୁଁ ମୁଁ ପ୍ରତିଶୋଧ ନେବି । ଫଁ ଫଁ ଗର୍ଜନରେ କମ୍ପିଯାଉଥାଏ ଉଦ୍ୟାନ । ଉଦ୍ଗାର କରୁଥାଏ କାଳ କୂଟ ଜହର । କାଳ କୂଟ ଜହରରେ ଭସ୍ମ ହୋଇଯାଉଥାଏ ଆଖ ପାଖର କୀଟ ପତଙ୍ଗ ।

ଯୋଡି ସର୍ପଟି ଏବେ ଚିହ୍ନିବାକୁ ଇଚ୍ଛା କଲା କିଏ ସେ ମଣିଷ । କିଏ ସେ ନାରୀ ଯିଏ କି ପାପୀ ଓ ହତ୍ୟାକାରୀ । କିଏ ସେ ମୁଢମତି ଦୁର୍ମତି । ଛାଡ଼ିବି ନାହିଁ ତାକୁ ନିଶ୍ଚୟ ତାର ପ୍ରତିଶୋଧ ନେବି । ଏମିତି ଭାବି ଯୋଡି ସର୍ପଟି ଆଗକୁ ଆଗକୁ ମାଡି ଚାଲିଲା ଯେଉଁଠି ଶ୍ରାବଣୀର ଘର ।

ଆଜି ସକାଳେ ଶ୍ରାବଣୀ ବଡୀ ଭୋରୁ ଉଠି ମୁହଁ ଧୋଇ ବ୍ୟାୟାମ କରିବାକୁ ଯାଇ ଦେଖେତ ଗୋଟିଏ ବିଶାଳ କାୟ ସର୍ପ । ତାର ମନେ ପଡି ଯାଇଥିଲା ସେଇ ଦିନର କଥା ଜଉଦିନ କି ଉଦ୍ୟାନରେ ଏକ ସର୍ପକୁ ସେ ନିର୍ମମ ଭାବରେ ବାଡେଇ ବାଡେଇ ହତ୍ୟା କରିଥିଲା । ସେ ସର୍ପଟିତ ମରିଯାଇଛି ହେଲେ ଏଇଟା ପୁଣି କିଏ । ମନରେ ଟିକେ ଭୟ ଆଉଥିଲା ହେଲେ ସର୍ପଟି ଅନ୍ତର୍ଧ୍ୟାନ ହେଲା ଭଳି କୁଆଡେ ଉଭେଇ ଯାଇଥିଲା ।

ଏମିତି ଶ୍ରାବଣୀ ବାରମ୍ବାର ସର୍ପଟିକୁ ଦେଖୁଥାଏ ହେଲେ ଶ୍ରାବଣୀ ଆଘାତ କରୁନ ଥାଏ କି କରିବାକୁ ଚେଷ୍ଟା କରୁନ ଥାଏ । ଶ୍ରାବଣୀ ଆଜି ସ୍ୱପ୍ନ ଦେଖୁଛି, ଏକ ଅଜବ ସ୍ୱପ୍ନ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱପ୍ନରେ କେବଳ ତାକୁ କେହି କହୁଛି ପ୍ରତିଶୋଧ ନେବି । ଏବଂ ସ୍ୱପ୍ନରେ ସର୍ପ ଦର୍ଶନ ମିଳୁଛି ।

ଶ୍ରାବଣୀ ନିଜର ମନର କଥା ନିଜ ବାପା ଓ ମାଆଙ୍କୁ ଜଣେଇବାରୁ ବାପା ଓ ମାଆ ବୁଝେଇ କହିଲେ ବ୍ୟସ୍ତ ହେବାର କିଛି ନାହିଁ । ତୁ ସେ ସର୍ପଟିକୁ ହତ୍ୟାକରି ବହୁତ ଦିନ ବିତି ଯାଇଛି । ହେଲେ ତୁ ସେଇକଥାକୁ କାହିଁକି ବାରମ୍ବାର ପୁନରାବୃତ୍ତି କରୁଛୁ ।

କୌଣସି କଥାକୁ ପୁନରାବୃତ୍ତି କଲେ ନିଜକୁ ଓ ନିଜ ହୃଦୟକୁ ଆଘାତ ମିଳିଥାଏ । ତେଣୁ ତୁ ସେ ସବୁ ନିଜ ମୁଣ୍ଡକୁ ନ ନେଇ ନିଜ ପାଠ ପଢ଼ାରେ ବ୍ୟସ୍ତ ରହିଲେ ତୋର ମଙ୍ଗଳ । ଏମିତି କହି ବାପା ବଳରାମ ବାବୁ ଶ୍ରାବଣୀକୁ ବୁଝେଇ ଦେଲେ ସିନା ମାଆ ମନ ମାନୁଛି କୁଆଡ଼ୁ । ମାଆ ସୁଲୋଚନା କହିଲେ " ହେଇଟି ଶୁଣିଛ ! ତମେ ଟିକେ ଯାଇ ଗୁଣିଆକୁ ଦେଖା କରି କୁହ ନା, କାହିଁକି ସେ ସର୍ପଟି ଆମ ଝିଅ ପଛରେ ପଡିଛି ।"

ବଳରାମ ବାବୁ ହଁ କହିଦେଇ ଆଖ ପାଖରେ ସର୍ପ ବିଷ କାଟି କରୁଥିବା ଜଣେ ତାନ୍ତ୍ରିକ ଗୁଣିଆକୁ ଦେଖା କରି ସବୁ କଥା କହିଲେ । ଗୁଣିଆ ସବୁ କଥା ଶୁଣି ସର୍ବଶେଷରେ କହିଲା ଯେଉଁ ସର୍ପକୁ ତୁମ ଝିଅ ହତ୍ୟା କରିଛି ସେଇ ସର୍ପର ଯୋଡି ସର୍ପ ତମ ଝିଅର ଜୀବନ ନେବାକୁ ବସିଛି, ହେଲେ ତମ ଝିଅକୁ ସେଥିରୁ ବଞ୍ଚେଇବା କଷ୍ଟ ସାଧ୍ୟ । ତମେ ସେ ମାରିଥିବା ସର୍ପକୁ ଯଦି ପୋଡି ଦେଇଥାନ୍ତ କି ଜାଳି ଦେଇଥାନ୍ତ ତେବେ ଏଇ ଦୁର୍ଦ୍ଦଶା ତୁମ ଉପରକୁ ଆସିନ ଥାନ୍ତା । ହେଲେ ଏଇ ସର୍ପଟି ଯଦି ମରିଥିବା ସର୍ପର ଯୋଡି ସର୍ପ ହୋଇ ଥାଏ ତେବେ ମୁଁ ତମ ଝିଅକୁ ବଞ୍ଚେଇ ପାରିବି ନାହିଁ । ମୋତେ କ୍ଷମା କର !

କିନ୍ତୁ ମୁଁ ଗୋଟେ ସର୍ପଭୟ ନିବାରକ ପାଉଁଜି ଦେଉଛି ତୁମେ ନେଇଯାଅ ଓ ତୁମ ଝିଅ ଗୋଡ଼ରେ ବାନ୍ଧି ଦିଅ । କାରଣ ଏଇ ପାଉଁଜି ଶବ୍ଦରେ କୌଣସି ସର୍ପ ପାଖକୁ ଆସିବେ ନାହିଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ବଳରାମ ବାବୁ ତାନ୍ତ୍ରିକ ପାଖରୁ ଫେରି ଝିଅ ଗୋଡ଼ରେ ପାଉଁଜି ବାନ୍ଧି ଦେଲେ । ଏବେ ସେଇ ପାଉଁଜି ଶବ୍ଦ ଯୋଡି ସର୍ପ ପାଇଁ କାଳ ସାଜିଲା । ଶ୍ରାବଣୀ ପାଖକୁ ପହଞ୍ଚିବା ତା ପାଇଁ କଷ୍ଟ ସାଧ୍ୟ ହେଲା । କେମିତି ପ୍ରତିଶୋଧ ନେବ ଭାବିବାରେ ଲାଗିଲା ।

ଏବେ ଯୋଡି ସର୍ପଟି ସୁବିଧା ଓ ସୁଯୋଗ ଖୋଜିବାରେ ଲାଗିଲା । ଯେତେବେଳ ସୁଯୋଗ ମିଳିବ ନିଶ୍ଚୟ ଆକ୍ରମଣ କରିବ ବୋଲି ଆଗ୍ରହ ଓ ଇଚ୍ଛାରେ ଘୁରି ଚାଲିଲା ପାଖେ ପାଖେ, ହେଲେ ଆଉ ଦେଖା ଦେଲା ନାହିଁ ଶ୍ରାବଣୀକୁ । ଶ୍ରାବଣୀ ଏବେ ଚିନ୍ତା ମୁକ୍ତ । ଏମିତି ବର୍ଷ ବର୍ଷ ବିତିଗଲା । ଆଉ ସର୍ପର ଦର୍ଶନ ନ ମିଳିବାରୁ ଶ୍ରାବଣୀ ନିଜ ପାଦର ପାଉଁଜି ଖୋଲି କାଢି ଦେଇଥିଲା । ଆଉ ସେ ମଧ୍ୟ ଭୁଲି ଯାଇଥିଲା ଯେ କି ତାକୁ କେହି ସର୍ପ ଦଂଶନ କରିବାକୁ ଚାଁହୁଥିଲା । ଏଇ ପରିପ୍ରେକ୍ଷୀରେ ଶ୍ରାବଣୀର ଏକ ଉତ୍ତମ ବର ସହିତ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ପଙ୍କଜ ସହିତ । ବିବାହ ମଧ୍ୟ ସରିଯାଇଥାଏ ଏକ ଅଜଣା ସହରରେ ହେଲେ ଯୋଡି ସର୍ପଟି ଚତୁର୍ଥୀ ସରଞ୍ଜାମ ପଠା ଯାଇଥିବା ଗାଡ଼ିରେ ଲୁଚି କରି ରହିଥିଲା ।

ବିବାହ ପରେ ବାପା ପଠେଇଥିବା ଚତୁର୍ଥୀ ସରଞ୍ଜାମ ସହିତ ନିଜର କାଳ ହୋଇ ଯୋଡି ସର୍ପଟି ଯାଇ ପହଞ୍ଚି ଯାଇଥିଲା ସେଇ ଶ୍ରାବଣୀର ଶଶୁର ଘରେ । ସେଠାରେ ମଧ୍ୟ ସୁରକ୍ଷିତ ପହଞ୍ଚି ଅପେକ୍ଷା କରିଥିଲା ଶ୍ରାବଣୀର ବାସର ରାତିର ସେଜକୁ । ଜୀବନ କୌଣସି ଏକ ଭୁଲ ସବୁବେଳେ ନିଜ ପାଇଁ କାଳ ହୋଇ ଘୁରିବୁଲିଥାଏ । ସେମିତି ଶ୍ରାବଣୀ ପାଇଁ କାଳ ହୋଇ ଘୁରିବୁଲୁଥିଲା ଯୋଡି ସର୍ପ ।

ଶ୍ରାବଣୀର ଆଜି ବାସର ରାତି । ବାସର ରାତିରେ ଅଜଣା ସ୍ୱପ୍ନରେ ମଜି ଯାଇଥାଏ ଜଣେ କୁମାରୀ । ନିଜ ଜୀବନ ଓ ଯୌବନର ପରିପକ୍ୱତାକୁ ଏହି ରାତିର ମାଦକତାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ପୁରୁଷ ଓ ନାରୀ ମ୍ରିୟମାଣ କରି ଏକ ଅପୂର୍ବ ଶାନ୍ତିର ଆଲୋକ ଖୋଜିଥାଏ । ଖୋଜିଥାଏ ଏକ ନିଆରା ଖୁସି ଓ ତୃପ୍ତି । ହେଲେ ଶ୍ରାବଣୀ ଏହି ଖୁସିର ସନ୍ଧାନରେ ରହିଥାଏ ।

ରାତି ହେଲା । ଯୋଡି ସର୍ପଟି ଧୀରେ ଧୀରେ ଯାଇ ବାସର ରାତିର ସେଜ ପାଖରେ ପହଞ୍ଚି ଗଲା । ଯେତେବେଳେ ବର ବଧୁ ମିଳନର ସମୟ ଉପନୀତ ହେଲା ସେଇ ସମୟରେ ଶ୍ରାବଣୀକୁ ଦଂଶନ କରିଥିଲା ଯୋଡି ସର୍ପ । ବାରମ୍ବାର ଚୋଟ ମାରି ଚାଲିଥିଲା ଶ୍ରାବଣୀ ପାଦକୁ । ମୁହୂର୍ତ୍ତକ ମଧ୍ୟରେ ପ୍ରାଣତ୍ୟାଗ କରିଥିଲା ଶ୍ରାବଣୀ ।

ଯୋଡି ସର୍ପଟି ପ୍ରତିଶୋଧ ପରାୟଣ ହୋଇ ନିଜ ଯୋଡିର ହତ୍ୟାକରିକୁ ଏମିତି ସମୟରେ ଦଂଶନ କରିଥିଲା ଯାହାଦ୍ୱାରା ସେ ମଧ୍ୟ ଯୋଡି ହୀନ ହୋଇଯାଇଥିଲା ସବୁଦିନ ପାଇଁ...

ଲେଖକ:- ମହେଶ୍ୱର ସାହୁ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ

ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱାସର 'ନୋଟବନ୍ଦୀ'



ତ୍ରିଲୋଚନ ଦାସ

ସୁପ୍ରଭା ଅପେକ୍ଷା କରିଛନ୍ତି କମିଶନରଙ୍କ ଅଫିସ୍ ସାମ୍ନା ଲବିରେ । ଇନକମ୍ ଟାକ୍ସ ଡିପାର୍ଟମେଣ୍ଟ ତାଙ୍କୁ ନୋଟିସ୍ କରିଛି, ଆଜି କମିସନରଙ୍କ ନିକଟରେ ହାଜର ହୋଇ ତାଙ୍କର ଜବାବ ରଖିବା ପାଇଁ । ତାଙ୍କର ଅପରାଧ ହେଲା ଯେ ଗତ ୧୦ ନଭେମ୍ବର ୨୦୧୬ରୁ ୩୦ ଡିସେମ୍ବର ୨୦୧୬ ଭିତରେ(ଅଚଳ ନୋଟ୍ ବଦଳିବା ସମୟ) ନିଜ ଏକାଉଣ୍ଟରେ ସାଢ଼େ ସାତ କୋଟି ଟଙ୍କାର ନେଣଦେଣ କରିଛନ୍ତି । ସରକାର ମନେ କରୁଛନ୍ତି ଯେ ଏହି ସମସ୍ତ କାରବାର ସନ୍ଦେହ ପର୍ଯ୍ୟାୟଭୁକ୍ତ । ଏଣୁ ନିର୍ଦ୍ଦିଷ୍ଟ ତାରିଖରେ ବ୍ୟକ୍ତିଗତ ଭାବେ କମିଶନରଙ୍କ ନିକଟରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ୍ ଆଇନାନୁଯାୟୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଜି ସୁପ୍ରଭାଙ୍କର କମିଶନରଙ୍କ ନିକଟରେ ହାଜର ହେବାକୁ ଥିବାରୁ ସ୍ୱାମୀଙ୍କ ସହିତ ନିର୍ଦ୍ଧାରିତ ସମୟରେ ପହଞ୍ଚି ଭିତରୁ ଡାକରା ଆସିବାକୁ ଅପେକ୍ଷା କରିଛନ୍ତି ।

କିଛି ସମୟ ବସିଲା ପରେ ସ୍ୱାମୀ କହିଲେ, "ସୁପ୍ରଭା ! ତୁମେ ଏଇଠି ଅପେକ୍ଷା କର, ମୁଁ ଜଣକ ସହିତ କଥା ହୋଇଆସୁଛି । ଏହା ଭିତରେ ଯଦି ଡାକରା ଆସିଯିବ, ତେବେ ଭିତରକୁ ଯିବ, ଆଉ ତୁମକୁ କହିଥିବା ସେହି ଗୋଟିଏ କଥା ହିଁ କହିବ ଯେ ତୁମେ ଏ ବିଷୟରେ କିଛି ଜାଣିନାହଁ । ଯାହା ବି ହୋଇଛି ସେ ସବୁ ତୁମ ଅଗୋଚରରେ ହୋଇଛି । ଏଣୁ ସବିଶେଷ ତଥ୍ୟ ରଖିବାକୁ ତୁମକୁ କିଛି ଦିନ ସମୟ ଦିଆଯାଉ । ତା ଛଡା ତୁମ ସହିତ ମୁଁ ଭିତରକୁ ଗଲେ ବି ଅସୁବିଧା, କାରଣ ସେଠି ଯଦି ମୋର ପରିଚୟ ଜଣା ପଡ଼ିଯିବ, ତେବେ ଅଡୁଆ ବଢିଯିବ ।" ସ୍ୱାମୀ ଚାଲିଗଲା ପରେ ସୁପ୍ରଭା ନିଜକୁ ଖୁବ୍ ଅସହାୟ ମନେ କଲେ । ସ୍ୱାମୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କର ଏକ ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ । ନୋଟିସ୍ ପାଇବାପରେ ତାଙ୍କୁ ସେ ଏ ବିଷୟରେ ପଚାରିଥିଲେ । ସ୍ୱାମୀ କହିଲେ ଯେ ଏଇଟା ଏତେ କିଛି ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ସେଥିପାଇଁ ବ୍ୟସ୍ତ ହେବାର ଦରକାର ନାହିଁ, ସେ ସବୁକିଛି ସମ୍ଭାଳି ନେବେ । ଏକାଉଣ୍ଟରେ ଯାହା ସବୁ ହୋଇଛି, ତାହା ତାଙ୍କ ବାଧ୍ୟ ବାଧକତାରେ ହୋଇଛି । ଯେଉଁମାନଙ୍କ ଅନୁରୋଧକୁ ରକ୍ଷା କରି ସେ ଏହି ସବୁ କାମ କରିଛନ୍ତି ତାହା ଯଦି ସେ ନ କରି ଥାଆନ୍ତେ, ତେବେ ତାଙ୍କ କ୍ୟାରିୟର ଆଉ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇ ଥାଆନ୍ତେ । ସେମାନଙ୍କର ଅନୁରୋଧରେ ଅଚଳ ଘୋଷିତ ନୋଟ୍ ତାଙ୍କ ଏକାଉଣ୍ଟରେ ବଦଳ ହୋଇଛି । ସେ କେବେ ବି ଭାବି ନଥିଲେ ଯେ ସେଥିପାଇଁ ସେ ଏଭଳି ଅଡୁଆରେ ପଡ଼ିବେ । ଏବେ ସେଥିରୁ ବାହାରିବା ପାଇଁ ସେ ଉପର ସ୍ତରରେ ଯୋଗାଯୋଗ କରୁଛନ୍ତି । ଆଶା, ଖୁବ୍ ଶୀଘ୍ର ସବୁ ଠିକ ଠାକ୍ ହୋଇଯିବ ।  ସୁପ୍ରଭା ଯେତେବେଳେ ସ୍ୱାମୀଙ୍କୁ ପଚାରିଲେ ଯେ ଏସବୁ କରିବା ଆଗରୁ ତାଙ୍କୁ ଆପାତତଃ ଜଣାଇବା ଉଚିତ୍ ଥିଲା, ସେତେବେଳେ ସ୍ୱାମୀ କହିଲେ ଯେ ତାଙ୍କୁ ଜଣେଇ ଥିଲେ ବି ସେ ସେତେବେଳର ଅବସ୍ଥା ବୁଝି ପାରି ନଥାଆନ୍ତେ, ବରଂ ସେ ସଙ୍କଟରେ ପଡ଼ିଛନ୍ତି ଜାଣି ବ୍ୟସ୍ତ ହୋଇ ଥାଆନ୍ତେ । ଏଣୁ ଏଥିପାଇଁ ପୂର୍ବରୁ ତାଙ୍କ ମତାମତ ନେବାକୁ ଉଚିତ୍ ମଣିଲେ ନାହିଁ । ସୁପ୍ରଭା କଥାଟା ଆଉ ଆଗକୁ ବଢେଇଲେ ନାହିଁ । ଭାବିଲେ ଯେ ଯେଉଁ ଲୋକଟି ସହିତ ସେ କୋଡ଼ିଏ ବର୍ଷଧରି ଗୋଟିଏ ଛାତ ତଳେ କଟେଇ ଆସିଲେଣି, ତାଙ୍କୁ ବୁଝିବାରେ ବୋଧହୁଏ ନିଜର କେଉଁଠି ଗୋଟେ ଭୁଲ୍ ରହି ଯାଇଛି । ସବୁବେଳେ ଗମ୍ଭୀର ରହୁଥିବା ଲୋକଟି ଭିତରେ ପ୍ରଗଳ୍ଭତା ତ ଦୂରର କଥା, ଗୋଟେ ଉଚ୍ଛାଟ ଭାବ ସେ କେବେ ଦେଖି ନାହାଁନ୍ତି, ଏପରିକି ଖୁବ୍ ଅନ୍ତରଙ୍ଗ ମୁହୂର୍ତ୍ତ ମାନଙ୍କରେ ମଧ୍ୟ । ସବୁ କିଛି ମାପିଚୁପି, ଗତାନୁଗତିକ ଆଉ ପ୍ରୋଗ୍ରାମ କରାଯାଇଥିବା ଆବେଗ ହୀନ ଯନ୍ତ୍ର ମଣିଷଟି ଭଳି । ସୁପ୍ରଭା ଭାବୁଥିଲେ ଯେ ତାଙ୍କର ସବୁ କିଛି ଅଛି, ପୁଣି କିଛି ବି ନାହିଁ । ଆଉ ଏବେ

 Magazine Downloaded from www.aahwaan.com

ସେ ଜାଣିଲେ ଯେ ସେ ଏକାନ୍ତ ନିଜର ବୋଲି ଭାବୁଥିବା ମଣିଷଟି ମଧ୍ୟ ବିଶ୍ୱାସ ଯୋଗ୍ୟ ନୁହେଁ । ସତରେ ବିଶ୍ୱାସକୁ ଛାଡ଼ି ମଣିଷଟିଏ କ'ଣ ମଣିଷ ଭଳି ବଞ୍ଚିପାରିବ ?

କିନ୍ତୁ ସେ ବି ତ ଦିନେ ମଣିଷ ଉପରେ ବିଶ୍ୱାସ ହରାଇଥିଲେ । ଆଉ ସେଥିପାଇଁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଛି, ତାହାର ଭରଣା କରିବା ଏ ଜୀବନରେ କେବେ ସମ୍ଭବ ନୁହେଁ । ସୁପ୍ରଭା ଭାବୁଥିଲେ, ସ୍ୱାମୀ ତାଙ୍କର ଖୁବ୍‌ଶୀଘ୍ର ଫେରିଆସିବେ । କିନ୍ତୁ ଏଇ ଆସୁଛି କହି ଘଣ୍ଟାଏ ହେଲାଣି, ଏ ପର୍ଯ୍ୟନ୍ତ ଦେଖାନାହିଁ । ସୁପ୍ରଭା ଛିଡ଼ା ହୋଇ ଚାରିଆଡକୁ ଅନେଇବା ଭିତରେ ସାମ୍ନା ଚ୍ୟାମ୍ବର ଆଗରେ ଲାଗିଥିବା ନାମଫଳକ ଉପରେ ହଠାତ୍ ତାଙ୍କର ନଜର ପଡିଲା । ଏ.କେ.ଆଚାର୍ଯ୍ୟ, ଆଇ.ଆର.ଏସ୍ । ଏ.କେ ଅର୍ଥାତ୍ ଅବନୀ କାନ୍ତ ନୁହନ୍ତି ତ ! ପୁଣି ଭାବିଲେ, ଧେତ୍ ! ଅବନୀ ତ ବାଲେଶ୍ୱର ଜିଲ୍ଲାର ଗୋଟେ ମଫସଲ କଲେଜର ଅଧ୍ୟାପକ, ସେ ଏଠି ଅହମଦାବାଦକୁ କେମିତି ଆସିବେ ? ଅବନୀ ନାଁଟା ଭାବିବା ମାତ୍ରେ ତାଙ୍କ ଭିତରେ ଗୋଟେ ତଡିତ୍ ପ୍ରବାହ ସୃଷ୍ଟି ହେଲା । ଦିନେ ଅବନୀ ଥିଲେ ତାଙ୍କ ଜୀବନର ସବୁ କିଛି । ସେ କିନ୍ତୁ ତାଙ୍କୁ ଧରି ରଖିବାକୁ ପ୍ରୟାସ କରିବା ପରିବର୍ତ୍ତେ ନିଜ ଠାରୁ ଦୁରେଇ ଦେଲେ, କାରଣ ସେ ଦିନ ଅବନୀ ଆଉ ତାଙ୍କର ସାମର୍ଥ୍ୟକୁ ସେ ଅବିଶ୍ୱାସ କରିଥିଲେ । ସୁପ୍ରଭା ସାହିତ୍ୟର ଛାତ୍ରୀ ଥିଲାବେଳେ ଅବନୀ ଥିଲେ ଅର୍ଥନୀତିର ଛାତ୍ର । ପ୍ରାକ୍ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ସେମାନେ ଗୋଟିଏ କଲେଜରେ ପଢୁଥିଲେ । ପରସ୍ପରର ଘନିଷ୍ଠ ବନ୍ଧୁ ବୋଲି କହି ସେମାନେ ନିଜ ମନକୁ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ବି ସେମାନେ ଯେ ବନ୍ଧୁଠାରୁ ଆଉ କିଛି ଅଧିକ, ତାହା ଅନ୍ୟମାନେ କହୁଥିଲେ । ଅବନୀ କିନ୍ତୁ ସୁପ୍ରଭାକୁ କେବଳ ବନ୍ଧୁ ଭାବେ ଦେଖିବାକୁ ଚାହୁଁଥିଲେ । କାରଣ ସୁପ୍ରଭା ଆଉ ତାଙ୍କ ପରିବାର ଭିତରେ ଥିବା ଅସାମଞ୍ଜସ୍ୟତା, ତାଙ୍କୁ ବନ୍ଧୁଠାରୁ ଅଧିକ କିଛି ଭାବିବାକୁ ଦେଉ ନଥିଲା । ସେ ନିଜ ଆଉ ନିଜର ସୀମାବଦ୍ଧତାକୁ କେବେ ବି ଭୁଲିବାକୁ ଚାହୁଁ ନଥିଲେ । କିନ୍ତୁ ସୁପ୍ରଭା

Magazine Downloaded from www.aahwaan.com

ରହୁଥିଲେ ତାଙ୍କ ନିଜ କଳ୍ପନାର ସାମ୍ରାଜ୍ୟରେ, ଠିକ୍ ସାହିତ୍ୟର ଅନ୍ୟ ବହୁଛାତ୍ରୀଙ୍କ ଭଳି । ସେ ଅବନୀ ଚାରିପଟେ ବେଢ଼ି ହୋଇ ରହିବାକୁ ଚାହୁଁଥିଲେ, ଆଉ ସୁଯୋଗ ପାଇଲେ ମନକଥା କହିବାକୁ କେବେ ବି କୁଣ୍ଠାବୋଧ କରୁ ନଥିଲେ । ଅବନୀ ସବୁକିଛି ବୁଝୁଥିଲେ, କିନ୍ତୁ ପ୍ରତ୍ୟାଖ୍ୟାନ କରି ସୁପ୍ରଭାଙ୍କ ମନରେ କଷ୍ଟ ଦେବାକୁ ଚାହୁଁ ନଥିଲେ । ନିଜ ମନ ଭିତରେ ଥିବା ସେହି ଅନୁଚ୍ଚାରିତ ଶବ୍ଦ ମାନସ୍ୱର ଯନ୍ତ୍ର ପାଖରେ ବାଟବଣା ହୋଇ ଲେଉଟି ଯାଉଥିଲା । ସୁପ୍ରଭା ଏକ ସମ୍ପନ୍ନ ପରିବାରର ଝିଅ ହୋଇଥିବା ବେଳେ, ଅବନୀ ଥିଲେ ଏକ ନିମ୍ନମଧ୍ୟବିତ୍ତ ପରିବାରର ପୁଅ । ବାପାଙ୍କର ପ୍ରତିକୂଳ ଆର୍ଥିକ ପରିସ୍ଥିତି ତାଙ୍କୁ ସ୍କୁଲ ଓ କଲେଜ ପିଲାଙ୍କୁ ପାଠ ପଢାଇ ନିଜର ପଢାଖର୍ଚ୍ଚ ତୁଲାଇବାକୁ ବାଧ୍ୟ କରିଥିଲା । ଏସବୁ ସତ୍ତ୍ୱେ ସେ ପାଠ ପଢ଼ାରେ ଥିଲେ ବେଶ୍ ଆଗୁଆ, ଏପରିକି ସେ ଇଣ୍ଟରମିଡିଏଟ ଆର୍ଟସ୍ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇଥିଲେ । ଅବନୀର ଅଭାବ ବେଳେ ସୁପ୍ରଭା ଯେତେଥର ସାହାଯ୍ୟର ହାତ ବଢ଼ାଇବାକୁ ଚେଷ୍ଟା କରିଛନ୍ତି, ସେତେଥର ତାଙ୍କୁ ନିରାଶ ହେବାକୁ ପଡ଼ିଛି । ଅବନୀର ଆତ୍ମ ବିଶ୍ୱାସ, ସଚ୍ଚୋଟତା ଓ ନିଃସ୍ୱାର୍ଥପରତା ଦେଖି ସୁପ୍ରଭା କେବଳ ଅଭିଭୂତ ହୋଇ ନାହାନ୍ତି, ଚମତ୍କୃତ ହୋଇଛନ୍ତି ମଧ୍ୟ । ସୁପ୍ରଭା କହନ୍ତି ଯେ ଏତେ ଭଲ ହେବାଟା ଆଦୌ ଉଚିତ୍ ନୁହେଁ, କାରଣ ଏହା ବେଳେବେଳେ ମହଙ୍ଗା ପଡ଼ିପାରେ । ଅବନୀ କିନ୍ତୁ କହନ୍ତି ଯେ ପ୍ରତ୍ୟେକଟି ମଣିଷର କିଛି ନୀତି ଓ ଆଦର୍ଶ ରହିବା ଉଚିତ୍, ଯାହାକୁ ପାଥେୟ କରି ସେ ସମାଜରେ ସମ୍ମାନର ସହିତ ବଞ୍ଚିପାରିବ । ସୁପ୍ରଭାଙ୍କର ଯୁକ୍ତିହେଲା, ଶୁଖିଲା ଆଦର୍ଶକୁ ନେଇ ବଞ୍ଚିହୁଏ ନାହିଁ । ଏକ ସୁଖୀଜୀବନ ଜୀଇଁବା ପାଇଁ ଦରକାର ପଡିଲେ ପରିସ୍ଥିତି ସହିତ ନିଜକୁ ସାଲିସ୍ କରିବାକୁ ପଡେ । ଅବନୀଙ୍କର କିନ୍ତୁ ଦୃଢ ବିଶ୍ୱାସ ଯେ ନୀତି ଓ ଆଦର୍ଶବିହୀନ ଜୀବନ, ଜୀବନ ନୁହେଁ । ସେ ଶଗଡ଼ ଗୁଳାରେ ଚାଲିବାକୁ ସେ କେବେ ବି ପସନ୍ଦ କରନ୍ତି ନାହିଁ । ସୁପ୍ରଭା ଆଉ ଆଗକୁ ଯୁକ୍ତି ବଢେଇବାକୁ ଚାହାନ୍ତି ନାହିଁ,

 Magazine Downloaded from www.aahwaan.com

କାରଣ ଅବନୀର ବଳିଷ୍ଠ ଯୁକ୍ତି ଆଗରେ ସେ ନିଜକୁ ଅସହାୟ ମଣନ୍ତି, ଆଉ କଥାର ଧାରା ବଦଳି ଯାଏ । ମାତ୍ର ବିଚାରର ଭିନ୍ନତା ସତ୍ତ୍ୱେ ବି ସେମାନେ କେହି କାହାର ସାନିଧ୍ୟ ବିନା ମୁହୂର୍ତ୍ତେ ବି ଅଲଗା ରହିବାକୁ ଚାହାଁନ୍ତି ନାହିଁ । ଏହା ଭିତରେ ସ୍ନାତକୋତ୍ତର ପରୀକ୍ଷା ସରିଗଲା । ପରୀକ୍ଷା ସରିବା ପରେ ତାଙ୍କର ଶେଷ ଦେଖା ହୋଇଥିଲା ସେହି ପୁରୁଣା କଫି ସପରେ, ଯେଉଁଠିକୁ ଅବନୀର ଇଚ୍ଛା ନଥିଲେ ବି ସୁପ୍ରଭା କିଛିନା କିଛି ବାହାନା କରି ଟାଣି ନେଇ ଯାଆନ୍ତି । ସେଦିନ ସୁପ୍ରଭା କଫି ପିଉ ପିଉ ହଠାତ୍ ଅବନୀକୁ ପଚାରିଲେ ଯେ ସେମାନେ କ'ଣ ବାକି ଜୀବନଟା ଏକାଠି କଟାଇ ପାରିବେ ନାହିଁ? ଅବନୀ ଅପ୍ରସ୍ତୁତ ହୋଇଯାଆନ୍ତି, କିନ୍ତୁ ନିଜକୁ ରୋକି ନପାରି ଉତ୍ତର ଦିଅନ୍ତି ଯେ ସେଭଳି ହେଲେ ସେ ନିଜକୁ ଭାଗ୍ୟବାନ ମନେ କରିବେ । କିନ୍ତୁ ସେଥିପାଇଁ ସୁପ୍ରଭାଙ୍କୁ ଅପେକ୍ଷା କରିବାକୁ ପଡ଼ିବ, ଯେ ପର୍ଯ୍ୟନ୍ତ ସେ ନିଜକୁ ପ୍ରତିଷ୍ଠିତ ନ କରିଛନ୍ତି । ସୁପ୍ରଭାଙ୍କ କଥାକୁ ଯେ ଅବନୀ ଏତେ ସହଜରେ ମାନିଯିବେ ତାହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ତାଙ୍କ ଜୀବନର ଇପ୍ସିତ ବସ୍ତୁଟି ଯେ ଏବେ ତାଙ୍କ ହାତ ପାଆନ୍ତାରେ, ଏହା ଭାବିବା ମାତ୍ରେ ଖୁସି ଆଉ ଉତ୍କଣ୍ଠାରେ ତାଙ୍କର କଣ୍ଠରୋଧ ହୋଇ ଯାଉଥିଲା ।

ସେହିବର୍ଷ ହିଁ ଆଡହକ୍ ଅଧ୍ୟାପକ ପୋଷ୍ଟିଂ ବନ୍ଦ ହୋଇଗଲା, ଆଉ ଅବନୀ ପ୍ରତିଯୋଗିତା ମୂଳକ ପରୀକ୍ଷା ଖର୍ଚ୍ଚ ତୁଲାଇବା ପାଇଁ ବାଧ୍ୟ ହୋଇ ଏକ ନୂଆ କଲେଜରେ ଜଏନ କଲେ । ଏହା ଭିତରେ ସୁପ୍ରଭା ଗାଆଁକୁ ଫେରିବା ପରେ ବାପାମା' ତାଙ୍କ ବାହାଘର ପାଇଁ ବ୍ୟସ୍ତ ହୁଅନ୍ତି । ସୁପ୍ରଭା ବିଭିନ୍ନ କାରଣ ଦେଖାଇ ବାହାଘର ଗଡେଇବାକୁ ଚାହିଁଲେ ବି ତାହା ସେ ବେଶିଦିନ ଅଟକି ପାରନ୍ତି ନାହିଁ, ଆଉ ଶେଷରେ ଅବନୀ ପ୍ରସଙ୍ଗ ପଡେ । ସେମାନେ ପରସ୍ପରକୁ ପସନ୍ଦ କରନ୍ତି ଏବଂ ଏଥିପାଇଁ ଅବନୀର ଏ ବର୍ଷ ସିଭିଲ ସର୍ଭିସ ପରୀକ୍ଷାର ଫଳାଫଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାପାଙ୍କୁ କହନ୍ତି । ବାପାଙ୍କର କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୁକ୍ତିହେଲା ଯେ ଗୋଟେ ନୂଆ କଲେଜରେ ଅଧ୍ୟାପକ ହୋଇଥିବା ପିଲାଟି ଉପରେ ଭରସା କରି ସେ ନିଜ ଝିଅର ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲି ଦେଇ ପାରିବେ ନାହିଁ । ସୁପ୍ରଭାକୁ ପଚାରନ୍ତି ଯେ ଅବନୀ କ'ଣ ତାର ଇପ୍ସିତ ଫଳ ଏକ ନିର୍ଦ୍ଧିଷ୍ଟ ସମୟସୀମା ଭିତରେ ପାଇବ ବୋଲି ଗ୍ୟାରେଣ୍ଟି ଦେଇ ପାରିବ କି ?ତାଛଡ଼ା ଏବେ ଯେଉଁ ପ୍ରସ୍ତାବଟା ଆସିଛି, ସେ ତାଙ୍କ ବନ୍ଧୁଙ୍କର ପୁଅ ଓ ପିଲାଟି ଖୁବ୍‌ଭଲ । ପିଲାଟି ବ୍ୟାଙ୍କରେ ଅଫିସର ଆଉ ତା'ର ଉଜ୍ଜ୍ୱଳ ଭବିଷ୍ୟତ ଅଛି । ଏଣୁ ସେ ଏ ବିଷୟରେ ଆଉ ଅଧିକ କିଛି ଚିନ୍ତା କରିବାକୁ ଚାହାନ୍ତି ନାହିଁ । ସୁପ୍ରଭା ଯେତେଥର ଅବନୀଙ୍କ ସହିତ କଥାହେଲେ ବି ତାଙ୍କର ସେହି ଗୋଟିଏ ଉତ୍ତର, ଯଦି ସେ ତାଙ୍କୁ ବିଶ୍ୱାସ କରନ୍ତି ଏବଂ ତାଙ୍କ ସାମର୍ଥ୍ୟ ବିଷୟରେ ନିଃସନ୍ଦେହ, ତେବେ ଯେତେ ବାଧାବିଘ୍ନ ଆସିଲେ ବି ସେ ଦେଇଥିବା କଥାରୁ କେବେ ବି ଓହରି ଯିବେ ନାହିଁ ।

ସୁପ୍ରଭା କିନ୍ତୁ ଶେଷ ପର୍ଯ୍ୟନ୍ତ ଅବନୀ ଉପରେ ଭରସା ରଖି ପାରିଲେ ନାହିଁ ଆଉ ବାପାଙ୍କ ପ୍ରସ୍ତାବରେ ରାଜି ହୋଇଗଲେ । ତା'ପରେ ଅବନୀଙ୍କ ସହିତ ତାଙ୍କର ଆଉ କୌଣସି ସମ୍ପର୍କ ନାହିଁ ବା ତାଙ୍କ ସହିତ ଯୋଗାଯୋଗ କରିବାକୁ ସେ ସାହସ କରି ପାରି ନାହାଁନ୍ତି ।

ସୁପ୍ରଭା ହଠାତ୍ ଚିନ୍ତା ରାଜ୍ୟରୁ ଫେରିଆସିଲେ କେହି ଜଣେ ତାଙ୍କ ନାଆଁ ଡାକୁଥିବା ଶୁଣି । ଭାବିଲେ, ସ୍ୱାମୀ ଫେରିଆସିଲେ ବୋଧହୁଏ । ଚାରିଆଡକୁ ଅନେଇଲେ, ନା କେହି କେଉଁଠି ଦେଖା ଯାଉନାହାଁନ୍ତି । ଏବେ ଲୋକଟି ତାଙ୍କ ପାଖକୁ ଆସି କହିଲା,"ମାଡାମ୍ ! ଆପଣଙ୍କୁ ଡାକୁଛି, ଭିତରକୁ ଯାଆନ୍ତୁ ।" ସୁପ୍ରଭା ଟିକେ ଅପ୍ରସ୍ତୁତ ମନେ କଲେ, କିନ୍ତୁ ପରିସ୍ଥିତିକୁ ସାମ୍ନା କରିବାପାଇଁ ନିଜକୁ ଦୃଢ଼ କଲେ । ଏବେ ସେ କବାଟ ଠେଲି ଭିତରକୁ ପଶିଲେ ଆଉ ଗୁଡ୍ ମର୍ଣ୍ଣିଂ ସାର୍ କହୁକହୁ ହଠାତ୍ ଚମକି ପଡ଼ିଲେ । ତାଙ୍କୁ ଲାଗିଲା ଯେମିତି ଗୋଟେ ଭୂକମ୍ପ ଆରମ୍ଭ ହୋଇଯାଇଛି, ଆଉ ତାଙ୍କ ପାଦତଳରୁ ଚଟାଣ ଖସିବା ସହିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୃଥିବୀଟା ତାଙ୍କ ଚାରିପଟେ ଚକ୍ରାକାରରେ ବୁଲୁଛି । କମିଶନର ଫାଇଲରୁ ମୁଣ୍ଡ ଉଠେଇଲେ, ଆଉ ଅତି ସହଜ ଭାବରେ କହିଲେ, ସୁପ୍ରଭା ! ଭିତରକୁ ଆସ । ସୁପ୍ରଭା ପାଦେ ଆଗେଇ ଯାଇ ଥରଥର ହୋଇ ସାମ୍ନା ଚେୟାର ଉପରେ ଅଜାଡି ହୋଇ ପଡିଲେ । କମିଶନର କହିଲେ, "ଆସ୍ତେ, ଟିକେ ସମ୍ଭାଳିକି ବସ । ତାପରେ ଟେବୁଲ୍ ଉପରୁ ପାଣି ଗ୍ଲାସଟେ ଉଠେଇ ସୁପ୍ରଭାଙ୍କ ଉଦ୍ଦେଶ୍ୟରେ ବଢେଇ ଦେଇ କହିଲେ, "ଆଗେ ଟିକେ ପାଣି ପିଇନିଅ, ଭଲ ଲାଗିବ ।" ସୁପ୍ରଭା କମ୍ପୁଥିବା ହାତରେ ଗ୍ଲାସଟା ନେଇ ଗୋଟିଏ ଢୋକରେ ପାଣିତକ ପିଇଦେଲେ । ଏବେ କମିଶନର କହିଲେ, "ସୁପ୍ରଭା ! ମୁଁ ଭାବିଥିଲି ତୁମ ସହିତ ଜୀବନରେ ଆଉ କେବେ ଦେଖା ହେବନାହିଁ । କିନ୍ତୁ ସଂଯୋଗ ଦେଖ, ସୁଦୂର ଗୁଜରାଟରେ, ପୁଣି ଅପ୍ରତ୍ୟାଶିତ ଭାବରେ ତୁମ ସହିତ ଦେଖା ହୋଇଗଲା । ଶେଷଥର ଦେଖାହେବାର ପ୍ରାୟ ବର୍ଷେ ପରେ ଯେତେବେଳେ ପରୀକ୍ଷାଫଳ ବାହାରିଲା, ତୁମକୁ ପ୍ରଥମେ ଖବରଟା ଜଣାଇବା ପାଇଁ ସିଧା ଯାଇ ତୁମ ଗାଁରେ ପହଞ୍ଚିଲି । କିନ୍ତୁ ଯେତେବେଳେ ସବୁକଥା ଶୁଣିଲି, ସେତେବେଳେ ମୋ ପାଦତଳରୁ ମାଟି ଖସିଗଲା । ସଳଖ ହୋଇ ଛିଡା ହେବା ଭିତରେ ଟ୍ରେନିଂ ସମୟ ସରିଗଲା । ସେଇଠୁ ଏ ପର୍ଯ୍ୟନ୍ତ ମୁଁ ଭାରତ ଭ୍ରମଣ କରୁଛି ଆଉ ଏବେ ତ ଦେଶର ଅଧିକାଂଶ ରାଜ୍ୟ ବୁଲି ସାରିଲିଣି । ବୁଝିଲ ସୁପ୍ରଭା !ଆଦର୍ଶରେ ବଞ୍ଚିବା କଷ୍ଟ ହୋଇପାରେ କିନ୍ତୁ ଅସମ୍ଭବ ନୁହେଁ । ଏ ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ବି ମୁଁ ନିଜକୁ ସାଲିସ କରିପାରି ନାହିଁ ବୋଲି ତ ମୋର ବର୍ଷକୁ ଥରେ ବଦଳି ହେଉଛି । କିନ୍ତୁ ସେଥିପାଇଁ ମୋର କୌଣସି ଅଭିଯୋଗ ନାହିଁ । ସାଲିସ୍ ହୀନ ଜୀବନ ବଞ୍ଚିବାରେ ଯେଉଁ ଆନନ୍ଦ, ତାହା କ'ଣ ସାଲିସ ଭିତରେ ମିଳିପାରିବ ? ତା ଛଡ଼ା ମୋର କୌଣସି ଝଞ୍ଜଟ ନାହିଁ । ବ୍ୟାଗ୍ ଦୁଇଟା ପ୍ୟାକିଂ କଲେ ଭାରତବର୍ଷର ଯେ କୌଣସି ସ୍ଥାନରେ ତତକ୍ଷଣାତ୍ ପହଞ୍ଚି ଯାଇପାରିବି । ଆଉ ଆଜି ଏହି ବେସାଲିସ୍ଜୀବନ, ମୋତେ ସୁଦୂର ଗୁଜରାଟରେ ପହଞ୍ଚାଇ ଦେଇଛି । ଆଜି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳେ ଫାଇଲ୍ ଦେଖୁଦେଖୁ ତା ଭିତରେ ଥିବା ପାନକାର୍ଡ କପିରୁ ତୁମ ନାଁ ଆଉ ବାପାଙ୍କ ନାଁ ଦେଖି ନିଶ୍ଚିତ ହୋଇ ଯାଇଥିଲି ଯେ ତୁମ ସହିତ ଅନ୍ତତଃ ଆଉଥରେ ଦେଖା ହେବ ।"

ଅବନୀ ତାଙ୍କ କଥା କହି ଚାଲିଥିବା ବେଳେ ସୁପ୍ରଭା କିନ୍ତୁ ଚୁପ୍‌ଚାପ୍ ମୁଣ୍ଡ ତଳକୁ କରି ରହିଥିଲେ, ଯେମିତି ଗୋଟେ ଅଭିଯୁକ୍ତ ଅପରାଧୀ ବିଚାରପତିଙ୍କ ରାୟ ଅପେକ୍ଷାରେ ମୁଣ୍ଡ ନୁଆଇଁ ଛିଡ଼ା ହେବା ଭଳି। ସୁପ୍ରଭା ଭାବୁଥିଲେ ଯେ ଅବନୀଙ୍କ କଥାରୁ ଏତିକି ସ୍ପଷ୍ଟ ଯେ ସେ ଏବେ ବି ଅବିବାହିତ । କିନ୍ତୁ ତାଙ୍କ ଭଳି ଗୋଟେ ଅବିଶ୍ୱାସୀ ମଣିଷ ପାଇଁ ସେ କାହିଁକି ନିଜକୁ ଦଣ୍ଡିତ କଲେ ?

କିଛି ସମୟ ରହିଯାଇ ପୁଣି ଫାଇଲ୍ ଭିତରକୁ ଫେରିଯାଇ ଅବନୀ ପଚାରିଲେ, "ମୁଁ ତୁମକୁ ଯେତିକି ଜାଣିଛି, ସେଥିରେ ମୋର ଦୃଢ ବିଶ୍ୱାସ ଯେ ତୁମେ ଏ ସବୁ କାମ କେବେ ବି କରିପାରିବ ନାହିଁ । ଏଣୁ ଯାହା ବି ହୋଇଛି ତାହା ନିଶ୍ଚିତ ଭାବେ ଅନ୍ୟ କାହା ଦ୍ୱାରା କରାଯାଇଛି । ସମ୍ଭବତଃ ସେ ତୁମର ଖୁବ୍ ପରିଚିତ ଆଉ ସେଥିପାଇଁ ହିଁ ସେ ଏସବୁ କରିବାର ସୁଯୋଗ ପାଇଛି । ଏହି ଭଳି ବହୁ ଘଟଣା ଆମ ନଜରକୁ ଆସିଲାଣି ଏବଂ ଆମର ଇଣ୍ଟେଲିଜେନ୍‌ସ ମଧ୍ୟ ବହୁ ଭଦ୍ର ଅପରାଧୀଙ୍କ ମୁଖା ଖୋଲି ସାରିଲାଣି । ମୋର ଆଶା ଏଭଳି ସାମ୍ଭାବ୍ୟ ପରିଚିତ ଲୋକଙ୍କ ବିଷୟରେ ଆମକୁ କିଛି ସୁରାକ୍ ଦେବ, ଫଳରେ ତୁମକୁ ଅପରାଧରେ ଛନ୍ଦି ଦେଇଥିବା ଲୋକପାଖରେ ଆମେ ସହଜରେ ପହଞ୍ଚିପାରିବୁ ।" ସୁପ୍ରଭା ଏବେ ମୁଣ୍ଡ ଉଠେଇ ଅବନୀଙ୍କୁ ଚାହିଁଲେ । ତାଙ୍କ ଦୃଷ୍ଟିଥିଲା ଅତ୍ୟନ୍ତ କରୁଣ, ଆଉ ତାଙ୍କ ରକ୍ତହୀନ ପାଣ୍ଡୁର ମୁହଁଟା ଦେଖା ଯାଉଥିଲା ଯେପରି ଅପ୍ରତ୍ୟାଶିତ ଭାବେ ଧରା ପଡ଼ିଯାଇଥିବା ଗୋଟେ ଫେରାର ଅପରାଧୀର ମୁହଁ ଭଳି । ସୁପ୍ରଭାଙ୍କୁ ଲାଗିଲା ଯେମିତି ପୋଲିସ୍ ତାଙ୍କୁ ଜେରା କରୁଛି, "ସତ କୁହ, ତୁମ ସହ ଆଉ କିଏ ଏହି ଅପରାଧରେ ସମ୍ପୃକ୍ତ । ସତ କହିଲେ ତୁମକୁ ରାଜସାକ୍ଷୀ କରାଯିବ ଏବଂ ତୁମେ ଅପରାଧ ମୁକ୍ତ ହେବାର ବାଟ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ଫିଟିଯିବ ।” କିନ୍ତୁ ସେ କ’ଣ ପ୍ରକୃତରେ ସତ କହିପାରିବେ ନା ମିଛ କହି ଫାଙ୍କି ପାରିବେ ? ସେ କୌଣସି ପରିସ୍ଥିତିରେ ବି ସତ କହିପାରିବେ ନାହିଁ, କାରଣ ସେଇଟା ତାଙ୍କ ପାଇଁ ଆତ୍ମଘାତୀ ହେବ । ଏବେ ସୁପ୍ରଭାଙ୍କ ମୁହଁ ଆହୁରି କରୁଣ ଦେଖାଗଲା । ସେ ଏବେ ନିଶ୍ଚିତ ହୋଇଗଲେ ଯେ ଅବନୀଙ୍କ ପାଖରେ ପ୍ରକୃତ ଲୋକ ବିଷୟରେ ଖବର ପହଞ୍ଚି ଯାଇଛି, କିନ୍ତୁ ତାହା ସେ ସୁପ୍ରଭାଙ୍କ ମୁହଁରେ ଶୁଣିବାକୁ ଚାହୁଁଛନ୍ତି । ସୁପ୍ରଭା ନିରୁତ୍ତର ଦେଖି ପ୍ରସଙ୍ଗ ବଦଳେଇ ଅବନୀ କହିଲେ, “ଯେତେବେଳେ ଗୁଜରାଟ ଆସିଛ, ତୁମ ସ୍ୱାମୀ ନିଶ୍ଚୟ ତୁମ ସହିତ ଆସିଥିବେ ? ମୋତେ କ’ଣ ସେହି ଭାଗ୍ୟବାନ ବ୍ୟକ୍ତିଙ୍କ ସହିତ ପରିଚୟ କରେଇବନି ?” ସୁପ୍ରଭା ଏଥର ଅବନୀଙ୍କୁ ଚାହିଁ କମ୍ପିତ କଣ୍ଠରେ କହିଲେ, “ସେ ଆସିଛନ୍ତି, କିନ୍ତୁ ତୁମ ସାମ୍ନାକୁ ଆସିବା ପାଇଁ ସାହସ ସଞ୍ଚୟ କରି ପାରିଲେ ନାହିଁ । ଏସବୁ ଭୁଲ୍ ପାଇଁ କେବଳ ମୁଁ ହିଁ ଦାୟୀ । ତୁମେ ଯେ କୌଣସି ଦଣ୍ଡବିଧାନ କଲେ ବି ମୁଁ ତାହା ମୁଣ୍ଡପାତି ସହିନେବି । ତୁମର ଆଦେଶ ବିରୁଦ୍ଧରେ କୌଣସି ଟ୍ରିବୁନାଲ୍ ବା କୋର୍ଟରେ ଅପିଲ୍ କରିବି ନାହିଁ । କାରଣ ମୁଁ କରିଥିବା ଅପରାଧ କେବେ ବି କ୍ଷମଣୀୟ ନୁହେଁ ।”

ଅବନୀ ଏବେ ସୁପ୍ରଭାକୁ ଚାହିଁ ନୀରବରେ ହସିଲେ । ତାପରେ କହିଲେ, “ଠିକ୍ ଅଛି, ତୁମ କଥା ମୁଁ ମାନି ନେଲି ।”

ତ୍ରିଲୋଚନ ଦାସ

୨୯-ଏ, କଳ୍ପନା ଏରିଆ, ବି.ଜେ.ବି.ନଗର, ଭୁବନେଶ୍ୱର-୭୫୧୦୧୪

ଦୂରଭାଷା:-୭୦୦୮୭୩୫୧୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ତ ପରିତୃପ୍ତିର କଥାକହେ



ଅନସୂୟା ପଣ୍ଡା

ବସ ଷ୍ଟପରୁ ସେ ରହୁଥିବା ଆପାର୍ଟମେଣ୍ଟର ରାସ୍ତା ପ୍ରାୟ ଛଅ ସହ ମିଟର ହେବ । ଲମ୍ବା ଲମ୍ବା ପାହୁଣ୍ଡ ପକାଉଥିଲା ଜାହ୍ନବୀ । ଆଜି ଷ୍ଟାଫ୍ ମିଟିଙ୍ଗ ଥିବାରୁ କଲେଜରୁ ବାହାରିବାକୁ ଡେରି ହୋଇଯାଇଥିଲା । ଦୁଇ ତିନିଟା ବସ ଖୁବ ଭିଡ଼ ଯୋଗୁଁ ଚଢି ହେଲାନି, ଛାଡିବାକୁ ପଡିଲା । ନହେଲେ ଏ ସମୟରେ ସେ କେବେ ସିଟ ପାଇଁ ଜଗେନି ।

ଜାହ୍ନବୀକୁ କଷ୍ଟ ହୁଏ, ଘର, ପିଲାର ଦାୟିତ୍ୱ ସହ ଆଧ୍ୟାପନା, ହେଲେ ନିଜକୁ ଟାଣି ନେଇ ସେ ଚଳାଇ ନିଏ । ଉତ୍ସାସରେ ରହିଲେ କଣ ସବୁ ଜିନିଷ ଛୁଇଁ ହୁଏ ?

ସ୍ୱାମୀ ଆଶୁତୋଷ ଖୁବ ଭଲ ମଣିଷ, ସେ ତାକୁ କେବେ ବାଧ୍ୟ କରିନାହାନ୍ତି ନିଜକୁ କଷ୍ଟ ଦେଇ ଚାକିରୀ କରିବାକୁ । ଏମିତି ବି ଆଶୁତୋଷଙ୍କ ଦରମାରେ ସେମାନଙ୍କ ଘର ଖୁବ ଖୁସିରେ ଚଳିଯାଆନ୍ତା ହେଲେ ସେ ଖାଲି ଆଶୁତୋଷଙ୍କ ସ୍ତ୍ରୀ ଓ ନିତ୍ୟାର ମା ଛଡା ନିଜର ପରିଚୟ ତିଆରି କରିବାକୁ ପସନ୍ଦ କରେ । ନିଜର ସ୍ୱାର୍ଥିକ ସ୍ଥିତି ସହ ନିଜର ସ୍ୱତନ୍ତ୍ର ପରିଚୟ ସେ କୌଣସି ପରିସ୍ଥିତିରେ ହରାଇବାକୁ ଚାହୁଁ ନଥିଲା । ସକାଳୁ ଝିଅକୁ ସ୍କୁଲ ପଠାଇବା ପରେ ସେ କଲେଜ ବାହାରିଯାଏ, ଝିଅ ପହଞ୍ଚିବା ପୂର୍ବରୁ ସେ ପହଞ୍ଚିଯାଏ । ସେମାନଙ୍କ ଆପାର୍ଟମେଣ୍ଟଟି ଭୁବନେଶ୍ୱରର ନାମୀ ଦାମୀ ଜାଗାରେ ଥିବାରୁ ଯାତାୟାତରେ ବିଶେଷ ଅସୁବିଧା ହୁଏନି ଜାହ୍ନବୀକୁ । କେବେ କେମିତି ଏପଟ ସେପଟେ ହେଲେ ଆଶୁତୋଷ ସମ୍ଭାଳି ଦେଇ ଚଳାଇ ନିଅନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିନିଟା ସୁଧା ନିତ୍ୟାର ସ୍କୁଲ ବସ ତାଙ୍କ ଆପାର୍ଟମେଣ୍ଟ ଗେଟ ପାଖରେ ପହଞ୍ଚିବ । ଆଜିକାଲିର ତିକ୍ତ ଘଟଣା ପ୍ରବାହକୁ ଦେଖି ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ପିଲାଙ୍କୁ ଅଭିଭାବକଙ୍କ ଛଡା ଅନ୍ୟ କାହା ହାତରେ ହସ୍ତାନ୍ତର କରିବାକୁ କଡାକଡି ଭାବେ ମନାକରୁଛନ୍ତି । ଯାହା ହେଉ ସ୍କୁଲ ବସ ପହଞ୍ଚିବା ସହ ସେ ମଧ୍ୟ ପହଞ୍ଚି ସାରିଥିଲା ତାଙ୍କ ଆପାର୍ଟମେଣ୍ଟର ଗେଟ ପାଖରେ ।

ଝିଅକୁ ସ୍କୁଲ ବସରୁ ଆଣି ସାରି ଦେଖିଲା ଆପାର୍ଟମେଣ୍ଟର ଗେଟ ସାମ୍ନାରେ ପୋଲିସ ଗାଡି ରହିଛି । ଜଣେ ଲେଡି କନେଷ୍ଟବଳ, ଦୁଇଜଣ ପୁରୁଷ କନେଷ୍ଟେବଳ ବାହାରେ ଛିଡା ହୋଇଥାନ୍ତି । ପୋଲିସ ଅଫିସର ଜଣଙ୍କ ଆପାର୍ଟମେଣ୍ଟର ସେକୁରିଟି ଗାର୍ଡ ବିନୋଦକୁ କଣ ସବୁ ପଚରା ଉଚରା କରୁଥାଏ । ତା ପାଖରେ ଆପାର୍ଟମେଣ୍ଟର ମ୍ୟାନେଜମେଣ୍ଟର କେତେକ ଲୋକ ଠିଆ ହୋଇଥାନ୍ତି । ଜାହ୍ନବୀ ଭାବିଲା ବୋଧେ କେଉଁ ଭଡାଟିଆ ଘର ଛାଡିବାକୁ ନାରାଜ ବା କେଉଁ ଫ୍ଲାଟ ରେ କିଛି ପାରିବାରିକ ଗଣ୍ଡଗୋଳ ପାଇଁ ପୋଲିସ ଆସିଛି ।

ସେ ବିଷୟରେ ବେଶୀ ମୁଣ୍ଡ ନ ଖେଳେଇ ଝିଅକୁ ଧରି ଘରକୁ ଆସିଲା । ପ୍ରିସ୍କୁଲ ପରେ ପିଲାଟା ଏଇ ବର୍ଷ ଫରମାଲ ସ୍କୁଲ ଯାଉଛି । ସକାଳ ସାଢେ ସାତରେ ଯାଇ ଥିଲା ଯେ ଆସି ତିନିଟା ବାଜିବ, ପୁରାପୁରି ଝାଉଁଳି ଯାଇଥିଲା । ଝିଅର ସ୍କୁଲ ଡ୍ରେସ, ଜୋତା କାଢି ତାକୁ ଖାଇବାକୁ ଦେଉଛି ତ ବାହାରେ ଖୁବ ଜୋରରେ ପାଟି ତୁଣ୍ଡ ଶୁଣି କବାଟ ଖୋଲି ଦେଖିଲା ଜାହ୍ନବୀ । ପୋଲିସ ଅଫିସର, କନେଷ୍ଟବଳଙ୍କ ସହ, ସିକୁରିଟି ଗାର୍ଡ ବିନୋଦ ଓ ଅନ୍ୟମାନେ ତାଙ୍କ ଆପାର୍ଟମେଣ୍ଟର ସେକ୍ରେଟେରୀଙ୍କ ଘର ଦୁଆ ମୁହଁରେ ଠିଆ ହୋଇ ପାଟିକରୁଛନ୍ତି । ତା ଘରର ଦୁଇଟା ଘର ଛାଡି ସେକ୍ରେଟେରୀ ସୁକାନ୍ତ ବାବୁଙ୍କ ଘର ।

କିଛି ସମୟ ପରେ ପୋଲିସ ସୁକାନ୍ତ ବାବୁଙ୍କୁ ହାତ କଡା ପକାଇ ଆଣିବା ଦେଖିବାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦାନ୍ତ କବାଟ ବନ୍ଦ କଲା ଜାହ୍ନବୀ ।

ଲୋକଟା ଘରେ ରହି କଣ ବିଜିନେସ କରିବା ସହ ଆପାର୍ଟମେଣ୍ଟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱମଧ୍ୟ ନିଏ ।

ତାଙ୍କ ସ୍ତ୍ରୀ ଅପର୍ଣ୍ଣା ଏଠି କେଉଁ ପ୍ରାଇଭେଟ କମ୍ପାନୀରେ କାମ କରେ, ଦେଖିବାକୁ ଗୋରା ହୋଇ ଖୁବ ସୁନ୍ଦର । ଦୁହିଁଙ୍କର ପ୍ରେମ ବିବାହ । ସୁକାନ୍ତ ବାବୁ ହାଇଦ୍ରାବାଦରେ ହାର୍ଡୱେର ଇଂଜିନିଅରିଂ ପଢିଲା ବେଳେ ସେ ଭଡା ରହୁଥିବା ମାଲିକଙ୍କ ଝିଅ ହେଲେ ଅପର୍ଣ୍ଣା ।  ବିବାହର ପରେ ସୁକାନ୍ତ ବାବୁଙ୍କ ସହ ସୁଖମୟ ଦାମ୍ପତ୍ୟ ଜୀବନ ତାଙ୍କ ଦୁହିଁଙ୍କ ପ୍ରେମର ସଫଳତାର ପରିଚୟ ଦିଏ, କେବେ କେବେ ଦେଖା ହେଲେ ଅପର୍ଣ୍ଣା, ସୁକାନ୍ତ ବାବୁଙ୍କ ଭୁରିୟସୀ ପ୍ରଶଂସା କରି କୁହେ ।

ପିଲାବେଳୁ ସୁକାନ୍ତ ବାବୁ ବାପା ଛେଉଁଣ୍ଡ । ଗତ ବର୍ଷ ତାଙ୍କ ମାଙ୍କ ଦେହାନ୍ତ ପରେ, ତାଙ୍କ ସାତ ବର୍ଷର ପୁଅକୁ ରଖିବାରେ ଅନେକ ହଇରାଣ ହେବାପରେ, ଅଗତ୍ୟା ଅଜା ଆଇଙ୍କ ପାଖରେ ହାଇଦ୍ରାବାଦରେ ନେଇ ଛାଡିଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ନିଜ କାମରେ ବ୍ୟସ୍ତ, ଡେକେୟାର ଅପେକ୍ଷା ପିଲାଟି ସେଠି ସୁରକ୍ଷିତ । ସେ ସେଠି  ସ୍କୁଲରେ ପଢେ, ସ୍କୁଲ ଛୁଟିରେ ଏଠିକୁ ଅଜାଙ୍କ ସହ ଆସେ, ବାହାରେ ସାଇକେଲ ଚଳାଇଲାବେଳେ ଜାହ୍ନବୀ ଦେଖିଲେ ତା ସହ କଥାହୁଏ ।

ମୋଟା ମୋଟୀ ଦେଖିବାକୁ ଗଲେ ସୁକାନ୍ତ ବାବୁ ଖୁବ ଭଦ୍ର ଓ ନମ୍ର ଜଣା ପଡନ୍ତି । ତେବେ କଥାଟା କଣ ହୋଇ ପରେ ଠିକରେ ଅନୁମାନ କରିପାରିଲାନି ଜାହ୍ନବୀ । ପ୍ରକୃତ ଘଟଣାଟା କଣ ଜାଣିବାକୁ ତା ମନ ଛଟପଟ ହେଉଥାଏ । କିଛି ସମୟ ପରେ ତାର ମନେ ପଡିଲା ପଡିଶାଘର  ଭାଉଜଙ୍କର, ସୁକାନ୍ତ ବାବୁଙ୍କ ଘରସହ  ଖୁବ ଭଲ ସମ୍ପର୍କ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋନ ଲଗାଇଲା, ହେଲେ ସଠିକ ଖବର ଜାଣି ପାରିଲାନି ତାଙ୍କଠାରୁ । ବୋଧହୁଏ କଥାଟା ଜାଣିବି ସତ କଣ କହିବାକୁ ଇଚ୍ଛା କରୁ ନଥିବେ ଭାଉଜ ! ମନେ ମନେ ସେ ଭାବିଲା ବୋଧେ ମ୍ୟାନେଜମେଣ୍ଟ ଟଙ୍କା ଖାଇ ଦେଇଛି ତେଣୁ... । ଇତିହାସ ବିଭାଗର ଅଧ୍ୟପିକା ହେଲେବି ସେ କୌଣସି କଥାର ଇତିହାସ ଗଭୀର ଭାବେ ଜାଣିବାକୁ ଏତେ ଚେଷ୍ଟା କରେନି ।

ବହିର୍ମୁଖୀ ଏବେ ମହାନଗରର ଜୀବନ । କେବଳ ସୌଜନ୍ୟମୂଳକ କଥା ବାର୍ତ୍ତା ଛଡା, କାହାର କାହା ପାଇଁ ସମୟ ନାହିଁ । ବିନା ସ୍ୱାର୍ଥରେ ଏଠି ଦେଖିଲେ ବି କେହି ହସନ୍ତିନି । ଯଦି ଘର ଭିତରେ ମଣିଷ କୌଣସି କାରଣରୁ ମାରିବି ଯାଏ ଗନ୍ଧ ନବାହାରିଲା ଯାଏ କେହି ଦେଖି ବେନି । କାମବାଲୀ ଆସୁଥିବା ଘର କଥା ଟିକିଏ ଅଲଗା । ଯଦି ଏମିତି ଚାଲେ ତେବେ ଆଉ କିଛି ଦିନରେ ମଣିଷ ଆଉ ସାମାଜିକ ପ୍ରାଣୀ ବୋଲି କୁହା ଯିବନି ।

ସନ୍ଧ୍ୟାରେ ଝିଅ ଶୋଇକି ଉଠିବା ପରେ, ତଳେ ଥିବା ପାର୍କ କୁ ଖେଳେଇବାକୁ ନେବା ସମୟରେ ଶୁଭଶ୍ରୀ ଦେଖା ହେଲା । ସେ ତା ଦେଢ଼ ବର୍ଷର ପୁଅକୁ ଧରି ବୁଲୁଥିଲା । ଶୁଭଶ୍ରୀ ତାଙ୍କ ଆପାର୍ଟମେଣ୍ଟର ଗୁଗୁଲ କହିଲେ ଅତ୍ୟୁକ୍ତି ହେବନି । ସବୁ ଖବର ତା ପାଖରେ । ତାକୁ ପଚାରିଲାରୁ ସେ କହିଲା, "ତମେ ଜାଣିନକି ଜାହ୍ନବୀ, ଏଇ ଆମ ସିକୁରିଟି ଗାର୍ଡ ବିନୋଦର ଅବିବାହିତା ଶାଳୀ ଯିଏ ସୁକାନ୍ତ ବାବୁଙ୍କ ଘରେ ବାସନ ଧୁଏ, ଘର ଓଳା ପୋଛାକରେ, ସୁକାନ୍ତ ବାବୁ ପରା ତା ପିଲାର ବାପା ହେବାକୁ ଯାଉଛନ୍ତି ! ଏସବୁ ଘଟଣା ଜାଣିବାପରେ ତାଙ୍କ ସ୍ତ୍ରୀ ଘରଦ୍ୱାର ଛାଡି ନିଜ ବାପ ଘରକୁ ପଳାଇଯାଇଛି । ପ୍ରେମ କରି ବାହା ହୋଇଥିଲାସିନା, ସ୍ୱାମୀକୁ କିନ୍ତୁ କାନିରେ ବାନ୍ଧି ରଖିପାରିଲାନି !"

ଜାହ୍ନବୀ ଭାବୁଥିଲା, " ପ୍ରେମ କରୁଥିବା ମଣିଷଟିକୁ ଖୋଲା ଛାଡିଦିଆଯାଏ, ସ୍ୱାଧୀନତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମକୁ ମଜଭୁତ କରେ । ହାତମୁଠାରେ ଜାବୁଡି ଧରିଲେ ସେ ବାହାରକୁ ଉଡିଯିବାକୁ ବାଟ ଖୋଜେ ।

ପ୍ରେମ ତ ପରିତୃପ୍ତିର କଥା କହେ ଅତୃପ୍ତିର ନୁହେଁ, ଦେହ ନୁହେଁ ହୃଦୟର ଗାଥା କହେ । ଥରେ ନିଜ ପ୍ରେମକୁ ନିଜଭିତରେ ଅନୁଭବ କଲାପରେ, ମଣିଷ ସମ୍ପୂର୍ଣହୁଏ, ପରିପୂର୍ଣ ହୁଏ ବିକ୍ଷିପ୍ତ ନୁହେଁ ।"

-ଅନସୂୟା ପଣ୍ଡା,

କାର୍ତ୍ତଗୁଡି, ବାଙ୍ଗାଲୋର,

୯୮୪୦୭୦୬୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ ଛୋଟିଆ ପ୍ରେମକାହାଣୀ



ଦୀପକ ଷଡ଼ଙ୍ଗୀ

ମିତାର ମନ ବହୁତ ଖୁସି ଆଜି ଭ୍ୟାଲେଣ୍ଟାଇନ୍ ଡେ ରେ ପ୍ରପୋଜ କରିବ ସେ ଆଜି ସୋହନକୁ । ଦୀର୍ଘ ୫ ବର୍ଷର ପ୍ରେମକୁ ଆଜି ମିଳିଯିବ ତା'ର ସ୍ୱୀକାରୋକ୍ତି । କଲେଜ ପଢ଼ିବା ସମୟରେ ସେ ବହୁତ ଚେଷ୍ଟା କରିଛି ସୋହନକୁ ତା ମନଖୋଲି ସବୁ କହିଦେବା ପାଇଁ; କିନ୍ତୁ କହି ପାରିନି । କାରଣ ଟା ସେ ନିଜେ ବି ଜାଣିନି । ସୋହନକୁ ଦେଖିବା ମାତ୍ରେ ହିଁ ମିତା ସବୁ ମନେ ପକାଇ ରଖିଥିବା କଥା ଗୁଡା ଭୁଲିଯାଏ । ସେ ଯାହା ହେଉ ଆଜି କିନ୍ତୁ ସୋହନକୁ ସେ ସବୁକଥା କହିଦବ । ଆଉ ଯଦି ନକହି ବି ପାରିବ ତେବେ ସେ ସାଥିରେ ଚିଠି ଖଣ୍ଡେ ବି ଆଣିଛି ହାତକୁ ବଢେଇ ଦେଇ କହିବ ମୋରି ଆଗରେ ଠିଆ ହୋଇ କି ପଢ଼ିବାକୁ । ଦିନ ୧୦ଟା ବେଳୁ ସେ ପାର୍କରେ ବସିଛି ଆସି କି ଦିନ ଗୋଟାଏ ହେଲାଣି ତିନିଥର ଫୋନ ବି କରି ସାରିଲାଣି ସେ ସୋହନକୁ ରିଂ ହଉଛି କିନ୍ତୁ ସେପଟୁ କିଛି ଉତ୍ତର ନାହିଁ । ମନକୁ ତା'ର ପାପ ଛୁଇଁ ଆସୁଥିଲା । କୁଆଡେ ଗଲା ସୋହନ କହିଥିଲା ଯେ ଠିକ ୧୦ଟାରେ ଆସି ପହଞ୍ଚିଯିବ ବୋଲି । ମିତା ପୁଣି ମନକୁ ବୁଝେଇ ନେଲା ହଁ ନୂଆ କରି ଚାକିରି କରିଛି ହୁଏତ କୌଣସି କାମରେ ବ୍ୟସ୍ତ ରହି ଯାଇଥିବ । ମିତାର ଫୋନ ରିଂ ହେଲା ସେ ଦେଖିଲା ସୋହନର ଗୋଟେ ମେସେଜ ସେ ଲେଖିଥିଲା ଗୋଟେ ବଡ ଅସୁବିଧାରେ ମୁଁ ପଡି ଯାଇଛି ମୋ ପାଇଁ ଆଉ ଟିକେ ଅପେକ୍ଷା କର ମୁଁ ଗଲେ ତୁମକୁ ଗୋଟେ ସରପ୍ରାଇଜ୍ ବି ଦେବି । ସୋହନ କି ସରପ୍ରାଇଜ୍ ଦେବ ବୋଲି ମିତା ଭାବି ଚାଲିଥିଲା ତା ସହ ସେଥିପାଇଁ ବି ଚିନ୍ତିତ ଥିଲା ଯେ ସୋହନ କି ଅସୁବିଧାରେ ପଡିଛି ବୋଲି । କାଇଁ ମୋ ଆଗରୁ ସେ ମୋତେ ପ୍ରପୋଜ କରିଦବନି ତ । ଏମିତି ସବୁକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବି ମିତା ଲାଜରେ ଝାଉଁଳି ପଡୁଥିଲା । ଏହି ସମୟରେ ଆସି କି ପହଞ୍ଚିଗଲା ସୋହନ । ମୁହଁରେ ତା'ର ହତାଶାର ଚିହ୍ନ ସ୍ପଷ୍ଟ ବାରି ହୋଇପଡୁଥିଲା । ମିତା ଆଗରେ ଆସି ଦୋଷୀଙ୍କ ଭଳି ଛିଡା ହେଲା । ମିତା ତା'କୁ ପଚାରିଲା କଣ ହେଲା ବୋଲି କିନ୍ତୁ ତା ମୁହଁରୁ କିଛି ବି ଉତ୍ତର ବାହାରୁ ନଥିଲା । ସେ ମିତାର ହାତକୁ ଧରି କହିଲା ଆସ ମୋ ସଙ୍ଗେ । ମିତା କହୁଥିଲା ଆରେ କୁଆଡେ ନଉଛ ମୋତେ କିଛି ତ କୁହ । ମିତା ଆଉ କିଛି କହିବା ପୂର୍ବରୁ ସୋହନ ତା ମୋଟରସାଇକେଲ କରି ତା'କୁ ବସିବାକୁ କହିଲା ଓ ମୋଟର ସାଇକେଲକୁ ବିଜୁଳି ବେଗରେ ଛୁଟେଇ ନେଇ ପହଞ୍ଚିଗଲା ଗୋଟେ ଘର ଆଗରେ । ସୋହନ ଏକଦମ ଚୁପ ଥାଏ । ଗମ୍ଭୀର ହୋଇ ରହିଥିବା ମିତା କିଛି ବୁଝିପାରୁ ନଥାଏ ତା'ମନକୁ ବିଭିନ୍ନ ପ୍ରକାରର ଖରାପ ଚିନ୍ତା ସବୁ ଆସୁଥାଏ । ସୋହନ ମିତାର ହାତକୁ ଟାଣିନେଇ ଘର ଭିତରକୁ ନେଇଗଲା । ମିତା ଦେଖିଲା ସେ ଘରେ କେହି ନାହାଁନ୍ତି । ସବୁ କୋଠରି ଗୁଡା ବନ୍ଦ ହୋଇ ରହିଥାଏ । ମିତାକୁ ଏକା ଠିଆ କରି ଦେଇ ସୋହନ ବି ଚାଲିଗଲା । ମିତା ଭୟରେ ଥରୁଥାଏ । ଏହି ସମୟରେ ହଠାତ ତା ଉପରେ ଫୁଲର ବର୍ଷା ହେଲା । ଘରୁ ବାହାରି ଆସିଲେ ତିନି ଜଣ ଲୋକ । ସୋହନର ବାପା, ମା ଓ ଭଉଣୀ । ସମସ୍ତେ ତାକୁ ଦେଖି ଠୋ ଠୋ ହୋଇ ହସୁଥାଆନ୍ତି । ସମସ୍ତଙ୍କ ପଛରେ ଘରୁ କବାଟ ଖୋଲି ଆସିଲା ସୋହନ । ମିତା କିଛି ବୁଝି ପାରୁନଥାଏ । ଏ ସବୁ କଣ ହଉଛି ତା ସହ । ସୋହନ ଆସି ଠିଆ ହେଲା ମିତା ସାମ୍ନାରେ ପକେଟରୁ ଗୋଟେ ହୀରାର ମୁଦି ବାହାର କଲା ଓ ତା ସାମ୍ନାରେ ଆଣ୍ଠେଇ ପଡି ହାତରେ ମୁଦି କି ମିତା ଆଡକୁ ବଢାଇ ଦେଇ କହିଲା, "ୱିଲ୍ ୟୁ ମ୍ୟାରି ମି ?" ସୋହନ ଓ ମିତାକୁ ଦେଖି ସମସ୍ତେ ତାଳି ମାରି ଖୁସି ମନାଉଥିବା ବେଳେ ମିତା ଲାଜରେ ସରମି ଯାଇ ଧୀରେ ସେ ସୋହନକୁ କହି ସାରିଥିଲା ୟେସ୍ ଆଇ ୱିଲ୍........ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଡ଼କ ଦୁର୍ଘଟଣା



ଡମ୍ବରୁଧର ବାଗ

ସୁଜନପୁର ଏକ ଛୋଟ ଗାଆଁଟିଏ । ଚାରିଆଡ଼େ ସବୁଜ ସୁନ୍ଦର ପାହାଡ । ଗାଁର ପୂର୍ବ ଦିଗରେ କୁଳୁକୁଳୁ ନାଦରେ ବହିଯାଇଛି ଗୋଟିଏ ଛୋଟିଆ ନଈ । ଘର କହିଲେ ଗାଁରେ ପାଖାପାଖି ପନ୍ଦରଟି । ସେହି ଗାଁରେ ସୁରୁଚି ଘର ପରିବାର ବସବାସ କରନ୍ତି । ସ୍କୁଲ କହିଲେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଛି । ତେଣୁ ସୁରୁଚି ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରିବା ପାଇଁ ପାଖ ଗାଁରେ ଥିବା ହାଇସ୍କୁଲରେ ନାମ ଲେଖାଇଛି । ସେ ଶ୍ରେଣୀରେ ଭଲ ପାଠ ପଢେ । ଦେଖିବାକୁ ବି ଭାରି ସୁନ୍ଦରୀ । ବାପା ମାଆଙ୍କ ଅଳି ଅଳି ଗୋଟିଏ ବୋଲି ଝିଅ । ସବୁଦିନ ଭଳି ଆଜି ବି ସେ ପାଠ ପଢିବା ନିମନ୍ତେ ସ୍କୁଲକୁ ଯାଇଥିଲା । ଛୁଟି ହେଲାପରେ ଘରକୁ ଫେରି ଆସୁଥିଲା । ସବୁଦିନ ବହୁତ ଖୁସିରେ ଘରକୁ ଫେରେ । ଆଜିବି ବହୁତ ଖୁସି ହୋଇ ଘରକୁ ଫେରୁଥିଲା । ମନେ ମନେ ଭାବୁଥିଲା ସେ ଭଲ ପାଠ ପଢି ବଡ ହେଲେ ବଡ ଚାକିରିଟିଏ କରିବ । ଏହି ସମୟରେ ଗାଁ ଆଡୁ ଜଣେ ଲୋକ ଆସି କହିଲା - ସୁରୁ... ସୁରୁ... ତୋ ବାପାର ଆଜି ଗାଁ ପାଖର ବରଗଛ ବ୍ରିଜ ପାଖରେ ଆକ୍ସିଡେଣ୍ଟ ହେଇଯାଇଛି । ମୁଣ୍ଡରେ ପଥର ବାଜିଛି । ବହୁତ ରକ୍ତ ବୋହୁଛି । ଶୀଘ୍ର ଘରକୁ ଚାଲ୍ । ଶୀଘ୍ର ଡାକ୍ତରଖାନା ନ ନେଲେ ଅସୁବିଧା ହେବ । ଆମ୍ବୁଲାନ୍‌ସ ଆସିଗଲାଣି ।

ସେ ବ୍ୟକ୍ତିଙ୍କର କଥା ସରିଛି କି ନାହିଁ, ସୁରୁଚି ସିଧା କାନ୍ଦି କାନ୍ଦି ଘରକୁ ଏକ ମୁହାଁ ହୋଇ ଛୁଟିଲା । ଆସି ଦେଖେ ତ ଘରେ ତାଲା ପଡିଛି । କ'ଣ କରିବ ଭାବି ଘର ବାରଣ୍ଡାରେ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ବସି ପଡିଲା । ମୁଣ୍ଡଟାକୁ କାନ୍ଥରେ ଆଉଜି ଦେଇ କ'ଣ ଭାବୁଥିଲା କେଜାଣି ।

ଏ ସୁରୁ... ସୁରୁ ! ଶୁଣୁଛୁ , ତୋ ବାପାଙ୍କୁ ତୋ ମାଆ ଗାଁ ଲୋକ ସାଥିରେ ଡାକ୍ତରଖାନାକୁ ନେଇଛନ୍ତି । ତୁ ଜମା ବ୍ୟସ୍ତ ହୁଅନା । ସେ ଶୀଘ୍ର ଭଲ ହୋଇଯିବେ । ନେ ପାଣିଟିକେ ପିଇଦେ । ସୁରୁକୁ ତା'ର ଜଣେ ସମ୍ପର୍କୀୟ ନାନୀ କହିଲେ । ହେଲେ ସୁରୁଚି ମନରେ ଅନେକ ଚିନ୍ତା । ଦୁଃଖ ବି ଏକା ଆସେ ନାହିଁ । ଆସିଲେ ସେ ପିଲା କୁଟୁମ୍ବ ଧରି ଆସିଥାଏ । ବାପା କଥା ସେ ମନେ ମନେ ଚିନ୍ତା କରୁଥାଏ । ବାପା କେମିତି ଥିବେ । ସେ ଶୀଘ୍ର ଭଲ ହେବେ କି ନାହିଁ ? କେତେ ଥର ତାଙ୍କୁ ମାଁ ବୁଝାଇ କହିଥିଲେ । ମଦ ପିଇବ ନାହିଁ । ମଦ ପିଇ ଦ୍ରୁତ ଗତିରେ ଗାଡି ଚଳେଇବ ନାହିଁ । ଗାଡି ଚଳାଇଲା ବେଳେ ହେଲମେଟ ପିନ୍ଧିବ, ଏମିତି କେତେ କଥା । ଜରୁରୀ ନ ହେଲେ ଘରୁ କୁଆଡେ ଯିବ ନାହିଁ । ହେଲେ ବାପା କ'ଣ ବୁଝୁଥିଲେ । ଓଲଟି ମାଆକୁ ଗାଳି କରୁଥିଲେ । ହେଲମେଟ ନ ପିନ୍ଧିଲେ କେଉଁ ପୋଲିସ୍ ତାକୁ ଧରିବ ? କେବେ ବି ବାପାମା' କଥା ଧରିଲେ ନାହିଁ । ମୁଁ ତ ଛୋଟ ପିଲା ମୋର କଥାକୁ କିଏ ପଚାରେ । କେତେ ଥର କହିଛି ବାପାଙ୍କୁ । ମଦ ନ ପିଇବାକୁ । ଦ୍ରୁତଗତିରେ ଗାଡି ନ ଚଳାଇବାକୁ । ଗାଡିରେ ଯିବା ବେଳେ ହେଲମେଟ ପିନ୍ଧିବାକୁ ।

ହଠାତ ଆମ୍ବୁଲାନ୍‌ସ ଘର ପାଖେ ଆସି ଛିଡା ହୋଇଗଲା । ଉଠିକି ସୁରୁଚି ଯାଇ ଦେଖେ ତ ବାପା ତା'ର ଆଉ ନାହାଁନ୍ତି । ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ବୋଲି ଡାକ୍ତରଖାନା ଯିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା ।

ହଠାତ ପରିବେଶ କାନ୍ଦ ବୋବାଳିରେ ଫାଟିଗଲା । ସୁରୁଚି ଆଉ ତା ମାଆ ମୁଣ୍ଡ ପିଟି ପିଟି କାନ୍ଦୁଥାନ୍ତି । ସେ ଆଜି ବାପ ଛେଉଣ୍ଡ ହୋଇଗଲା । କାହାକୁ ବାପା ବୋଲି ଡାକିବ ? କିଏ ତାର ଯତ୍ନ ନେବ ? କିଏ ତାକୁ ପାଠ ପଢେଇବ ? ସୁରୁଚିର ଆଖିରୁ ଲୁହ ନଈ ପରି

Magazine Downloaded from www.aahwaan.com

ବହିଯାଉଥାଏ । ସୁରୁଚିର ମାଆର ଅବସ୍ଥା ତ ନ କହିବା ଭଲ । ସେ ଜଣେ ସାଧାସିଧା ସରଳ ନୀରିହା ସ୍ତ୍ରୀ । ଅଳ୍ପ ବୟସରେ ବିଧବା ହୋଇଗଲେ । କେଉଁ ଜନମରେ କେଉଁ ଦୋଷ କରିଥିଲେ ମା ଝିଅ କେଜାଣି । ଏଇ ଜନମରେ ତାହା ଭୋଗିବାକୁ ପଡିଲା । ସୁରୁଚିର ବାପା ବି ବହୁତ ଭଲ ଲୋକ ଥିଲା । ମଦ ସିନା ପିଏ । ହେଲେ କାହାକୁ କେବେ ଖରାପ ବ୍ୟବହାର କରେନି ।

ଲୋକମାନେ ପରସ୍ପରକୁ କୁହାକୁହି ହେଉଥିଲେ । କ୍ରିଷ୍ଣାର ବାପା ହେଲମେଟ ପିନ୍ଧିଥିଲେ ହୁଏତ ବଞ୍ଚି ଯାଇଥାନ୍ତା । କିଏ କିଏ କହୁଥିଲେ ସେ ମଦ ନ ପିଇଥିଲେ ବଞ୍ଚି ଯାଇଥାନ୍ତେ । କିଏ କିଏ କହୁଥିଲେ ଗାଡି ଦ୍ରୁତ ଗତିରେ ଥିଲା ବୋଲି ଭାରସାମ୍ୟ ହରାଇବାରୁ ଏ ପ୍ରକାର ଅଭାବନୀୟ ଘଟଣା ଘଟିଲା । କିଏ କହୁଥିଲା ହେଲମେଟ ଯୋଗୁଁ ଗୋଟିଏ ସୁଖର ପରିବାରରେ ଦୁଃଖ ଭରିଗଲା । ସୁରୁଚି ଏବେ କ'ଣ କରିବ ? ପାଠପଢି ବଡ ଚାକିରି କରିବ ନା ପାଠପଢାରେ ତା'ର ବ୍ୟାଘାତ ଘଟିବ । ଏମିତି ଅନେକ କଥା ଲୋକେ କୁହାକୁହି ହେଉଥିଲେ । ସେପଟେ କୋକେଇରେ ବୁହା ହେଲେଣି ସୁରୁଚିର ବାପା ।

ଶ୍ରୀ ଡମ୍ବରୁଧର ବାଗ, ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି
ଦୂରଭାଷ : ୯୧୭୮୨୨୫୭୬୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଷେଣ୍ଢିଆଭାଇର ଭାଲେଣ୍ଟାଇନ୍ ଡେ



ଇଂ ବିଦ୍ୟାଧର ପଣ୍ଡା

ନାଣ୍ଡିଭାବି ସକାଳୁସକାଳୁ ଷେଣ୍ଢିଆଭାଇକୁ ଶେଯରେ ଶୋଇଥିବା ଅବସ୍ଥାରେ - "ଆଇ ଲଭ୍ ୟୁ"- କହି ବାଁ ଗାଲରେ ମସ୍ତ ଚୁମ୍ମାଟିଏ ଲଦିଦେଲେ । ଷେଣ୍ଢିଆଭାଇ ବାଁ ଗାଲରୁ ନାଣ୍ଡିଭାବିର ଅଠାଳିଆ ଓଠର ଛେପମିଶା ଲିପ୍‌ଷ୍ଟିକ ରଙ୍ଗ ପୋଛିଦେଇ ବାଁ କଡମାଡି ବୁଲି ଶୋଇଗଲେ । ଡାହାଣ ଗାଲ ଉପରକୁ ଦେଖାଯିବାରୁ ନାଣ୍ଡିଭାବି ମନେମନେ ଚିନ୍ତାକଲେ ଯେ ଷେଣ୍ଢିଆଭାଇ ବୋଧହୁଏ ସେ ଗାଲରେ ଆଉ ଗୋଟିଏ ଚୁମ୍ମା ଦେବାକୁ ତାଙ୍କୁ ନିମନ୍ତ୍ରଣ ଦେଉଛନ୍ତି । କାଳବିଳମ୍ବ ନକରି ଆଉଥରେ - "ଆଇ ଲଭ୍ ୟୁ"- କହି ଡାହାଣଗାଲରେ ଚୁମ୍ମାଟିଏ କଷିଦେଇ ତାଙ୍କୁ ନିଦରୁ ଉଠେଇବାକୁ ହଲେଇଲେ । ଏଥର ଷେଣ୍ଢିଆଭାଇ ବିରକ୍ତ ହୋଇ ଗାଳି କରିବାକୁ ପାଟି ଖୋଲିଲା ବେଳକୁ ନାଣ୍ଡିଭାବି ତାଙ୍କ ଦୁଇ ଓଠ ଷେଣ୍ଢିଆଭାଇ ଓଠ ଦୁଇଟିରେ ଅଳ୍ପ ଲଗେଇ ଧିରେ ଧିରେ ଫୁଶୁଫୁଶୁ କରି କହିଲେ, ଭାଲେଂନ୍ ଟାଇନ୍ ଡେ'ର ସବୁ କାର୍ଯ୍ୟକ୍ରମ ବାକିଅଛି । ପାଟିରେ ଗାଳିମନ୍ଦ ଶବ୍ଦ ନପୁରେଇ ଖାଲି - "ଆଇ ଲଭ୍ ୟୁ"- କହିବ । ମୋ ଭାଇ ଗାଣ୍ଡୁ, ଗଣ୍ଡମୂର୍ଖ ହେଲେ କଣ ହେବ ମୋ ଭାଉଜ ଭେଣ୍ଡିପାଇଁ ଭାଲେଂଟାଇନ୍ ହାରଟିଏ କିଣିଛି । ପଇସା ନଥିଲା ବୋଲି ଅବଶ୍ୟ ମୋ ଠାରୁ ଉଧାର ନେଇଥିଲା, ହେଲେ ମନ ବଡ । ତୁମ ପାଖରେ ବସ୍ତାବସ୍ତା ଟଙ୍କା ଥିଲେ କଣ ହେବ ! ମନ ତ ନାହିଁ । ୱାର୍ଡମେମ୍ବର ଥିଲାବେଳେ ମୋତେ ଭାରି ଭଲ ପାଉଥିଲ, ସପ୍ତାହରେ ଥରେ ହୋଟେଲ ନେଉଥିଲ, ମାର୍କେଟ୍ ବିଲ୍ଡିଂ ବୁଲଉଥିଲ ହେଲେ ବିଧାୟକ ହେଲାପରେ ସେସବୁ ଛାଡ ମାସରେ ଗୋଟିଏ ରାତି ଘରେ ରହିବାକୁ ତୁମକୁ ସମୟ ମିଳୁନି । ଏବର କଥା ତ ନକହିଲେ ଭଲ । କି ଯେଉଁ ମନ୍ତ୍ରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛ କେଜାଣି ! ଏ ମନ୍ତ୍ରୀ ହେଲାପରେ ଖାଲି ରୋଜଗାର ବଢ଼ିଛି ସିନା, କିନ୍ତୁ ଶାନ୍ତି ନାହିଁ । ଗତ ଛ'ମାସ ହେଲା କୁଆଡେ ଯାଉଛ, କୋଉଠି ରହୁଛ କିଛି ଜାଣି ହେଉନି । ଫେବୃୟାରୀ ୧୪ତାରିଖ, ଭାଲେଂନ୍‌ଟାଇନ୍ ଡେ ପରି କେତେବଡ ଦିନଟାଏ ଗଲା କିନ୍ତୁ ତୁମର ଦେଖା ନାହିଁ । ସେଥିପାଇଁ ମୁଁ ତୁମପାଇଁ ପାଂଚଲକ୍ଷ ଟଙ୍କାର ଗୋଟିଏ ଚଙ୍କିହିପ୍‌ହପ୍ ମୋଟା ସୁନାର ଓ ମୋ ପାଇଁ ଦଶଲକ୍ଷଟଙ୍କାର ଭଲହୀରାର ଭାଲେଂନ୍‌ଟାଇନ୍ ହାର ଦୁଇଟା ମଗେଇଥିଲି, ଆଜିଜାଣ ଆମର ଭାଲେଂଟାଇନ୍ ଡେ ପାଳିବା । ଖାଲି ଦିଦିନ ଗଡିଯାଇଛି । ସେଥିରେ କିଛି ମନଦୁଃଖ ନାହିଁ । ଗାଧୋଇପାଧୋଇ ଆଜି ନୂଆପୋଷାକ ସାଙ୍ଗରେ ସେ ଭାଲେଂନ୍‌ଟାଇନ୍ ହାର ଦୁଇଟା ପିନ୍ଧି ରାମମନ୍ଦିର ଯିବା । ସେଠାରୁ ଜୟଦେବବାଟିକା ହୋଇ ମେ ଫେୟାର ହୋଟେଲରେ ପହଁଚି ପୁଅ ଧଣ୍ଡକୁ ଡାକି ଖିଆପିଆ ସାରି ଫେରିବା । ତୁମର ଖର୍ଚ୍ଚପତ୍ର କଥା କିଛି ଚିନ୍ତା କରିବା ଦରକାର ନାହିଁ । ମନ୍ଦିର ପୂଜାପାଇଁ ଓ ମେଫେୟାର ହୋଟେଲ ଖର୍ଚ୍ଚ ବାବଦକୁ ଆଗରୁ ମୋ ଗାଣ୍ଡୁଭାଇ ପଶ ହଜାର ନେଇଛି ।

କି' ପୂଜା କରିବ ? କି' ଖାଇବା ଖାଇବ ଯେ ଏମିତି ପଶ ହଜାର ଟଙ୍କା ଦେଇଛ ?

ଆମେ ତିନିଜଣ । ସେମାନେ ତିଜଣ । ଗାଣ୍ଡୁଭାଇ, ଭେଣ୍ଡିଭାଉଜ, ଝିଆରୀ ହୁଣ୍ଡି ଓ ପୁତୁରା ଫାଣ୍ଡି ।

ଶଳା ! ଫାଣ୍ଡି କି ନାଁ ? କିଏ ଦେଲା ?

ସେ ପୁଅଟା ଜନ୍ମହେଲା ଦିନ ଗାଣ୍ଡୁଭାଇକୁ ପୋଲିସ ଚିଟ୍‌ଫଣ୍ଡ କେସ୍ରେ ରାତିସାରା ଫାଣ୍ଡିରେ ରଖିଲା । ସେଥିପାଇଁ ତା ନାଁ ଫାଣ୍ଡି ଦେଲେ । ସିଏ ଯଦି ତୁମ ଦୋଷତକ ତା ମୁଣ୍ଡରେ ନନେଇଥାନ୍ତା ତେବେ ତୁମେ କିଏ ନା ଆଜି ଏ ମନ୍ତ୍ରୀପଦ କିଏ ? ସିବିଆଇ ପୋଲିସ ନେଇ ତୁମକୁ ମାମୁଁଘରେ ବାନ୍ଧିକି ରଖିଥାନ୍ତା ।

ଛାଡ ସେ ବାଜେ କଥା । ଆମ ଦଳର ମୁଖିଆ ଦାମୀହାର ପିନ୍ଧିବାକୁ ସଫା ସଫା ମନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛନ୍ତି । ମୁଁ ଜଣେ ଜନପ୍ରତିନିଧି ବେଶରେ ଏତେ ଦାମୀ ସୁନାହାର ପକେଇ ମନ୍ଦିର ବଗି ଆଦି ଜାଗାକୁ ଗଲେ ଲୋକ କ'ଣ କହିବେ ? ଏ ଖବର ପ୍ରଘଟ ହେଲେମୋତେ ମନ୍ତ୍ରୀ ପଦରୁ ବହିଷ୍କାର କରିଦେବେ ।

- ସେଥିପାଇଁ ମୁଁ ତୁମର ସବୁ ଖଦି ପୋଷାକ ପାଣିରେ ଭିଜେଇଦେଇଛି । ଆଜି ତୁମକୁ ଜିନସ୍ ଓ ଟିସାର୍ଟରେ ଦେଖିଲେ ବାହାରେ କେହି ଚିହ୍ନି ପାରିବେନି । ତଥାପି ଯଦି ସନ୍ଦେହ ହେଉଛି ତେବେ ମଙ୍କିକ୍ୟାପ୍ ପିନ୍ଧିଦିଅ । ସହଜେ କୋହଲା ପାଗ, ମେଘ ଉଠେଇଛି । ଆମଘର କରବାକର ବି ତୁମକୁ ଚିହ୍ନି ଭଲରେ ଠଉରେଇବା କାଠିକର ପାଠ ହୋଇଯିବ । ଜଲଦିଜଲଦି ଉଠି ତୁମର ସବୁ ନିତ୍ୟକର୍ମ ସାର । ମେ ଫେୟାର୍ ଲଂଚ୍ ସାରି ଫେରିଲା ପରେ ଟିକିଏ ବିଶ୍ରାମ କରି ସନ୍ଧ୍ୟା କିଟିପାଟିର ଆୟୋଜନ ମୋତେ ହିଁ କରିବାକୁ ହେବ । ସପ୍ତାହେ ହେଲା କେତେକେତେ ଭଲଦିନ ସବୁ ଗଲାଣି ଆମର କିଛି ବୋଲି କିଛି ନାହିଁ ।

କ'ଣ କ'ଣ ଭଲଦିନ ଲିଗଲା ? ଆଜି ମୁଖିଆ ଡାକିଛନ୍ତି, ନିଜ ନିଜ ଏରିୟାକୁ ଯାଇ ଲୋକ ସମ୍ପର୍କ ବୃଦ୍ଧିକରିବାର ସୂତ୍ର ବତେଇବେ ।

ସେ ସୂତ୍ର ଫୁତ୍ର କଥା ଛାଡ । ଗତ ସପ୍ତାହରେ ତୁମେ ତୁମ ଏରିୟାରେ ବୁଲିଛ । ତେଣୁ ଏ ସପ୍ତାହଟା ତୁମେ ସ୍ତ୍ରୀ କଥା ମାନିବାକୁ ହେବ, ତୁମ ଦଳ ମୁଖିଆ ଗାଧୋଇ ଯାଉ । ଗତ ସପ୍ତାହ ବଦଳରେ ଏଇଟା ହେଲା ଆମପାଇଁ ପ୍ରେମ ସପ୍ତାହ ଭାଲେଂନ୍ଟାଇନ୍ ଉଇକ୍ । ଫେବୃୟାରୀ ୦୭ ତାରିଖ ଜାଗାରେ ୧୫ତାରିଖ ରୋଜ୍ ଡେ, ଆମର ତ ବାହାଘର ସରିଯାଇଛି, ତେଣୁ ୦୮ତାରିଖର ପ୍ରପୋଜ ଡେ ପାଳିବା ଆବଶ୍ୟକ ନାହିଁ , ଫେବୃୟାରୀ ୦୯ ପାଇଁ ୧୬ ତାରିଖ ଆମର ହେବ ଚକୋଲେଟ୍ ଡେ, ୧୦ ଜାଗାରେ ୧୭ତାରିଖକୁ ପାଳିବା ଟେଡି ଡେ, ୧୧ ବଦଳରେ ୧୮ତାରିଖ ପ୍ରୋମିଜ୍ ଡେ, ୧୨ ବଦଳରେ ଫାବୃୟାରୀ ୧୯ ତାରିଖ ହଗ୍ ଡେ, ୧୩ତାରିଖ ବଦଳରେ ୨୦ତାରିଖ କିସ୍ ଡେ, ଫେବୃୟାରୀ ୧୪ ବଦଳରେ ଆମେ

 Magazine Downloaded from www.aahwaan.com

ପାଳିବା ଫେବୃୟାରୀ ୨୧ରେ ଭାଲେଂନ୍‌ଟାଇନ୍ ଡେ । ଶୁକ୍ରବାର, ଆଇଁଷିଆ ଦିନ । ବଢିଆ ଜମିବ । ତୁମ ହାତ ଧରି ମୋ ଜୀବନ ମାଟି ହୋଇଗଲା । କିଛି ବୋଲେ କିଛି ଜାଣୁନ, ଖାଲି ଟଙ୍କା ବସ୍ତା ଡେରିଲେ ଲାଭ କ'ଣ ?

ସେ ଟଙ୍କା ବସ୍ତା ଡେରି ଲାଭ ନାହିଁ ତ ! ଭାଇକୁ କାହିଁକି ଖୋଲି ପୁଳାପୁଳା ଦେଇ ପକଉଛ ?

ତୁମର ସେଗୁଡା କ'ଣ ହାଡଭଙ୍ଗା ଧନ ଯେ ଏତେ ବାଧିଯାଉଛି ? ସବୁ ତ ଲାଂଚଲୁଂଚା ନେଇ ଆଣିକି ରଖିଛ । ପୁଅ ଧଣ୍ଡ ଦିନେ ହିସାବ କରି କହୁଛି ଆମେ ଯଦି ଦିନକୁ ଲକ୍ଷଟଙ୍କା ଖର୍ଚ୍ଚ କଲେ ବର୍ଷକୁ ରିକୋଟି । ବାପା ଯେତିକି ରଖିଛନ୍ତି ଶହେବର୍ଷରେ ବି ଖର୍ଚ୍ଚକରି ସାରିପାରିବାନି । ମାମୁଁ ମାଇଁଙ୍କୁ କହ କିଛି ବୋହିନେବେ, ନହେଲେ ଭିଜିଲାନ୍‌ସ ବାନ୍ଧିଲେ ଭିତରେ ପୁରେଇ ମାରିମାରି ବେଦମ କରିବ । ସେଥିପାଇଁ ଏ ଦୁର୍ନୀତି ପଇସାଗୁଡା ସାରିଦେବାକୁ ମୁଁ ଏମିତି ସବୁ ବାଟ ବାହାର କରୁଛି । କଥାରେ ଅଛି ଯାହା ଖାଇଥିବ ପେଟକୁ, ଯାହା ଥୋଇଥିବ ଖଂଟକୁ ।

ମନ୍ତ୍ରୀ ମହୋଦୟ କଥାଟିକୁ ହୃଦୟଙ୍ଗମ କରି ସ୍ତ୍ରୀ ନିକଟରେ ଆତ୍ମସମର୍ପଣ କଲେ । ଏସବୁ କାର୍ଯ୍ୟକ୍ରମ ସହ ଆଜି ଆଉ ଗୋଟିଏ କଥା ମନ୍ତ୍ରୀଙ୍କୁ ତାଙ୍କ ଏକୋଇର ବଳା ବିଶିକେସନ ପାଇଁ କରିବାକୁ ମାଡାମ୍ ନିର୍ଦ୍ଦେଶ ଦେଇଛନ୍ତି । ତାହା ହେଲା ମନ୍ତ୍ରୀ ଗତ ତିନିଥର ହେଲା ଜିତୁଛନ୍ତି । ବୟସ ଷାଠିଏ ଉପରେ । ପାକେଲା ଆମ୍ବ । କେତେବେଳେ କୋଉ କଥା । ତେଣୁ ନିର୍ବାଚନ ଜିତିବାର ସକଳ ସୂତ୍ର ଆଜି ଷେଣ୍ଢିଆଭାଇ ପୁତ୍ରମଣି ଧଣ୍ଡବାବୁଙ୍କୁ ମେ ଫେୟାର ଲଂଚ୍ ନେବା ସମୟରେ ଚୁମ୍ବକରେ କହିଦେବେ ବୋଲି ନାଣ୍ଡିଭାବି ଆଦେଶ କରିଛନ୍ତି । ଏଥିପାଇଁ ଷେଣ୍ଢିଆଭାଇ କିଛିକିଛି ନୋଟ୍ ତାଙ୍କ ଡାଇରୀପୃଷ୍ଠାରେ ଟିପିଛନ୍ତି ।



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟାହ୍ନଭୋଜନ ପର୍ବ ଆରମ୍ଭ ହେଲା । ଗୋଟିଏ ଟେବୁଲ୍ରେ ମନ୍ତ୍ରୀ, ମନ୍ତ୍ରୀଆଣି ଓ ତାଙ୍କର ସୁପୁତ୍ର । ଟିକିଏ ଦୂରର କୋଣ ଟେବୁଲ୍ରେ ବସିଲେ ଗାଣ୍ଠୁବାବୁ, ତାଙ୍କ ସ୍ତ୍ରୀ ଭେଣ୍ଡିଦିଦି ଓ ଦୁଇଟି ଛୁଆ । ଷ୍ଟାର୍ଟଅପ୍ ଅର୍ଡର ନେଇ ୱେଟର୍ ଭିତରକୁ ଗଲାପରେ ଧଣ୍ଡିଆ ବାପାକୁ ନିର୍ବାଚନ ଜିତିବାର ସରଳ ସୂତ୍ର ବିଷୟରେ କିଛି ଜ୍ଞାନଦେବାକୁ ଜିଜ୍ଞାସା କଲା । ଏଥିରେ ଷେଣ୍ଡିଆଭାଇ ଆତି ପ୍ରସନ୍ନହୋଇ ତାଙ୍କର ଅଙ୍ଗେନିଭା କଥା ଗୁଡିକ ବଖାଣି ଲିଲେ ।

" ପୁଅ ! ନିର୍ବାଚନ ଜିତିବାଟା ଆଦୌ ବଡକଥା ନୁହେଁ । ଯିଏ ତାଳ ପାଇଛି ସିଏ ସଦାବେଳେ ଜିତିବ । ପ୍ରଥମେ ବିଧାନସଭା ଅଂଚଳରେ ଯେତେ ଗୁଣ୍ଡା ବଦ୍ମାସ୍ ତାଙ୍କର ଚିଠାଟିଏ ପ୍ରସ୍ତୁତ କରିବାକୁ ହେବ । ସେମାନଙ୍କ ଭିତରୁ ଦୁର୍ଦ୍ଦାନ୍ତ ଶ୍ରେଣୀର ଲୋକଗୁଡିକୁ ବାଛି ସେମାନଙ୍କ ସହ ପ୍ରତ୍ୟେକ୍ଷ ସମ୍ପର୍କ ଯୋଡିବାକୁ ପଡିବ । କାହା ସ୍ତ୍ରୀକୁ ଧରମ ଭଉଣୀ, କାହା ଭଉଣୀକୁ ଧରମ ଝିଅ ପରି କହି ବଂଚି ପକେଇ ପନ୍ଦର ଦିନରେ ଥରେ ତାଙ୍କ ସହ ଯୋଗାଯୋଗ ରଖିପାରିଲେ ଭଲ । ଯେଉଁମାନେ ଜିଲ୍ଲା ବନ୍ଦିଶାଳାରେ ଅଛନ୍ତି ସେମାନଙ୍କୁ ସାକ୍ଷାତ କରି କୁମ୍ଭୀର କାନ୍ଦଣା କାନ୍ଦି ତାଙ୍କ ଭିତରୁ ଯଦି କେଇଟାଙ୍କୁ ବାହାର କରିପାରିଲୁ ସେମାନେ ସଦାବେଳେ ତୋ ପାଇଁ ଜୀବନଯାକ ଖଟିବେ । ପ୍ରତି ପଂଚାୟତରେ ରିଟା ରି ଦଉଡିକଟାଙ୍କ ମଦ ମାଉଁସ ଖର୍ଚ୍ଚ ନିର୍ବାଚନର ଛଅମାସ ପୂର୍ବରୁ ଆରମ୍ଭ କରି ନିର୍ବାଚନ ଶେଷହେବାର ମାସେ ଯାଏ ଦେବାକୁ ଯୋଗାଡ କରିବାକୁ ପଡିବ । ଏସବୁ ନିଜେ ବହନ ନକରି ବିଧାନସଭା କ୍ଷେତ୍ରର ଯେତେ ଠିକାଦାର ଅଛନ୍ତି ସେମାନଙ୍କୁ ଭିନ୍ନଭିନ୍ନ ଢାବାରେ ଚିହ୍ନେଇ ଦେଇ ସେଇସବୁ ଟୋକାଙ୍କର ଖାତା ଖୋଲିଦେଲେ ସେମାନେ ମାସକୁ ମାସ ଖାଇବେ ଆଉ ଠିକାଦାରମାନେ ବିଲ୍ କ୍ଲିୟର୍ କରିବେ । ଏସବୁ ପରେ ମୁଖ୍ୟ ଦେଖିବା କଥା ହେଲା, ସାଇ ସାଇ ଭିତରେ କି ଗାଁ ଗାଁ ଭିତରେ ଝଗଡା । ଏଥିରେ ଯେଉଁ ମାନଙ୍କର ଭୋଟର୍ ସଂଖ୍ୟା ବେଶି ସେମାନଙ୍କ ସପକ୍ଷରେ ମତାମତ ଦେବୁ । କାରଣ ମୋ ଗୁରୁ

 Magazine Downloaded from www.aahwaan.com

ଶିଖେଇଛନ୍ତି ଭଲ କାମ କଲେ ଜଣେ ଆଦୌ ଭଲ ନେତା ହୋଇ ପାରିବନି । ସେମିତି ହୋଇଥିଲେ ଅଟଳ ବିହାରୀ, ଏଚ୍ ଏନ୍ ବହୁଗୁଣା କି ବୈଜୟନ୍ତ ପଣ୍ଡା କ'ଣ ହାରିଥାନ୍ତେ ? ଜିତିବା ଗୋଟାଏ କଳା, ସେ କଳାରେ ନିପୁଣ ହେବାକୁ ପଡିବ । ଭଲକାମ କଲେ ଭଲ କିନ୍ତୁ ଭୋଟ ପାଇ ଜିତିବାକୁ ରାଜନୀତିରେ ପାରଙ୍ଗମ ହେବାକୁ ହେବ । ଜୀବନରେ କାହାକୁ ବିଶ୍ୱାସ କରିବୁନି କି ମଣିଷ ଗଛ ଲଗେଇବୁନି । ତୁ ନେତା ହେଲାପରେ ଯିଏ ଟିକିଏ ଉଚ୍ଚା ହେଲା ତାକୁ ଛ'ଇଂଚ ଛୋଟେଇବୁ । ମୁଁ ଯଦି ସେତିକି ନ'କରିଥାନ୍ତି ଏ ପନ୍ଦର କୋଡିଏ ବର୍ଷରେ ମୋ ସାଙ୍ଗରେ ତାଳ ଦେଲାଭଳି ଅତିକମରେ ପନ୍ଦର କୋଡିଏ ଜ'ଣ ବାହାରି ନ'ଥାନ୍ତେ । ତେବେ ତୋ ପାଇଁ ସୁଯୋଗ କୁଆଡୁ ଆସି ଥାଆନ୍ତା ? ତେଣୁ ମୋ ପରି ତୁ ବି ତୋ ପୁଅପାଇଁ ତୋ ଆସନଟି ପ୍ରଥମରୁ ସଂରକ୍ଷିତ କରି ରଖିବୁ । ଯିଏ ଟିକିଏ ମୁଣ୍ଡ ଟେକିଲା, ତା ମୁଣ୍ଡ ଗଡେଇଦେବୁ । ନିଜେ ବଂଚିଲେ ବାପର ନାଁ । ଏଇ କଥା ମାନି ଚଳିଲେ ୨୦୨୪ରେ ତୋତେ ମୋ ବିଧାନସଭା କ୍ଷେତ୍ର ଦେଇ ମୁଁ ବୃନ୍ଦାବନ ପଳେଇବି । ଯେତେ ପାପ କଲିଣି ଆର ଜନ୍ମକୁ ଗଧ କି ଘୁଷୁରି ହେବି ଜଣାନାହିଁ । ଠାକୁରଙ୍କ ନାମ ଦି ରିବର୍ଷ ନେଲେ ଯଦି ସାପ ବେଙ୍ଗ ନହୋଇ ଗୃହପାଳିତ ପଶୁଟିଏ ହୋଇ ଜନ୍ମହେଲେ ବି ଚଳିବ । ହେଲା ! ଲ ଏବେ ତୁମେ କିଟିପାଟି କର, ମୋ ଭାଲେଂଟାଇନ୍ ଡେ ସେତିକି ଥାଉ । ମୁଁ ମୁଖିଆ ପାଖକୁ ଯାଉଛି, ବାଏ ବାଏ ।

ଇଂ. ବିଦ୍ୟାଧର ପଣ୍ଡା, ମୋ- ୯୪୩୯୧୨୮୦୫୦
ପ୍ଲଟ-୧୭/୧୫,ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାବାସ୍ ବିଲୁଆ



ଅଙ୍କିତା ପାଢ଼ୀ

ଜଙ୍ଗଲଟି ବିଶାଳ ବୃକ୍ଷରେ ପରିପୂର୍ଣ୍ଣ ହୋଇଥିଲା । ଜଙ୍ଗଲ ମଝିରେ କୁଳୁକୁଳୁ ହୋଇ ବୋହି ଯାଉଥିବା ଝରଣାଟିରୁ, ଜଙ୍ଗଲରେ ରହୁଥିବା ପ୍ରାଣୀମାନେ ମନଭରି ମଧୁର ଜଳପିଇ ନିଜର ତୃଷ୍ଣା ନିବାରଣ କରୁଥିଲେ । ଜଙ୍ଗଲଟି ବିଶାଳ ବୃକ୍ଷମାନଙ୍କର ଗନ୍ତାଘର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଇ ଜଙ୍ଗଲରେ ଶାଳ, ପିଆଶାଳ, ଶାଗୁଆନ, ଚନ୍ଦନ ଆଦି ମୂଲ୍ୟବାନ ବୃକ୍ଷ ମାନଙ୍କର ବାସସ୍ଥାନ ଥିବା ସହିତ ହାତୀ, ବାଘ, ସିଂହ, ହରିଣ, ଭାଲୁ, ବରାହ ଆଦି ପଶୁ ମାନଙ୍କର ବାସସ୍ଥାନ ଥିଲା ମଧ୍ୟ ।

ଜଙ୍ଗଲର ରାଜା କହିଲେ ସିଂହକୁ ବୁଝାଏ ହେଲେ ସେଇ ଜଙ୍ଗଲରେ କିଛି ବ୍ୟତିକ୍ରମ ଦେଖା ଯାଉଥିଲା । କାରଣ ସେଇ ଜଙ୍ଗଲର ରାଜା ମହାବଳ ବାଘ ଥିଲା । ବାଘ ଶକ୍ତିଶାଳୀ ଥିବାରୁ ସିଂହକୁ ରାଜା ହେବାକୁ ଦେଉ ନଥିଲା । ସିଂହ ବିଚରା ନିଜ ଭାଗ୍ୟକୁ ଆଦରି ରହୁଥାଏ । ସିଏ ବା କଣ କରି ପାରିବ । ବାଘ ଜାତି ଜ୍ଞାନ ଶୂନ୍ୟ । ବାଘ କେବେ ଆଗ ପଛ ଚିନ୍ତା କରି ନ ଥାଏ । ବାଘ ହୃଦୟରେ କେବେ କାହା ପ୍ରତି ଦୟା ଆସି ନ ଥାଏ । ବାଘ କେବେ ଭଲ ଓ ଖରାପ ବିଷୟରେ ଜାଣି ପାରି ନ ଥାଏ ।

ରାଜା ଆଗରେ ସମସ୍ତ ଜନତା ସମାନ । ଜଣେ ରାଜା ନିଜ ଅଧିନସ୍ତ ରାଜ୍ୟର ସମସ୍ତ ପ୍ରଜା ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ରାଜାଙ୍କ ପାଇଁ ନିଜର ସମସ୍ତ ପ୍ରଜା ସମାନ । ହେଲେ ଜଙ୍ଗଲ ମଧ୍ୟରେ ଯେତେକ ପ୍ରାଣୀ ଥାନ୍ତି ସେମାନଙ୍କ ମଧ୍ୟରେ ରାଜା ହେବାର ଯୋଗ୍ୟତା କେବଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସିଂହର ହିଁ ଥାଏ । ସିଂହ କେବେ ଗର୍ଭବତୀ, ନିରୀହ, ଶିଶୁ, ଅପାରଗ ଓ ରୋଗୀର ଶିକାର କରେ ନାହିଁ । ସିଂହ କେବଳ ଜଙ୍ଗଲର ରାଜତ୍ୱର କର୍ତ୍ତବ୍ୟ ସମ୍ପାଦନ କରିଥାଏ ।

ମହାବଳ ବାଘ ଅତ୍ୟନ୍ତ ପରାକ୍ରମଶାଳୀ, ଦୁର୍ଦ୍ଦାନ୍ତ ଓ ଧୃଷ୍ଟ ପ୍ରକୃତିର ଥିଲା । କୌଣସି ପ୍ରଜାର ଦୁଃଖ ଓ ଦୁର୍ଦ୍ଦଶା ବିଷୟରେ ବୁଝିବାକୁ କଦାପି ଚେଷ୍ଟା କରେ ନାହିଁ । ବାଘ ପାଇଁ କିଏ ଗର୍ଭବତୀ ଓ କିଏ ରୋଗୀ ଜାଣିବାର ସମୟ ନ ଥାଏ । ବାଘର ପ୍ରକୋପ ବଢ଼ିବାରେ ଲାଗିଲା । ସମସ୍ତ ପ୍ରାଣୀ ଶେଷରେ ସିଂହ ନିକଟରେ ପହଁଚିଲେ । ସିଂହ ବହୁତ ଗମ୍ଭୀର ଓ ଧୈର୍ଯ୍ୟବନ୍ତ ପ୍ରାଣୀ ଅଟେ । ସିଂହ ହିଂସ୍ର ହୋଇପାରେ ହେଲେ ତା ମଧ୍ୟରେ ରାଜତ୍ୱର ଗରୀମା ଓ ପରାକାଷ୍ଠା ରହିଥାଏ ।

ସମସ୍ତ ପ୍ରଜାଙ୍କର ତ୍ରାହି ତ୍ରାହି ଶବ୍ଦରେ ପ୍ରକମ୍ପିତ ହେଉଥାଏ ବିଶାଳ ଜଙ୍ଗଲ । କମ୍ପିଯାଉଥାନ୍ତି ଶାଳ, ଶାଗୁଆନ, ପିଆଶାଳ ଆଦି ବୃକ୍ଷମାନେ । କାନ୍ଦି ଉଠୁଥାଏ ମଧୁର ଲୋତକରେ କଳ କଳ ହୋଇ ଅଭିମାନିନୀ ଝରଣା । ହଠାତ ବିର ଦର୍ପରେ ଠିଆ ହୋଇ, ବିଲୁଆ କହିଲା "ମଣିମା ତମେ ଆପଣେ ରାଜା ଥାଉ ଥାଉ ବାଘ ମାମୁଁ କାହିଁକି ଏମିତି ଅତ୍ୟାଚାର କରିବ ?"

ଅନ୍ୟ ପଶୁମାନେ ମଧ୍ୟ ଏକ ସ୍ୱରରେ କହି ଉଠିଲେ, “ଜବାବ ଦିଅନ୍ତୁ ମଣିମା ଜବାବ ଦିଅନ୍ତୁ ।”

ମହାରାଜ ସିଂହ ନିଜର ବକ୍ତବ୍ୟରେ କହିଲେ, “ହେ ପଶୁପକ୍ଷୀ ବୃନ୍ଦ ! ମୁଁ ନିରୁପାୟ, ମୁଁ ସେଇ ହିଂସ୍ର ମହାବଳର ସାମ୍ନା କରି ପାରିବି ନାହିଁ । ଯାହାର ଜ୍ଞାନ ନାହିଁ ତାକୁ ଅଜ୍ଞାନୀ କୁହାଯାଏ, ବାହୁବଳୀ ମଧ୍ୟ କୁହାଯାଏ । ବାହୁବଳୀ ହେବା କେବଳ ନିମିଶ ମାତ୍ର ।”

ମହାରାଜ ସିଂହଙ୍କର ବକ୍ତବ୍ୟ ସମସ୍ତ ପଶୁ ଓ ପକ୍ଷୀ ମାନଙ୍କୁ ଆତ୍ମମୁଗ୍ଧ ଥିଲା ହେଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ୍ୟାୟ ଆଶାରେ ସେମାନେ ଏକ ଲୟରେ ସିଂହ ନିକଟକୁ ଚାହିଁ ରହିଥିଲେ । ସିଂହ ପୁଣିଥରେ ନିଜର ବକ୍ତବ୍ୟରେ କହିଲେ, "ମୋ ପ୍ରିୟ ଭାଇଭଉଣୀମାନେ, ତୁମେମାନେ ଜାଣିଛ ଯେ ମହାବଳ ମୋତେ ଆକ୍ରମଣ କରି ରାଜଗାଦୀରୁ ବିତାଡିତ କରିଛି । ମରଣାତ୍ମକ ଆକ୍ରମଣରୁ ନିଜକୁ ରକ୍ଷା କରି ମୁଁ ପାଖ ଜଙ୍ଗଲରେ ଲୁଚି ଲୁଚି ବୁଲୁଛି । ହେଲେ ମୋର ମନ୍ତ୍ରୀ ବିଲୁଆ ନିଶ୍ଚୟ କୌଣସି ବୁଦ୍ଧି ଓ ଉପାୟ ଚିନ୍ତା କରିଥିବେ । ସେ ହିଁ ଆମକୁ ଉପାୟ ବତେଇବେ ।"

ବିଲୁଆ କହିଲା ହଁ ଯେ ହେଲେ ମୋତେ ସହଯୋଗ କରିବା ଦରକାର । ମୋତେ ସହଯୋଗ କଲେ ମୁଁ ନିଶ୍ଚୟ ଉପାୟ ଦେବି । ନିଶ୍ଚୟ ବାଘକୁ ପାନେ ଦେବି । ଏଥିରେ ସମସ୍ତ ପଶୁ ଓ ପକ୍ଷୀ ସହମତି ଦେଲେ । ବିଲୁଆ କହିଲା ଠିକ ଅଛି ତୁମେମାନେ ନିଜ ବାସସ୍ଥାନକୁ ଯିବାପୂର୍ବରୁ ଗୋଟେ କଥା ମନେରଖ ଯେ ସବୁବେଳେ ସଜାଗ ରହିବ । ମୁଁ ଯାଉଛି ସିଧା ବାଘ ମାମୁଁ ପାଖକୁ । ଦେଖିବା କେଉଁ ପାଣି କୁଆଡେ ଯାଉଛି । ବିଲୁଆ କଥାରେ ସହମତି ଦେଇ ସମସ୍ତ ପଶୁ ନିର୍ଭୟରେ ନିଜ ବାସସ୍ଥାନକୁ ଚାଲିଗଲେ ।

ବିଲୁଆ ସଭା ସାଙ୍ଗ ହେବ ପରେ ଯାଇ ବାଘମାମୁଙ୍କ ପାଖରେ ହାଜର । ବାଘ ମାମୁଁ ସିଂହାସନରେ ବସି ରକ୍ତାକ୍ତ ହରିଣର ଗୋଡ଼ଟିଏ ଧରି କଡ଼ମଡ଼ କରି ଖାଇବାରେ ଲାଗିଛନ୍ତି । ବିଲୁଆକୁ ଦେଖି କହି ପକେଇଲେ, "କଣ ଖବର କହ । ହରିଣ ମାଂସର ସ୍ୱାଦ ବହୁତ ମଧୁର ଓ ମନ ଭିତରେ ଶାନ୍ତି ଆସିଗଲା । ହଉ କହିପକା କଣ ଖବର ।"

ବିଲୁଆ, "ମଣିମା ସିଂହ ରାଜା ହେବା କଥା କହୁଛି । ମଣିମା ସିଏ ସବୁ ପଶୁଙ୍କୁ ଡାକି ଡାକି କହୁଛି ମୁଁ ଜଙ୍ଗଲର ରାଜା ଥିଲି ଓ ମୁଁ ହିଁ ରାଜା ହେବି ।"

"କଣ କହିଲୁ ! ତାର ଏତେ ସାହସ ! ମରିବ ସେ ନିଶ୍ଚୟ ମରିବ !" କହି ବାଘ ଗର୍ଜନ କରିବାରେ ଲାଗିଲା । ସମ୍ପୂର୍ଣ୍ଣ ପ୍ରସସ୍ଥ ଜଙ୍ଗଲ ପ୍ରକମ୍ପିତ ହୋଇଗଲା ସିଂହର ଗର୍ଜନରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଲୁଆ କହିଲା ମଣିମା ବୃଥାଟାରେ ଗର୍ଜନ କରି କଣ ମିଳିବ ଯେ । ତମେ ଆପଣେ କିଛି ଉପାୟ କରନ୍ତୁ । ମୋତେ ଭାରି ଭୋକ ହେଲାଣି ମୁଁ ଚାଲିଲି ।

"ନେ ଏଇ ଜଙ୍ଘ ମାଂସରୁ ଖଣ୍ଡେ ଖାଇଦେ ।" କହି ଫୋପାଡ଼ି ଦେଲା ଖଣ୍ଡେ ହରିଣ ମାଂସ ପିଣ୍ଡୁଳା ବିଲୁଆ ପାଖକୁ । ବିଲୁଆ ସେଠାରେ ବସି ମନ ଭରି ଖାଉଥାଏ ଓ ମନେ ମନେ କୌଶଳ ପାଞ୍ଚୁଥାଏ । ଉପରେ ଉପରେ କହି ଦେଉଥାଏ । 'ରହରେ ସିଂହ ଏବେ ନାମ ନେବୁ ।'

ପେଟ ପୁରିଗଲା ପରେ ବିଲୁଆ କହିଲା ମଣିମା ଆପଣ ଦେଖିବେ ପଶୁମାନେ କେମିତି ଆଜିକାଲି ଲୁଚି ଛପି ବୁଲୁଛନ୍ତି । କେହି କାହାକୁ ପଦେ କଥା ବି ହେଉ ନାହାନ୍ତି । ଠେକୁଆ ଗୋଟେ ଲୋକ, ତାକୁ ଡାକିଲି ଠେକୁଆ ଭାଇ, ଠେକୁଆ ଭାଇ ଟିକେ ଶୁଣ । ହେଲେ ସେ ଶୁଣିବାତ ଦୂରର କଥା ଅନେଇଲା ନାହିଁ । ଏବେ ସବୁ ପଶୁମାନେ ମନଇଛା ବ୍ୟବହାର କରୁଛନ୍ତି । ଯାହାକୁ କହିଲେ ବାଘ ରାଜାଙ୍କୁ ଦେଖା କରିବ, ସେମାନେ କହୁଛନ୍ତି କିଏ ବେ ସେ ବାଘ ଆମ ରାଜା ତ ସିଂହ । ଆମେ କେଉଁ ବାଘ ଫାଗକୁ ଜାଣିନୁ ।

ବିଲୁଆର କଥା ଶୁଣି ବାଘର ରାଗ ଆହୁରି ଦୁଇଗୁଣ ହୋଇଗଲା । ପେଟ ପୁରା ଖାଇ ଦେଇଥିବାରୁ ଚାଲିବାକୁ ଭାରି କଷ୍ଟ ହେଉଥାଏ । କହିଲା ଠିକ ଅଛି ମୁଁ ଆଜି ଶୋଇ ଯାଉଛି କାଲି ସେ ସିଂହର ବିଚାର କରିବି କହି ଶୋଇଗଲା ମହାବଳ ବାଘ ।

ବିଲୁଆର ପେଟ ପୁରି ଯାଇଥାଏ । ସେ ଏବେ ଜଙ୍ଗଲରେ ବୁଲିବାକୁ ଆରମ୍ଭ କଲା । ପ୍ରଥମେ ଗଲା ହାତୀ ପାଖକୁ ଓ କହିଲା ହାତୀ ଭାଇ ତୁମେ ଟିକେ ମୋତେ ସାହାଯ୍ୟ କରିବ । ହାତୀ ରାଜି ହୋଇ ବିଲୁଆ ସାଥିରେ ଚାଲିଲା । ଜଙ୍ଗଲର ଏକ ପାର୍ଶ୍ୱରେ ଗୋଟିଏ ବିରାଟ ଗର୍ତ୍ତ ଥାଏ । ଗର୍ତ୍ତଟି ବହୁତ ଗଭୀର ଥିଲା ହେଲେ ଯିଏ ସେଥିରେ ପଡ଼ିଯାଏ ଆଉ ବାହାରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରି ନଥାଏ । କିନ୍ତୁ ଗର୍ତ୍ତଟି ସମସ୍ତଙ୍କୁ ଦେଖା ଯାଉଥିବାରୁ କେହି ସେପାଖରେ ଯିବା ଆସିବା କରନ୍ତି ନାହିଁ । ଗର୍ତ୍ତର ଭିତର ପାର୍ଶ୍ୱକୁ ଦେଖିଲେ କେବଳ ପ୍ରାଣୀ ମାନଙ୍କର ଧବଳ ହାଡ଼ ଛଡା କିଛି ଦେଖାଯାଏ ନାହିଁ ।

ବିଲୁଆ ହାତୀକୁ ନେଇ ସେ ଗର୍ତ୍ତ ଦେଖେଇ କହିଲା ହାତୀ ଭାଇ ଏଇ କାମ ତୁମ ଦ୍ୱାରା ସମ୍ଭବ ହୋଇ ପାରିବ । ତୁମେ ଲମ୍ବା ବାଉଁଶ ଉପାଡି ଆଣି ଏଇ ଗର୍ତ୍ତ ଉପରେ ବିଛାଇ ଦିଅ । ଯେମିତି ଏହି ଗର୍ତ୍ତ କାହାରିକୁ ଜଣା ପଡିବ ନାହିଁ । ବିଲୁଆ ହାତୀକୁ ଏହି କାମ ଦେଇ ସିଧା ସିଂହ ନିକଟକୁ ଗଲା ଓ କହିଲା ମଣିମା ତୁମେ ଗର୍ତ୍ତର ଅପର ପାର୍ଶ୍ୱରେ ଛିଡା ହୋଇ ରହିବ । ବାଘ ଯେତେବେଳେ ତୁମ ଉପରେ ଲମ୍ଫ ପ୍ରଦାନ କରିବ ସେତେବେଳେ ସେ ଏଇ ଗର୍ତ୍ତରେ ପଡିବ ଓ ପ୍ରାଣ ତ୍ୟାଗ କରିବ । ଏଥର ସମସ୍ତ ଯୋଜନା କ୍ରମରେ ବିଲୁଆ ପ୍ରାଣୀମାନଙ୍କୁ କହିଲା ତୁମେ କେହି ବାଘକୁ ଦେଖା ଦେବ ନାହିଁ ଓ କିଛି ତୃଣଭୋଜି ପ୍ରାଣୀଙ୍କୁ କହିଲା ତୁମେ ସିଂହ ମହାରାଜଙ୍କ ନିକଟରେ ରହିବ ଯେମିତି ବାଘ ଯେତେବେଳେ ଦେଖିବ ଆହୁରି ଅଧିକ ରାଗି ଯାଇ ସିଧା ଆଗ ପଛ ନ ଭାବି ଆକ୍ରମଣ କରିବ ।

ଏଥର ବିଲୁଆ ଚାଲିଲା ବାଘ ନିକଟକୁ । ବାଘ ନିକଟରେ ଯାଇ କହିଲା ମହାରାଜ ମୁଁ ସିଂହ କେଉଁଠି ଅଛି ତା'ର ଠିକଣା ଲଗେଇ ଆସିଛି । ସିଂହ ବହୁତ ବଦମାସ ହୋଇ ଗଲାଣି । ମଣିମା ତାକୁ ନିଶ୍ଚୟ ପାନେ ଦେବା ଆବଶ୍ୟକ । ଜାଣନ୍ତି ମହାରାଜ ସିଂହ ବଣର ଯେତେକ ତୃଣଭୋଜି ପଶୁ ଅଛନ୍ତି ସମସ୍ତଙ୍କୁ ଡକେଇ ସଭା କରୁଛି । ତାର ଏତେ ସାହସ ବାଘ ପାଖକୁ କେହି ଯିବ ନାହିଁ କହି ବାରଣ କରୁଛି ।

ବାଘର ଏବେ ନିଜ ଉପରେ ଭାରସାମ୍ୟ ରହିଲା ନାହିଁ । ଦୌଡ଼ିଲା ବିଲୁଆ ସାଥିରେ ସିଂହ ରହିଥିବା ଜାଗାକୁ । ଦଉଡି ଦଉଡି ଯାଇ ପହଁଚିଲେ ସିଂହ ଥିବା ଜାଗାରେ । କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୂରରୁ ବିଲୁଆ କହିଲା ମହାରାଜ ମୁଁ ସେଠାକୁ ଯିବି ନାହିଁ କାରଣ ସେ ମୋତେ ଦେଖିଲେ ମାରିଦେବ । ତାର ଯେଉଁ ମୁନିଆ ନଖ । ଦୂରରୁ ଟିକେ ଦେଖନ୍ତୁ ମହାରାଜ କେମିତି ପଶୁମାନେ ବେଢ଼ି ରହିଛନ୍ତି ସିଂହକୁ । ବାଘ କହିଲା ଡରପୋକ ମୋ ସହିତ ଚାଲ । ତୋର କିଏ କଣ କରିବ ଦେଖିବା । ଫାଡ଼ି ଦେବି ଚିରିଦେବି କହି ଗର୍ଜନ କରିବାରେ ଲାଗିଲା ବାଘ ।

ବାଘ କହିଲା ବିଲୁଆ ମୋ ସହିତ ଚାଲ କହି ଦୌଡ଼ିବାରେ ଲାଗିଲା । ରାଗରେ ଦୌଡୁ ଥିବାରୁ ବାଉଁଶ ତଳେ ଗର୍ତ୍ତ ଜାଣିପାରିଲା ନାହିଁ ସିଧା ଗର୍ତ୍ତ ମଧ୍ୟରେ ଯାଇ ହାଜର । ଏବେ ବାହାରକୁ ବାହାରିବା କଷ୍ଟ । ହାତୀ ବାଉଁଶ ଅଡ଼େଇ ଦେବାରୁ ପଶୁମାନେ ଚାରି ପାଖରୁ କହିଲେ ମଣିମା ଆପଣଙ୍କର କଣ ହେଲା ଏବେ କଣ ନୂଆ ରାଜ୍ୟକୁ ଚାଲିଗଲେକି । ବିଲୁଆ କହିଲା ବାଘଭାଇ ଏବେ ତୁ ଏଇ ଗର୍ତ୍ତ ରାଜ୍ୟର ରାଜା ହୋଇକି ଥା ।

ଏବେ ବାଘ ଯେତେ ଚିଲେଇଲେ କିଏ ଶୁଣେ । ସବୁ ପଶୁ ସିଂହକୁ ରାଜା ବନେଇ ସୁଖରେ ବସ ବାସ କଲେ । ଜଙ୍ଗଲର ଭାରସାମ୍ୟ ଅନୁସାରେ ପ୍ରାଣୀମାନଙ୍କର ବଞ୍ଚିବାର ରାହା ମିଳିଲା । ସମସ୍ତେ ବିଲୁଆର ଚାଲାକି ପାଇଁ ସାବସ ବିଲୁଆ କହି ବିଲୁଆକୁ ପ୍ରଧାନ ମନ୍ତ୍ରୀର ଦାୟିତ୍ୱ ଦେଲେ ।

ବାପା: ରଞ୍ଜନ ପାଢ଼ୀ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅତୀତ



ସୁଧାଂଶୁଶେଖର ସାହୁ

ଗୋଟିଏ ଛୋଟ ଦେଶରେ ରାହୁଲ ଚାଟାର୍ଜୀ ନାମକ ରାଜା ଥିଲେ, ଆଉ ତାଙ୍କ ରାଣୀଙ୍କ ନାମ ଦିବ୍ୟଯୋତି ସେ ବହୁ ଗୁଣରେ ଅଧିକାରୀ । ସେ ତୀରଚାଳନା ଠାରୁ ଆରମ୍ଭ କରି ଘୋଡାଚଢ଼ା ପର୍ଯ୍ୟନ୍ତ ସବୁଥିରେ ନିପୁଣ ଥିଲେ । ଦୁହେଁ ଦୁଇ ଜଣଙ୍କ ବିନା ଗୋଟେ ମୁହୂର୍ତ୍ତ ବଞ୍ଚିବା କଷ୍ଟ ଥିଲା । ରାଣୀଙ୍କୁ ରାଜା ବହୁତ ଭଲ ପାଉଥିଲେ ।

ଯେହେତୁ ଛୋଟ ଦେଶ ଥିଲା ସେ ସୈନ୍ୟସାମନ୍ତର ଅଭାବ ଥିଲା । ତାର ସୁଯୋଗ ନେଇ ତାଙ୍କ ପଡୋଶୀ ରାଜ୍ୟର ରାଜା ଏ ଦେଶ ଉପରେ ଲୋଲୁପ ଦୃଷ୍ଟି ପକାଇଲେ । ରାତ୍ରୀର ଅନ୍ଧକାରରେ ଏ ଦେଶରେ ଆକ୍ରମଣ ଆରମ୍ଭ କରିଦେଲ । ଶେଷରେ ରାଜା ହାରିଯାଇ ତାଙ୍କ ବନ୍ଦୀ ହୋଇଗଲେ । ରାଣୀ ଦିବ୍ୟଜୋତି ରାଜାଙ୍କୁ ଗୋଟାଏ କଥା କହିଥିଲେ,"ମୋ ଶରୀର ସିନା ଏ ଦୁଷ୍ଟ ପାଇଁ ଅଲଗା ହୋଇଯିବ । କିନ୍ତୁ ଏ ହୃଦୟ ତ ତମ ପାଖରେ ! ମୁଁ ଯେଉଁଠି ଥିଲେ ବି ମୁଁ ତୁମର ।"

କିଛି ବର୍ଷ ପରେ ରାହୁଲ ଚାଟାର୍ଜୀ ରାଜାଙ୍କ ଦରବାରରୁ ଖସି ଆସନ୍ତି ଏବଂ ରାଣୀଙ୍କ କଥା ମନେ ପଡିବାରୁ ଛଦ୍ମ ବେଶରେ ଗୋଟେ ବ୍ରାହ୍ମଣ ବେଶରେ ରାଣୀଙ୍କୁ ଦେଖିବାକୁ ଗଲେ । ବ୍ରାହ୍ମଣଙ୍କୁ ସମ୍ବର୍ଧନା ଦେଇ ରାଜ ଉଆସକୁ ପାଛୋଟି ନେଲେ । ରାଜା ରାହୁଲ ସମସ୍ତଙ୍କ ସହ କଥା ସରିଲା ପରେ ରାଣୀଙ୍କ ସହ କଥା ହେବାରୁ ସେ ଜାଣିବାକୁ ପାଇଲେ ରାଣୀ ପଛ କଥା ଭୁଲି ଯାଇଛନ୍ତି । ଏବଂ ଏବେ ପୂର୍ବଠାରୁ ଏବେ ବହୁତ ଭଲରେ ରହିବା ସହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟଙ୍କାର ଆଭବ ନଥିବା କଥା କହିଛନ୍ତି ।

ରାଜାଙ୍କ ଶେଷ ପ୍ରଶ୍ନ : ଯଦି ପୂର୍ବ ରାଜା ତୁମ ପାଖକୁ ଆସିବେ ତୁମେ କଣ କରିବ !

ରାଣୀଙ୍କ ଉତ୍ତର ଚମତ୍କାର ଥିଲା, ସେତ ଅତୀତ ଥିଲେ । ଏବେ ବର୍ତମାନରେ ରହିବାକୁ ହେବ । ଏଇ କଥା ଶୁଣି ଶେଷରେ ରାଜା କହିଥଲେ । ଦୁହେଁ ଯେଉଁ କଥା ହେଇଥିଲ । ଏକାଠି ମାରିବା ଏକାଠି ବଂଚିବା ସେ କଥା ।

ରାଣୀ କହିଥିଲେ ସେ ସବୁ ମୋ ପରିସ୍ଥିତି ମତେ ବାଧ୍ୟ କରିଥିଲା କହିବାକୁ ।

ଶେଷରେ ରାଜା, ରାଣୀଙ୍କ ଏ କଥା ଶୁଣି ସବୁଦିନ ପାଇଁ ରାଣୀ କୋଳରେ ହିଁ ପ୍ରାଣତ୍ୟାଗ କରିଥିଲେ ।

ଦୋରଡ଼, ଆଠଗଡ଼, କଟକ

ମୋ : ୯୭୭୮୪୯୯୧୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁର୍



ପୁଷ୍ପାଞ୍ଜଳୀ ବୁଡ଼େକ୍

ଗୋଟି ଗୋଟି କରି କୁଟା କାଠି ପର ସଂଗ୍ରହ କରି ସୁନ୍ଦର ଛୋଟିଆ ନୀଡ଼ଟିଏ ତିଆରି କଲେ । ଆଗକୁ ବର୍ଷାଋତୁ, ଅଣ୍ଡା ଦେବେ, ଛୁଆ ଫୁଟିବ । ଚିଁ ଚିଁ ରାବରେ ବସା ଫାଟି ପଡ଼ିବ । ମା'ର ମନ ଆନନ୍ଦରେ କୁରୁଳି ଉଠୁଥାଏ । ମା ପକ୍ଷୀଟି ଅଣ୍ଡା ଦେଲା, କେଇ ଦିନ ଧରି ନ ଖାଇ ନ ପିଇ ଅଣ୍ଡା ଉଷୁମେଇଲା । ପରିଶ୍ରମ ସାର୍ଥକ ହେଲା । କୁନି କୁନି ଦୁଇଟି ଶାବକ ଜନ୍ମ ନେଲେ । ବାପାର ମନ କାହିଁରେ କେତେ । ବସା ଭିତରକୁ ଥରେ ତ ବାହାରକୁ ଥରେ । ଏ ଡାଳରେ ସେ ଡାଳ ଡେଇଁ ବୁଲିଲା । ମା ପକ୍ଷୀ ଅପଲକ ନୟନରେ ଶାବକଙ୍କୁ ଚାହିଁ ରହିଥାଏ, "ଆହା ! କେଡ଼େ ସୁନ୍ଦର । ସତରେ ଏମାନେ କଣ ମୋ ପେଟରୁ ଜନ୍ମ ?" ମା ପକ୍ଷୀ ପିଲାଙ୍କୁ ଦିନରାତି ଜଗି ବସିଥାଏ । କାଳେ ଯେପରି ଅଘଟଣ ନ ଘଟୁ । ବାପା ପକ୍ଷୀ ଦିନ ତମାମ ବୁଲି ବୁଲି ଖାଦ୍ୟ ସଂଗ୍ରହ କରେ । ପରିବାରଟି ସୁରୁଖୁରୁରେ ଚଳିଯାଏ । ଦିନ ଗଡ଼ିଚାଲେ । ଶାବକମାନେ ଧିରେ ଧିରେ ବଡ଼ ହୁଅନ୍ତି । ଟିକିଏ ଟିକିଏ ପର ବାହାରେ । ବାପାମା' ଦେଖି ବହୁତ ଖୁସି ହୁଅନ୍ତି । ପିଲାଙ୍କୁ ଉଡ଼ିବା ଶିଖାନ୍ତି । ପ୍ରଥମେ ପ୍ରଥମେ ଖଣ୍ଡି ଉଡ଼ା, ତା'ପରେ ଧିରେ ଧିରେ ପିଲାମାନେ ଉଡ଼ିବାରେ ପାରଙ୍ଗମ ହୋଇଯାଆନ୍ତି । ହଠାତ୍ ଦିନେ ପିଲାମାନେ କଥା ହେଲେ, "ବସାରେ ରହି ରହି ବିରକ୍ତ ଲାଗିଲାଣି । ଆଉ ଏଠି ରହି ଲାଭ ନାହିଁ । ବାହାର ଦୁନିଆଟା ବହୁତ ବଡ଼, ବହୁତ ସୁନ୍ଦର । ଚାଲ ଉଡ଼ିଯିବା । ଯେଉଁଠି ନଥିବ ବାପାଙ୍କର କଟକଣା, ନା ଥିବ ମା'ଙ୍କର ମାତ୍ରାଧିକ ଆକଟ ।" ଦିନେ ମୁହଁ ଖୋଲି ଶାବକ ମାନେ ମା ପକ୍ଷୀକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୋକଠୋକ ଜଣେଇ ଦେଲେ, "ମା ଆମେ ଆଉ ଏହି ଛୋଟିଆ ବସାରେ ରହି ପାରିବୁ ନାହିଁ । ଆମକୁ ଭାରି ବିରକ୍ତ ଲାଗୁଛି । ଆମେ ବାହାର ଦୁନିଆ ଦେଖିବୁ ।" ମା ପକ୍ଷୀ ହତବାକ ହୋଇଗଲା । ଆଖିରୁ ଧାର ଧାର ଗଡ଼ି ଆସିଲା ଦୁଇଟୋପା ଲୁହ । ବାପା ପକ୍ଷୀ ସନ୍ଧ୍ୟାରେ ବସାକୁ ଫେରନ୍ତେ ମା ପକ୍ଷୀ ଫେରାଦ ହେଲା । ବାପା ପକ୍ଷୀ ବୁଝେଇ କହିଲା, "ଆରେ ପାଗଳୀ ଡେଣା ଲାଗିଲେ ପକ୍ଷୀ ଉଡ଼ିବ । ତାର ସଂସାର ଅଲଗା । କେବେ କଣ ଦେଖିଛୁ ପକ୍ଷୀ ମାନଙ୍କର ଯୌଥ ପରିବାର ।"

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପରାଧୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ମୂଳ ଇସ୍‌ଲାମ : ହମିଦ୍ ଜବିନ୍ (ବଙ୍ଗଳାଦେଶ)

ଓଡ଼ିଆ ଅନୁସୃଜନ : ସୁଧାଂଶୁ ଶେଖର ଦ୍ୱିବେଦୀ

କ୍ଷେତରେ ଫାଟ ପଡ଼ି ସାରିଥାଏ, ପାଦଚଲା ରାସ୍ତା, କୂଅ, ପୋଖରୀ ତଥା ଗଛପତ୍ର ଶୁଖି ନିର୍ଜୀବ ପରି ଦେଖାଯାଉଥାଏ । କ୍ଷେତରୁ ଉତ୍ପନ୍ନ ହେଉଥିବା ବାସମତି ଧାନର ସୁଗନ୍ଧପାଇଁ ଗାଁ ଲୋକମାନେ ଅପେକ୍ଷା କରିଥାନ୍ତି । ବର୍ଷସାରା ମେଘ ଗର୍ଜିଲା ହେଲେ ଆଦୌ ବର୍ଷା ହେଲାନି । ପ୍ରତ୍ୟେକ ଲୋକଙ୍କ ମୁହଁରେ ସେଇ ଗୋଟିଏ କଥା, ଗୋଟିଏ ପ୍ରକାର ପ୍ରାର୍ଥନା, "ହେ ଆଲ୍ଲା ! ବିପତ୍ତିରୁ ରକ୍ଷାକର ।"

ଶୁକ୍ରବାର ଦିନ ଗାଁର ଲୋକମାନେ ମୌଲବୀ ସାହେବଙ୍କଠାରୁ ଭାଷଣ ଶୁଣୁଥାନ୍ତି । ସେ କହିଲେ, "ଧରିତ୍ରୀ ପୃଷ୍ଠରେ ଅପରାଧ ସାର୍ବଜନିକ ହୋଇଗଲେ ଆଲ୍ଲାଙ୍କ କ୍ରୋଧର ଶିକାର ହେବାକୁ ପଡ଼ିଥାଏ । ନିଃସନ୍ଦେହ ଗାଁରେ ବହୁତ ବଡ଼ ଅପରାଧ ଘଟିଛି । ଯାହାଫଳରେ ବର୍ଷା ହେଉନାହିଁ ।

ଆମ ସମସ୍ତଙ୍କର କର୍ତ୍ତବ୍ୟ ଗୋଟିଏ ସ୍ଥାନରେ ଏକତ୍ର ହୋଇ ସହାୟତା ପାଇଁ ଆଲାଙ୍କ ନିକଟରେ ପ୍ରାର୍ଥନା କରିବା । ହୁଏତ ସେ ଆମର ଅପରାଧକୁ କ୍ଷମା କରିଦେଇ ପାରନ୍ତି । ତା'ଛଡ଼ା ଯିଏ ଅପରାଧ କରିଛି ତାକୁ ଗାଁସାରା ଖୋଜିବାକୁ ହେବ । ନିଶ୍ଚୟ ଆମେମାନେ କିଛି ଏଭଳି ପରିସ୍ଥିତି ସୃଷ୍ଟି କରୁଛେ । ଯେଉଁଥିପାଇଁ ଆଲ୍ଲା ଆମ ଉପରେ ଅପ୍ରସନ୍ନ ହୋଇ ପଡ଼ିଛନ୍ତି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାଜି ସାହେବ ଗାଁ ସମିତିର ପ୍ରମୁଖ ଅଟନ୍ତି । ଅତ୍ୟନ୍ତ ଧର୍ମପରାୟଣ ନିରଙ୍କୁଶ ବ୍ୟକ୍ତି । ସଭା ଡକାଇ ସେ ସମସ୍ତଙ୍କୁ କହିଲେ, "ଆପଣମାନେ ଘର ଘର ବୁଲି ଖୋଜନ୍ତୁ କେହି ଦୁଶ୍ଚରିତ୍ରା ସ୍ତ୍ରୀ ନାହିଁ ତ ! କାହାରି ପ୍ରତି ଅତ୍ୟାଚାର ହେଉନାହିଁ ତ ! ପ୍ରତ୍ୟେକ ଲୋକ ଅପରାଧୀକୁ ଖୋଜନ୍ତୁ । ଜଣେ ଅନ୍ୟଜଣକୁ ଅନୁଧ୍ୟାନ କରନ୍ତୁ । ପୁଣି ପରଦିନ ପ୍ରାର୍ଥନା ସଭାରେ ଏକତ୍ରିତ ହୋଇ ଅବଗତ କରାନ୍ତୁ ।"

ହାଜି ସାହେବ ଭାଷଣ ସାରି ନମାଜ ପଢ଼ିବାକୁ ଚାଲିଗଲେ । ସେଠାରୁ ସିଧା ଘରେ ପହଞ୍ଚି ଜାଣିଲେ ତାଙ୍କ ବେଗମ୍ ଘରେ ନାହିଁ । ହାଜି ସାହେବ ଏ କ୍ଷେତ୍ରରେ ଖୁବ୍ ଶକ୍ତ । ତାଙ୍କ ବଡ଼ ବେଗମ୍ ବାହାହୋଇ ଘରକୁ ଆସିବା ପରେ ବୋଧହୁଏ କେବେ ବି ହାକିମ (ଡାକ୍ତର)ଙ୍କ ପାଖକୁ ଯାଇନଥିଲା, ବାସ୍... କେବଳ ଶବ ଏ ଘରୁ କବର ସ୍ଥାନକୁ ଯାଇଥିଲା ।

ଛୋଟ ବେଗମ୍ ପ୍ରତି ମଧ୍ୟ ସମାନ ନିୟମ ଲାଗୁ ହୋଇଛି । ପରନ୍ତୁ ଆଜି ସେ କୋଉଠିକି ଯାଇଛି ? ହାଜି ସାହେବଙ୍କୁ ଖୁବ୍ ରାଗ ମାଡୁଥାଏ । ରାଗରେ ହାତରେ ଧରିଥିବା ମାଳ ଅତି ଶୀଘ୍ରତାରେ ଚଳେଇଲେ । ସେତିକିବେଳେ ତାଙ୍କ ବଡ଼ପୁଅ ଅନୱର (ଯିଏ ଅନେକ ଦିନଧରି ସହରରେ ରହି ପଢୁଥିଲା, ଏବେ ଘରେ ରହୁଛି) ରୁମକୁ ପଶିଆସି ପଚାରିଲା, "ଆପଣ ମସଜିଦ୍‌ରୁ ଆସିଗଲେଣି ଆବ୍ବାଜୀ ?"

"ମନ ଭଲ ଲାଗିଲାନି । ଶୀଘ୍ର ଚାଲି ଆସିଲି । କିନ୍ତୁ ତୋ ଛୋଟି ଅମ୍ମି କାହିଁ ? ତାକୁ କଣ ଜଣାନାହିଁ, ଏ ଘରର ସ୍ତ୍ରୀ ଲୋକମାନେ ବାହାରକୁ ବାହାରନ୍ତି ନାହିଁ !"

"ଅମ୍ମି ତ ଘରେ ଅଛନ୍ତି । ଏବେ ଅଗଣାରେ ଥିଲେ । ଛାତ ଉପରେ ଥିବେ । ବର୍ଷା ହେଉନାହିଁ ତ ଘର ଭିତରେ ଭୀଷଣ ଗରମ ହେଉଛି ।"

ହାଜି ସାହେବ ଆଶ୍ୱସ୍ତ ହେଲେ । ମାଳ ଉପରେ ଦୌଡୁଥିବା ଆଙ୍ଗୁଠି ଶାନ୍ତ ଓ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ଥିରତାରେ ଚାଲିଲା ।

ଅତୀତର କିଛି ସ୍ମୃତି ତାଙ୍କ ମନକୁ ଉଦ୍‌ବେଳିତ କରିଦେଲା । ସେତେବେଳେ ତାଙ୍କ ବେଗମ୍ ମରି ଯାଇଥାନ୍ତି । ହାଜି ସାହେବଙ୍କ ମନ ଦୁନିଆର ମୋହମାୟାରୁ ଉଚ୍ଚାଟ ହୋଇ ଯାଇଥାଏ । ସେଇବେଳେ କିଛି ବନ୍ଧୁ ତାଙ୍କ ନିକଟକୁ ଆସୁଥିଲେ । କଥାଛଳରେ ସମସ୍ତେ ଗୋଟିଏ କଥା କହୁଥିଲେ, “ଘରର ଦୀପକୁ ପ୍ରକାଶିତ କରିବାପାଇଁ ନିହାତି ଜଣେ ଘରଣୀ ଆବଶ୍ୟକ ।”

ହାଜି ସାହେବଙ୍କର ବୟସ ପାଖାପାଖି ଷାଠିଏ ବର୍ଷ ହୋଇ ସାରିଥାଏ । ଏ ବୟସରେ ତାଙ୍କୁ କିଏ ଝିଅ ଦେବ ? ତେବେ ଜଣେ ବନ୍ଧୁ ନିଜ ଭାଣିଜୀକୁ ହାଜିଙ୍କ ସହ ନିକାହ ଦେବାପାଇଁ ରାଜି ହେବାରୁ ତାଙ୍କ ହୃଦୟରେ ପୁଣିଥରେ ନୂଆ ଉଦ୍ଦୀପନା ସୃଷ୍ଟି ହୋଇଥିଲା ।

ବିବାହପରେ ହାଜି ସାହେବ ନିଜ ବେଗମ୍‌କୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ ପଡ଼ିଥିଲେ । ଯୌବନର ତାଳେ ତାଳେ ଅନନ୍ୟ ସୁନ୍ଦରୀ ଥିଲା ବେଗମ୍ ରେଶମ ।

ଆଜାନ୍‌ର ଆବାଜ ଶୁଣିବା କ୍ଷଣି ସ୍ମୃତି ପଟଳରି ଫେରିଆସି ନମାଜ ପଢ଼ିବାକୁ ମସଜିଦ୍‌କୁ ଚାଲିଲେ ହାଜି ସାହେବ । ଅନୱର୍ ରେଶମ୍ ପାଖାପାଖି ବସି ପଚାରିଲା, “ମୁଁ ରୋଟି ବେଲିଦେବି କି ?” ଅନୱର୍ ପ୍ରଶ୍ନରେ ରେଶମ୍ ମୁହଁରେ ସ୍ମିତହସର ରେଖା ଫୁଟି ଉଠିଲା । ତା ଦୃଷ୍ଟିରେ ଧାସରେ ରେଶମ୍ ଦେହରେ ଚେଙ୍କା ଲାଗିଲାପରି ଜଣାଗଲା । ପରେ ପରେ ଦୁହେଁ ଧରିତ୍ରୀ କୋଳରେ ଜଳିବାକୁ ଲାଗିଲେ ।

“କେତେ ନିଷ୍ଠୁର ଥିଲେ ସେମାନେ ! ରାଜକୁମାରୀ ଭଳି ଝିଅକୁ ଜଣେ ଜୀନ୍ ସହ ଛନ୍ଦିଦେଲେ !” ଅନୱର୍ ମୁହଁରୁ ଆକ୍ଷେପ ଶୁଣି ରେଶମ୍ ଆଖିରୁ ଲୁହ ନିଗିଡ଼ି ପଡୁଥାଏ ।

ତା ପରଦିନ ବସ୍ତି ବାସିନ୍ଦାଙ୍କୁ ଖବର ମିଳିଲା ଅପରାଧୀ ଠାବ ହୋଇଛି । ବଡ଼


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମସଜିଦ୍ ନିକଟରେ ଶାଦୋ ଓ ତା ବିକଳାଙ୍ଗ ସ୍ୱାମୀ ରହୁଥାନ୍ତି । ଶାଦୋ କଠିନ ପରିଶ୍ରମ କରି ଦୁଇଟି ଜୀବନ ସମ୍ଭାଳେ, ତା ପେଟ ବଢ଼ିଯିବାରୁ ଧାଇ ବତେଇଲା, ଆଠ ମାସ ହୋଇଗଲାଣି । ଏ ଖବର ଶୁଣିବାପରେ ଗାଁର ସମସ୍ତେ ତାକୁ ଅପରାଧୀ ବୋଲି ଘୋଷିତ କଲେ । ସମସ୍ତଙ୍କର ଧାରଣା ସେ କୋଉଠି ମୁହଁ କଳା କରିଛି । ନ ହେଲେ ଜଣେ ପକ୍ଷାଘାତ ରୋଗୀ ପିଲାର ବାପା କେମିତି ହେବ ?

ଶାଦୋ ବହୁତ କନ୍ଦାକଟା କଲା, କିନ୍ତୁ କେହି ତା କଥା ଶୁଣିଲେନି । ବସ୍ତିର ବୁଦ୍ଧିଜୀବିମାନେ ଫଇସଲା କଲେ ଶାଦୋକୁ ଗାଁରୁ ବାହାର କରି ଆଲ୍ଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବେ ।

ରାତିପାହି ସକାଳ ହେଲା, ଲୋକମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହେଲେ । ଶାଦୋକୁ ବସ୍ତିରୁ ବାହାରି ଯିବାପାଇଁ ଆଦେଶ ଦିଆଗଲା । ବେଚାରୀ ଦରଦି ଦୃଷ୍ଟିରେ ସଭିଙ୍କୁ ଥରୁଟିଏ ଦେଖିନେଲା ପୁଣି ନିଜ ଅପଙ୍ଗ ସ୍ୱାମୀକୁ କୋଳରେ ଧରି ପଡ଼ି ଉଠି ଗାଁରୁ ବାହାରି ଯିବାପାଇଁ ମାଟି ସଡ଼କ ପାଖକୁ ଆଗେଇଲା ।

ସମସ୍ତେ ଦେଖୁଥାନ୍ତି ଗାଁ ଛାଡ଼ି ଯାଉଥିବା ଶାଦୋ ସଡ଼କ ଉପରେ ଗୋଟେ ବିନ୍ଦୁ ଭଳି ପ୍ରତୀୟମାନ ହେଉଛି । ସେଇ ବିନ୍ଦୁ ଅଦୃଶ୍ୟ ହୋଇଗଲାପରେ ହଠାତ୍ ପଶ୍ଚିମ ଦିଗରୁ କଳାହାଣ୍ଡିଆ ମେଘ ଘୋଟିଆସି ମୂଷଳ ଧାରାରେ ବର୍ଷିଲା । ବିଜୁଳୀ ଚମକି ଉଠିଲା, ଘଡ଼ଘଡ଼ି ଶବ୍ଦରେ ଚାରିଆଡ଼େ କମ୍ପନ ହେଲା । ଲୋକମାନେ ଜଣେ ଜଣକୁ ଆଲିଙ୍ଗନ କରି ଖୁସିରେ ମସଗୁଲ ହେଲେ । ସଭିଙ୍କ ମୁହଁରେ ଗୋଟିଏ କଥାଥାଏ, ଅପରାଧୀ ବସ୍ତିରୁ ଯିବାପରେ ବର୍ଷା ହେଲା ।

ହାଜି ସାହେବ ଘରେ ପହଞ୍ଚୁ ପହଞ୍ଚୁ ରାତି ହୋଇ ଯାଇଥାଏ । ପିନ୍ଧାବସ୍ତ୍ର ବି ଭିଜି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥାଏ । ଘର ଭିତରକୁ ଯିବାପୂର୍ବରୁ ମଞ୍ଜୁଆତି ଲତାର ବାଡ଼ ନିକଟରେ କାହାର ହସ ଶୁଣି ପାରିଲେ । ପରେ ପରେ ଚୁଡ଼ିର ଝଣ ଝଣ ଶବ୍ଦ ।

ଅନନ୍ତର ଆବ୍ବାଜାନଙ୍କୁ ଦେଖି ଭୟରେ ଥଙ୍ଗ ଥଙ୍ଗ ହୋଇ କହିଲା, "ସତରେ ଆଜି ପବନରେ କେତେ ଶୀତଳତା ଅଛି ଆବ୍ବାଜୀ !"

ହାଜି ସାହେବ ରେଶମକୁ ବି ଦେଖିଲେ । ତା ମୁହଁରେ ଆତ୍ମ ସନ୍ତୋଷ ସ୍ୱଷ୍ଟ ବାରି ହେଉଥାଏ, ଯେମିତି ବର୍ଷା ହେବାପରେ ଗାଁ ଲୋକଙ୍କ ମୁହଁରେ ଆନନ୍ଦର ଶୋଭା ପ୍ରକାଶ ପାଉଥିଲା... ! ! !

#ବିସି-୭୪, ସେକ୍ଟର-୧

ସଲ୍‌ଟଲେକ୍, କୋଲକାତା - ୭୪

ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତ୍ରିକାଳଦର୍ଶୀ ନଟବାବା



ଇଂ ବିଦ୍ୟାଧର ପଣ୍ଡା

(କ୍ଷୁଦ୍ର ନାଟକ)

(ବାପା ହରି ବଳିୟାର ସିଂ(୪୮) ପୁଅ ହେମନ୍ତ ସିଂ(୧୮)ପାଇଁ ବହୁତ ବ୍ୟସ୍ତ । ମାଆ ମଲ୍ଲୀ(୪୦) ପୁଅ ସପକ୍ଷରେ ବାହାରିବାହାରି ତାକୁ ଆଉରି କୁପଥଗାମୀ କରାଉଛି । ଏଥର ଘଟିଛି ଗୋଟିଏ ନୂଆ ଘଟଣା । ଘରକୁ ଲ୍ୟାଣ୍ଡଫୋନ୍ ବିଲ୍ ଆସିଛି । ଗାୟମୋଟ୍ ୧୨୦୦୦ଟଙ୍କା ବିଲ୍ ପୈଠ କରିବାକୁ ହେବ । ହରିବାବୁ ବିଏସ୍ଏନ୍ଏଲ୍ ଅଫିସ୍ ଯାଇ ବିଲ୍ର ପ୍ରତିଦିନର ଚିଠା ପରଖି ଜାଣିଲେ ଯେ ଯେଉଁ ଦୁଇଦିନ ଶଶୁରଘରକୁ ସିଏ ସ୍ତ୍ରୀ ମଲ୍ଲୀ ସାଙ୍ଗରେ ଯାଇଥିଲେ ସେହି ଦୁଇଦିନରେ ଲ୍ୟାଣ୍ଡଫୋନରେ ଦୁଇଟି କଲ୍ ପାଇଁ ୧୧୦୦୦ଟଙ୍କା ବିଲ୍ ଉଠିଛି । ତେଣୁ ଏହା ତାଙ୍କର ଏକୋଇରବଳା ବିଶିକେସନ ପୁଅ ହେମନ୍ତର କାମ ବୋଲି ଭାବି ଫେରିଲାବେଳେ ଗୋଟିଏ ପାହାର ଧରି ଘର ଭିତରକୁ ପଶିଲା ବେଳକୁ ଭେଟିଲେ ପୁଅ ହେମନ୍ତକୁ । ତାପରେ ହେମନ୍ତଉପରେ ପାହାରର ସଦୁପଯୋଗ ଆରମ୍ଭକରି ଦନାଦନ୍ ପିଟିବାକୁ ଲାଗିଲେ ।)

ହରି - ବାଘ ଘରେ ମିରିଗ ନାଟ ! ଶଳା ! ମୋତେ କଣ ପାଇଲ । ଭାବିଲ ମୁଁ କିଛି ଜାଣି ପାରିବିନି । ହଜାରେ ନୁହେଁ ଦି ହଜାରେ ନୁହେଁ ଏକାବେଳକେ ଏଗାର ହଜାର ବିଲ୍ । ଇଏତ ମୋତେ କାଙ୍ଗାଳ କରିଦେବେ । ବଡ ଦାଣ୍ଡକୁ ପଠେଇଦେବେ ।

ହେମନ୍ତ- ମରିଗଲି, ବୋଉ ! ବୋଉ ! ମରିଗଲି । ଓ. ଉ.. ଓ.. ଉ.. ମରିଗଲି ମରିଗଲି । ମୋତେ କାହିଁକି ମାରୁଛ ବାପା ! କି ଏଗାର ହଜାର ! ମୁଁ କିଛି ବୁଝି ପାରୁନି ।

ହରି - କିଛି ବୁଝି ପାରୁନୁ ?(କହି ଗୋଟାଏ ପାହାର ପିଟିବା) କିଛି ବୁଝି ପାରୁନୁ ?(କହି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଗୋଟାଏ ପାହାର ପିଟିବା) କିଛି ବୁଝି ପରୁନୁ ? (ଏମିତି କହିକହି ପାହାରରେ ପିଟବା) । ଏବେ ସବୁ ବୁଝି ପାରିବୁ । ପିଠିରୁ ଗୋଟିଏ ପରସ୍ତ ମଳିଚମ ପିଠିରୁ ବାହାରିଗଲେ ଆପେଆପେ ସବୁ ବୁଝି ପାରିବୁ ।

ହେମନ୍ତ- ମରିଗଲି, ବୋଉ ! ବୋଉ ! ମରିଗଲି । ଓ. ଉ.. ଓ.. ଉ.. ମରିଗଲି ମରିଗଲି । ବାପା ! ମୋତେ କାହିଁକି ମାରୁଛ, ବୋଉ ! ବୋଉ ! କଣ କରୁଛୁ ? ଜଲଦି ବାହାରକୁ ଆ । ଦେଖ୍ ବୋଉ ! ବାପା ମୋତେ କେମିତି ମାରୁଛନ୍ତି !

ହରି - ବାଘ ଘରେ ମିରିଗ ନାଟ ! ଶଳା ମୋ ନାଁ ହରି ବଳିୟାର ସିଂ । ମେଂଚଡ ଟୋକା ଗୋଟାଏ । ଶଳା ! ମୋତେ ହାରକିନି ଦେଖଉଛୁ ?

(ମଲ୍ଲୀ ଘରଭିତରୁ ଦୌଡିଦୌଡି ମଂଚକୁ ଆସି ହରିବାବୁଙ୍କୁ ମାରିବାରୁ ବାରଣ କରି ପୁଅ ସପକ୍ଷରେ ଛିଡାହେବା)

ମଲ୍ଲୀ - ଅରେ ! ଅରେ ! ତୁମ ମୁଣ୍ଡଫୁଣ୍ଡ ଖରାପ ହେଇଗଲା ନା କଣ ? ଛୁଆଟାକୁ ଏମିତି ଗୋରୁଗାଇ ଭଳି ପିଟୁଛ କାହିଁକି/

ହରି - ପିଟୁଛି କାହିଁକି ? ତୁମ ଗୁଣମଣିକୁ ପର । କ'ଣ କରିଛି ସିଏ ତାକୁ ପର । ବାଘଘରେ ତୁମେ ମିରିଗ ଓ ଛେଳି ଦୁଇଟା ନାଟ କରୁଛ ବୋଲି ମୁଁ ଆଜି ଜାଣିଲି । ନାଟ କର କିନ୍ତୁ ମୋ ପକେଟ ଦୁର୍ବଳ କିଆଁ କରୁଚ ? ତୁମେ ମାଆ ପୁଅ ଦୁଇଟା ନିଜେ ରୋଜଗାର କରି ଏ'ମାସର ଟେଲିଫୋନ୍ ବିଲ୍ ଭରିବ । ନ'ହେଲେ ଘରଫୋନ୍ କାଟିଦେବି ।

ମଲ୍ଲୀ - କାଟିଦିଅ । ଏତେ ଝଗଡାଝାଟି ମାରଧର ଅପେକ୍ଷା, ବରଂ କାଟିଦିଅ ଭଲ ହେବ । ତମରି ଶାଳି ରାତିଅଧିଆ ଫୋନ୍ କରୁଛି, ତୁମ ଭିଣୋଇ କେତେବେଳେ କେମିତି ମୋ ପାଖକୁ କରେ । ନକଲେ ନକରିବେ । କ'ଣ କାହାର ଭାସିଯିବ । କାଟିଦିଅ ।

ହରି - ଯେଉଁ ସବୁ ବ୍ୟବସାୟ କଲ୍ ଆସୁଛି ? ମୋ କାମ କେମିତି ହେବ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଲ୍ଲୀ - ତୁମରି ମୁହଁରେ ଉଆ ଉଷୁନା । ନିଜେ କହୁଛ କାଟିଦେବି । ପୁଣି କହୁଛ ମୋର କଲ୍ ଆସିବ, କାମ କେମିତି ହେବ ! ଦୋମୁହାଁ କେଂଚୁଅ ଭଳି କହିଲେ କେମିତି ହେବ ! ନ କାଟ, ତେବେ ରଖ ।

ହରି - ହଁ ରଖିବି । ତୁମ ଦୁଇଟାଙ୍କ ପାଇଁ ବିପକେଇ ରଖିବି । ତୁମେ କେବଳ ଫୋନ୍ ରିସିଭ୍ କରିପାରିବ, କିନ୍ତୁ ଅନ୍ୟକାହାକୁ ନିଜପଟୁ ରିଂ କରି କଥା ହୋଇପାରିବନି । ସେସବୁ କଥା ପଛେ, ଏବେ ଆଗ ତୁମ ଗୁଣମଣି କହୁ କୋଉଝିଅକୁ ଫୋନକରି ଏତେ ବିଲ୍ ଉଠେଇଛି ?

ମଲ୍ଲୀ - ସିଏ କାହିଁକି କୋଉ ଝିଅକୁ ଫୋନ୍ କରିବ ମ ? ମୋ ପୁଅକୁ ମୁଁ ଭଲଭାବରେ ଜାଣିଛି । ସିଏ ସେମିତିଆ ନୁହଁ । ତୁମେ ତୁମ ବ୍ୟବସାୟ ପାଇଁ କାହାକୁ କରି ଭୁଲି ଯାଇଥିବ, ମୋତେ ଲାଗୁଛି ଛୁଆଟା ମିଛରେ ଏତେ ଗୁଡାଏ ମାଡ ଖାଇଲା ।

ହରି - ମିଛରେ ମାଡ ଖାଇଲା ? ତୁମ ପୁଅସୁଆଗିଆ ଗେଲବସରିଆ ଭଦ୍ରଲୋକି ସେତିକି ଥାଉ । ତୁମକୁ ଯାହା କହୁଛି ସେଇଆ କର । ମୋ ଆଗରେ ତାକୁ ପର ସିଏ କାହାକୁ ଫୋନ୍ କରିଛି ? କାରଣ ସେଦିନ ସେଇ ଏକା ଏ'ଘରେ ଥିଲା । ଆମେ ଦୁଇଜଣ ତୁମଘରକୁ ଯାଇଥିଲେ । ତା'ଛଡା ଏ'ଘରେ ଆଉ କେହି ନ'ଥିବା ବେଳେ କିଏ ଫୋନ କଲା ?

ମଲ୍ଲୀ - ହେମନ୍ତ ! ପୁଅ କହ, ତୁ ଯଦି ଫୋନ୍ କରିଛୁ କହି ଦେ ? କହୁନୁ ?

ହେମନ୍ତ - ମୁଁ କାହାକୁ ଫୋନ୍ କରିନି । ମୋର ପନ୍ଦରଦିନ ତଳର କଥା କିଛି ବି ମନେ ନାହିଁ ।

ହରି- ମନେ ନାହିଁ ? ତୁ ସେଦିନ ଘଂଟାଏ ତେତିଶି ମିନିଟ୍ କଥା ହୋଇଛୁ । ଏତେ ସମୟ ଧରି କଥାହେଲୁ ତୋର କେମିତି କିଛି ମନେ ନାହିଁ ? ତୁ ତୋ ଜୀବନରେ ଏତେ ସମୟ

 Magazine Downloaded from www.aahwaan.com

ଧରି କେତେଥର କଥା ହୋଇଛୁ ?

ହେମନ୍ତ - ମୁଁ କାହାକୁ ଫୋନ୍ କରିନି, କିଛି ଜାଣିନି ।

ମଲ୍ଲୀ - ସିଏ ତ କହୁଛି ଜାଣିନି କି ଫୋନ୍ କରିନି । ତାକୁ ବାଧ୍ୟ କରୁଛ କାହିଁକି ?

ହରି- ବାଧ୍ୟ କରୁଛି କାହିଁକି ? ଏ ବିଲ୍ ତୁମ ବାପଘରୁ ଆଣି ଦେଇଦିଅ । ମୁଁ କାହାକୁ କିଛି ପରିବିନି । ସିଏ ନାଟକ ନକରି ସତକଥା କହୁ, ତାପରେ ଦେଖିବା କ'ଣ କରିବା । ସେ ଫୋନ୍ ନମ୍ବର ବି ଅଛି ଏ ଚିଠାରେ । ତାକୁ ଆଉଥରେ ଫୋନ୍ କଲେ ସବୁ ସତ ଜଣା ପଡିଯିବ । କିନ୍ତୁ ଏସ୍‌ଟିଡି କୋଡ୍ ଦିଲ୍ଲୀର ଅଛି, ଅଯଥାରେ ଶହେଟଙ୍କାର ବିଲ୍ ଉଠିବ । ତେଣୁ ଲାକ ହୋଇ ଶାନ୍ତଶିଷ୍ଟ ଲାଙ୍ଗୁଡ ବିଶିଷ୍ଟ ନିରୀହ ତିନିମାଙ୍କଡ ପରି ହେଲେ କିଛି ଲାଭ ନାହିଁ । ଧରା ପଡିବାକୁ ସବୁବାଟ ମୋ'ପାଖରେ ଅଛି । ଏବେ କହିଦେଉ, କାହାକୁ କରିଥିଲା ।

ମଲ୍ଲୀ - କହୁନୁ କାହାକୁ ଫୋନ୍ କରିଛୁ, କହି ଦେ । ମୋ ଧନ ! କହିଦେ ।

ହେମନ୍ତ - ମୁଁ କିଛି କହିପାରିବିନି । ମୁଁ କାହାକୁ ଫୋନ୍ କରିନି, କିଛି ଜାଣିନି ।

ହରି- ଠିକ୍ ଅଛି । ତେବେ ଲ ଭିତରକୁ । ମାଆପୁଅ ଦୁହେଁ ମୋ ପାଖରେ ବସିବ । ତୁମ ସାମ୍ନାରେ ମୁଁ ସେଇ ଫୋନ୍‌ରେ ଫୋନ୍ ଲଗେଇବି । ଦେଖିବା କିଏ ଉଠଉଛି ? ଲ, ଭିତରକୁ ଲ ?

(ତିନିକୁ ତିନିହେଁ ମଂଚର ଗୋଟିଏପଟେ ଭିତରକୁ ଯାଇ ଆଉ ଗୋଟେପଟେ ପୁନଶ୍ଚ ମଂଚରେ ପ୍ରବେଶ, ଏବେ ସାମ୍ନାରେ ଟେଲିଫୋନ୍ ଟିଏ । ଚିଠାଦେଖି ହରିବାବୁ ସେ ନମ୍ବର ଲଗେଇ ଫୋନ୍‌ଟିର ଭଲ୍ୟୁମ୍ ବଟନ ଦବେଇ ଫ୍ରି-ମୋଡ୍‌ରେ ରଖିବାରୁ ଶବ୍ଦ)

କ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂ

ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ ନଟବାବା - ହେଲୋ ! ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଟବାବା ବୋଲ୍ ରହେ ହେଁ । ଆପ୍ କହାଁସେ ବୋଲ୍ ରହେ ହେଁ ବତ୍ସ ?

ହରି- ମେଁ ଓଡିଶାସେ ବୋଲ୍ ରହାଁ ହୁଁ ।

ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ ନଟବାବା - ହେଲୋ ! ଓ, ଉଡିଶାସେ ! ବତ୍ସ ! ତେରା ୟାଦ୍ ଆଗୟା । ତୁମ୍ ଉଡିଶା, ଜଗନ୍ନାଥପୁରୀ ଉଡିଶା ସେ ବୋଲ୍ ରହେ ହୋ ନା ? ଠିକ୍ ହେ । କହିଁ ତୁମ୍ ହେମନ୍ତ ତୋ ନେହିଁ ।

ହରି- ଆପ୍ କୋ ମେରା ନାମ୍ ଭି ୟାଦ୍ ହେ ? ଧନ୍ୟବାଦ୍ ବାବା ।

ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ ନଟବାବା -ହମେ ସବ୍ୟାଦ୍ ହେ । ହମ୍ ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ ନଟବାବ । । ହେଁ । ହମ୍ ଭୂତ୍ ବର୍ତମାନ୍ ଓ ଭବିଷ୍ୟ ସବ୍‌କୁଛ୍ ଜାନ୍‌ସକତେ ହେଁ ? ତୁମକୋ ପିଛିଲାବାର୍ ବୋଲାଥା ତୁମାରା ଶରୀରପିଡା ଭୋଗନେ କା ଯୋଗ ହେ ? ଯାନ୍‌ବାହାନ୍ ଦେଖ୍‌କେ ଯାତ୍ରା କରନା ହେ, ନେହିଁ ତୋ ଖତରା । ତୁମନେ ମାର୍ଚ୍ଚମହିନା ପନ୍ଦର ତାରିଖକୋ କିଆ ଥା ? କିଆ ଥା କି ନେହିଁ ? ବୋଲୋ ନା !

ହରି- ବିଲ୍କୁଲ୍ ସହି ବାବା, ପନ୍ଦର ତାରିଖମେ ହି ୟିଏ କଲ୍ ରେକର୍ଡ ହେ ।

ଜ୍ୟୋତିଷାର୍ଯ୍ୟ ନଟବାବା - ହମ୍ ଭାରତ ବିଖ୍ୟାତ୍ ହେଁ । ଭାରତ ନେହିଁ, ପୂରା ବିଶ୍ୱ ବିଖ୍ୟାତ । ଲେକିନ୍ ତୁମ୍ ମୁଝେ ଅଭି ପ୍ରଣାମ୍ ତକ୍ ନେହିଁ କିଆ ? ମେଁ ତୁହ୍ମେ ୟହାଁଶେ ଶାପ୍‌ଦେକେ ରାଖ୍ କର୍ସକତା ହୁଁ ।

ହରି- ଶାଲା ହାରାମି, ତୁମ୍ ଯେସା ଭଣ୍ଡବାବା ବଡୋଁକୋ ଖରାପ କରତା ହେ, ଶାଲା କୋ ମାରନେ କି ଇଛା ହୋ ରହା ହେ । ତୁ ଶାଲା ଶାପ୍‌ଦେ, ମେଁ ଦେଖତା ହୁଁ ମେରା କ୍ୟା ଉଖଡ୍ ରହାହେ । ଶାଲା ହାରାମି ଶାଲା ।

ନଟବାବା - ମୁଝେ ଗାଲି ଦେ ରହେ ହୋ ? ତୁମକୋ ମେରା ତାକତ୍ରା ଅନ୍ଦାଜ୍..

ହରି- ସବ ଅନ୍ଦାଜ ହେ । ଶାଲା ହାରାମି, ଶାଲା ଠଗ୍ କହିଁକା.. ହାରାମି..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ଏତିକିକହି ହରିବାବୁ ଠାଏକିନି ଫୋନ୍ ରଖି ମଲ୍ଲୀ ଆଡକୁ ହିଁ)

ହରି- ଏବେ ପର, ତୁମ ଗୁଣମଣିକୁ ? ସେ ଶଳା ତ୍ରୀକାଲ୍‌ଦର୍ଶୀ ଜ୍ୟୋତିଷାର୍ଯ୍ୟ ନଟବାବା ଭଣ୍ଡକୁ କାହିଁକି ସିଏ ଫୋନ୍ କରିଥିଲା । ଏସବୁ ଫୋନରେ ଏସ୍‌ଟିଡି ର୍ଜ ସାଙ୍ଗରେ ସେ ଭଣ୍ଡବାବାଙ୍କ ଫିସ୍ ବି ଯୋଡି ହୋଇ ଫୋନଗ୍ରାହକମାନଙ୍କୁ ଦେବାକୁ ହୁଏ । ଏହି ବିଲ୍ର ଯେଉଁ ଛଅହଜାର ଟଙ୍କା ଆସିଛି ସେଥିରୁ ହଜାରେ ହୋଇଥିବ ଫୋନ୍‌କଲ୍ ପାଇଁ ଏବଂ ବାକି ପାଂଚହଜାର ସେ ଭଣ୍ଡ ଜ୍ୟୋତିଷାର୍ଯ୍ୟ ତ୍ରିକାଳଦର୍ଶୀ ନଟବାବାର ଫି । ତୁମ ଗୁଣମଣି କାହିଁକି କରିଥିଲେ ଟିକେ ପର ?

ହେମନ୍ତ - ଭବିଷ୍ୟ ଜାଣିବା ପାଇଁ ।

ହରି- ଶଳା ! ଏ ବୋପା ଉପରେ ଭରସା ନାହିଁ । ଭବିଷ୍ୟ ଜାଣିବାକୁ ସେ ଦିଲ୍ଲୀ ବାପାକୁ ପରିଲୁ ! ପରିଲୁ ଭଲ କଲୁ ଯେ ହେଲେ ମୋର ପାଂଚହଜାର ଖର୍ଚ୍ଚ କିଆଁ କଲୁ ? ଏବେ ଆର ଫୋନ୍‌ଟି କାହାକୁ କରିଛ କୁହ ? ଏହି କଲ୍‌ଟିକୁ ସାରି ମାତ୍ର ଦଶମିନିଟ୍ ଅନ୍ତରରେ ଆର କଲ୍‌ଟିକୁ ନିଶ୍ଚୟ ତୁମେ ହିଁ କରିଛ । ସତସତ କହିଦିଅ । ସେଇଟା କାହାକୁ କରିଛ, ନହେଲେ ଏବେ ମୁଁ ପୁଣି ଫୋନ୍ କଲେ ଏଇଟାରେ ଯେମିତି ଧରା ପଡିଲ, ସେହି ଫୋନ୍ ନମ୍ବରରେ ଫୋନକଲେ ସେମିତି ସବୁକଥା ଧରା ପଡିଯିବ । କ'ଣ କହୁଛ ? କହିବ ନା ଲଗେଇବା ଫୋନ୍ ?

ହେମନ୍ତ - ମୋର କିଛି ମନେ ନାହିଁ । ମୁଁ ଫୋନ୍ କରିନି଼ି ।

(ଚିଠାଦେଖି ହରିବାବୁ ପୂର୍ବପରି ସେ ନମ୍ବର ଲଗେଇ ଫୋନ୍ ଟିକୁ ଭଲ୍ୟୁମ୍ ବଟନ ଦବେଇ ଫ୍ରି-ମୋଡ୍ରେ ରଖିଲେ)

କ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂକ୍ରିଂ କ୍ରିଂ କ୍ରିଂ

ହରି- ହାଲୋ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତରୁଣୀ ( ମହିଳାର ସୁନ୍ଦର କଣ୍ଠସ୍ୱର)- ଜାନେମନ୍, ଓଃ.ଉଃ. ଓଃ.ଇସ୍. । କେତେ ସୁନ୍ଦର ତୁମର ହାଲୋ । ମୋର ସତେ ଯେମିତି , ଆଃ ଆଃ ମୋ ହୃଦୟ ଭିତରେ ନିଆଁ ଲାଗିଯାଉଛି । ଆଉଥରେ କୁହ ନା ପ୍ଲିଜ୍, ତୁମର ସେ ଦର୍ଦ୍ଦଭରା ହାଲୋ । କୁହ ନା । ତୁମ କଣ୍ଠସ୍ୱରରେ ଯାଦୁ ଅଛି । ମୁଁ ଯଦି ଦେଖାହୁଅନ୍ତି ମୋ ବାହୁବନ୍ଧନରେ ତୁମକୁ ବାନ୍ଧି ତୁମର ସବୁ ରାତିଗୁଡିକୁ ରଙ୍ଗିନ୍ କରି ଦିଅନ୍ତି । ମୋତେ ଟିକେ କିସ୍ ଦିଅନା, ପ୍ଲିଜ୍ , କିସ୍ ମି ପ୍ଲିଜ୍ । ମୁଁ ମୋର ଗୋରାଗାଲକୁ ଫୋନ୍ ରିିସିଭର୍ରେ ଲଗେଇ ତୁମଓଠର ମଧୁର ପରଶକୁ ଅପେକ୍ଷା କରିଛି । ଦିଅ

ହରି- ଏବେ ମନେ ପଡିଲା ! ମୋ ମୁଣ୍ଡବାଡେଇ ଦେବାକୁ ଇଚ୍ଛା ହେଉଛି । ଏସବୁ ହେଉଛନ୍ତି ପ୍ରଫେସନାଲ୍ ସେକ୍ସଟକର୍ । ଜଣଙ୍କ ସାଙ୍ଗରେ ଏମିତି ଖାଲି ଅଭଦ୍ରକଥା କେଇପଦ ହେବାପାଇଁ ତୁ ଖର୍ଚ୍ଚ କରିଛୁ ପାଂଚହଜାର ଟଙ୍କା । ଟଙ୍କା କ'ଣ ଗଛରେ ଫଳୁଛି ? ବୋପା ପୁଅର ଭବିଷ୍ୟତ ପାଇଁ ପଇସା ପଛରେ ଧାଇଁଧାଇଁ ସୁଗାର ବିପି ସବୁ ବଢିକି ରହୁଛି, ତେଣେ ପୁଅ ରୋମାନ୍ସ କଥାରେ ପାଂଚହଜାର ଉଡେଇଦେଉଛି । ଛି.. ଛି.. ଛିଛି .. ଛି । କାହିଁକି ତାକୁ ଇଂଜିନିୟରିଂ ପଢେଇବା !

ମଲ୍ଲୀ - ଛାଡ, ମୁଁ ତାକୁ ବୁଝେଇଦେବି । ସିଏ ଆଉ ଏପରି ଭୁଲ୍ ଜୀବନରେ କରିବନି । ଯା ! ତୁ ତୋ ରୁମ୍କୁ ଯା । ହାତ ମୁହଁ ଧୋଇ ଖାଇବାକୁ ଆସେ ।

(ହେମନ୍ତର ପ୍ରସ୍ଥାନ- ମଂଚରେ କେବଳ ମଲ୍ଲୀ ଓ ହରିବାବୁ)

ହରି- ତୁମେ ଭାବୁଛ ଯେ ଆଉ ତୁମ ପୁଅ ବଦଳିବ ?

ମଲ୍ଲୀ- କାହିଁକି ? କ'ଣ ଏମିତି କରିଦେଇଛି କି ? ସିଏ କ'ଣ ଜାଣିଥିଲା ଏତେ ବିଲ୍ ଉଠିବ ବୋଲି ? ଜାଣିଥିଲେ ହୁଏତ ଏପରି କରି ନ'ଥାନ୍ତା । କିନ୍ତୁ ଏତେବଡ ଛୁଆକୁ ଏମିତି ଗୋରୁଗାଈ ପରି ପିଟିବା କ'ଣ ଭଲ କଥା ? ଗୋଟିଏ ବୋଲି ଛୁଆ । ଛଅଟା ନା ନଅଟା

 Magazine Downloaded from www.aahwaan.com

ହେଇଛି । ଆଜିକାଲି ଛୁଆ ମାନଙ୍କ ରାଗ ତୁମେ ଜାଣୁନା ! ରାଗରେ କ'ଣ ନାଇଁ କ'ଣ କରିପକଉଛନ୍ତି ।

ହରି- ସେଇଥିପାଇଁ ମୁଁ କହୁଛି, ଗୋଟିକିଆ ପୁଅ ସିଏ । ତା' ବୁଢାବାପାର ଯେତିକି ଗାଁଜମି ବର୍ଷେ ଚଷିଲେ ପାଂଚବର୍ଷ ଖାଇବ । ବୋପାଟା ରାତିଦିନ ଏକ୍କରି ତା ପାଇଁ ଜମେଇ ଲିଛି । ସିଏ ଏ'ସବୁ ଦେଖିକି କ'ଣ ତା ଭବିଷ୍ୟତ ଅନ୍ଦାଜ କରିପାରୁନି ଯେ ଗୋଟାଏ ଭଣ୍ଡବାବାକୁ ଏତେ ପଇସା ଖର୍ଚ୍ଚ କରି ଫୋନରେ ପରୁଛି ? କ'ଣ ତା'ବୁଦ୍ଧି ?

ମଲ୍ଲୀ -(ରାଗିଯାଇ) କହିଲି ପରା ସିଏ ଏତେ ପଇସା ଉଠିବ ବୋଲି ଜାଣି ନଥିବ ! ସେଇ ଗୋଟିଏ କଥାକୁ ବାରମ୍ବାର କହି କେତେ ଛୋପରା ହେଉଛ ?

ହରି - (ନରମିଯାଇ) ସେ କଥା ତେବେ ଛାଡ । ଆଉ ଯୋଉ ଝିଅସାଙ୍ଗରେ ରଙ୍ଗିନ୍ କଥା ହେବାକୁ ପାଂଚହଜାର ଉଠିଛି, ସେଇଟାରୁ କଣ ତୁମେ ବୁଝୁଛ ମୋତେ ଟିକେ ବୁଝେଇଲ ।

ମଲ୍ଲୀ- ଏଇ ସାମାନ୍ୟ କଥା ବୁଝିପାରୁନ ଯେ ମୋତେ ପୁଣି ବୁଝେଇବାକୁ ହେବ ?

ହରି- ନାଇଁ, ମୁଁ କିଛି ଜାଣି ପାରୁନି । ତୁମେ ଟିକେ ବୁଝା ।

ମଲ୍ଲୀ- ପୁଅର ବୟସ ଏବେ ଅଠର । ତୁମେ ତିରିଶି ବର୍ଷ ତଳକୁ ଫେରି ତୁମ କଥା ଟିକେ ମନେ ପକା । ଏ ବୟସରେ ଏମିତି ଭୁଲ୍ ହୁଏ । ଖାଲି ଫୋନ୍‌ଟାଏ ତ କରିଛି । କ । ।ହାକୁ ଟେକି ନେଇଛି, ନା କାହାର ଇଜ୍ଜତମହତ ଲୁଟିଛି ? ତୁମ ଟେଲିଫୋନ୍ରେ ତାଲା ପକା । ଆମେ ମା'ପୁଅ ତୁମ ଟେଲିଫୋନ୍ ଛୁଇଁବୁନି । କିନ୍ତୁ ମାରଧର କରିବାଟା ଠିକ୍ ହେବନି । ଦେଖୁନା ସେ ନବମଶ୍ରେଣୀ ଝିଅଟା ରିମହଲାରୁ ଡେଇଁ ମରିଗଲା । ସବୁ ମିଳିବ, ହେଲେ ସେ ଜୀବନଟି ଲିଗଲେ ଆଉ ଫେରିବ ? ନା ଏ ବୟସରେ ଆମେ ଆଉ ବାପା ମା ହୋଇପାରିବା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହରି- ହେଲା ହେଲା । ଏ ଶଳା ସ୍ତ୍ରୀ ଲୋକମାନେ ବୁଝିବେ ଫାଳେ । ତୁମେ ଆଉ ମୋତେ ଡରାନା । ମୁଁ ସବୁ ଭୁଲି ଯାଉଛି । ଯାଅ ଖାଇବାକୁ ଯୋଗଡ କର । ତୁମ ଗୁଣମଣିକୁ ବି ଡାକ । ତିନିଜଣ ଏକାଠି ଖାଇବା । ଶଳା ! ଆଜିକାଲିର ଛୁଆଗୁଡାଙ୍କୁ କେମିତି କଣ କରିବ କିଛି ବୁଝି ହେଉନି । ଭବିଷ୍ୟତ ଜାଣିବାକୁ ଛଅ ହଜାର, ଝିଅ ସାଙ୍ଗେ ଖୋଲାଖୋଲି କଥା କେଇପଦ ହେବାକୁ ପାଂଚ ହଜାର । ବୋପାଠି ଏଗାର ହଜାର ଟଙ୍କାର ଚୁନା ଲାଗିଲାଣି । କିନ୍ତୁ ପତ୍ନୀ କହୁଛି ପୁଅ ଜାଣି ନଥିବ ! ହଉ ଏବେ ତ ଜାଣିଲା, ଆଗକୁ ଦେଖିବା କଣ ହେଉଛି ? କିନ୍ତୁ ଲାଗୁଛି ଆଜିକାଲି ସଫଳ ଅଭିଭାବକ ହେବା ବଡ କଷ୍ଟ । ପିଲାମାନଙ୍କୁ ମାପିଚୁପି ପାଳିବା ସହଜସାଧ୍ୟ ନୁହେଁ । ମୋ ହିସାବରେ ଏଥିପାଇଁ ସରକାର ବି ସମାନ ପାରିମାଣରେ ଦାୟି । ଏପରି ଫ୍ରଡ୍ ଫୋନ୍ ନମ୍ବରଗୁଡିକୁ ବ୍ୟାନ କରିଦେଲେ ଚଳନ୍ତାନି !

(ମଂଚ ଅନ୍ଧାର, ଦୃଶ୍ୟ ଶେଷ)

ଇଂ. ବିଦ୍ୟାଧର ପଣ୍ଡା, ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା,
ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,ମୋ- ୯୪୩୯୧୨୮୦୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସରଗପରୀକୁ ପ୍ରେମ କରି



ନୂତନ କୁମାର ବେହେରା

ଭୂମିକାରେ :-

ପରୀ- କଲେଜ ଛାତ୍ରୀ

ସ୍ମୃତି - ପରୀର କଲେଜ ବାନ୍ଧବୀ

ଆୟୁଷ - ମେଧାବୀ ଛାତ୍ର

ରୁଦ୍ର - କଲେଜ ଦାଦା

ଗୌରା - ରୁଦ୍ରର ସହଚର

ଚକ୍ରା - ରୁଦ୍ରର ଅନ୍ୟ ଏକ ସହଚର

ଓ ସାମ୍ବାଦିକ ଟି. ଭି. ରିପୋର୍ଟର ।

ପ୍ରଥମ ଦୃଶ୍ୟ

(କଲେଜର ଫାଟକର ଦୃଶ୍ୟ, ଛାତ୍ର ଛାତ୍ରୀ ମାନେ ଯାଆ ଆସ କରୁଥାନ୍ତି, କଲେଜ ହତାର କୃଷ୍ଣଚୂଡ଼ା ଗଛ ମୂଳରେ ଠିଆ ହୋଇଥାଏ ରୁଦ୍ର, ପାଖରେ ଦୁଇ ସହଚର ଗୌରା ଓ ଚକ୍ରା)

ରୁଦ୍ର - (ସିଗାରେଟ୍ ଜଳେଇ ଟାଣିଛି ଓ ଉପରକୁ ଧୂଆଁ ଛାଡି) ଗୌରା, ଚକ୍ରା ଦେଖୁଛ । ଏ ସିଗାରେଟ୍ ଧୂଆଁ । ନିଶା ଧରିବ ଦିମାକ୍ ରେ ଆଉ ଧୂଆଁ ଚହଟିବ ଆକାଶରେ, ହାଃ... ହାଃ...

ଗୌରା - ଆରେ ଆକାଶରେ ଚହଟୁ କି ବତାସରେ ଚହଟୁ । ଆମକୁ ଆଉ ଭକୁଆ ବନା ନା, ଖଣ୍ଡେ ଖଣ୍ଡେ ସିଗାରେଟ୍ ଦେ...

ଚକ୍ରା - ଆରେ ତୁ ଶିବ ହେଲେ ଆମେ ଦୁଇଜଣ ନନ୍ଦୀ ଆଉ ଭୃଙ୍ଗୀ । ଆମକୁ ଭୋଗ ରୂପେ ଗୋଟେ ଗୋଟେ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୁଦ୍ର - ଓ. କେ., ବ୍ୟସ୍ତ ହୁଅନା, ଧୈର୍ଯ୍ୟଧର ଦେଉଛି( ଗୋଟେ ଗୋଟେ ସିଗାରେଟ୍ ଦେଇଛି, ସେମାନେ ଲଗାଇ ଟାଣୁଥାନ୍ତି)

ଗୌରା - ଆରେ ହେ, ଇଆଡେ ଭାଇସ୍ ପ୍ରିନସ୍ପାଲ୍ ଆସୁଛି ।

ଚକ୍ରା - ତୁ କଣ ଡରୁଛୁ...

ରୁଦ୍ର - ଜମା ଡରନା । ମୁଁ ଅଛି । ତା ଛଡା ସେଇଟା ଗୋଟେ ଘୋଡା ମଦୁଆ ।

ଗୌରା - ଆରେ ଘୋଡା ମଦୁଆ କଣ ?

ଚକ୍ରା - ଆବେ ଏଇଟା ବୁଝି ପାରୁନୁ । ଘୋଡା ମଦୁଆ ମାନେ ଘୋଡା ମଦ ପିଇଲେ ଆଉ ଛାଡି ପାରେନା । ମଦ ନ ପାଇଲେ ହଙ୍ଗାମା କରି ପକାଏ । ଆଉ ଇଏ ସାର୍ ବି ସେମିତି ।

ରୁଦ୍ର - ଆରେ ଧୂଆଁ ତ ଉଡେଇଲ, ବଡି ଗରମ୍ ବି କଲ ହେଲେ ଆଜି ବକ୍ରା ବନେଇବା କାହାକୁ...

ଗୌରା - (ଏଣେ ତେଣେ ଚାହିଁ ) ଏଇତ ହଜିଲା ବଳଦ ଖୋଜିଲା ଠେଇଁ, ଆୟୁଷ ଏପଟେ ମାଡି ଆସୁଛି ।

ଚକ୍ରା - ଆୟୁଷ ଏ ପଟେ ଆସ୍ । ରୁଦ୍ର ଭାଇ କଣ କହୁଛନ୍ତି ଶୁଣ ।

ଆୟୁଷ - (ପାଖକୁ ଆସି) କଣ ହେଲା...

ରୁଦ୍ର - କିଛି ହେଇ ନାହିଁରେ ବଚ୍ଚୁ.. ଯାହା ହେବାର ଅଛି ତୁ କରିବୁ ।

ଚକ୍ରା - ସେମିତି କିଛି ପାହାଡ ଓଲଟାଇବାକୁ ହେବନି ମ, ଖାଲି ଭାଇ ଯାହା ଚାହିଁବେ..

ଆୟୁଷ - ମୁଁ କାହା କଥାରେ କିଛି କରେନା । ତୁମ କାମ ତୁମେ କର, ମୋର କ୍ଲାସ୍ ଅଛି । ମୁଁ ଯାଉଛି..

ଗୌରା- ଆବେ ଭାଇକୁ ବେଖାତିର, ଏ କଲେଜରେ ତୁ ତିଷ୍ଠି ରହିପାରିବୁ ତ...

ଆୟୁଷ - ଏ କଲେଜଟା କାହା  ବାପାର ନୁହେଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୁଦ୍ର - ଏଇଟା ମୋ ବାପାର, ଜାଣିନୁ କି...

ଚକ୍ରା - ଜାଣିନୁ, ଏହାର ବାପା ଏମ୍. ଏଲ୍. ଏ. । ଏ କଲେଜର ପ୍ରେସିଡେଣ୍ଟ୍ ...

ଆୟୁଷ - ସେ ଯିଏ ହୁଅନ୍ତୁ ମୋର କିଛି ଯାଏ ଆସେ ନା । ମୁଁ ପଢିବା ପାଇଁ ଆସିଛି ପଢିବି ।

ରୁଦ୍ର - ଏୟ୍, how dare you ? ଜାଣିଛୁ ଗୋଟାଏ ଚୁଟ୍‌କିରେ ଏଠୁ ବିଦା ହେଇଯିବୁ...

ଗୌରା - ବେଶି ହିରୋଗିରି ନ ଦେଖାଇ ସୁନା ପିଲା ପରି ଭାଇ କଥା ମାନି ଯାଆ...

ଆୟୁଷ - ଯଦି ନ ମାନେ...

ରୁଦ୍ର - ଯଦି ନ ମାନୁ, ତୁ ଆଉ ଲାଇଫ୍ ପାଇବୁ ନି,

କାଲିକୁ ତୋ ଲାସ୍ ଖୋଜିଲେ ବି ମିଳିବନି ।

ଚକ୍ରା - ସିଗାରେଟ୍ ଧୂଆଁ ଭଳି ତୁ ବି ଧୂଆଁ ହେଇ ଯିବୁ । ଖବରଦାର୍...

ଆୟୁଷ - (ଶଙ୍କି ଯାଇ, ମନେ ମନେ ଭାବି) ଏ ଦୁଷ୍ଟମାନଙ୍କ ସହିତ ଚାଲେଞ୍ଜ କଲେ ନିଜର ବରବାଦି । (ପ୍ରକାଶ୍ୟରେ) ହଉ, କୁହ.. ମୋତେ କଣ କରିବାକୁ ହେବ ।

ରୁଦ୍ର - ଶୁଣ, (କାନ ପାଖରେ କିଛି କହିବାର ଭଙ୍ଗୀ )

-=- ମଞ୍ଚ ଅନ୍ଧାର -=-

ଦ୍ୱିତୀୟ ଦୃଶ୍ୟ

(ଲାଇବ୍ରେରୀରେ ପରୀ ଏକାକିନୀ ଅନ୍ୟ ମନସ୍କଭାବେ ବସି ଭାବଥାଏ )

ପରୀ - ଆୟୁଷ ଭଳି ଏକ ବିଚକ୍ଷଣ ମେଧାବୀ ଛାତ୍ର, ହଠାତ୍ ହାତରେ ରକ୍ତ ଗୋଲାପଟିଏ ଧରି ଆସି ମୋତେ କହିବ । Love you, ମୁଁ ତୁମକୁ ଭଲ ପାଏ । ଆଶ୍ଚର୍ଯ୍ୟ... ଏ କଥା ମୁଁ ସ୍ୱପ୍ନରେ ଭାବି ନ ଥିଲି । ତାର ସାହସକୁ ମାନିବାକୁ ହେବ...

ସ୍ମୃତି - (ଆସିଛି) ଆରେ ପରୀ, ତୁ ଏମିତି ଭାଙ୍ଗି ପଡି ମଉଳି ଯାଇଛୁ । କଣ ଭାବୁଛୁ ? ମୁଁ ଯଦି ଠିକ୍ ଭାବୁଥାଏ, ସେ ଆୟୁଷ ନୁହେଁ ତ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରୀ - ସତରେ ସ୍ତୁତି, ଆୟୁଷ ଭଳି ପିଲା ଏମିତି ଭାବେ ତୁମମାନଙ୍କ ପାଖରେ ପ୍ରୋପଜ୍ କରିବ, ମୁଁ ଯେତିକି ଆଶ୍ଚର୍ଯ୍ୟ ସେତିକି ମର୍ମାହତ ।

ସ୍ତୁତି - ଆୟୁଷ ନିଜ ଇଚ୍ଛାରେ ଏମିତି କରି ନାହିଁ । ତୋତେ ହର୍ଟ୍ କରିବା ପାଇଁ ତଥା ବିଦ୍ରୁପ କରିବାକୁ ଏ ପ୍ଲାନ୍ ସେହି ଦୁଷ୍ଟ ଏମ୍. ଏଲ୍. ଏ. ପୁଅ ରୁଦ୍ର, କଲେଜ୍ ଦାଦାର ।

ପରୀ - ତୁ କଣ କହୁଛୁ..

ସ୍ତୁତି - ହଁ ପରୀ, ଆୟୁଷ ଏତେ ଷ୍ଟ୍ରେଟ୍ ଫରୱାର୍ଡ ନୁହେଁ ଯେ ଏମିତି କହିବ । ତା ଛଡା ସେ ଯେତିକି ସରଳ ନିଷ୍କପଟ ସେତିକି ସ୍ୱାଭିମାନୀ । କେବଳ ରୁଦ୍ରଠାରୁ ବଞ୍ଚିବା ପାଇଁ ବାଧ୍ୟବାଧକତାରେ ଏମିତି କରିଛି ।

ପରୀ - ସେ ବରଂ ମିଛ ହେଉ, ମୁଁ କିନ୍ତୁ ମନେ ମନେ ଆୟୁଷକୁ ଅନେକ ଆଗରୁ ଲାଇକ୍ କରୁଥିଲି । ଆଜିଠୁ ଭଲ ପାଇ ବସିଲି । ତା ପରି ପିଲା ଆଜିକାଲି ବିରଳ...

ସ୍ତୁତି - ଏୟ ଚୁପ୍.. ଚୁପ୍.. ଆୟୁଷ ଏ ପଟେ ଆସୁଛି ।

(ଉଭୟେ ଆୟୁଷ ଆଡକୁ ଚାହିଁଛନ୍ତି)

ଆୟୁଷ - ( ଅତି ନମ୍ର ଭାବରେ ଆସି ବିନୟର ସହିତ କହିଛି ) ପରୀ, Really I am very sorry. ଏମିତି ଭାବେ ହଠାତ୍ ତୁମକୁ ମୋର ହର୍ଟ୍ କରିବାର ନ ଥିଲା । ମୋତେ କ୍ଷମା କରିବ...

ପରୀ - ଆଦୌ ନୁହେଁ, ତୁମକୁ ମୁଁ ଏକ୍ସପୋଜ୍ କରିବି । ପ୍ରିନ୍ସପାଲ୍ ଙ୍କ ଆଗରେ କମ୍ପ୍ଲେନ୍ କରିବି ।

ସ୍ତୁତି - ( ମୃଦୁ ହସି ) ତୁମେ ମଲ, ତିନି ପାଞ୍ଚିରୁ ଗଲ । ତୁମ କେରିୟାର୍ ଗଲା । ଆଉ ଆଇ. ଏ. ଏସ୍. କଣ.. ପିଅନଟିଏ ବି ହୋଇ ପାରିବ ନାହିଁ ।

ଆୟୁଷ - ( ଅତି ବ୍ୟତିବ୍ୟସ୍ତ ହୋଇ ) ପରି, ମୁଁ ପ୍ରକୃତରେ ମର୍ମାହତ, ଭାରି ଲଜ୍ଜିତ । ମୋତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥରୁଟିଏ କ୍ଷମା କର । ଭବିଷ୍ୟତରେ କେବେ ଆଉ ଏମିତି କୌଣସି ପରିସ୍ଥିତିରେ କରିବି ନାହିଁ ।

ପରୀ - ହଁ, ମୁଁ କ୍ଷମାକରି ପାରେ, କିନ୍ତୁ ଗୋଟାଏ ସର୍ତ୍ତରେ... ଆଉ ସେଇ ସର୍ତ୍ତଟା ହେଉଛି, ଏହା ପରେ ତୁମକୁ ଏମିତି ହିଁ କରିବାକୁ ପଡିବ...

( କିଛି ବୁଝି ନ ପାରିବା ଭଳି ଏକ ନିର୍ବୋଧ ଚାହାଁଣିରେ ଅଟକି ରହିଲା )

ସ୍ମୃତି - କଣ ବଂଧୁ, ବନ୍ଧନର କଥା କିଛି ବୁଝିଲ, ନା ନାଇଁ, ପରୀ ତୁମ ଉପରେ ଫିଦା । ତୁମ ପ୍ରୋପୋଜ୍ ପରେ ତୁମକୁ ଭଲ ପାଇ ବସିଛି ।

ଆୟୁଷ - ନା.. ନା.. ଏ ସବୁ କେବେ ବି ସମ୍ଭବ ନୁହେଁ । ପରୀ ଜଣେ କଲେକ୍ଟରଙ୍କ ଝିଅ ଆଉ ମୁଁ ସାମାନ୍ୟ ଚାଷି ପରିବାର ଗୋଟିଏ ସାଧାରଣ ପୁଅ । ମୋର ଭୁଲ୍, ମୁଁ  ରୁଦ୍ରର ଭୟରେ ବାଧ୍ୟ ହୋଇ ଏମିତି କରିଛି । ତା ନ ହେଲେ ସେ ମୋତେ ମାରି ଦିଅନ୍ତା...

ପରୀ - ରୁଦ୍ର ମାରି ଦେବ ବୋଲି ତୁମେ ମୋତେ । Love you  କହିଲ, ଏଣିକି ମୁଁ ତୁମକୁ ବଞ୍ଚାଇବା ପାଇଁ  । Love you କହୁଛି ।

ଆୟୁଷ - ତୁମେ.. ତୁମେ.. ଭୁଲ୍ କରୁଛ ପରୀ । ତୁମ ମୋ ଭିତରେ ଦୂରତା ଅନେକ । ତୁମେ ମୋ ନିକଟରେ ସରଗର ପରୀ,ତୁମକୁ ଆଶା କରିବା ଆକାଶ କୁସୁମ କଳ୍ପନା, ଲୋକେ ଶୁଣିଲେ ଉପହାସ କରିବେ । ଏହା କେବେ ବି ସମ୍ଭବ ନୁହେଁ ।

ସ୍ମୃତି - ଆରେ ଯେତେ ଦୂରତା ଥାଉ ନା କାହିଁକି .. ପ୍ରେମ ସବୁ ନିକଟତର କରିଦିଏ । ଭଞ୍ଜଙ୍କ ଭାଷାରେ -: କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ, ପ୍ରୀତି ତାଙ୍କର ଅଭେଦ । ଯେତେ ଦୂରେ ଥିଲେ ଯେ ଯାହାର, ସେ ତାହାର ।

ପରୀ - ଶୁଣ ଆୟୁଷ, ସତରେ ମୁଁ ତୁମକୁ ଭଲ ପାଇ ବସିଛି । ଏ ଭଲ ପାଇବା କିନ୍ତୁ ଆମ ଭିତରେ ରହିବ ନୀରବ ଭାବେ । ଠିକ୍ ଚନ୍ଦ୍ର ଆଉ କୁମୁଦିନୀ ପରି, ସେହି ଦିନ ପର୍ଯ୍ୟନ୍ତ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯେବେ ତୁମେ ଆଇ. ଏ. ଏସ୍. ପାଇବ, ସେ ଦିନ ହିଁ । ଏ ନୀରବ ପ୍ରେମ ଚହଳ ସୃଷ୍ଟି କରି ଆମର ଦୁଇ ଆତ୍ମାକୁ ମିଶାଇ ଦେବ ।

ଆୟୁଷ - ଜାଣେନା ତୁମର ଏ ବିଶ୍ୱାସକୁ ମୁଁ ରଖି ପାରିବି ନା ତଥାପି ପ୍ରାଣ ପଣେ ମୁଁ ଚେଷ୍ଟା କରିବି । ଆଉ ଯଦି କେବେ ମୋ ଏ ସ୍ୱପ୍ନ, ତୁମର ଏ ପ୍ରେରଣା ଦ୍ୱାରା ସଫଳ ହୁଏ.. ସେ ଦିନ ପୁଣି ଥରେ ମୁଁ ତୁମକୁ ହୃଦୟର ସହିତ ପ୍ରୋପୋଜ୍ କରିବି ।

ସ୍ତୁତି - ( ତାଳି ମାରି) ସାବାସ୍ ଆୟୁଷ ସାବାସ୍, ନୀରବ ନୀରବରେ ପରୀକୁ ପ୍ରେମ କରୀ, ଉଚ୍ଚ ସଫଳତାର ହୁଅ ଅଧିକାରୀ ।

ପରୀ - ସ୍ତୁତି, ତୋ ତୁଣ୍ଡ ସୁତୁଣ୍ଡ ହେଉ । ଆୟୁଷ ମୋର ଆଇ.ଏ.ଏସ୍. ଟପ୍ପର ହୁଅନ୍ତୁ ।

ଆୟୁଷ - ତୁମର ପ୍ରେରଣା ମୋ ଅଧ୍ୟବସାୟର ଇନ୍ଧନ ହୋଇ ମୋତେ ଶକ୍ତି ଯୋଗାଇବ । ମୁଁ ଆସୁଛି ।

ପରୀ - ଯିବା ପୂର୍ବରୁ ଆଉ ଥରେ ମୁଁ ଶୁଣିବାକୁ ଚାହେଁ...

ଆୟୁଷ - କଣ...

ସ୍ତୁତି - ଆରେ ବୁଦ୍ଧୁ ..ଆଉ ଥରେ ମୋ ବାନ୍ଧବିଙ୍କୁ କହି ଦିଅ.. 1 4 3...

ଆୟୁଷ - ଥରେ ନୁହେଁ... ସହସ୍ର ବାର କହିବି.. ଏ ହେବ ମୋ ପାଇଁ ଜପାମାଳି, ଆଜିଠୁ ପରୀ ପାଇଁ.. ମୋ ପାଇଁ । Love you ହେଲା ମହାମନ୍ତ୍ର ।

ମୋ ଜୀବନ ପଥର ଏକ ମାଇଲ୍ ଖୁଣ୍ଟ । ଏ ପ୍ରେମକୁ ଆମେ ଅମର ରଖିବୁ ,ଏ ପ୍ରେମ ହେବ ସ୍ୱତନ୍ତ୍ର ... ( ଅନେକ ଭରସା ବିଶ୍ୱାସର ଚାହାଁଣିରେ ଚାହିଁ ରହିଥାନ୍ତି ଉଭୟେ ଉଭୟଙ୍କୁ )

-=- ମଞ୍ଚ ଅନ୍ଧାର -=-

ପାଞ୍ଚ ବର୍ଷ ପରେ........

ତୃତୀୟ ଦୃଶ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ମେଡିକାଲ୍ ର ଏକ କେବିନ୍, ସେ କେବିନ୍ ରେ ରୁଦ୍ର ଶଯ୍ୟାଶାୟୀ ହୋଇଥାଏ । ମନେ ମନେ ନିଜ ଅତୀତର କଥା ଭାବୁଥାଏ । ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା )

ରୁଦ୍ର - (ଭାବୁଥାଏ) ହେ ଭଗବାନ ମୋତେ ଆଉ ଯନ୍ତ୍ରଣା ଦିଅନା । ମୁଁ ସହି ପାରୁନି । ଦେହରେ ଅମାପ ଶକ୍ତି ଥିଲା । ବାପାଙ୍କର ଧନ କ୍ଷମତା ମୋତେ ଅବାଟକୁ ନେଇ ଗଲା । ସାଙ୍ଗ ସାଥୀଙ୍କ ମେଳରେ ସିଗାରେଟ୍ ମଦ ଡ୍ରଗସ୍ ନେଇ ମୁଁ ଅମଣିଷ ପଶୁ ପାଲଟି ଯାଇଥିଲି । ଆଜି ମୋର ଦୁଇଟି ଯାକ କିଡନି ଫେଲିୟର୍, ମରଣ ସହିତ ସଂଗ୍ରାମ କରୁଛି । ଆଉ କେଇଟା ଦିନର ଅତିଥି ମୁଁ । ମୋ ପାପର ପ୍ରାୟଶ୍ଚିତ ହେଉଛି ମୃତ୍ୟୁ ।

( ଗୋରା ଓ ଚକ୍ରା ଆସିଛନ୍ତି )

ଗୋରା - ଭାଇ, ଭଲ ଲାଗୁଛି...

ରୁଦ୍ର - ( ବିଛଣାରୁ ଉଠିବାକୁ ଚେଷ୍ଟା କରିଛି, ପାରିନି । ଚକ୍ରା ଧରି ଉଠାଇଛି) ଆଉ ଭଲ କଣରେ... ସବୁ ଭଲ ଦିନଗୁଡ଼ିକ ମୁଁ ତ ନଷ୍ଟ କରି ଦେଇଛି, ନିଶା ନାରୀ ଜୁଆ ଖେଳରେ । ତାର କୁପରିଣାମ ମୁଁ ଭୋଗିବି ନାହିଁ ତ ଆଉ କିଏ ଭୋଗିବ ।

ଚକ୍ରା - ତୁମେ ବେଶି କଥାବାର୍ତ୍ତା ଆଉ କରନା...

ରୁଦ୍ର - ମୋତେ କହିବାକୁ ଦିଅ.. ମୁଁ ଆଉ ବେଶି ଦିନ ବଞ୍ଚିବି ନାହିଁ । କଲେଜ ଛାଡି ଆସିଲା ପରେ ଆମେ ପରସ୍ପରଠାରୁ ଅଲଗା ହୋଇଗଲୁ । ତୁମେ ଦି ଜଣ ସୁଧୁରି ଯାଇଛ, ମୁଁ ପାରିଲି ନାହିଁ । ବାପାଙ୍କର ଅନ୍ୟାୟ ଅର୍ଜିତ ଧନସମ୍ପତ୍ତି ମୋତେ ଅନ୍ଧ କରିଦେଲା । ଭଲମନ୍ଦ କିଛି ବିଚାର କଲି ନାହିଁ । ଭାବୁଥିଲି ଦୁନିଆଁଟା ମୋ ହାତ ମୁଠାରେ । ଇଲେକ୍ସନ୍ ରେ ବାପା ଗୁଡାଏ ଟଙ୍କା ବାଜି ଲଗାଇ ଦେଇଥିଲେ, ହାରିଗଲା ପରେ ହାର୍ଟ ଷ୍ଟ୍ରୋକ୍ ରେ ଚାଲିଗଲେ । ମୁଁ ଏକା ହୋଇଗଲି । ମୋତେ ମୁଁ ଆକଟ କରି ପାରିଲି ନାହିଁ । ଭୁଲ୍ ବାଟରେ ଯାଇ ଆଜି ଏ ଦୁର୍ଦ୍ଦଶା ଭୋଗୁଛି ।



ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଚକ୍ରା - ରୁଦ୍ର ଭାଇ ଆମେ ଆଉ କଣ କରିପାରିବା । ଭଗବାନଙ୍କୁ ଡାକୁଛି ସେ ତୁମକୁ ଭଲ କରି ଦିଅନ୍ତୁ ।

ଗୋରା - ଆମେ ଭଲ ପାଠ ପଢିଲୁ ନାହିଁ । ଚାକିରି ନ ପାଇ ଆମେ ଆଜି ଏଠି ସେଠି କାମ କରି ଚଳୁଛୁ । ଆମ ପାଖରେ କଣ ଅଛି ଯେ ତୁମକୁ ଦେଇ ପାରିବା ।

ଚକ୍ରା - ଆମେ ଚାହିଁଥିଲୁ, ତୁମକୁ କିଡନି ଦେବା । କିନ୍ତୁ ତୁମର ଆଉ କିଡନି ପ୍ଲାନ୍ଟେସନ୍ ହୋଇ ପାରିବ ନାହିଁ । ସଫା ସଫା ଡକ୍ଟର ନିରାଶ ବାଣୀ ଶୁଣାଇ ଦେଲେ ।

ରୁଦ୍ର - ମୁଁ ବହୁତ ଖୁସି । ମୋର ଏ ବିପଦରେ ଆସି ମୋ ପାଖରେ ଠିଆ ହୋଇ ପାରିଛ । ଆଶା କରିବି ଯେତେ ଦିନ ବଞ୍ଚିଛି, ତୁମେ ଦି ଜଣ ମୋ ପାଖରେ ରୁହ ।

ଗୋରା - ଆମ ଉପରେ ଭରସା ରଖ ଭାଇ । ଆମେ ଆମର ସବୁ ସମୟ ଦେଇ ତୁମ ସେବାରେ ରହିବୁ । ( ଡୋର ଠକ୍ ଠକ୍ ଶବ୍ଦ)

ଚକ୍ରା - ଡକ୍ଟର ଆସିଲେଣି ବୋଧହୁଏ । ରୁଦ୍ର ଭାଇ ଆମେ ଗୋରା ସାଥୀରେ ବାହାରେ ଅଛୁ....

-=- ମଞ୍ଚ ଅନ୍ଧାର -=-

ଶେଷ ଦୃଶ୍ୟ

(ପରୀ ଟି. ଭି. ପାଖକୁ ଆସି ନ୍ୟୁଜ୍ ଚାନେଲ୍ ଖୋଲିଛି । ପରଦାରେ ଦେଖା ଯାଉଛି ନ୍ୟୁଜ୍ ରିପୋର୍ଟରଙ୍କୁ, ସେ ଦର୍ଶକଙ୍କ ଆଡକୁ ଚାହିଁ କହିଛନ୍ତି )

ରିପୋର୍ଟର - ଦର୍ଶକ ବନ୍ଧୁଗଣ, ନମସ୍କାର । 'ଆମ ଖବର' ଚାନେଲ୍ ତରଫରୁ ଆପଣମାନଙ୍କୁ ସ୍ୱାଗତ । ଆଜିର ଖବର ମଧ୍ୟରେ ଅଛି ଏକ ବିଶେଷ ଖବର । ଯାହା ଆମ ଓଡିଶାକୁ ସାରା ଭାରତରେ ଶ୍ରେଷ୍ଠ ସ୍ଥାନ ଦେଇଛି । ଆମ ଓଡିଆ ପୁଅ ଶ୍ରୀମାନ୍ ଆୟୁଷ ମହାପାତ୍ର, ସର୍ବଭାରତୀୟ ସ୍ତରରେ ଆଇ.ଏ.ଏସ୍. ଟପ୍ପର ହୋଇଛନ୍ତି । ଆମ ଖବର ଦାତା ତାଙ୍କ ସହିତ

 Magazine Downloaded from www.aahwaan.com

ଏକ ସାକ୍ଷାତକାରରେ ନେଇଛନ୍ତି । ଦେଖନ୍ତୁ ତାଙ୍କ ସାକ୍ଷାତକାରର ଏକ୍ସକ୍ଲୁସିଵ୍ ରିପୋର୍ଟ...

ସାମ୍ବାଦିକ - ଆୟୁଷ ବାବୁ, ଆପଣଙ୍କୁ ଆମ ଖବର ଚାନେଲ୍ ତରଫରୁ ଅଶେଷ ଶୁଭେଚ୍ଛା ଓ ବହୁତ ବହୁତ ଅଭିନନ୍ଦନ । ଆପଣ ସର୍ବଭାରତୀୟ ସ୍ତରରେ ଆଜି ଟପ୍ପର ହୋଇଛନ୍ତି । କେମିତି ଅନୁଭବ କରୁଛନ୍ତି । (ପରୀ ଉତ୍‌ଫୁଲିତ ହୋଇ ତାଳି ମାରି ନାଚି ଉଠିଛି, ବାପା ମାଆ, ଆୟୁଷ ଟପ୍ପର ହୋଇଛନ୍ତି ବୋଲି ଚିତ୍କାର କରିଛି)

ଆୟୁଷ- ବହୁତ ଖୁସି ଲାଗୁଛି । ମୋର ସ୍ୱପ୍ନ ସାକାର ହୋଇଛି । ମୋ ମାଆ ବାପାଙ୍କର ଇଛା ପୂରଣ ହୋଇଛି । ସମସ୍ତଙ୍କୁ ମୋର ସମ୍ମାନ ଓ ଭଲ ପାଇବା ।

ସାମ୍ବାଦିକ - ଆୟୁଷ ବାବୁ, ଆପଣ କହିବେ କି ଏ ସର୍ବଭାରତୀୟ ରିକ୍ରୁଟମେଣ୍ଟ ପାଇଁ ନିଜକୁ କେମିତି ପ୍ରସ୍ତୁତ କରୁଥିଲେ ।

ଆୟୁଷ - ମୋ ଉପରେ ମୋର ଯଥେଷ୍ଟ ଆତ୍ମବିଶ୍ୱାସ ଅଛି, ବାପାମାଆଙ୍କ ଆଶୀର୍ବାଦ ମୋ ସାଥୀରେ ଅଛି । ମୁଁ ଦୈନିକ ଆଠରୁ ଦଶ ଘଣ୍ଟା କଠିନ ପରିଶ୍ରମ କରୁଥିଲି । ମୋ ଶ୍ରମ ଆଜି ସଫଳ ହୋଇଛି ।

ସାମ୍ବାଦିକ - ଆୟୁଷ ବାବୁ, ସମସ୍ତେ କହୁନ୍ତି ପ୍ରତି ପୁରୁଷର ସଫଳତା ପଛରେ ଜଣେ ନା ଜଣେ ନାରୀର ହାତ ବା ପ୍ରେରଣା ଥାଏ । ଏମିତି କିଛି ଆପଣଙ୍କ ଜୀବନରେ ...

ଆୟୁଷ - (ହସି) ଅଛି, ସେ ମୋ ସରଗ ପରୀ । ମୁଁ ତ କହିବି ମୁଁ ଏ ସଫଳତାର ହୋଇଛି ଅଧିକାରୀ, ସରଗ ପରୀକୁ ପ୍ରେମ କରି ।

ପରୀ - Oh, I Love you Ayush (ଫ୍ଲାଇଙ୍ଗ୍ କିସ୍)

ସାମ୍ବାଦିକ - କହିବେ ସେ ସରଗ ପରୀ କିଏ ?

ଆୟୁଷ - ମୋ ବାପା ମାଆଙ୍କ ପରେ... ସବୁ ସଫଳତା ପଛରେ ମୋ ପରୀ । ମୋ ଜାନ୍, ଜିନ୍ଦେଗୀ । ସବୁ କିଛିର ଶ୍ରେୟ ମୁଁ ତାଙ୍କୁ ଦେବି । ଏଇଠୁ ଥାଇ ମୁଁ ତାଙ୍କୁ ଥେଙ୍କସ୍ ଦେବି,

Magazine Downloaded from www.aahwaan.com

ହାୟ ପରୀ ତୁମକୁ ମୋର ବହୁତ ବହୁତ ଭଲପାଇବା I Love you Pari ...

( ଦୃଶ୍ୟାନ୍ତର ହୋଇଛି, ବାହାରେ ଡୋର୍ ନକ୍ କରିବାର ଶବ୍ଦ, ପରୀ ଦୌଡି ଯାଇ ଡୋର୍ ଖୋଲି ଦେଖିଛି ଆୟୁଷଙ୍କୁ )

ପରୀ - (ପରସ୍ପର ପରସ୍ପର ଆଡକୁ ମନ୍ତ୍ର ମୁଗ୍ଧ ହୋଇ ଚାହିଁ ରହିଥାନ୍ତି)

ଆୟୁଷ - (ପ୍ରକୃତିସ୍ଥ ହୋଇ) ହାୟ୍ ପରି, ମୋତେ ଏମିତି ଅପଲୋକ ଆଖିରେ ଚାହିଁ ରହିଥିବ ନା ଭିତରକୁ ଡାକିବ.... (ଭିତରକୁ ଯାଇ )

ପରୀ - ମୁଁ ସ୍ୱପ୍ନ ଦେଖୁ ନାହଁ ତ... ଏବେ ତୁମର ସାକ୍ଷାତକାର ଟି.ଭି.ରେ ଦେଖୁଥିଲି । ତୁମେ ଆସି...

ଆୟୁଷ - ଏଇଟା ତୁମ ପାଇଁ ସରପ୍ରାଇଜ୍ ଥିଲା ।

ପରୀ- I Love you .(ଆଲିଙ୍ଗନ କରି) ତୁମେ ଆଜି ସାରା ଦୁନିଆଁ ଆଗରେ ପ୍ରମାଣ କରି ଦେଇଛ, ତୁମ ସରଗ ପରୀ ଆଜି ବହୁତ ଖୁସି । ଆସ ବାପାମାଆଙ୍କ ପାଖକୁ ଯିବା ।

ଆୟୁଷ - ଆରେ ରୁହ ତ, ତୁମକୁ ଟିକିଏ ଆଖି ଭରି ଦେଖି ନିଏ ( କୋଳକୁ ଟାଣି ନେଇ କିସ୍ କରିଛି ଆୟୁଷ, ମୃଦୁ ହସର ଗୁଞ୍ଜରଣ । କ୍ରମେ ମଞ୍ଚ ଅନ୍ଧାର ହୋଇ ଆସିଛି)

-=- ଯବନିକା -=-

କୋହି, ଗଡ଼ିଆ,

ମୟୂରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେହି ଜଣେ



କୃଷ୍ଣଚନ୍ଦ୍ର ଡାକୁଆ

ଅସମାପ୍ତ ଭାବନାର ଚଲାପଥ
ଆଜି ଯେମିତି ଜଟିଳ ଏବଂ ଅଦୃଶ୍ୟ !
ନିଜେ ନିଜ ସ୍ୱପ୍ନ ଇଲାକାରେ
ଜଣେ ମହାନ ଖଳନାୟକ
ମନେ ମନେ ବିପୁଳ ବିଜୟ ହାସଲର
ଗର୍ବ, ଅହଂକାର ଓ ଅହଂଭାବ
ବାସ୍ତବରେ ଇଏ ତ କେବଳ ମରୀଚିକା !
କିନ୍ତୁ ଜଣା ନାହିଁ ତାହା ସ୍ୱପ୍ନ ନା ସତ
ହା ହା ମୁଁ ବା କିଏ ?
ଏ ସବୁର ବିଚରା କରିବାର !
କ'ଣ ଦିନର ସେହି ଆଲୁଅରେ
ସମସ୍ତ ଉତ୍‌ଖିପ୍ତ ଆୟୁଷ
ଆଖିବୁଜି ବହଳ ନିଦରେ ଶୋଇପଡ଼ିଛି ?

ବୋଧ ହୁଏ ଦୁନିଆର ଅନ୍ଧାର ମଧ୍ୟରେ
ଆଲୋକ ଦେଖା ମିଳିନି ତେଣୁ
ଏ ଗର୍ବ, ଅହଂକାର ଓ ଅହଂଭାବ
ଥରେ ଅନ୍ଧାର ମଧ୍ୟରେ ଆଲୋକ ଦେଖି ନିଅ
ଠିକ୍ ବୁଝା ପଡ଼ିବ ବାସ୍ତବତା କଣ !
କେହି ଜଣେ ଯେମିତି ଅନ୍ଧାର ରାତିର
ତତଲା କଡ଼େଇ ମଧ୍ୟରେ
ନିଜକୁ ଅଗ୍ନି ଧାସ ଦେଇ
ଆଲୁଅ ଦେବାର ପ୍ରୟାସ କରୁଛି
ପରନ୍ତୁ ଜାଣିନାହିଁ ଅଗ୍ନି ଧାସ ଦେଲେ
କେବଳ ପାଉଁଶ ହିଁ ଜନ୍ମ ନିଏ
ଇଏ ଭିନ୍ନ ମଣିଷର ଭିନ୍ନ କଥା ..... ! !

କରଚୁଲି,ବୁଗୁଡ଼ା (ଗଞ୍ଜାମ), ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଶର ଅବସ୍ଥା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦେଶର ଅବସ୍ଥା
ଦେଖି ମୋର ମନେ
ବ୍ୟଥା ଉପୁଜଇ କେତେ
ଅଶାନ୍ତ ଆତଙ୍କି
ଅରାଜକତାରେ
ଭାଙ୍ଗୁଛନ୍ତି ଶାନ୍ତି ଯେତେ ।

କି ଦେଖିବ ବିଶ୍ୱ
ଏଭଳି ଚିତ୍ର ଯେ
ନିଆଁ ଜଳେ ଦିଲ୍ଲୀ ହୃଦେ
ଜିଦ୍ ଧରି ବସି
ଦେଶକୁ ଜଳାନ୍ତି
ମାତୃଭୂମି ହୃଦ କାନ୍ଦେ ।

ମିଥ୍ୟା ଭାଇଚାରା
ଭାଷଣରେ ବହି
ସହିଛୁ କେତେ ବରଷ
ଦେଖି ହିଂସାକାଣ୍ଡ
ନେତାମନ୍ତ୍ରୀ ଭାଣ୍ଡ
ହଜୁଛି ମନୁ ହରଷ ।

ଚାହାନ୍ତି ସେମାନେ
ପୁଣି ଏକ ଦେଶ
ଭାଙ୍ଗିଦେଇ ଭୂମି ଆମ,
ସମ୍ମାନ ନ ଦେଇ
ସମ୍ବିଧାନେ ସେଇ
ଦେଖାନ୍ତି କେଉଁ ନିୟମ ।

କେତେ ଦିନ ଆଉ
ନିରବେ ରହିବ
ଏ ଦେଶ ଜନତା ଚୁପ୍,
ବେଳ ଆସି ଏବେ
ଅସହ୍ୟ ହେଲାଣି
ଭଙ୍ଗାଅ ଆତଙ୍କି କ୍ୟାମ୍ପ୍ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତୀକ୍ଷିତ ପ୍ରତ୍ୟୁଷ



ପ୍ରଭାତ ବଳ

ନିଶିର ନିଷିଦ୍ଧ ଇଲାକାରେ

ଅହରହ ସ୍ୱପ୍ନ ମାନଙ୍କର କପଟତା,

ଅସ୍ତବ୍ୟସ୍ତ ବର୍ତ୍ତମାନକୁ ସାଉଁଟି

ଭବିଷ୍ୟତର ଭୟାବହତା କୁ

ପ୍ରଦର୍ଶିତ କରିବାର ନିରନ୍ତର ପ୍ରୟାସ ।

ତନ୍ମଧ୍ୟରେ ତୁମର

ଅପ୍ରତ୍ୟାଶିତ ପ୍ରତ୍ୟାବର୍ତନ,

ସତେ କେଉଁ ଚଳଚ୍ଚିତ୍ରର

ମଧ୍ୟାନ୍ତରରେ ତମ୍ବାଖୁ ବିଜ୍ଞାପନ ପରି ।

ଅତିକ୍ରମ କରେ ଅତୀତ

ମଧ୍ୟରାତ୍ରୀର ନିର୍ଜନତାରେ

ମୋ ସ୍ୱପ୍ନର ଅପନ୍ତରା ଗଳି ଦେଇ ।

ଏପଟେ ଆଖିଠାରେ ବର୍ତମାନ

ପାହାନ୍ତିଆ ଉଷ୍ଣତାରେ

ଅତିଷ୍ଠ ମଶା ଧୂଆଁ ପିଇ ପିଇ ।

ଇତି ମଧ୍ୟେ ଆରମ୍ଭ ହୁଏ

ସ୍ୱପ୍ନ ଓ ବାସ୍ତବତାର ଛକାପଞ୍ଝା ।

ପରିତୃପ୍ତିର ଦ୍ୱାରେ ପହଞ୍ଚି ଦେଖେ

ଏହା ନୁହେଁ ରାତ୍ରିର ନିର୍ଜନତା

ବରଂ ଆଲୋଡିତ ଦିବସର ଆଦ୍ୟ ବୟସ,

ନୂତନତାର ପ୍ରତିବିମ୍ବ

ପ୍ରତୀକ୍ଷୀତ ପ୍ରତ୍ୟୁଷ ।

ପ୍ରଭାତ ବଳ

କରଣପୋଖରୀ, ଭଦ୍ରକ

୯୭୭୬୬୬୮୦୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଷର ଆରମ୍ଭ



ପୁଷ୍ପାଞ୍ଜଳୀ ପଣ୍ଡା

କ୍ଲାନ୍ତ ପଥିକ ଖୋଜୁଛି ଆଜି ମୁଁ
ମିଠା ସୁଶୀତଳ ପେୟ ।
କଣ୍ଟକିତ ପଥ ଅସରନ୍ତି ଲାଗେ
କିଅବା ମୋ ପରିଚୟ ।
ଧାଇଁ ଥିଲି କେତେ ମରିଚିକା ପଥେ
ଭାବିଥିଲି ସବୁ ମୋର ।
ଆୟୁଷ ସରିଲା ମନ ମୋ ହେଜିଲା
ଶରୀର ରୋଗର ଘର ।
ସ୍ୱପ୍ନ ହଜିଗଲା ଆଶା ମଉଳିଲା
କାମିନୀ କାଞ୍ଚନ ପାଇଁ ।
ଘୋଟିଆସିଲାଣି ବହଳ ଅନ୍ଧାର
"ଶେଷ"ର ଆରମ୍ଭ ଏହି ।

ଲୋଭ ମୋହ ର ଏ ଅଲୋଡା ଜୀବନ
କାହିଁ ଗଲେ ବନ୍ଧୁ ସଖା
ସମ୍ପଦ ବେଳରେ ଥିଲେ ସର୍ବେ ଏଠି
ବିପଦେ ନମିଳେ ଦେଖା ।
ମଦମତ୍ତ ହୋଇ ଥରୁଟେ ଡାକିନି
ତୁମକୁ ହେ ପ୍ରେମମୟ
ପ୍ରାଣ ପ୍ରୟାଣ ବେଳକୁ ଯେ ଡାକୁଛି
ହୃଦୟ ହୁଏ ଅଥୟ ।
ଦାସର ଗୁହାରୀ ନଶୁଣି ହେ ହରି
ରହିପାରିବକି ତୁମେ
ପ୍ରାଣ ଥିବାଯାଏ ତୁଣ୍ଡେ ମୋରଥାଉ
ଜୀବ ଯାଉ ତୁମ ନାମେ ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର୍
ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା





Magazine Downloaded from www.aahwaan.com

# ହୃଦୟ ଝୁରୁଛି



ଅଜୟ କୁମାର ବେହେରା

ହୃଦୟ ଝୁରୁଛି
ବୁଝେଇ ପାରୁନି ମୁହିଁ
ଦୁଃଖ ଦେଇ ଗଲ
ଟିକିଏ ଭାବିଲ ନାହିଁ ।୧ ।

କି ଭୁଲ କରିଲି
କହିବ କି ଖାଲି ଥରେ
ମନ ଭାଙ୍ଗି ଦେଲ
ସାମାନ୍ୟ କେଉଁ କଥାରେ ।୨ ।

ବସନ୍ତେ କୋଇଲି
ଆଉ ଗାଉ ନାହିଁ ଆଜି
ବିରୋହୀ ସାଜିଛି
ଆଖିର ଲୁହରେ ଭିଜି ।୩ ।

ଶୂନ୍ୟ ଶୂନ୍ୟ ଲାଗେ
ମରୁଭୂମି ମରୁ ବାଲି
ଦିଗ ହରା ହୁଏ
ତୁମ ପ୍ରେମେ ମୁହିଁ ଖାଲି ।୪ ।

କେଉଁ ଏକ ଭାବ
ଗଢି ଥିଲା ପ୍ରେମ ଆମ
କାହିଁ କାଟି ଦେଲ
ହୃଦୟରୁ  ମୋର ନାମ ।୫ ।

କେଡ଼େ ଦୁଃଖି ମୁହିଁ
ତୁମ ବିନା ଏକା ଏକା
ବେସହରା ଏଇ
ଜୀବନ ଲାଗୁଛି ଫିକା ।୬ ।

ଅଜୟ କୁମାର ବେହେରା
ମୋରଡ଼ା,ମୟୂରଭଞ୍ଜ ।
୯୭୭୭୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସ୍ୱପ୍ନରେ ତୁମେ



ଜ୍ଞାନରଞ୍ଜନ ମହାରଣା

ବାସ୍ତବରେ

ତୁମେ ମୋର

ନା ମୁଁ ତୁମର

ଆମେ କେହି ନୁହେଁ କାହାର

ତଥାପି

ଆନ୍ଦୋଳିତ ହୁଏ ହୃଦୟ

ଗଢ଼ିବାକୁ ଉଆସ ସୁନେଲୀ ସ୍ୱପ୍ନର ,

ଆଙ୍କିବାକୁ ଇଛା ହୁଏ ତୁମ ଅସଜଡା କେଶ,

ପଢିବାକୁ ଇଚ୍ଛା ହୁଏ

ପ୍ରୀତି ଆଉ ଦୁଷ୍ଟାମୀ ର ଆଖି

ଥିଲେ ଯେତେ ତିରସ୍କାର ମନେ

ମନ କିନ୍ତୁ କହୁଥାଏ ତୁମେ ମୋ ପ୍ରେୟସୀ

ଆସିବ ଗୋ ସାଥୀ ରଙ୍ଗ ନେଇ

ଭରିଦେବ ତୁମେ ମୋ ଜୀବନ କଳସୀ ।

ଜ୍ଞାନରଞ୍ଜନ ମହାରଣା

ଗମ୍ଭାରିଡିହି, ନୟାଗଡ଼, ୯୦୪୦୮୭୭୧୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



# ବିଶ୍ୱାସ



ଦୀପକ କୁମାର ପାତ୍ର

ଭଲପାଇ କରି
ଭୁଲିଯାଏ ଯିଏ
ସିଏ ପରା ଅବିବେକି ,
ସେନେହ ବଦଳେ
ପ୍ରତାରଣା ଦେଇ
ପ୍ରେମିକକୁ ଦିଏ ଠକି ।।

ଭସା ବାଦଳକୁ
କିଅବା ଭରଷା
ବରାଶିଙ୍ଗ ବୋଲି ସିଏ

ପ୍ରେମ ତାହା ପାଖେ
କିଛି ମୂଲ୍ୟ ନାହିଁ
ଛଳନା କରୁଛି ଯିଏ ।।

କେତେ ବିଶ୍ୱାସରେ
ଦେଇଅଛି ମନ
କରିଦେବ ନାହିଁ ପର
ପର କରିଦେଲେ
ରଖିବିନି ପ୍ରାଣ
ମରିବି ଖାଇ ଜହର ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ଧ ଗଳି



ସତ୍ୟନାରାୟଣ ମିଶ୍ର

ଅମୃତର ସନ୍ତାନ ଏ ମଣିଷ

ଜୀବନ ଯୌବନରେ କାହିଁକି ଅବାଟ କୁ ଚାଲିଯାଏ କେଜାଣି

ସଂସ୍କାର ର ଅଭାବ  ନା  ବୟସ ର ଦୋଷ

ପାରିପାର୍ଶ୍ୱିକ ପରିବେଶ ଦାୟୀ ନା

ପରିସ୍ଥିତି ଦାୟୀ  ?

ହଜାଇ ଦେଇଛି ଆଜିର ଯୁବକ ସଂଯମ

ହରାଇ ଦେଇଛି ମାନବିକତା

ଭୁଲି ଯାଇଛି ଧର୍ମ ଭାବନା

ଠେଲି ଦେଇଛି ଦୟା କ୍ଷମା ନାମକ ଭଲଗୁଣ ସବୁ

ତା ପୁଣ୍ୟ ପବିତ୍ର ହୃଦୟରୁ

ବାଟ ବଣା ହେଇ ଘୁରି ବୁଲୁଛି

କାମନା ବାସନା ଚରିତାର୍ଥ ନିମିତ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ହେଉ ଛି ବିଷାକ୍ତ

ଲୋକ ହେଉଛି ନିଶାସକ୍ତ

ଠିକଣା ତାର ହଜି ଯାଇଛି ଆଧୁନିକତାର

ସ୍ବର୍ଣ କାତର  ଅନ୍ଧ ଗଳିରେ

ନା ନିଜେ ମୁକୁଳି ପାରୁଛି ନା ତାକୁ ଛାଡ଼ି ପାରୁଛି  ।

ଆଖି ଥାଇ ବି ଅନ୍ଧ ହେବାକୁ ସଉକ ନା ବାଧ୍ୟ

ସେ କଥା ସେ ଜାଣେ  ।

ସତ୍ୟନାରାୟଣ ମିଶ୍ର

ସିନ୍ଧେକେଲା ବଲାଙ୍ଗୀର

ମୋ : ୯୫୮୩୭୦୫୯୧X

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା



ସୁବ୍ରତ ଜେନା

ଗେଲବସରିଆ ସମୟ ଚାଲିଗଲା ପାଦ ଚାପି ଚାପି #

ହେଲେ ଛାଡ଼ିଗଲା କିଛି ପାଦଚିହ୍ନ ଶୁଷ୍କ ମରୁଭୂମିପରେ,

ଏ ପାଦ ଚିହ୍ନର ବୟସ ଆଉ ଆୟୁଷ କେତେଯେ,

ହୁଏତ ଏ ଯଦି ହୋଇଥାନ୍ତା ଯେଉଁ ସମୁଦ୍ର ବେଳଭୂମିପରେ.

କିଛି ଦିନ ଅବା କିଛି ସପ୍ତାହର ସମୟ ମିଳିଥାନ୍ତା ନିହାତି,

ଡ଼ରବି ଥିଲା ସେ ଈର୍ଷାସକ୍ତ ଲହଡିକୁ,

କାଳେ ମାଡ଼ିଆସି ଧୋଇନେବ ପଦଚିହ୍ନକୁ ସମୁଦ୍ରର ଗର୍ଭ ଗୃହକୁ,

ଏଠି କିନ୍ତୁ... କଥା ଭିନ୍ନ ପ୍ରକାରର....

ଏଠି ପ୍ରତୀକ୍ଷଣ କରିବାକୁ ହୁଏ ସଂଘର୍ଷ, ଜୀବନ ବଂଚିବା ଲାଗି.

ଏଠି ପାଣି ନାହିଁ କି ଲହଡି ନାହିଁ ଶତ୍ରୁତା କରିବାକୁ,

ହେଲେ ଏ ପବନ ,ସେବି କୋଉ କମ କି ?

ନିମିଷକେ ଆସିବ ଆଉ ନିଶ୍ଚିହ୍ନ କରିଦେବ ସବୁ ସ୍ମୃତିର ସାଇତାକୁ.

ଠିକ ସେମିତି ଆଜି ବୟସର ପ୍ରଜାପତି ଅବସରର ଖୋଜିବାରେ,

ଅଳଷ ଭାଙ୍ଗିବାକୁ ମିଳେନାହିଁ ପୁଷ୍ପଗୁଛର ଶାଖାଟିଏ.

ସବୁ ସୁଖ ଆଉ ଗେଲବସରର ଦିନ ଅତିବାହିତ ହୋଇଛି ସମାୟାନୁକ୍ରମେ,

ଆଉ ଉପହାର ଦେଇଛି ଅଳ୍ପ କିଛି ଖୁସିର ମୁହୂର୍ତ୍ତ ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ଆଜି ଚାପିହୋଇ ପଡେ ଗଦା ଗଦା ଦୁଃଖର ମାଉଣ୍ଟ ଏଭେରେଷ୍ଟ ତଳେ.

କେତେ ଜଣକ ଭାଗ୍ୟରେ ମିଳେ ବଛେନ୍ଦ୍ରୀ ପାଲ ହେବାକୁ...

ଯାହାର ଅଦମ୍ୟ ସାହାସକୁ ସଲାମ କରି ଝୁକି ଯିବ ସୁଉଚ୍ଚ ପର୍ବତ,

ଅବସର ଦେବ ପାଦ ଥାପିବାକୁ ପର୍ବତର ଶିଖରର ପ୍ରଦେଶରେ,

ଉଡାଇବାକୁ ଦେବ ଆତ୍ମ ସ୍ୱାଭିମାନର ପତାକାକୁ,

ହେଲେ ମୁଁ ଆଜି ପରାଜିତ ନାୟକ ଏକ ଆଦେଖା ନାଟକର

ଜାହାଲାଗି ଦିନେ ସାଇତିଥିଲି ପୁଳା ପୁଳା ଅବ୍ୟକ୍ତି ଭାବର ପୁଡ଼ିଆ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ



ସୌମେନ୍ଦ୍ର ମହାନ୍ତି

ଥରେ ମନ ପଚାରିଲା ବିବେକକୁ
ତୋର କି ବିଶ୍ୱାସ ଅଛି ଏହି 'ବିଶ୍ୱାସ'ରେ ?
କ'ଣ ଏହାର ଯଥାର୍ଥତା ?
କି ପ୍ରୟୋଜନ ଅଛି ଏହାର ସଂସାରରେ ?

ବିବେକର ଉତ୍ତର.............

ବିଶ୍ୱାସ ଏକ କଷ୍ଟ ଅର୍ଜିତ ଧନ
ସାଉଁଟା ଯାଇଥିବା ମୋତି
ହୀରା ଠାରୁ ମୂଲ୍ୟବାନ
ବାସ ତା'ର ହୃଦୟର କତି ।।

ବିଶ୍ୱାସ ଏକ କାଚ ଆଇନା
ନିର୍ମଳ ଜଳରାଶି ଠାରୁ ବି ସ୍ୱଚ୍ଛ
ସୂକ୍ଷ୍ମରୁ ସୂକ୍ଷ୍ମାତିତ ପଦାର୍ଥ
ଭାଙ୍ଗିଗଲେ ଥରେ ସବୁ ସମ୍ପର୍କ ତୁଚ୍ଛ ।।

ବିଶ୍ୱାସ ଏକ ମଧୁର ବନ୍ଧନ
ଯୋଡି ଦେଇଥାଏ ଦୁଇ ଆତ୍ମା କୁ
ପରଶେ ମନରେ ଅମୃତ ଧାରା
ବାନ୍ଧି ରଖିଥାଏ ସବୁ ସମ୍ପର୍କକୁ ।।

ବିଶ୍ୱାସ ବିନା ନାହିଁ ସଂସାର
ସବୁ ହୋଇଯିବ ବିଷ ଭଣ୍ଡାର
ଘୋଟିଯିବ ମନେ କଳା ଅନ୍ଧାର
ଟାଣିଦିଏ ମନେ ଲକ୍ଷ୍ମଣ ଗାର ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଁ ହଁ ବିଶ୍ୱାସ ହେଉଛି ସିଏ

ଯାହା ଅନ୍ଧ କରେ ଆଶା ବାଡ଼ିକୁ

ପ୍ରେମୀ କରନ୍ତି ପ୍ରେମକୁ

ମା' କରେ ଛୁଆକୁ

ନାଉରୀ କରେ ନାଆକୁ

ଆଉ ପକ୍ଷୀ କରେ ନୀଡ଼କୁ ।।

ବିଶ୍ୱାସର ଘର ଅତି ସୁନ୍ଦର

ସେଇ ବାଇଚଢେଇ ବସା ଭଳି

ଟିକେ ଟିକେ କରି ସାଉଁଟା ହୁଏ

ଟିକେ ଟିକେ କଥାରେ ପୁଣି

ଭାଙ୍ଗି ଛାରଖାର ହେଇଯାଏ ।।

ବିଶ୍ୱାସ ହେଉଛି ସେଇ ଭଅଁର

ଯିଏ ସାତତାଳ ପାଣି ସାତତାଳ ପଙ୍କ

ଭିତରେ ଥିବା ସିନ୍ଦୁର ଫରୁଆର

ଖୋଳରେ ଲୁଚି ରହିଥାଏ

ଥରେ ଉଡିଗଲେ ଖେଳ ଶେଷ ।।

ବିଶ୍ୱାସ ! ବିଶ୍ୱାସ ! ବିଶ୍ୱାସ !

ଯେପରି ଆତ୍ମା ସହ ନିଶ୍ୱାସ

ଭଗବାନ ସହ ଭକ୍ତର

ପ୍ରାତଃ ଠାରୁ ସାୟଂ ପର୍ଯ୍ୟନ୍ତ ଚାଲୁଥିବା ପ୍ରୟାସ ।।

ସୌମେନ୍ଦ୍ର ମହାନ୍ତି
ରାଣୀଓଳା, କସର୍ଦା, କଟକ
ମୋ : ୯୫୮୩୨୦୫୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମରି ସ୍ମୃତିରେ



ସିଦ୍ଧେଶ୍ୱର ତ୍ରିପାଠୀ

ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବୁଠୁ ଝୁରୁଛି ସିନା
ଭୁଲିବାର କଳା ଥରେ କହିଯାଅ
ଜୀଇଁବି ମୁଁ ତୁମ ବିନା ।

ଯେଦିନ ଦେଖିଲି ଏଇମୋ ଆଖିରେ
ତୁମରି କୁଆଁରୀ ରୂପ
ଲକ୍ଷେ ଶ୍ରାବଣର ସପନ ଯା ଥିଲା
ଜୀବନକୁ ଅଭିଶାପ ।

ସେରୂପ ମୋ ପାଇଁ ଅବଶୋଷ ହେଲା
ତୁମ ବାଟ ମୋତେ ମନା
ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବେଠୁ ଝୁରୁଛି ସିନା ।

ବସନ୍ତ ପରଶେ ଫଗୁଣ ବରଷେ
ମୋ ଜୀବନ କିନ୍ତୁ ଫିକା
ତୁମେତ ସାଜିଛ ପରଦେଶୀ ଜହ୍ନ
ମୁଁ ଜଳୁଛି ଏକାଏକା ।

ଆଉକା ସପନ ନିତି ସଜାଉଛ
ମୋ ମନକୁ କରି ଚୁନା
ଶିଖେଇ ଯାଇଛ ପ୍ରେମ ପରିଭାଷା
ସେବେଠୁ ଝୁରୁଛି ସିନା ।

ଆହ୍ୱାନ ଇ-ପତ୍ରିକା


Magazine Downloaded from www.aahwaan.com

# ସମୁଦ୍ର କୂଳର ପ୍ରେମିକା



ନିଲାମ୍ବର ମହାନନ୍ଦ

ପହିଲି ବସନ୍ତ ବସନ୍ତ ରେ ପ୍ରେମ
ହୋଇଲା ପ୍ରଥମ ଥର
ଭାବି ମୁଁ ନଥିଲି ଜୀବନ ରେ ମୋର
ହୋଇବ କା ସାଥେ ପ୍ରେମ (୧)

ସମୁଦ୍ର  କୂଳରେ  ତୁମକୁ ଦେଖି
ତୁମକୁ ପାଇଲି ଭଲ
କରିବନି ମନା ଏ ମନ ମାନେ ନା
ବାଟବଣା ହୋଇ ଯିବ (୨)

ସମୁଦ୍ର  କୂଳର  କଅଁଳ  ପବନ
ଦେହରେ ତୁମର ବହି
ଲାଗୁଥିଲ ସତେ ଜଳପରୀ ମୋତେ
ଭୂଲି ବି କେମିତି କୁହ  (୩)

ତୁନୀ ତୁନୀ ଓଠେ ମଧୁର ସ୍ୱରରେ
ଗୁଣୁଗୁଣୁ ତୁମ ଗୀତ
ତିହା ଶୁଣି ମୋର ହୃଦୟ ଭିତରେ
ଶୁଭିଲା ପ୍ରେମର ସ୍ୱନ  (୪)

ଅଲଷି ଅଲଷି ଚାଲିରେ ତୁମ
ପାଦରେ ନପୂର ଶୋଭା
ମୁହଁଟା ତୁମର ଚନ୍ଦ୍ରମା ପରୀକା
ହସଯେ ମହୁର ମିଠା  (୫)

ମଥାରେ ତୁମର କଲାମେଘ ପରି
କୁଞ୍ଚି କୁଞ୍ଚି କଲା କେଶ
ରୂପ ଲାବଣ୍ୟ ରେ ସ୍ୱର୍ଗ ପରୀ ତୁମେ
ଆଉକି କହିବି କୁହ (୬)

ସମୁଦ୍ର କୂଳର ପ୍ରେମିକା ତୁମେ ମୋ
କରନାହିଁ ମତେ ମନା
ଅଧା ହୃଦୟ ମୋ ପୂର୍ଣ୍ଣ କରି ଦିଅ
ଆଉ ନକରି ବାହାନା (୭)

ଆମ୍ବଗୁଡା,ଗୋଲାମୁଣ୍ଡା,କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି ଭାବନା



ଦେବବ୍ରତ ବାରିକ

ଭାବିବାକୁ ଭାବନା
କହିବାକୁ କଥା..
ହେଲେ ସେଇ କଥା ରେ
କେତେ ଅମୃତ କେତେ ବିଷ
କିଏ ବା ଜାଣିଛି....

ମିଠା କଥା କହି କେବେ
ମନ କିଣି ନିଅ ତ କେବେ
ସେଇ ମନ ଭିତରେ ଅନେକ
ବିଷ ଭରି ଦିଅ....

ଆଜି ବି ମୋ ନିଜ କୁ
ଅପରାଧୀ ଟିଏ ବୋଲି ଭାବେ
କାରଣ ତୁମେ ତୁମ ଦୁନିଆରେ
ବେଶ ଖୁସି ରେ ଥିଲ...

ଅଜଣା ଅମାନିଆ ଆଉ ସ୍ନେହୀ
ହେଲେ ମୁଁ ଯାହାକୁ ନିଜଠାରୁ
ନିଜର କରିଥିଲି ଆଜି ସେ
କେଉଁ ଏକ ଅଜଣା ସହରରେ
ଲୁଚି ଲୁଚି ଲୁଚକାଳି ଖେଳୁଛି ମୋ ସହିତ....

ଭୁଲି ଯାଇଚି କିଏ ଜଣେ ତାକୁ
ଭଲ ପାଏ ବୋଲି ଭୁଲି ଯାଇଚି
ତାକୁ କିଏ ଜଣେ ଅପେକ୍ଷା କରିଛି ବୋଲି
କହିଲି ବୋଲି ଅଭିମାନ ମୋ ଉପରେ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଣ ମୁଁ ଖରାପ କଣ ମୁଁ ପର
ତୁମ ପରି ରଙ୍ଗ ବଦଳୁଥିବା
ଝିଅ ମାନଙ୍କ ପାଇଁ ନିଜ କୁ
କଣ ପାଇଁ ବା ପର କହିବି କି ଖରାପ କହିବି...

ସବୁ ରଙ୍ଗମଞ୍ଚ ର ଅଭିନେତା ଆଉ
ଅଭିନେତ୍ରୀ ଭାବେ ପରିଚିତ
ତମେ କହି ନ ପାରିଲେବି
ସବୁ କିଛି ବୁଝି ପାରେ...

ଦେବବ୍ରତ ବାରିକ
ପ୍ରୀତି ପ୍ରଣତୀ :- ସମ୍ପାଦକ
ଆନନ୍ଦପୁର, କେନ୍ଦୁଝର
ଭ୍ରାମ୍ୟଭାଷା - ୯୩୪୮୭୭୯୩୯୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପ୍ରେମ



ବାସନ୍ତୀଲତା ଜେନା

କିଶୋରୀ ମନରେ ଉଚ୍ଛୁଳା ତରଙ୍ଗ
ଆଖି ତାର ନୀଳ କଇଁ
ଖୋଜି ବୁଲେ ଚକ୍ଷୁ ନୀଳ ସମୁଦ୍ରରେ
କିଶୋର ପାଇବା ପାଇଁ ॥
ତଟିନୀ ସାଗର ଏକାଠି ମିଶିଲେ
ପ୍ରଥମ ପ୍ରେମ ତ ସେହି
କେତେ ଆଶା ସ୍ୱପ୍ନ ମନେ ଘୁରି ବୁଲେ
ସାଥିରେ ରହିବା ପାଇଁ ॥
ଆଖି ବୁଜି ଦେଲେ ମିଠା ସ୍ୱପ୍ନ କେତେ
ଘୂରି ବୁଲେ କୁଞ୍ଜ ବନେ
ଆଖି ଖୋଲା ଥିଲେ ଭାବନାରେ ବସେ
ଖୁସି ନାହିଁ ତାର ମନେ ॥
ପ୍ରଜାପତି ପରି ଗୋଲାପୀ ଡେଣା ତ
ରଙ୍ଗ ପ୍ରଥମ ପ୍ରେମର
ଗୋଲାପ କଳିକା କୋମଳ ପରଶ
ସୁବାସ ମହକ ତାର ॥
ମୁକ୍ତ ଆକାଶର ବିହଙ୍ଗ ସିଏ ତ
ବାଧା କିଛି ମାନେ ନାହିଁ
ଗୁରୁ ଗୁରୁଜନ ଆକଟ କରିଲେ
କଥା ତାଙ୍କ ଶୁଣେ ନାହିଁ ॥
ପ୍ରେମର ରଙ୍ଗ ଲାଗିଲେ ଡେଣାରେ
ଅନ୍ୟ ରଙ୍ଗ ଲୋଡ଼ା ନାହିଁ
ସପ୍ତ ରଙ୍ଗ ମିଶି ଏକ ରଙ୍ଗ ହୁଏ
ପ୍ରେମିକା ପ୍ରେମିକ ପାଇଁ ॥
ପ୍ରେମର ରଙ୍ଗ ତୂଳିରେ ବୁଡାଇ
ଆଙ୍କେ ଯେବେ ପ୍ରତିଛବି
ସ୍ନେହ ଶ୍ରଦ୍ଧାର ମହକ ଭରେ
ଶାଶ୍ୱତ ପ୍ରେମର ରବି ॥
ପ୍ରେମ ଚିରନ୍ତନ ଶାଶ୍ୱତ ସୁନ୍ଦର
ଶୃଙ୍ଖଳାରେ ରହି ଥାଏ
ଫୁଲ ପରି ସେତ କୋମଳ ପରଶ
ଅତୁଟ ବିଶ୍ୱାସ ଥିଲେ ॥

ଗାନ୍ଧିନଗର, ନବରଙ୍ଗପୁର
ମୋ : ୮୬୫୮୬୫୫୯୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦଗ୍ଧ ସ୍ୱର



ପ୍ରଶାନ୍ତ କୁମାର ପଧାନ

ପ୍ରେମିକ ମୁଁ କବିତାର
କବିତା ସାଥିରେ ପ୍ରଥମ ଦେଖାରେ
ହୋଇଗଲି ବୋଧେ କବି
କବିତା ଲେଖିବା ଆରମ୍ଭ ହୁଏ ମୋ
କବିତାର କଥା ଭାବି ।।

କବିତାରେ ଯେତେ କବିତାର କଥା
ରହିଥାଏ ସବୁ ଲୁଚି
କବିତାକୁ ଛାଡ଼ି କବିତା ଯେ ମୋର
ପାରିବନି କେବେ ବଞ୍ଚି ।।

କବିତାର ସେଇ କଳ୍ପନା ଭିତରେ
କବିତାର ରୂପ ଭାସେ
କବିତାର ପୁଣି ପ୍ରତିଟି ଛନ୍ଦରେ
କବିତାର ନାଆଁ ଆସେ ।।

କବିତା ମୋ ପାଇଁ ପ୍ରେରଣାର ଉତ୍ସ
କବିତା ମୁଁ ଲେଖିବାରେ
କବିତା ବସାଏ କବି ଆସନରେ
କବିତାର ପ୍ରଚେଷ୍ଟାରେ ।।

କବିତା ଠାରୁ ମୋ କବିତାର ସୃଷ୍ଟି
ନିଶ୍ୱାସରେ ମୋ କବିତା
କବିତା ସାଜିଛି ଜୀବନରେ ମୋର
ବଡ଼ ଏକ ଦୁର୍ବଳତା ।।

ଗ୍ରାମ-ବୁରୋମୁଣ୍ଡା, ଜିଲ୍ଲା-ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବର



ହେମନ୍ତ ନାଏକ

ମୂଲ୍ୟହୀନ ହେବ ଏ ପିଣ୍ଡ ଶରୀର
ମରଶରୀର ରୁପରେ
ଦେଢ଼ହାତ ଗର୍ତ୍ତ ମାଟି ଖୋଲିଦେଇ
ପୋତିଦେବେ ମଶାଣିରେ ।।

ଦୂରେଇ ଚାହିଁବେ ନାକ ଟେକୁଥିବେ
ମୃତ ପିଣ୍ଡଟିକୁ ଦେଖି
ନଗ୍ନ ଦେହେ ତାର ମାଟି ଲଦିଦେବେ
ଇଟା ପଥର କୁ ଯୋଖି ।।

ମଢ଼ାଖିଆ ଜନ୍ତ କାଢ଼ି ନ ନେବାକୁ
କଣ୍ଟା ଆବରଣ ଦେଇ
ଯତ୍ନ ସହକାରେ ଇଟା ଓ ପ୍ରସ୍ତର
ସିମେଣ୍ଟର ଯୋଡ଼ ପକାଇ ।।

ଧଳା ଚିରାବସ୍ତ୍ର ଚତୁର୍ଦିଗେ ସ୍ଥାପି
ପତାକାର ଚିହ୍ନ ହେବ
କବର ଭିତରେ ମରଶରୀରଟି
ସ୍ମୃତି ହେଇ ରହିଯିବ ।।

ସୁକର୍ମ କୁକର୍ମ ପାପ ଆଉ ପୁଣ୍ୟ
ଶମନ ପାଞ୍ଜିରେ ଲେଖା
ପରମାତ୍ମା ତେଜି ଆତ୍ମା ଚାଲିଯାଏ
ସ୍ୱର୍ଗରେ ହୁଅନ୍ତି ଦେଖା ।।

ଚିରନ୍ତନ ସତ୍ୟ ଏ ଭବ ସଂସାରେ
ରାମନାମ ସତ୍ୟ ହୁଏ
ମୃତ୍ୟୁ ହେଲେ ଜୀବ ମଶାଣି ପର୍ଯ୍ୟନ୍ତ
ସଙ୍ଗତରେ ଆସିଥାଏ ।।

କିରାବାହାଲ, ପାଟଣାଗଡ଼

ଆହ୍ୱାନ ଇ-ପତ୍ରିକା





Magazine Downloaded from www.aahwaan.com

# ଭିନ୍ନ ଏକ ଭୋକ



ବିଜୟ କୁମାର ପଣ୍ଡା

ଭୋକ ଗରିବର..

ଏଇ ଭୋକ ଗରିବକୁ ଠେଲି ଦିଏ
ସହରର ଅଳିଆ ଆବର୍ଜନା ଗଦାରୁ
ପାଉଁରୁଟିଟିଏ ପାଇଁ ଖୁଣ୍ଟି ସାଉଁଟିବାକୁ

ପେଟ ପୋଷିବାକୁ ଭୋକ ମେଣ୍ଟେଇବାକୁ
ମାଆ ଭିକଥାଳ ଧରି ଦୁଆର ଦୁଆର ବୁଲେ

ଦୁଇ ମାସର କୁଆଁ କୁଆଁ ଡ଼ାକ ଛାଡୁଥିବା ଛୁଆକୁ
ଗଡ଼େଇ ଦେଇ ମାଆ ମୁଣ୍ଡଝାଳ ତୁଣ୍ଡରେ ମାରି
ମଥାରେ ବୋଝେ ଧରି ଶ୍ରମିକ ସାଜେ ।

ଭୋକ ଭୋଗ ବିଳାସପ୍ରିୟ ବ୍ୟଭିଚାରୀ ର..
ପେଟର ଭୋକ ନଥିଲେ ବି
ରାତି ରଙ୍ଗିନ କରିବାର ଭୋକ
ବ୍ୟଭିଚାରିର ଦେହର ଭୋକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅହରହ ଖୋଜୁଥାଏ ଶିକାର

ଧନର କୁବେର ହେବାର ଇଚ୍ଛାର ଭୋକ

ଦୁର୍ନୀତିରେ ମଗ୍ନ ହୋଇ କଳାଧନ ପାଇବାର ଭୋକ ।

ଭୋକ ମହାପୁରୁଷଙ୍କର..

ଦେଶ ପାଇଁ କିଛି କରିଯିବାର

ନୂଆ କିଛି ଗଢ଼ି ଯିବାର

ଦେଶ ମାତୃକା ପାଇଁ ନିଜ ଜୀବନ ଦେଇଦେବାର

ଭୋକ ମଣିଷକୁ ମଜବୁର କରେ

ବ୍ୟଭିଚାର ପାଇଁ

କାନ୍ଦିବା ପାଇଁ

ଲଢିଯିବା ପାଇଁ,

ନୂଆ କରି କିଛି ଗଢ଼ି ତୋଳିବା ପାଇଁ ।

ବିଜୟ କୁମାର ପଣ୍ଡା

ସମ୍ପାଦକ "କନକପ୍ରଭା", ବାଙ୍ଗାଲୋର

ଆହ୍ୱାନ ଇ-ପତ୍ରିକା




Magazine Downloaded from www.aahwaan.com

# ଭଲ କଥା



ହରେରାମ ପଣ୍ଡା

ଏହି ଦୁନିଆଁରେ ଏମିତି କେ ଅଛି
ସର୍ବ ଗୁଣ ଅଧିକାରୀ ?
କେ କହି ପାରିବ ଏତେ ଟିକିଏ ବି
ଖୁଣ ନଥିବ କାହାରି ?
ଏମିତି ମଣିଷ କେ ଅଛି ଯାହାର
ଟିକିଏ ବି ଦୁଃଖ ନାହିଁ ?
କେହିବି ସତତ ସୁଖ ସାଗରରେ
ବୁଡ଼ି ରହି ପାରେ ନାହିଁ ।
ଦିନ ପରେ ରାତି , ସତ୍ୟ ପରେ ମିଥ୍ୟା
ଅନ୍ଧାର ଆଲୁଅ ପରି ,
ସୁଖ ପରେ ଦୁଃଖ ଆସେ ଜୀବନରେ
ଘୁରେ ରଥ ଚକ ପରି ।
ଦୁଃଖ ପଛେ ସଦା ଆସିଥାଏ ସୁଖ
ସୁଖ ପରେପରେ ଦୁଃଖ ,
କେତେବେଳେ କିଏ ରାଜେନ୍ଦ୍ର ଆସନେ
କେବେ ନ ମିଳଇ ଭେକ ।
ଏହି ଦୁନିଆରେ କେଉଁ ମଣିଷର
ଇଚ୍ଛା ବୋଲି କିଛି ନାହିଁ ?
ସାନ ଠାରୁ ବଡ଼ ସବୁ ଧାଇଁଥାନ୍ତି
କିଛି ବି ପାଇବା ପାଇଁ ।

କୁଆଁସ , ମେର୍ଦ୍ଧା କାଟିଆଛକ , ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ।
ମୋ - ୯୪୩୮୦୭୫୯୯୫ .

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଶବ୍ଦ ନିର୍ଦ୍ଦେଶ



ସଂଜୀବ କୁମାର ଦାସ

ଛୋଟ ମୋ' ସହରର ବଡ ଗଳିରେ

ସେଦିନ ଯାଉଁ ଯାଉଁ ମୁଁ ଭେଟିଲି ଯାହାଙ୍କୁ

ଲାଗିଲା ସେ ଯେମିତି ଏକ ନୂଆ ଅବତାର !

କଥାରେ କଥାରେ ସେ ବଖାଣିଥିଲେ,' ସବୁକିଛି ବଦଳିଛି,

ବଦଳିଯାଇଛି ଏ ସହର ବି, (କିନ୍ତୁ) ଖାଲଖମା ଭିତରେ ଗୋଡ ତମ ଝୁଂଟୁଥିଲେ ବି ତମେ ତାକୁ ଆଡ କରିଦେବ, ଦେଖିବନି କିଛି ମୁହୂର୍ତ୍ତ ପାଇଁ ' ।

ମୋ ଭିତରର ' ଅତି ନିରୀହତା ' ଟା ମୋତେ କରିଥିଲା ପ୍ରଶ୍ନ

"ରାଜରାସ୍ତାର ଦୟନୀୟ ସ୍ଥିତିଠାରୁ ବଳିଯାଇଥିବା ବଡ଼ବାବୁଙ୍କ

ଟେବୁଲଉପରେ ଚାପି ହୋଇ ରହିଥିବା ମୋ ପେନଶନ ଫାଇଲ ଟା

ମୁଣ୍ଡଟେକି ଅନେଇଥିଲେବି କାହିଁକି ବାହାରିପାରୁନି ?"

କିଛି ସମୟ ପାଇଁ ନିସ୍ତବ୍ଧ ହୋଇଯାଇଥିଲି ମୁଁ ।

ମୋ ପରି ଏକ ଅତି ସାଧାରଣ 'ମାନବ'ର ଛୋଟିଆ ମୁଣ୍ଡରେ ପଶୁନଥିଲା

ଏ କଥାଟି: ହେବ କେମିତି ଗୁଜରାଣ ଦୁଇ ଦୁଇ ପ୍ରାଣୀଙ୍କର ପେଟ ପାଟଣାର !

ଭାଇ ବନ୍ଧୁ କୁଟୁମ୍ବଙ୍କ କଥା ପୁଣି ଅଛି ,ଅଛି ପୁଣି ସାଇ ପଡିଶାଙ୍କ ଆତ୍ମୀୟତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମାଜରେ ରହି ନିଜକୁ ଏକଘରିଆତ କରି ପାରିବିନି

ଦେବାକୁ ପଡିବ  ତ କେବେ କେମିତି  !

ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଥିଲେ ମୋ ନିଷ୍କପଟ ହୃଦୟ ଭିତରେ ।

ମୋ ଅନ୍ୟମନସ୍କତାକୁ ଠିକ ଠଉରାଇପାରିଥିଲେ ସେ ।

ନିଜକୁ ସଜାଡି ନେଇ ମୋ ଅସମାହିତ ପ୍ରଶ୍ନ ଦୁଇଟିର ଉତ୍ତର ତାଙ୍କୁ ପଚାରନ୍ତେ

ମୋ ଆଖିରେ ଆଖି ମିଶାଇ କହିଥିଲେ ସେ,

"ଏବର ସରକାରୀ ନୀତି ନିୟମରକଥା ଜଣାନାହିଁ ମୋତେ,

ଜାଣେ ମାତ୍ର ଏତିକି ମୁଁ,ସମୟ ଆସିଛି, ନିୟତିର ସେ ଭାରି ନିର୍ଦ୍ଦେଶ

ବଡ଼ବାବୁଙ୍କର ପାରିବାପଣକୁ ଚେତେଇଦେବ,

ତମର ସେ ଫାଇଲ ପାଇଁ ହେବନି ଆଉ ମୂଲଚାଲ,

କାରଣ, ସେଇଠି ଥିବ ଏକ ଶକ୍ତ ପ୍ରହାର,

ଯାହା ଆସିଥିବ ଏକ ‘ନିଶବ୍ଦ ନିର୍ଦ୍ଦେଶ’ ହୋଇ ।

ସଂଜୀବ କୁମାର ଦାସ

ସି ଡି ଏ

କଟକ- ୭୫୩୦୧୪

ଦୂରଭାଷ- ୭୩୭୧୭୯୦୦୦୫

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ସକାଳ



ବୈଦ୍ୟନାଥ ପଣ୍ଡା

ଯାହାର କୋଳେ
  ଖେଳି ଖେଳି କା
କାଟିଲି ପିଲାଦିନ
ତାହାରି ସ୍ନେହ
  ମମତା ପାଇଁ
ଟାଣି ହୁଅଇ ମନ
ସକାଳ ହେଲେ
  କାଉ ରାବଇ
କୋଇଲି କୁହୁ କରେ
ଜାତି ଜାତିକା
  ଫୁଲ ଯେ ଫୁଟି
ସବୁରି ମନ ହରେ

ଡାଳରୁ ଡାଳ
  ଉଡି ଉଡ଼ିକା
ବିହଙ୍ଗ ଗାଏ ଗୀତ
ପବନ ଖେଳେ
  ବାଦଲ ସାଥେ
ଗାଇ ପୀରତି ଗୀତ
ନାଲି ସୂରୁଜ
  ହସି ଉଠଇ
ପାହାଡ଼ କୋଣ ଦେଇ
ଗାଁଆ ପୋଖରୀ
  ପାଣି ଭିତରୁ
ପଦୁଅଁ ହସୁଥାଇ
ତା ସାଥେ ଖେଳେ
  ମରାଳ ଆସି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଦକୁ ତାର ଛନ୍ଦି
ଗାଁଆ ମନ୍ଦିର
ଡାକବାଜିରେ
ମନ୍ତ୍ର ଉଠଇ ବାଜି
ନବବଧୂ ଟି
ତୁଳସୀ ମୂଳେ
ଢାଳଇ ଆଣି ପାଣି
ବୃନ୍ଦାବତୀ କୁ
ମାଗଇ ବର
ମୁଣ୍ଡେ ଓଢଣା ଟାଣି

ଅଗଣା ଆମ
ଦିଶଇ ଶୋଭା
କାକର ବୁନ୍ଦା ପଡି
ସତେକି ତାର
ସବୁଜ ଦେହେ
ହୀରା ପଡିଛି ଝଡି
ସହରେ ରହି
ଆଜି ମୁଁ ପୁଣି
ଭାବୁଛି ସେଇ ଦିନ
ନେଇଯା ମତେ
ଆରେ ସମୟ
ଝୁରୁଛି ପିଲାଦିନ.

ବୈଦ୍ୟନାଥ ପଣ୍ଡା.
ଅବଦଲ ପୁର. ଯାଜପୁର
ଦୂରଭାଷ : ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସନ୍ତର ଆଗମନେ



ହେମନ୍ତ ଦାଶ

ଭୁପୃଷ୍ଠୁ ମେଲାଣି ନେଲାଣି ଶିଶିର
ସ୍ୱସ୍ଥାନ ଯାଇଛି ଫେରି,
ଋତୁରାଜ ଏଣେ ରାଜକୀୟ ପଣେ
ଆସିଅଛି ଅବତରି ।

ନବ ପଲ୍ଲବରେ ପଲ୍ଲବିତ ମହୀ
ନାନା ପୁଷ୍ପେ ବିମଣ୍ଡିତା,
ପାଟରାଣୀ ସାଜି ବସନ୍ତ ସ୍ୱାଗତେ
ଚାରୁମୟୀ ସୁଶୋଭିତା ।

ସୋରିଷ ଫୁଲର ହଳଦିଆ ରଙ୍ଗେ
ସଜେଇ ଧରଣୀ ରାଣୀ,
ଯେସନେ ପିନ୍ଧିଛି ହଳଦିଆ ପାଟ
ଦେଖାଏ ଷୋଡଶୀ ଠାଣି ।

ଫାଲ୍ଗୁନର ଫଲ୍ଗୁ ପ୍ରତି ତନେ ବୋଳି
ପ୍ରଫୁଲ୍ଲିତ କରେ ମନ,
କୁଆଁରୀ କନ୍ୟାର ହୃଦୟ ତରଳେ
ମନହୁଏ ଛନଛନ ।

ଆମ୍ର ବୃକ୍ଷ ଡାଳେ କୋକିଳର କୁହୁ
ମଧୁର ସଂଗୀତ ତାନ,
ବିଶାଦର ପ୍ରାଣେ ସମ୍ଭାବନା ବୁଣେ
ବଳେ ହରିନିଏ ମନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୃଦୁ ମଳୟର ଶୀତଳ ସମୀର
ଆମ୍ବ ବଉଳର ବାସ,
ନବ ଉନ୍ମାଦନା ବୁଣେ ପ୍ରତିପ୍ରାଣେ
ଚହଟଇ ଚଉପାଶ ।

କ୍ଲାନ୍ତ ଶରୀରରେ ଛୁଇଁଦେଲେ ଥରେ
କ୍ଷଣେ ଶ୍ରମ ନିଏ ହରି,
ବିଷାଦ ମନରେ ପୁଲକତା ଭରେ
ମଳୟର ଯାଦୁଗରୀ ।

ମହୁଲ ଫୁଲର ମଧୁମୟ ବାସ୍ନା
ମାଦକତା ଭରେ ମନେ,
ମନର ମଣିଷ ସନ୍ଧାନେ ପ୍ରେୟସୀ
ଘୂରିବୁଲେ ଗିରିବନେ ।

ହୋଲିକା ଦହନେ ଖୁସିରେ ବିଭୋର
ରାଧାକୃଷ୍ଣ ପ୍ରେମେ ମାତି,
ରଙ୍ଗ ପିଚିକାରୀ ହୁନ୍ତି ମରାମରି
ବାଣ୍ଟିଥାନ୍ତି ସ୍ନେହ ପ୍ରୀତି ।

ଅପୂର୍ବ ଶୋଭାର ସମ୍ଭାର ଆଣିଛି
ଫଗୁଣ ପସରା ମେଳି,
ପ୍ରୀତିର ଆଶ୍ଳେଷେ ପ୍ରେମର ଫଗୁରେ
ଆସହେବା ବୋଳାବୋଳି ।

ଆଶୁକବି ହେମନ୍ତ ଦାଶ
ତୁଷରା, ବଲାଙ୍ଗିର ।
ମୋ-୯୯୩୭୬୮୫୪୧

Magazine Downloaded from www.aahwaan.com

# କ୍ରନ୍ଦନରତା ଧରିତ୍ରୀ



ସରୋଜିନୀ ମିଶ୍ର

କରୁଣ କ୍ରନ୍ଦନେ
ସ୍ତମ୍ଭିଭୂତ ଗଗନ ମଣ୍ଡଳ
ପ୍ରେୟସୀର ଆତୁରତା
ପାରେନାହିଁ ସହି
ବିଚଳିତ ମନ
ବିଷାଦ ବଦନ
ମାସ ପରେ ମାସ
ବର୍ଷ ପରେ ବର୍ଷ
ଅପେକ୍ଷାରତ
ଉପାୟ ଶୁନ୍ୟ
କେମିତି ବନ୍ଦହେବ
କରୁଣ କ୍ରନ୍ଦନ ?

ମୃଦୁ ମଳୟର
କୁହୁକିନୀ ସ୍ୱର୍ଶ
ଉଦୟ ଭାନୁର
ସୁନେଲି ସୁରୁଜ
ଶୁକ୍ଳାମ୍ବରେ ଶୁଶୋଭିତା
ଚାନ୍ଦିନୀର ସ୍ନିଗ୍ଧଜ୍ୟୋତ୍ସ୍ନା
ସୁବାସିତ କୁସୁମର ସୁଗନ୍ଧ
ଫଳପୁଷ୍ପେ ଭରା ଉପବନ
ସୁଗନ୍ଧରାଜ ରଜନୀଗନ୍ଧାର
ମୃଦୁହାସ୍ୟ
କମନୀୟ ପୁଳିନକୂଳ
ଭ୍ରମରର ମୃଦୁ ମହ୍ଲାର
ମୁକ୍ତ ନୀଳକେଶୀ ବିପିନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ୱେତବସ୍ତ୍ରାବୃତ୍ତା  ଗିରିରାଜ
ସମସ୍ତ ,ସମସ୍ତ ପ୍ରାକୃତିକ  ବିଭବ
ଆଜି ବିତସ୍ପୃହ
ଅପ୍ରମିତ ଦୁଃଖର  ସମ୍ମୁଖେ  ।

କିଂକର୍ତ୍ତବ୍ୟବିମୁଢ ଗଗନ
ସମ୍ମୁଖରେ ଧରିତ୍ରୀର
ପ୍ରଶ୍ନବାଣେ ଅତିଷ୍ଠ ଧରିତ୍ରୀ
ହୃଦୟର ଦାବାନଳ
ହେଲା ଉଦ୍‌ଗୀରଣ
ବୃଦ୍ଧବୃଦ୍ଧା ସନ୍ତାନ ମୋ
ଆଜି ଜରାଶ୍ରମେ
ସ୍ନେହଁସିକ୍ତ ରଜ୍ଜୁ ଆଜି
ଶୁଷ୍କ  ଆବରଣ
ଜନନୀ ମୁଁ
ସନ୍ତାନର ଦୁଃଖଅବା
ସହିବି  କିପରି  ?

ମାନବିକତା ଆଜି
ଯାଇଅଛି ହଜି
ମୃତ୍ୟୁର କରାଳ ଗହ୍ୱରେ
ନର ପିଶାଚଙ୍କ ଦୌରାତ୍ମ୍ୟରେ
ଅକାଳରେ ବୃନ୍ତଚ୍ୟୁତ
ଅଫୁଟା  କଳିକା
ନ୍ୟାୟରହେ ଅନ୍ଧାରି ଗହ୍ୱରେ ।

ରାଜନୀତିର ମୁଖ୍ୟଦ୍ୱାର
ଅଟଇ ଅନୀତି
ଗଣତନ୍ତ୍ର ପରିଣତ
'ମୁଁ', 'ମୋ' ତନ୍ତ୍ରରେ
ସତ୍ତାର ଆହ୍ୱାନେ
ଭତ୍ତା ପ୍ରଲୋଭିତ
ମାରିଦେଲା ମଣିଷପଣିଆ
ଗରୀବର ପେଟପୁରେ
ଆମ୍ବ କୋଇଲିରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପକେଟ ଯାର ଗରମ
ତାକୁ ଡାକେ ପାର୍ଟି
ଗରୀବଙ୍କୁ ଭାଟି
ସୁସ୍ୱାଦୁ ସର୍ବତଖୋଜେ
କଅଁଳିଆ ତାତି
ନଜରେ ଯେ ଆସେ
ତାର ପଡେ ଶନିଦଶା
ବୃଦ୍ଧା, କିଶୋରୀ, ଅବା
ଅଫୁଟା କଳିକା
ଜାତି ଓ ସମ୍ବନ୍ଧ ଜଳି ହୁଏ ଭସ୍ମିଭୁତ
ଲମ୍ପଟର କାମ ଦାବାନଳେ ।

ପୁତ୍ର ମୋହେ ଅନ୍ଧ ଆଜି
ମାନବ  ସମାଜ
କନ୍ୟାଭ୍ରୁଣ ଶୋଇଯାଏ
ମାତାର ଗର୍ଭରେ
ସ୍ୱପ୍ନ ହୋଇଯାଏ ସୂର୍ଯାଲୋକ
ଯିଏ ରହେ ସିଏ ଯାଏ
ଅଳିଆ ଗଦାକୁ
ହେବାପାଇଁ କୁକୁରର ଖାଦ୍ୟ ।

ନବ ବିବାହିତା ଜଳେ
ଯୌତୁକ ଯୁଇରେ
କର୍ମଜୀବୀ ମହିଳାଙ୍କ
ମନେଉଠେ ପ୍ରଶ୍ନ
ନରପିଶାଚଙ୍କ ହେବି
ନାହିଁ ତ  ଶୀକାର   ?

ରାଜନୀତି ଆବୋରିଲା ଶିକ୍ଷା
ଶିକ୍ଷା , ନୀତିଶିକ୍ଷାକୁ
ଦୂରେ ଦେଲା ଠେଲି
ସୃଷ୍ଟିହେଲେ ଅଗଣିତ ପଶୁ
ସ୍ୱାର୍ଥାନ୍ଧ ହୋଇ ରକ୍ଷକ
ହୋଇଲେ ଭକ୍ଷକ ।

ଦେବଭୂମି  ଭାରତର
ଅମୃତ ସନ୍ତାନ
ଆଜି ନର୍କଗାମୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ୟାୟ, ଅନୀତି ଲଘିଂ

ଯାଉଅଛି ସୀମା

କେମିତି ମୁଁ, କେମିତି ମୁଁ

କରିବି ବା ସହ୍ୟ

ସନ୍ତାନର ଦୁଃଖରେ କି

ହସିପାରେ ମାଆ ?

କିଏ ଅଛି, କିଏ ଅଛି କୁହ ମୋତେ

ପୋଛିଦେବ ମୋର ଆଖିଲୁହ

ହୃଦ ଦାବାନଳେ ମୋର

ସିଞ୍ଚିଦେବ ଅମୃତର  ବାରି   ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଡ଼କ ସୁରକ୍ଷା



ରାମଚନ୍ଦ୍ର ପ୍ରଧାନ

ସଡକ ସୁରକ୍ଷା ନିୟମ ମାନିଲେ
ପଡ଼ିବାନି ହଟହଟାରେ
ଶିରସ୍ତ୍ରାଣ ପିନ୍ଧି  ଗାଡି ଚଳାଇଲେ
ଜୀବନ କଟିବ ସୁଖରେ...
ମଦ୍ୟପାନ କରି  ଗାଡି ଚଳାଅନି
କେବେହେଲେ ଭାଇ ରାସ୍ତାରେ
ମୋବାଇଲ ଧରି  ଗାଡି ଚଳାଇଲେ
ଏ ଜୀବନ ଯିବ ଶସ୍ତାରେ...
ବେପରୁଆ ଗାଡି  ନ ଚଳାଇ ଭାଇ
ସଡକେ ଯାଅ ହୁସିଆରେ
ସଡକ ସୁରକ୍ଷା  ନିୟମକୁ ମାନି
ଖୁସିରେ ରୁହ ପରିବାରେ...
ଦ୍ରୁତବେଗେ କେବେ  ଗାଡି ଚଳାଅନି
ଫସିଯିବ ଦୁର୍ଘଟଣାରେ
ଗତିଧିମା କରି  ଗାଡି ଚଳାଇଲେ
ସୁରକ୍ଷା ରହିବ ହାତରେ...
ଜୀବନ ହେଉଛି  ଅମୂଲ୍ୟ ସମ୍ପଦ
ବେଲୁହୁଅ ସାବଧାନରେ
ସଡକ ସୁରକ୍ଷା  ଏ ଜୀବନ ରକ୍ଷା
ସଦା ଧ୍ୟାନରଖ ମନରେ...

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୬୩୮୨୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ନିହାରିକା ରଥ

ପରଖିଛି ଅନେକ ଥର..

ତତେ ଲୋ ବୋଉ,,

ତୁ ରାଗିଗଲେ,,ସାରା ଇଲାକାରେ

ଘୋଟିଆସେ,,ଘନ ଅନ୍ଧକାର,,

ଲୋତକବନ୍ୟା ତୋ ନୟନ,,

ହେଲେ ବହେ ନାହିଁ ଅଶ୍ରୁ

ତୋ ଭିତରେ କୋହ ଭର୍ତ୍ତି,,

ଭାଙ୍ଗିବାକୁ ଦିଏନା ତୁ କାହାକୁ,,

ତୋତେ ବୁଝିବାର ଶକ୍ତି

ମୋର ନଥାଏ,, ତଥାପି ମୁଁ ଚେଷ୍ଟା କରେ

ତୋ ଗାଳିଗୁଲଜ ବହୁତ କଷ୍ଟ ଦିଏ

ତଥାପି,, ତୁ ମୋର

ଶୁଭମନାସୁ,,

କାହିଁକି,, ଏମିତି ତୁ,,

ବୋଉ ହେଲେ କ'ଣ

ଏତେ ସବୁ,, ଅଭିନୟ ? ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟର ଲେଖା



ସତ୍ୟବାନ ନାୟକ

ପଥପ୍ରାନ୍ତରରେ ଗିରି କନ୍ଦରରେ
ଖୋଜୁଛି ସେ ହସ୍ତ ଲେଖା
ଜୀବନ ପଥରେ ଆଉ କିବା ଥରେ
ଆସି ହୋଇଯିବ ଦେଖା ।

କାନ୍ଥଲେଖା ନୁହେଁ ହୃଦଲେଖା ସେତ
ହୃଦୟେ ଯାଇଛି ରହି
ଅନ୍ତଦାହ ସବୁ ଅନ୍ତରରେ ମରୁଛି
ରାତି ପାହେ ଚାହିଁ ଚାହିଁ ।

ସବୁଜ ପ୍ରାନ୍ତର ଶୀତଳ ଅନ୍ଧାର
କଇଁ ଫୁଲ ଜହ୍ନରାତି
ଦ୍ୱରତା ଦିଗନ୍ତ ବଢିବଢି ଯାଏ
ମାନସେ ଜଗାଇ ଭୀତି ।

ତିକ୍ତ ସଂସାରରେ ରିକ୍ତ ହସ୍ତ ନେଇ
ଖୋଜୁଛି ତୁମକୁ ଝୁରି
ମନ୍ଥର ଗତିରେ ଜୀବନ ଇଚ୍ଛା ମୋ
ଆସୁଅଛି ସରି ସରି ।

ଜୀବନ ପ୍ରଦୀପ ଲିଭିଲିଭି ଯିବ
ହାତଲେଖା ଯିବ ଲିଭି
ସାଧୁସନ୍ଥ ପରି ନିର୍ବାଣ ପରେ ବି
ତୋ ନାମକୁ ଝୁରୁଥିବି ।

ମୁଁ ପାଗଳ ସତ୍ୟ
କୋଡଗମ୍ଭୀର,ଚଣ୍ଡିଗାଁ,ଚରମ୍ପା,ଭଦ୍ରକ
ମୋ : ୮୫୯୯୮୮୫୮୫୭
ଇମେଲ୍ : satyabannayak1995@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ଗଛଟିଏ ପୋତିବା



ଗିରିଧାରୀ ଧଳ

ଆରେ ଅବିବେକି ଟିକେ ବୁଝିଛ କି
ଗଛ କାଟିଦେଲେ କଣ ହେବ
ଅମ୍ଳଜାନ ପାଇଁ ବ୍ୟାକୁଳ ହୋଇବା
ଅକାରଣେ ଆମ ଜୀବନ ଯିବ ।

ଗଛଟିଏ ଥିଲେ କେତେ ଯେ ଭରସା
ଦଉଥାଏ ଫୁଲ ପତର ଫଳ
ଅଂଶୁଘାତରୁ ସେ ରକ୍ଷା କରିଥାଏ
ବାଟୋଇର ସାହା ତାହାରି ମୂଳ ।

ସବୁଜ ସୁନ୍ଦର କରେ ପରିବେଶ
ବିହଙ୍ଗ ନିଅନ୍ତି ଆଶ୍ରୟ କୋଳେ
ଗରମ ଦାଉରୁ ରକ୍ଷା ପାଇବାକୁ
ଜୀବଜନ୍ତୁ ସ୍ଥାନ ତାହାରି ମୂଳେ ।

ଗଛଟିଏ ଥିଲେ କେତେ ଯେ ଆନନ୍ଦ
ରଜ ପରବରେ ଲଗାନ୍ତି ଦୋଳି
ମା ପରି ସବୁ ଦୁଃଖ ସହିଯାଏ
ଆନନ୍ଦରେ ପିଲା ଖେଳନ୍ତି ଝୁଲି ।

ଗଛ ନୁହେଁ ଶତ୍ରୁ ଗଛ ଆମ ବନ୍ଧୁ
ଗଛର ସୁରକ୍ଷା ଆମ ଦାୟିତ୍ୱ
ଗଛ କାଟିବାକୁ ବିରୋଧ କରିବା
ଆସ ଆମେ ମିଶି ବଢ଼େଇ ହାତ ।

ଗଛ ନ ରହିଲେ ଏ ଜୀବଜଗତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଷ୍ଟକର ହେବ ବଞ୍ଚିବା ପାଇଁ
ଆସ ସର୍ବେ ମିଶି ଗଛ ଲଗେଇବା
ସୁଖର ଜୀବନ ଜିଇବା ପାଇଁ ।

ନିଶ୍ୱାସ ପ୍ରଶ୍ୱାସ ତା ପାଇଁ ଚାଲିଛି
ଜୀବନ କହିଲେ ଜଙ୍ଗଲ ଗଛ
ଜଙ୍ଗଲ ରହିଲେ ପରିବେଶ ସୁସ୍ଥ
ଜଙ୍ଗଲ ଆମର ରକ୍ଷା କବଚ ।

ଗଛ ନ ରହିଲେ ଅମ୍ଳଜାନ ପାଇଁ
ଆଜି ନ ହେଲେ ବି କାଲି ମରିବା
ଆମରି ଜୀବନ ଅଛି ଆମ ହାତେ
ଆସ ମିଶି ଗଛଟିଏ ପୋତିବା ।

ଗିରିଧାରୀ ଧଳ
କରଣପୋଖରୀ, ମତୋ, ଭଦ୍ରକ
ମୋ : ୯୯୮୭୭୨୨୨୭୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୋକ



ମଞ୍ଜୁରାଣୀ ମିଶ୍ର

ମୁଠେ ଭାତ, ତୋରାଣୀ ଟୋପେ

ଦିଅ ମାଆ ଦିଅ

ଜଳିଯାଉଛି ଜୀବନ

ପାଦରେ ନାହିଁ ବଳ ଚାଲିବାକୁ ହେବ ସଅଳ ସଅଳ

ବେଶୀ ଡେରି ହେଲେ ଖୋଲିବନି କବାଟ

ଡାକି ଡାକି ତଣ୍ଟି ପଡ଼ିଯିବ

ଚାଲିବାକୁ ହେବ କଣ୍ଟାଝଣ୍ଟା ଖାଲଢ଼ିପ ବାଟ ଅବାଟ

ଏଇତ ଭାସି ଆସୁଛି ଧାନଫୁଲର ବାସ୍ନା

ଚହଟି ଯାଉଛି ଭୋକ ରକ୍ତରେ କୁହୁକ

ନିଜ ପ୍ରାପ୍ୟ ମିଳିବା ଏଠି ଭାରି ଅପହଞ୍ଚ

ଆଚମ୍ବିତ ଲାଗେ ଦୁନିଆର ହିସାବ ନିକାସ

ଯେତେ ପୂଣ୍ୟ କଲେ ବି ଅହଲ୍ୟା ପାଲଟୁନି ମଣିଷ

ସମୟର ଭଉଁରୀରେ ସବୁ କିଛି ଲିଭିଗଲାପରେ

ଏକା ଏକା ସାଉଁଟିବା କିଛି ବିଶ୍ୱାସର ଆୟୁଷ

ସତୀ ସୀତାଙ୍କ ଆଜନ୍ମ କାରାବାସ

କପଟ ହସରେ କେମିତି ହୁଗୁଳା ଦ୍ରୌପଦୀଙ୍କ ଅଙ୍ଗବାସ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶବପାଇଁ ମିଳୁଛି ପଇସା

ପ୍ରତିମୂର୍ତ୍ତି ମାଲ୍ୟାର୍ପଣ

ଜୟନ୍ତୀ ପାଳନ

ବଞ୍ଚିଥିଲା ବେଳେ କେତେ ଅବହେଳା

ଅଲୋଡ଼ା, ଅନାଦର ଛି ଛାକର

ମଲାପରେ ଭଲପାଇବାର ମିଛ ମିଛ ସ୍ମୃତିଚାରଣ

ବନ୍ଧୁ ପରିଜନ, କୋଳାହଳ, ଦୟା, ସହାନୁଭୂତିର ନୂଆ ନାଟକ

ବ୍ରାହ୍ମଣ ଭୋଜନ, ଗଙ୍ଗା ଶ୍ରାଦ୍ଧ ତିଳତର୍ପଣ

ସବୁ ମାୟାରେ ବାୟା ମିଛ ମାୟା ସଂସାର

ଆଜି ମଲେ କାଲିକି ଦି ଦିନ

ଏଇ ତ ଜୀବନ

ସବୁ କଥା ପଛକୁ ଥାଉ

ଚକେ ଗଲେ ବାରହାତ

ଆଜି ପ୍ରାଣ ଶୀତଳ ହେଉ

ଦିଅ ମାଆ ଦିଅ ତୋପେ ତୋରାଣୀ ମୁଠେ ଭାତ

ତୋପେ ତୋରାଣୀ ମୁଠେ ଭାତ...

ହାଇଦ୍ରାବାଦ

ଭ୍ରାମ୍ୟଭାଷ : ୭୩୮୧୨୬୫୭୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜରାନିବାସକୁ ଯାଉଛି ବନ୍ଧୁ



ଶିଶିର କୁମାର ପଣ୍ଡା

ବୟସ ହେବାରୁ ରୋଗ ମାଡ଼ିଆସେ
କାଶଟା କମୁନି ଯମା
ବୋହୂମାଆ କହେ ଓଉଷଧ ଖାଇ
ଦିନକ ଭିତରେ କମା ।
ଖୁଉଁ ଖୁଉଁ ହୋଇ ଦିନରାତି ତୁମେ
ମିଛଟାରେ କାଶି ହୁଅ
ତୁମକୁ ନକହି ମୋଅରି ଉପରେ
ରାଗୁଛନ୍ତି ତୁମ ପୁଅ ।
ଇଏ କହୁଥିଲେ ଜରାଶ୍ରମ ଦେଖି
ବାପାଙ୍କୁ ଆସିବା ଛାଡ଼ି
ଧୀରେ ଧୀରେ ତୁମ ଜିନିଷ ସଜାଡ଼
ଗଣ୍ଠିଲି ଭିତରୁ କାଢ଼ି ।

ଏଠିବା କିଏସେ ଦେଖିବ ତୁମକୁ
ସମୟ ଆମର କାହିଁ
ଅଯଥାରେ କିଆଁ ହଇରାଣ ହେବ
ନିଜ ପୁଅବୋହୂ ପାଇଁ ?
ଜରାନିବାସରେ ତୁମଭଳି କେତେ
ବୁଢ଼ା ମିଳିଯିବେ ସାଥୀ
ସେଇଠି ବସିକି ସୁଖଦୁଃଖ ହେବ
କାଶି କାଶି ସାରା ରାତି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୋଲି



ପୁଷ୍ପଲତା ସାହୁ

ଆସିଛି ହୋଲି ଆସିଛି ହୋଲି
ରଙ୍ଗବେରଙ୍ଗର ପସରା ମେଲି ।।
କୁନା, ମୁନା ଟୁନା ଝିଲି ଓ ମିଲି
ଖେଳିଯିବା ରଙ୍ଗ ଭେଦକୁ ଭୁଲି ।।
ଗାଁ ସାରା ବୁଲେ ଦୋଳ ବିମାନ
କାନ୍ଧରେ ବୁଲାନ୍ତି ଗଉଡ଼ ପୁଅ ।।
ରାଧା କୃଷ୍ଣ ବିଜେ ବିମାନେ ଦେଖ
ଝୁଲି ଝୁଲି ଯାନ୍ତି ଛୁଟାଇ ସୁଅ ।।
ଖଜା ଚଣା ଭୋଗ ଲାଗି ହୁଏରେ
ଘଣ୍ଟ ଘଣ୍ଟା ଢୋଲ ବାଦ୍ୟ ତାଳରେ ।।
ସଭିଏଁ ମାଖନ୍ତି ମଥାରେ ଅବିର
ରାଇ ଦାମୋଦର କେଡେ ଖୁସିରେ ।।
ରଙ୍ଗ ତ ଆଣିଛି ଭାଇଚାରା ପର୍ବ
ସଭିଏଁ ଆସରେ ହୋଇବା ଏକ ।।
ମନରୁ ଦୂରେଇ ସବୁ ଭେଦଭାବ
ରଖିବା ଆମରି ପରବ ଟେକ ।।

ସହକାରୀ ଶିକ୍ଷୟିତ୍ରୀ, ମକୁନ୍ଦପୁର ଉ ପ୍ରା ବିଦ୍ୟାଳୟ
ଜଗତସିଂହପୁର, ଫୋନ ନ : ୯୬୫୮୫୫୩୦୭୪ / ୭୦୦୮୮୨୩୪୦୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିପରି



ଜୟନ୍ତ କୁମାର ସାହୁ

ସେ ଶବ୍ଦର ନାଆରେ
ଭାସୁଥିବା କବି
ଜୁଆରକୁ ଡରିବ କିପରି ?
ସାହିତ୍ୟର ସାଧନା ଯେ
ତା'ର ଲକ୍ଷ୍ୟ
ବିଷାଦର ତୋଫାନରେ
ହଜିବ କିପରି ?
ସେ କଳ୍ପନାର ସମୁଦ୍ରରେ
ଦେଖାଯାଉଥିବା ସୂର୍ଯ୍ୟୋଦୟ
ଅହଂକାରର ବାଦଲ
ଲୁଚାଇବ କିପରି !

ପ୍ରେମିକ ନ ହୋଇ
ପ୍ରେମ ଯେ ତା'ର ବାର୍ତ୍ତା
ଘୃଣାର କୁହୁଡ଼ି ଲିଭାଇବ କିପରି ?
ସେ ଯେ କଲମର ଅସ୍ତ୍ରରେ
ବିଦ୍ରୋହ କରୁଥିବା ଯୋଦ୍ଧା
ହାର ମାନିବ କିପରି ?
ସଚେତନତା ଯେ ତା'ର ବାର୍ତ୍ତା
ଅସଚେତନତାର ଅଗ୍ନି
ଜଳାଇବ କିପରି ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ସଂଯୁକ୍ତା ମହାପାତ୍ର

ତୁମେ ମୋତେ ଭଲ ପାଅ କି ନପାଅ
ନିତି ନିତି ଝୁରି ହେଉଥିବି,
ତୁମ କଥା ହୃଦେ ଭାବି ଭାବି ନିତି
ମନକୁ ବୁଝେଇ ଦେବି ।

ହୃଦୟେ ରଖିଛି ତୁମ ପ୍ରିତି ଭରା
ଅପାଶୋରା କେତେ କଥା,
ସେ ସବୁ ଭାବି ମୁଁ ମନେ ମନେ ହସେ
ଓଠେ ହସ ମନେ ବ୍ୟଥା ।
ଆଇନାକୁ ଦେଖି ଭାବଇ ଆଜି ମୁଁ
ସତେ କି ପାଗଳି ହେଲି,
ତୁମର ସେ ସେହ୍ନ ରାଗ ରୁଷା ସବୁ
ମନରେ ସାଇତି ଦେଲି ।
କେମିତି ଜାଣିବି କୁହ,
ମୋତେ କେତେ ଭଲପାଅ,
ଅଭିମାନ ଯଦି କରିଦେଲି କେବେ,
କେମିତି ଯେ ଭୁଲିଯାଅ ।

ଡର ଡର ଲାଗେ ତୁମେ ରାଗିଗଲେ,
ହେଲେ ଭଲ ଲାଗେ,
ଦେଖି ତୁମ ମୁହଁ ଫୁଲା,
ମାନ ଅଭିମାନ ରାଗ ରୁଷା ଆମ
ସବୁ ଯେ ସ୍ମୃତି ଅଭୁଲା ।
ପ୍ରେମରେ ଲଢେଇ ଅଢେଇ ଘଡିର,
ପ୍ରାଣେ ଭରିଯାଏ ରସ ପିରତିର,
ମାନ ଭଞ୍ଜନର ମଉକା ଯେ ମିଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲଲାଗେ ସତେ ପ୍ରିତି ଦିଆ ନିଆ କାରବାର ।

ମାନିଯାଅ ଏବେ ମନୁଆ ରାଜା ମୋ

ଘଷୁଛି ନାକ ମୋ ଧରୁଛି କାନ,

ଛୋଟ କଥାଟିରେ କରିବିନି ଆଉ

ଏଇମିତି କେବେ ଅଭିମାନ,

ସାଥି ହୋଇ ଆମେ ସହିଯିବା ସବୁ

ପ୍ରିତିଭରା ଆମ ଜୀବନ ।

ମାର୍ଫତ- ବିନୟ ମହାପାତ୍ର

ପଟିଆ, ଭୁବନେଶ୍ୱରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆନ୍ତରିକତା



ଭାସ୍କର ଚନ୍ଦ୍ର ଖଣ୍ଡା

ମନେ ହୁଏନା ଆଜି
ରହିଛି ବଂଚି ବୋଲି ଆପଣା ପଣିଆ
ସତେ ଯେମିତି ଚାଲିଛି ସବୁ
ତା ବାଟରେ  ।୧ ।

ବିଦ୍ୟୁତ ଖଚିତ ଅଥବା
କୋଇଲା ଇନ୍ଧନରେ ପରିଚାଳିତ
ବାଷ୍ପୀୟ ଶକଟ ପରି
କୃତ୍ରିମତାର ଛଳନାରେ
ମାଡି ଚାଲିଛନ୍ତି ସବୁ
କେବଳ ଆଗକୁ ଆଗକୁ  ।୨ ।

ନିଷ୍ପ୍ରାଣ ଆଉ ନିଷ୍ପ୍ରଭ ସତେ
ମା ପାଖରେ ନ ରହେ ଯଦି ମମତା
ନଥାଏ ଆବେଗ ଯଦି ବନ୍ଧୁତାରେ
ଶେଷ ହୁଏ ଯଦି ସମାଜରେ ମାନବିକତା
ବାନ୍ଧି ହୋଇ ଯାଆନ୍ତି ଯଦି
ସ୍ୱାର୍ଥର ପୁଟୁଳିରେ
କିପରି ବାନ୍ଧିବ ବସା ସେଠି ଆନ୍ତରିକତା
।୩ ।

ଦୁର୍ଘଟଣା ଗ୍ରସ୍ତ
ଜୀବନ ପାଇଁ ସଂଘର୍ଷ ରତ
ମୂମୁର୍ଷୁ କୁ କରି ଅଣଦେଖା
ବିପଦରେ ନ ବଢାଇ ସାହାଯ୍ୟର ହାତ
ରହି ଉଚ୍ଚ ଅଟ୍ଟାଳିକାରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖ ପାଖ ପଡୋଶୀ ସଭିଏଁ ଅପରିଚିତ

ଦେଇ ଆଧୁନିକତାର ପରିଚୟ

ସଭ୍ୟ ମଣିଷ ରୂପେ

ଆଜି ଆମେ ଗର୍ବିତ ।୪ ।

ସମୟର ପ୍ରଚୁର ଅଭାବ

ଓ୍ୱାଟସପ ଇନ୍‌ଷ୍ଟାଗ୍ରାମ ଟୁଇଟର

ଫେସବୁକ ଜରିଆରେ

ହାୟ ହେଲୋର ସନ୍ଦେଶ

ଭରି ରହିଛି ଯେଉଁଠାରେ

କେବଳ କୃତ୍ରିମତା

ମରୁଭୂମିରେ ମରୁଦ୍ୟାନର ଖୋଜ ପରି

ସଭ୍ୟତାର ସିଡି ସହିତ

ପାଦ ମିଳାଇ

ତାଳ ଦେଇ

ଉଭେଇ ଯିବାକୁ ବସିଛି

ମଣିଷ ପଣିଆ ସହିତ

ଆନ୍ତରିକତା ।୫ ।

ରୋଡ୍ ନଂ ୩, ଜଗନ୍ନାଥ ନଗର
ଭୁବନେଶ୍ୱର
(ମୋ) ୯୪୫୫୭୧୬୫୦୭

ଆହ୍ୱାନ ଇ-ପତ୍ରିକା


Magazine Downloaded from www.aahwaan.com

# ଭାନୁପ୍ରିୟାର ମନ



ନବୀନ ପଧାନ

ଗଗନ ଭାନୁ  କି ବୁଝିବ
ଭାନୁ ପ୍ରିୟାର ମନ
ଭାନୁପ୍ରିୟା କେତେ ଆଦରେ
ଭାନୁକୁ ଦିଏ ସ୍ଥାନ  ॥

ଭାନୁପ୍ରିୟା ହୃଦେ ପଡ଼ଇ
ହେମନ୍ତରେ ଶିଶିର
ଭାନୁପ୍ରିୟା ଦେଖେ ଶିଶିରେ
ପ୍ରିୟ  ଭାନୁ ଶରୀର ॥

ଭାନୁପ୍ରିୟା ଡାକେ ଭାନୁକୁ
ଆସ ନଭୁ ହେ ବନ୍ଧୁ
ଦୂରେ ଥାଇକାହିଁ ଗଢୁଛ
ତୁମେ ସମ୍ପର୍କ ସିନ୍ଧୁ ॥

ସମ୍ପର୍କ ଆମର ରହିବ
ଯୁଗ ଯୁଗ ପାଇଁକି
ଅନୁରୋଧ ମୋର ହେ ବନ୍ଧୁ
ତୁମେ ରଖିବନି କି ?

ଦୂରତା ଅଧିକ ହେଲେ ହେଁ
ବେଶି ନୁହେଁ ଦୂରତ୍ୱ
ଅନାବିଳ ସ୍ନେହ ଡୋରିରେ
ଶକ୍ତ ହେଉ ବନ୍ଧୁତ୍ୱ ॥

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁପାଲି
ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃତଘ୍ନ



ଅନାମ ଚରଣ ସାହୁ

କ୍ଷୁଦ୍ର ଏକ ଦେଶ ବ୍ରିଟେନ ତା ନାମ
ସାରା ମୂଲକର ରାଜା
ଭାରତ ଜନନୀ ବୀର ପ୍ରସବିନୀ
ନତମସ୍ତକ ତା ଧ୍ୱଜା ।
ଏକରୁ ଆରେକ ବଳୀ ଯହିଁ ବୀର
ବିଦେଶୀ ହସ୍ତରେ ବନ୍ଦୀ
ପରାଧିନତାର ଶୃଙ୍ଖଳ ଚଦର
ଅସୁନ୍ଦର ଦେଶ ପିନ୍ଧି ।
ଦେଶ ପରାଧୀନ ନେପଥ୍ୟ କାରଣ
ଜିଜ୍ଞାସା ମନରେ କରି
ମୁନା ପଚାରିଲା ଜେଜେଙ୍କୁ ତାହାର
ମନରେ ଉତ୍ସାହ ଭରି ।

ଜେଜେ ହସିଦେଇ ପାଖକୁ ଡକାଇ
କଅଁଳ ଖରାରେ ବସି
କହିଲେ ନାତିଆ ଘଟିଥିଲା ଯାହା
ହୃଦେ ଦୁଃଖ ଦିଏ ବେଶୀ ।
ଆମରି ମାଟିର କୃତଘ୍ନ ସନ୍ତାନ
ଧନର ଲାଳସା ଭରି
ବିଦେଶୀ ବଣିକ ପାଶେ ବିକ୍ରି ଶିର
ନିଜ ମୂଲ ନିଜେ କରି ।
ଆମରି ରାଇଜ ଯେତେ ଗୁପ୍ତ ତଥ୍ୟ
ଅଜୟ ଦୁଷ୍କର ପଥ
ଇଂରେଜଙ୍କ ପାଶେ ପ୍ରକାଶି ତ୍ୱରିତେ
ଦେଶ ସ୍ୱାର୍ଥ ପରାହତ ।
ଗୃହର ଗୁମର ଭାଷେ ଯଦି ନର
ଆନର ପାଶକୁ ଯାଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେ ଗୃହ ଦୁର୍ଗତି ଜାଣ ମନ୍ଦମତି

ରୋଧି ନପାରନ୍ତି କେହି ।

ମୁନା ଏହା ଶୁଣି ମନେ ହୋଇ ଗୁଣି

କଲା ସେହିଠାରେ ପଣ

ଦେଶର ଅହିତ କେବେ ନ ଭାବିବ

ଶୁଝିବ ତାହାର ଋଣ ।

ଅନାମ ଚରଣ ସାହୁ

ବିଭୁତିପୁର,କାକଟପୁର,ପୁରୀ

ମୋ : ୯୯୩୭୨୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଖୀ ରହିବାର ପାଇଁ



ମହେଶ୍ୱର ସାହୁ

ସୁଖୀ ରହିବାକୁ, ଚାହୁଁଥିଲେ ବନ୍ଧୁ,
ଆଦରିବା କିଛି ମନ୍ତ୍ର ।

ଯେଉଁ ମନ୍ତ୍ର ବନ୍ଧୁ, ନିରାଟ ସତ୍ୟ ଯେ,
ସାଧନା ରୂପକ ତନ୍ତ୍ର ।।

ସମ୍ପର୍କ ରଖିବା, ମନ ମିଶୁଥିଲେ,
ଭାଙ୍ଗେ ନା ସମ୍ପର୍କ କଦା ।

ମନ ଭାଙ୍ଗି ଗଲେ, ଦୁଃଖ ଆସିଯାଏ,
ଜଳେ ଜୀବନ ସର୍ବଦା ।।

ସ୍ଥାନ ବନାଇବା, ଇଜ୍ଜତ ପାଇବା,
ଝୁରୁଥିବେ ସର୍ବ ଜନ ।

ଇଜ୍ଜତ ନଥିଲେ, କ୍ଷୁବ୍ଧ ହୁଏ ମନ,
ଲୋଡ଼ା ନାହିଁ ସେ ଆସନ ।।

ଶୃତିର ଆକାଂକ୍ଷା, ନାହିଁ ଯାହାଠାରେ,
ବୁଝାଇ କି ଲାଭ ହୁଏ ।

ବୃଥା ଆସ୍ଫାଳନ, ଦୃଢ଼ ପ୍ରବଚନ,
ଦୁଃଖ ହିଁ ନିଜକୁ ଦିଏ ।।

ଯେଉଁ ଦ୍ରବ୍ୟ ପାକ, ନହୁଏ ହଜମ,
ଭୋଜନେ କି ପ୍ରୟୋଜନ ।

ଉଦରେ ଯନ୍ତ୍ରଣା, ଦୁଃଖ କଷ୍ଟ ପୀଡ଼ା,
ରୋଗରେ ବିତେ ଜୀବନ ।।

ସତ୍ୟର ହଜମ, ହୁଏ ନାହିଁ ଜାର,
ସତ୍ୟରେ ଆସଇ କୋପ ।

ତୁଚ୍ଛା ହେବ ନିଜ, ମାନ ଓ ସମ୍ମାନ,
ବୁଝାଇଲେ ଭୀମ ରୂପ ।।

ଦୁଃଖ ତ ଆସିବ, ନ ଡରିବା କେବେ,
ଦୁଃଖ ସୁଖ ଆମ ପାଇଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନ ଡରି ଦୁଃଖକୁ,     କରିବା ସାମନା,

ସୁଖ ରହିଥିବ ଚାଇଁ  ।।

ମୌସମ ରୂପରେ,     ଯିଏ ବଦଳଇ,

ବଦଳାଏ ନିଜ ସାଥି  ।

ଲୋଡ଼ା ନାହିଁ ସିଏ,  ଜୀବନ ପଥରେ,

ଦୁଃଖ ଦିଆ ସେଇ ପ୍ରୀତି  ।।

ପିତା ମାତା ଗୁରୁ,     ଆଉ ଗୁରୁଜନ,

ଥାଉ ତାଙ୍କରି ଆଶିଷ  ।

ଦୁଃଖ ହୁଏ ଦୂର,   ନିରୋଗ ଶରୀର,

ମିଳଇ ଜୀବନେ ଯଶ  ।।

ମହେଶ୍ୱର ସାହୁ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,

ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷ ଜୀବନ ପାଣିଫୋଟକା



ଅଙ୍କିତା ପାଢ଼ୀ

ମଣିଷ ଜୀବନ, ନିମିଶ କେବଳ,
ନିଶ୍ୱାସ ହିଁ ଏକ ରାହା ।
ମୁହୂର୍ତ୍ତ ମଧ୍ୟରେ, କିଛି ଘଟି ପାରେ,
କେହି ନ ରୁହନ୍ତି ସାହା ।।

ଘରୁ ବାହାରିଲେ, ଫେରିବା ପାଇଁ କି,
ବିଶ୍ୱାସ ଅଛି ଯେ କାର ।
ଆଖି ବୁଜି ଦେଖ, ସବୁ ଯେ ଅନ୍ଧାର,
ମାୟା ଯେ ଏହି ସଂସାର ।।

ବୃଥା ଅଭିନୟ, ସଂସାର ଜଞ୍ଜାଳେ,
ମାନ ଅଭିମାନ କେତେ ।
ହିଂସା କୋପ ମୋହ, ଅଭିନୟ କରି,
ସଂସାର ମଧ୍ୟରେ ଜିତେ ।।

ଦୁନିଆ ମଞ୍ଚରେ, ଆମେ କଳାକାର,
ନିମିଶ ମାତ୍ରକେ ପାଇଁ ।
ଧନ ସମ୍ପଦ କୁ, ତୁଚ୍ଛ କରି ଶେଷେ,
ଆତ୍ମା ଯିବ ହୋଇ ଛାଇ ।।

ଉଚ୍ଚ ଆସନରେ, ବସିଗଲେ ଆମେ,
ନହେବାଯେ କଦା ବଡ଼ ।
ସତ୍ୟ ଧର୍ମ ନ୍ୟାୟ, ପଥରେ ରହିଲେ,
ସତ୍ୟ ହିଁ ଅମର ଜଡ ।।

ଉଚ୍ଚ ଆସନରେ, ବସି ଯଦି ଆମେ,
କର୍ତ୍ତବ୍ୟ ହେଳା କରିବା ।
ଅଧର୍ମ ହୋଇବ, ଜ୍ଞାନ ହଜିଯିବ,
କୋପ ଦୃଷ୍ଟି ପାଉ ଥିବା ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସତ୍ୟ ଧର୍ମ ନ୍ୟାୟ ସାଥି ହୋଇ ସଦା,

ସ୍ୱର୍ଗ ଧାମେ ସାଥେ ଯିବ ।

ଝୁରି ହେଉଥିବେ, ପୃଥ୍ୱୀ ଜନ ମାନେ,

ଅମର ସଦା ହୋଇବ ।।

କୁକର୍ମକୁ ତ୍ୟାଗୀ, ସତ୍କର୍ମ ମାର୍ଗରେ,

କାଟିବା ନିଜର ଦିନ ।

ପରୋପକାରକୁ, ସ୍ୱର୍ଗ ସୁଖ ମାନି,

ବଞ୍ଚିବା ନିଜ ଜୀବନ ।।

ଲାଞ୍ଚ ଏକ ରୋଗ, ଭାରି ଭୟଙ୍କର,

କର୍କଟ ରୋଗର ଭଳି ।

ପାଣି ଫୋଟକାର, ଜୀବନ ଯେ ବନ୍ଧୁ,

ଦିଅନା ନିଜକୁ ଜାଳି ।।

ଦୁର୍ବଳ ଉପରେ, ଅତ୍ୟାଚାର କରି,

ସଞ୍ଚିଲେ କି ଲାଭ ଧନ ।

ସବଳକୁ ଡରି, ଘାଣ୍ଟି ଘୁଣ୍ଟି ହୋଇ,

ବଢେନା ନିଜ ସମ୍ମାନ ।।

ସବୁରି ହୃଦୟେ, ବିରାଜି ଅଛନ୍ତି,

ପରଂବ୍ରହ୍ମ ନାରାୟଣ ।

ହୃଦୟ ବେଦନା, ଯିଏ ବୁଝି ପାରେ,

ସିଏ ଅଟେ ଦେବ ଗଣ ।।

ଆହ୍ଲା ଯୀଶୁ ରାମ, ଏକ ହିଁ ଈଶ୍ୱର,

ନାମ ଅଟେ ଭିନ୍ନ ପରା ।

ଅଭିନୟ ଶେଷେ, ଧର୍ମ ପାପ ଦେଖି,

ଲଭେ ସ୍ୱର୍ଗ ନର୍କ ଦ୍ୱାରା ।।

ବାପା: ରଞ୍ଜନ ପାଢ଼ୀ
ସପ୍ତମ ଶ୍ରେଣୀ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଡର



ନୂତନ କୁମାର
ବେହେରା

ଡର ମଣିଷର ଏକ ସହଜାତ ପ୍ରବୃତ୍ତି
ଆସୁ ବା ନ ଆସୁ କିଛି ବିପତ୍ତି ,
ଢେଉ ଢେଉକା ପୋଖରୀ ପାଣି ପରି
ମନ ଦୋହଲୁଥାଏ
ନିଜକୁ ନିଜେ ଦେଇ ନାନା ବିବୃତ୍ତି
ନ ମାନି ବିବେକର ଦୃଢ ନିଷ୍ପତ୍ତି ।

ସବୁବେଳେ ଶଙ୍କା ସନ୍ଦେହ
ଘାରୁଥାଏ ମିଛ ମାୟା ସଂସାରର ମୋହ,
ଛାତିରେ ଭରି ଛାତିଏ କୋହ
ଟିକିଏ ବିଡମ୍ବନାରେ
ଆଖିରୁ ଝରାଏ ସେ ଲୁହ ।

ହରାଇ ନିଜର ଆତ୍ମବିଶ୍ୱାସ
ଭିତରେ ଭିତରେ ସଢୁଥାଏ ହୋଇ ନିରାଶ,
ସାନ୍ତ୍ୱନାର ଶାନ୍ତି ଖୋଜି ମାଟିରୁ ଆକାଶ
ଭୟରେ ଭୟରେ
ଭରସା ନ ପାଇ ହାରି ଦିଏ ସାହସ ।

ନୀତି ଭୁଲି ଅନୀତିରେ ଯେତେ ହୁଏ ସେ
ପତିତ ମନେ ସେତେ ଡର ପଶି
ଦେଉଥାଏ ତାକୁ ନୀରବ ଆଘାତ,
ଘୁଣଖିଆ କାଠ ପରି
ମାନସିତା ହୁଏ କ୍ଷତବିକ୍ଷତ
ଚେତନା ଏଡି ଜଡରେ ହୁଏ ଜଡିତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନକୁ ଆସେ ଯଦି କୁଚିନ୍ତାର ବିକାର

ବରଷା ଦିନର ଅନାବନା ଗୁଳ୍ମ ପରି

ସେ ଭାବନାର ଭୂଇଁକୁ କରେ ଅନ୍ଧାର,

ଜ୍ଞାନ ବୁଦ୍ଧି ସବୁ ଥାଇ ତାର

ଜୀବନଟା କରି ଉଠେ ହାହାକାର ।

ଶ୍ରମ ସାଧନାର ନ୍ୟାୟ୍ୟ ପଥେ

ଜାଗ୍ରତ ରହି ଚାଲୁଥିଲେ ଦୃଢତାର ସାଥେ,

ନିର୍ଭୟ ହୁଏ ସେ ବସି ଶରୀର ରଥେ

ଆସିଲେ ବାଧା ବନ୍ଧନ

ଜୟ କରିବାକୁ ସାହା ହୁଅନ୍ତି ଜଗନ୍ନାଥେ ।

କୋହି, ଗଡିଆ, ମୟୂରଭଞ୍ଜ ।

ଦୂରଭାଷ :- ୯୯୩୮୫୫୭୮୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଶୋକ ବନେ ଜାନକୀ



ରାମ ପ୍ରସାଦ ସିଂହ

ମନରେ ଭଜନ, ରାଜୀବ ଲୋଚନ
ଝୁରୁଛି ଜାନକୀ ମନ,
ଦେଖୁଛି ଅଶୋକ ବନ ନିଜ ଚିତ୍ତେ
ପ୍ରଭୁଙ୍କ ଲୀଳାର ଚିହ୍ନ ।।

ଅପେକ୍ଷା ପ୍ରଭୁଙ୍କ ଆଗମନ ଠାଣି
ଭାବି ଭାଗ୍ୟର ଲିଖନ,
ସାଜି ଏକା ଏଇ ବନ ପରିଧିରେ
ଗଡ଼ାଇ ଅଶ୍ରୁର ମାନ ।।

ମନରେ ଚିନ୍ତନ, ମନରେ ଦରଦ
କେମିତି ଥିବେ ମୋ ପ୍ରଭୁ,
ନ ଦେଖି ବା ପାରୁଛି ତାଙ୍କରି ରୂପ
କି ଦୋଷ ମୋ କପାଳକୁ ।।

ଆସିବେ ମୋ ପ୍ରାଣନାଥ ସତନିଶ୍ଚେ
ହୋଇବ ଧର୍ମର ଜୟ,
ହଜିବ ସଙ୍କଟ ଏଇ ଜୀବନରୁ
ଶତ ପାପୀଙ୍କ ବିଦାୟ ।।

ରାମ ପ୍ରସାଦ ସିଂହ
ସୁକରପଡ଼ା, କଟକ ।।

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ତୁମ ପାଇଁ



ଶିବାନନ୍ଦ ବନଛୋର

ତୁମ ପାଇଁ
ସ୍ୱପ୍ନ ବି କେବେ କେବେ ସତ ହୁଏ
ଜୀବନକୁ ଇନ୍ଦ୍ରଧନୁର ସପ୍ତରଙ୍ଗ ବୋଲି
ରଙ୍ଗମୟ କରି ଗଢି ତୋଳିବା ପାଇଁ ।।

କେବେ କେବେ ଶାନ୍ତ ସମୁଦ୍ର ବି
ଧାରଣ କରେ ଅଶାନ୍ତର ମୂର୍ତ୍ତି
ଆଉ ସୃଷ୍ଟିକରେ ସୁନାମୀର ଢେଉଁ
ସେମିତି କେବେ କେବେ ମୋ ହୃଦୟଟା ବି
ଆନ୍ଦୋଳିତ ହୋଇ ଅଶାନ୍ତ ହୋଇଉଠେ
ଆଉ ସେଥିରେ ଡୁବ୍ ଡୁବ୍ ହୋଇ
ଦୋଳି ଖେଳୁଥାନ୍ତି ପ୍ରେମ ତୂଳୀରେ ଆଙ୍କିଥିବା
ମୋ ଚିତ୍ରମାନେ
ଗୋଟେ କାଗଜର ଡଙ୍ଗା ପରି ।।

ନିସ୍ତବ୍ଧ ରାତ୍ରିରେ କେବେ କେବେ ସୃଷ୍ଟି ହୁଏ
ଧକ୍ ଧକ୍ କରୁଥିବା ଜୀବନ ଧ୍ୱନି
ମୋ ହୃଦୟର ପ୍ରଗାଢ ଗହ୍ୱର ତଳେ
ଜୀଇଁବାର ଲକ୍ଷ୍ୟ ନେଇ
ତୁମ ସ୍ମୃତିର ତାଳେ ତାଳେ ।।

ଭୂକମ୍ପର କମ୍ପନରେ କମ୍ପୁଥିବା
ଅସହାୟ ଭୂମି ପରି
କେବେ କେବେ ଥର୍ ଥର୍ କମ୍ପିଉଠେ
ମୋ ଛାତିତଳ
କାଳେ ତୁମକୁ ହରାଇବା ଭୟରେ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ କେବେ ପ୍ରେମରେ ପ୍ରେମରେ
ବୁଣିଦିଏ କବିତାର ଅନାବନା ଚାରା
ମୋ ହୃଦୟର ଅନୁର୍ବର ଜମିରେ
ସାହିତ୍ୟକୁ ଲଙ୍ଗଳ କରି
ମିଠା ପ୍ରେମ ଫଳ ଆଶାରେ
କେବଳ ତୁମ ପାଇଁ ।।

ଶିବାନନ୍ଦ ବନଛୋର
ଝାରବନ୍ଧ, ବରଗଡ଼
ମୋ : ୯୦୭୮୬୪୧୨୬୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆ'ରେ ଫଗୁଣ ଆ...



ରୋହିତ ସେଠୀ

ଆ..ରେ ଫଗୁଣ ଆ..ରେ ଫଗୁଣ
ତୋ ସାତ ରଙ୍ଗକୁ ନେଇ
ମୋ କଣ୍ଢେଇ ବସିଛି ଅଭିମାନ କରି
ଚାନ୍ଦ ମୁହଁକୁ ଫୁଲେଇ ।

ଚାନ୍ଦ ମୁହଁ ତା'ର ମଉଳି ଯାଇଛି
ଯେତେ ମନେଇଲେ ମୁହଁ ବୁଲଉଛି
ତୋ ସାତ ରଙ୍ଗକୁ ଏକାଠି କରି
ଚାଲି ଯାଆ ବୋଲି ଦେଇ ।

ତୁ ଯଦି ଆସିବୁ ବସନ୍ତ ଆସିବ
ବସନ୍ତ ଆସିଲେ ମଳୟ ବହିବ
ବସନ୍ତର ମୃଦୁ ମଳୟ ସମୀରେ
ମନ ତା'ର ନେବୁ ମୋହି ।

କୋଇଲି ଗାଇବ ତୋର ଆଗମନେ
କୁହୁକୁହୁ ଭରା ସୁମଧୁର ସ୍ୱନେ
ଦୂର ପାହାଡ଼ରୁ ଝରଣା ଆସିବ
କୁଳୁକୁଳୁ ନାଦେ ବହି ।

ତୁ ଯଦି ଆସିବୁ ଅବିରକୁ ଧରି
ତୋତେ ଦେଖି ତା'ର ମନ ଯିବ ପୁରି
ଅଭିମାନ ଯେତେ ମନୁ ଭୁଲିଯିବ
ତୋତେ ବି ଦେବ ରଙ୍ଗେଇ,

ମୋ କଣ୍ଢେଇ ବସିଛି ଅଭିମାନ କରି
ଚାନ୍ଦ ମୁହଁକୁ ଫୁଲେଇ ।

ଶିକ୍ଷକ, ଦୁତୀମେଣ୍ଡି(ମଲିକସାହି)
ଖଜୁରୀପଡା, କନ୍ଧମାଳ, ଦୂରଭାଷ-
୯୪୩୮୦୭୩୯୩୦

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଯେତେବେଳେ ଛୋଟ ହୋଇଥିଲି



ଭାରତୀ ସାହୁ

ଯେତେବେଳେ ଛୋଟ ହୋଇଥିଲି
ମାମୁଁ ଘର ବୁଲି ଯାଇଥିଲି
ଆକାଶର ଚାନ୍ଦ ଦିଅ ମୁଁ ଖେଳିବି ଜିଦ୍ କରି କେତେ କାନ୍ଦିଥିଲି ।
ପାଟୁଆ ପାଟିରେ ପାନ ଦଳା
ଖାଇ କହୁଥିଲା ଅଜା ବୁଢା
ଚାନ୍ଦ ନୁହେଁ ତୋତେ ବର ଆଣିଦେବି ହୋଇଥିବ ମୋ' ପରି ବୁଢା ।
ବଙ୍କୁଲି ବାଡିଟେ ଧରିଥିବ
ନଇଁ ନଇଁ କରି ଚାଲୁଥିବ
ଯେତେବେଳେ ତୁ ଅଝଟ କରିବୁ ବଙ୍କୁଲି ବାଡ଼ିରେ ପିଟି ଦେବ ।
କଥା ଶୁଣୁଥିଲେ ଆଈ ବସି
କହି ଦେଲେ ସିଏ ହସି ହସି
ନାତୁଣୀକୁ ମୋର ଦେଖିଦେଲେ ଥରେ ରାଜକୁମାର ବି ଯିବ ଫଶି ।
ନାତୁଣୀ ପରି ମୋ' କିଏ ହେବ
ନିଷ୍ଟେ ପାଠ ପଢ଼ି ବଡ଼ ହେବ
ପାଠ ପଢ଼ି ସିଏ ମଣିଷ ହୋଇଲେ ବର ଆପେ ଆସି ପହଞ୍ଚିବ ।
ପାଠ ପଢ଼ିଲି ମୁଁ ମନ ଦେଇ
ଏ ପୁରେ ଆଜି ମୋ' ଆଈ ନାହିଁ
ମୋ' ପାଇଁ ସିଏ ପ୍ରେରଣାର ଉତ୍ସ ତା' କଥା କେବେ ମୁଁ ଭୁଲି ନାହିଁ ।

ମାର୍ଫତ- ଦୀପ୍ତିକାନ୍ତ ସାହୁ, ଯୁନିଦା ପାଟଣା, ଦଶରଥପୁର, ଯାଜପୁର ।
ମୋ- ୮୮୯୫୯୪୬୩୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘୃଣା



ଅଲେଖ ମେହେର

ତୁମ ଘୃଣାର ତୃତୀୟ ନୟନରେ
ସ୍ୱପ୍ନସବୁ ଭସ୍ମୀଭୂତ ହୋଇ
ହୃଦୟର ବେଳାଭୂମୀରେ
ଆଶାର ଢେଉ ସବୁ ଭଟ୍ଟାରେ ଉଭାନ,
ଚିନ୍ତାର ଉତ୍ତୁଙ୍ଗ କ୍ଷୀତିଧର
ଗହନ ପାଦପରେ ହେଲା ପରିପୂର୍ଣ୍ଣ ।
ଏଇ ଗତ ଫଗୁଣର ସୁଲୁ ସୁଲୁ ବାଆ
ଆମ୍ର ବଉଳର ମାଦକତାରେ
ଦୁର୍ଭେଦ୍ୟ କାନନ ଲଙ୍ଘନ କରି
ନୀଡଟିଏ ରଚନା କରିଥିଲେ
ପ୍ରୀତିର ଛୁଆଁ ଦେଇ ।

ତୁମେ ଗଲାପରେ ମୋର ହିଆର
ତାଲ୍ ହ୍ରଦ ରୂପାନ୍ତରିତ ପାଶାଣ ଶିଳାରେ,
ଆକାଂକ୍ଷା ସବୁ ଧୂଆଁବାଣ,
ହେମନ୍ତ ସକାଳର କୁଜ୍ଝଟିରେ ବିଲୀନ ।
ଏତେ ହଟ କାହା ପାଇଁ ମୁଁ ଜାଣେନି
ଜ୍ଞାତରେ ଅଥବା ଅଜ୍ଞାତରେ
କୌଣସି ଅପରାଧ ମଧ୍ୟ କରିନାହିଁ ।
ଥରୁଟିଏ ଦେଖିଯାଅ
ସେଇ ପୁରୁଣା ଯାଗାରେ ସବୁକିଛି ଠିକଠାକ୍
କେବଳ ବ୍ୟତିକ୍ରମ ଆମେ ଦୁଇ ଜଣ ।

ଅଲେଖ ମେହେର୍
ସୋହେଲା ବରଗଡ଼
ମୋ- ୬୩୭୦୨୨୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାର ସେ ପ୍ରତିବିମ୍ବ



ପବିତ୍ର ଦାସ

ଆକାଶରେ ମେଘର ତାଣ୍ଡବ
ମାଟିରେ ପାଣି ସରସର
ତୁମ ବିନା କେଜାଣି କାହିଁକି
ଭିଜେ ନାହିଁ ମୋର ତନୁ ମନ ।।୧।।

ଛାତିରେ ଛାତିଏ କୋହ
ଭିତରେ ଭିତରେ ଅଜସ୍ର ସୁଅ
କେଜାଣି କାହିଁକି ଆଖିରୁ
ଝରେ ନାହିଁ ଟୋପେ ହେଲେ ଲୁହ ।।୨।।

ଦୁନିଆରେ ଶହ ଶହ ମଣିଷ
କିଏ ଜ୍ଞାତି ତ କିଏ କୁଟୁମ୍ବ
କିଏ ବନ୍ଧୁ କିଏ ପୁଣି ବାନ୍ଧବ
ତୁମ ବିନା କେହି ବି ଲାଗନ୍ତିନି ନିଜର
।।୩।।

ଆଖିରେ ଅରଣ୍ୟର ସବୁଜିମା
ମନରେ ବସନ୍ତର ଉନ୍ମାଦନା
ତଥାପି ଏ ପ୍ରାଣରେ ଛପିଥାଏ
ଆଉ କାହାର ଚିତ୍ରୋପମା ।।୪।।

ଦେହରେ ମଳୟର ଶିହରଣ
ଭାବନାରେ ବିଜୁଳିର ତରଙ୍ଗ
ତଥାପି ମୋ ମନ ତଳେ ଲୁଚିଯାଏ
କାହାର ସେ ଏକ ପ୍ରତିବିମ୍ବ !!୫।।

ପବିତ୍ର_ଦାସ ।
ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୀଳାଚଳ ନାଥ ହେ



ନୃସିଂହ ଚରଣ ମହାନ୍ତି

ନୀଳାଚଳ ନାଥ ହେ
ବସି କରୁଛ ଲୀଳା ନୀଳାଚଳରେ
ପତିତପାବନ ବାନା ଉଡାଉଛ
ପ୍ରଭୁ ହେ ତୁମ ନୀଳଚକ୍ରରେ
ନୀଳାଚଳ ନାଥ... ।
ସଙ୍ଗେ ଧରି ଭାଇ ଭଉଣୀ
ହେ ଶ୍ରୀକ୍ଷେତ୍ର ମଉଡମଣୀ
କରିଚ ବିଜୟ ଆହେ ଦୟାମୟ
ସେଇ ସେ ରତନ ବେଦୀର ପରେ
ନୀଳାଚଳ ନାଥ... ।

ଭଳିଭଳି କରୁଛ ଯାତ
ଆହେ ପ୍ରଭୁ ଜଗତ ନାଥ
ବୈଶାଖେ ଚନ୍ଦନ,ଜ୍ୟୈଷ୍ଠରେ ସ୍ନାହାନ
ଆଷାଢ଼ରେ ବିଜେ ନିଜେ ରଥରେ
ନୀଳାଚଳ ନାଥ... ।
ଏ ଦୀନ ଅନାଥ ଜନରେ
କର ପ୍ରଭୁ ସୁଦୟା ବାରେ
କରୁଛି ଏ ଦୀନ ନୃସିଂହ ଅଧମ
ଗୁହାରୀ ମୋ ଶୁଣ ହେଲେ ହେଁ ଥରେ
ନୀଳାଚଳ ନାଥ... ।

ନୃସିଂହ ଚରଣ ମହାନ୍ତି
ହରିହର ନଗର,ବ୍ୟାଙ୍କ କଲୋନୀ,ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିଶାପ



ଇତିଶ୍ରୀ ମହାରଣା

ପର୍ବତ ଶିଖରେ ପହଞ୍ଚିଛି ଆଜି
ଅପମାନର ଅଭିଶାପ ନେଇ
ଶବ୍ଦହୀନ ବାକ୍ୟ ବିଦ୍ରୁପ କରୁଛି
ଅସମର୍ଥତାର ରୂପ ଦେଇ ।
ସମାଜର ଶତ ଶତ ରୀତିନୀତି
ଦେଇଛି ମନକୁ ତାତି
ଅପେକ୍ଷାର ସେହି ଶେଷ ପ୍ରତିଶୃତି
ଭାଙ୍ଗିଛି ଶାନ୍ତିର ରାତି ।
ବିଶ୍ୱାସର ବେଶ ଲାଗେ ଆଜି ବିଷ
ସ୍ୱାର୍ଥପର ଯେ ଏ ଦୁନିଆ
ପ୍ରେମର ବଶରେ ଅନ୍ଧ ସବୁ ଆଜି
ପ୍ରେମପାଇଁ ଅଟେ ସବୁ ମୋହମାୟା ।

ଛାଇ ହୋଇ ସଦା ମନେ ରହୁଥାଏ
ପାଏନାହିଁ ସେ ଶୀତଳ ସ୍ପର୍ଶ
ଅନ୍ତରର ବହ୍ନି ଅଭିଶାପ ନେଇ
ଜଳି ସାଜିନିଏ ପାଉଁଶ ।
ଦେଖିବାକୁ ଆସି ଦେଖାଇ ଦିଅନ୍ତି
ପଚିଶି ପ୍ରକୃତି ଚେହେରା
ସ୍ୱାର୍ଥପରତାର ଉପହାର ଦେଇ
ଭାଙ୍ଗି ଦିଅନ୍ତି ମନ ଅସରା ।
ପାଷାଣୀ ଅହଲ୍ୟା ପଡ଼ିଥିଲା ପଥେ
ଅଭିଶାପର କର୍ମ ନେଇ
କେଉଁ ଅଭିଶାପ ଆଜି ମୁଁ ପାଇଛି
ପ୍ରଭୁ ! ମୋର ଦିଅମୋତେ ଟିକେ ଜଣାଇ ।
ତୁମ ଚରଣରେ ଅର୍ପଣ କରୁଛି
ନିଜକୁ ସାମାନ୍ୟ ଭାବି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶୀର୍ବାଦ ସଦା ରଖିଥାଅ ପ୍ରଭୁ

ଏତିକି ବିନତୀ ମୋର ହେ ଭାବଗ୍ରାହୀ ।

ଅଭିଶାପର ଏ ଦାରୁଣ ବ୍ୟଥାକୁ

କରୁଣାର ବର୍ଷା ଦିଅ

ସ୍ନେହ, ପ୍ରେମ, ଆଶା, ଭରସା ଚକ୍ଷୁରେ

ଏହି ଅଭିଶାପରୁ ମୁକ୍ତି ଦିଅ ।

ଏମ୍.ଏ. ଇଂରାଜୀ ସାହିତ୍ୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତିନି ପାଦର ଜୀବନ



ମନୋରଞ୍ଜନ
ବିଷୋୟୀ

ମୋ ଅତୀତ
ଭାରି ଭଲ ଥିଲା
ସରଳ ରେଖାରେ
ନିଶ୍ୱାସ ଯା'ଆସ
କରୁଥିଲା ।

ମୋ ବର୍ତ୍ତମାନ
ଭାରି ଭଲ ଅଛି
ସଫଳତାର ସିଡ଼ି
ଚଢ଼ିବା ବେଳକୁ
ସାପ ମୁହଁରେ ପଡ଼ି
ଦୀର୍ଘଶ୍ୱାସ ଛାଡୁଛି ।

ମୋ ଭବିଷ୍ୟତ
ଭାରି ଭଲ ହେବ
ହାରି ଯାଇଥିବା ବାଜି
ପୁଣିଥରେ ଜିତି
ବାଜିଗର ବୋଲାଇବା ବେଳକୁ
କିଏ ଜାଣେ
ନିଶ୍ୱାସ ଯା'ଆସ
କରୁଥିବ କି ନ ଥିବ ?

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୮୮୯୫୧୪୧୭୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିନେ ଦିନେ ସକାଳେ ମୋତେ ଶୋଷଲାଗେ



ଶିବଶଙ୍କର ସାହୁ

ଭାବେ, ବେଶ ହେଲା ।
ଏଥର ଆଉ ଶୁଣିବିନି କିଛି
ପଛକରି ଫେରିଯିବି, ତମର ପ୍ରାର୍ଥନା
ଫାଙ୍କି ଦେଇଯିବି ।

ଅଥଚ ସକାଳୁ ସକାଳୁ,
ଘୋଡ଼ଚଢ଼ା ଶାଣିତ ଆଦେଶ ତମର
ତାଜ ମାଂସର, ଚାବୁକ ପ୍ରହାର ।
କଅଁଳ ଛାତି କଣ ସବୁଠି ଥାଏ ପ୍ରିୟତମା ?
ଧରିବି ବୋଲି ଫାଶ ବାନ୍ଧିଲା ବେଳକୁ
ସରିଯାଇଥାଏ ସମୟ,
ଅସତର୍କ ହାତମୁଠାରୁ,
ହିସାବ କିତାବ ସବୁ ଲିଭା ସରିଥାଏ
ଖାତାରୁ ଆଉ କମ୍ପ୍ୟୁଟର ମେମୋରୀରୁ ।
ଅଳିଆଗଦାରେ ସଫା କପଡ଼ା ଘୋଡ଼ାଇ
ଫେରିଯାଏ ଆତତାୟୀ

ପଡ଼ିରହେ ତାଜାରକ୍ତ - ବଳୀ ପଶୁର
କିଏ ଜାଣେ କିଏ କାନ୍ଦେ
କିଏ ବାଣ୍ଟିନିଏ ଟୁକୁରା ଟୁକୁରା ମାଂସ
ଚିହ୍ନବର୍ଣ୍ଣ ରଖେ ନାହିଁ ଫେରନ୍ତା ସମୟ
ପବନରେ ଖାଲି ଯାହା
ଘୁରିବୁଲେ ଗନ୍ଧ - ଆଇଁଷିଣିଆ ରକ୍ତର !!
ମୋତେ ଭାରି ଶୋଷ ହୁଏ -
ତମ ପ୍ରାର୍ଥନାକୁ ପଛକରି ଫେରିଯିବାବେଳେ
ଭୀରୁମନରେ ପୁଣିଥରେ
ସ୍ୱୀକାରୋକ୍ତି - ଲେଖିଦେଇଯାଏ ।

ସହାୟକ ଯନ୍ତ୍ରୀ, (ରେଳପଥ)
ରେଳ ସଦନ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର - ୭୫୧୦୨୩
ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଫୁଲ



ସୁଦିପ୍ତା ବେହେରା

ଫୁଲଟିଏ କରିଦିଅ ପ୍ରଭୁ, ମୋ ଦେହର ବାସ୍ନା ବିତରିବି ସବୁ
ହସି ହସାଇବି ସାରା ଜଗତକୁ, ରଙ୍ଗବେରଙ୍ଗରେ ମୋହିବି ମନକୁ ।

ପ୍ରତି ପାହୁଡ଼ାରେ ସ୍ନେହଦିଅ ଭରି, ସଂଚରିଯିବି ମୁଁ ବନ-ଲତା-ଗିରି,
ବାଣ୍ଟିଦେବି ସ୍ନେହ, ଦୁଃଖ ଅପସରି, ଚାଲିବି ଆଗକୁ ଯିବିନାହିଁ ହାରି ।

ଦୟା-କ୍ଷମା-ପ୍ରେମ ବୀଜମନ୍ତ୍ର ବୁଣି, ଚାଲୁଥିବି ତବ ନାମ ଗୁଣୀ
ଜ୍ଞାନର ମହକେ କରିବି ମୁଁ ଜ୍ଞାନୀ, ରାଗ-ରୋଷ-ଈର୍ଷା କାହାର ନ ଶୁଣି ।

ଏତିକି ମିନତି ଟିକି ହୃଦୟରୁ, ଗ୍ରହଣ କର ମୋ ଦିବ୍ୟଧାରା ପ୍ରଭୁ
ଅଳିକ ଏ ମୋର ଜୀବନ ଧାରାକୁ, ତବ ଶ୍ରୀପୟରେ ସମର୍ପି ଦେବାକୁ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅନ୍ତରବା, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏବେ କିନ୍ତୁ ଭାବିବାର ବେଳ



ଅଭିମନ୍ୟୁ ବେହେରା

ଏବେ କିନ୍ତୁ ଭାବିବାର ବେଳ
ହେ ସ୍ରଷ୍ଟା ତୁମ ମଧୁମୟ ସୃଷ୍ଟିରେ
ତମ ଅମୃତମୟ ସୃଷ୍ଟିରେ
କାହିଁକି ଭରିଲ କରୋନାର ବିଷ
ଥଣ୍ଡା କାଶ ଛିଙ୍କ ଶ୍ୱାସ
ଗୋଟିଏ ଗୋଟିଏ ରୋଗ ରାକ୍ଷସ
ହେ ସ୍ରଷ୍ଟା ତୁମ ମଙ୍ଗଳମୟ ସୃଷ୍ଟିରେ
କାହିଁକି ଭରିଲ କରୋନାର ଅମଙ୍ଗଳ ବିଷ
ଶରୀର ଆକ୍ରାନ୍ତ ମନ ଭାରାକ୍ରାନ୍ତ
ହୋଲି ରଙ୍ଗ ଫିକା
ଏକାଠି ତ ମନା ଏଠି ସବୁ ଏକା ଏକା
ଏବେ କିନ୍ତୁ ଭାବିବାର ବେଳ
ହେ ସ୍ରଷ୍ଟା ତମ ଶୋଭାମୟ ସୃଷ୍ଟିରେ
ତମ ପ୍ରେମମୟ ସୃଷ୍ଟିରେ
କାହିଁକି ଭରିଲ ବିଷ
ସବୁଆଡ଼େ ପରୀକ୍ଷାନିରୀକ୍ଷା
ବିଶ୍ୱାସ ଅବିଶ୍ୱାସ ସନ୍ଦିଗ୍ଧ କରୋନା ଭାଇରସ
ଏବେ କିନ୍ତୁ ଭାବିବାର ବେଳ
ହେ ସ୍ରଷ୍ଟା ତମ ଅସମାପ୍ତ ସୃଷ୍ଟିରେ କାହିଁକି
ଭରିଲ କରୋନାର ବିଷ
ଦେବାଳୟ ଅବା ବିଦ୍ୟାଳୟ କଅଁଳ ଶିଶୁରେ
ନିରୀହ ଫୁଲକୁ ଜାଳିବ କି ନିଆଁର ଝୁଲରେ
କରୋନା କାଳର କବଳରେ କବଳିତ ପୃଥିବୀ
ଆତଙ୍କିତ ପୃଥିବୀ
ତମ ଅଦେଖା ହାତର ସ୍ପର୍ଶ
କରୋନାକୁ କରୁ ସମୂଳେ ନାଶ ।

ଅଧ୍ୟକ୍ଷ, ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ୍
ସ୍ୱାମପାଟଣା, କେନ୍ଦୁଝର, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୮୧୬୦୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଛିଟା



ସରୋଜ ସାହୁ

ଭିଜି ଯାଇଥିଲି ବରଷା ଛିଟାରେ
ତୁମକୁ ଦେଖିଲା ପରେ
ଶୀତଳ ସ୍ୱର୍ଶର ମଧୁ ଆଲିଙ୍ଗନେ
ଗୋରାଦେହ ତମ ଥରେ ।
ଶ୍ରାବଣ ଋତୁର ଚୋରା ପୀରତିରେ
ତମେ ହୋଇଥିଲ ଛନ୍ଦି
ଦୂରଦେଶେ ଥାଇ ଭ୍ରମ ସୃଷ୍ଟିକରେ
ନଜରରେ କଲି ବନ୍ଦୀ ।
ସଦ୍ୟ ବର୍ଷାଛିଟା ମୁଖମଣ୍ଡଳରେ
ସାଜୁଥିଲା ମୁକ୍ତାଧାରୀ
ସୌନ୍ଦର୍ଯ୍ୟରେ ସତେ ବିଭୋର ଧରଣୀ
ଭଙ୍ଗା ରଙ୍ଗତୂଳୀ ଧରି ।

ପୁଷ୍ପବର୍ଷାପରି ପତ୍ର ଝଡୁଥିଲା
ସମୟର ଅବିଳମ୍ବେ
ପ୍ରତିଟି ବିନ୍ଦୁରେ ତମେ ଶିହରିତ
ଭ୍ରମର ସାଜି ସେ ଚୁମ୍ବେ ।
ସ୍ମିତହାସ୍ୟ ଦେଇ ବିଜୁଳି ଚମକେ
ଛୁଇଁବାକୁ ପ୍ରତି ଅଙ୍ଗେ
ଉଷ୍ଣତାରେ ଭରା ଜ୍ୟୋତି ପ୍ରଜ୍ୱଳିତ
ନେଇ ଆସିଥିଲା ସଙ୍ଗେ ।
ପ୍ରେମିକପ୍ରବର ଦକ୍ଷିଣୀ ପବନ
ଛଦ୍ମବେଶୀ ରୂପ ନେଇ
ଧିରେ ଆଙ୍କିଦେଲା ନାଭିଦେଶେ ଯେବେ
ନିରବତା ଗଲା ଛୁଇଁ ।

ଆଠଗଡ଼, କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଶା



ପୁଷ୍ପାଞ୍ଜଳୀ ବୁଢ଼େକ

ଏ ସନ୍ଧ୍ୟାଟାରେ... ଏରୁଣ୍ଡି ଉପରେ ବସି

କାହା ବାଟ ଅନେଇଛୁ ?

ରାତି ପାହିଯିବ ଦିନ ସରିଯିବ

ଅନ୍ତ ହେବନି ତୋର ପ୍ରତୀକ୍ଷା...

ଲୁହ ଶୁଖିଯିବ ! ମଶା ଫୋଡ଼ି ଫୋଡ଼ି ଘାଇଲା କରିଦେବ

ଯିଏ ଗଲା ସେ ଆଉ ଫେରିବନି...

କୃଷ୍ଣ ଗଲେ ମଧୁପୁର, ଝୁରି ଝୁରି ଯଶୋଦା ମରିଗଲେ ସିନା

କାହ୍ନା ଆଉ ଫେରିଲେନି...

କହୁ କହୁ କହିଦେଲି ସିନା...

ଯା'ର ହଜିଛି ସିଏ ଜାଣେ, ହୃଦବୋଧର ଜ୍ୱାଳାରେ ଭଗ୍ନ ବିଶେଷତା

ଚତୁର୍ଦିଗ...

ଜୀବନ୍ତ କୋମା ପାଲଟି ଯାଇଥିବ ସିଏ...

ନକାରାତ୍ମକ ମନ୍ତବ୍ୟ ପାଇଁ... କ୍ଷମାପ୍ରାର୍ଥୀ

କାରଣ

ଆଶାରେ ହିଁ ଜୀବନ... ଆଶାରେ ହିଁ ଦୁନିଆ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁଅମାନେ...



କୈଳାଶ ସାହୁ

ଘର ବନେଇବା ପାଇଁ
ଘରଠୁ ଦୂରକୁ ଚାଲିଯାଆନ୍ତି
ନୂଆ ସହରରେ
କାହାର ଗୋଟେ ଛୋଟ କୋଠରୀକୁ
ନିଜର ପୃଥିବୀ ଭାବି ଚଳନ୍ତି ।
ଘରକୁ କୁଣିଆ ଆସିଲେ
ଯାହାକୁ ସବୁଠୁ
ଗେହ୍ଲା ପୁଅ ବୋଲି କହୁଥିଲେ ସମସ୍ତେ
ଆଜି ନିଜ ଘରକୁ ବି ସେମାନେ
କୁଣିଆଟେ ଭଳି ଆସନ୍ତି...

ପୁଅମାନେ ମଧ୍ୟ
ଘରଠୁ ଦୂରରେ ଘରକୁ ଝୁରି ଝୁରି ରହନ୍ତି...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମର୍ପଣ



ଜଗଜ୍ଜୀବନ ସେଠୀ

(ଆଷାଢ଼ ଶୁକ୍ଳ)

ଶ୍ରାବଣେ ଶ୍ରବଣ ଆହେ ନିର୍ଝର
ଶ୍ରବଣେ ପ୍ରସନ୍ନ ସୃଷ୍ଟି ନିର୍ଜର
ପ୍ରବୃତ୍ତି ଯେସନେ ପ୍ରାୟ ଭରଗ
ପ୍ରବୃତ୍ତି ଉତ୍ପନ୍ନ ପ୍ରାୟେ ମାତଙ୍ଗ
ଦେଖି ପକ୍ୱରମ୍ଭା
ଦେଖିବାକୁ ଆହା କି ମନଲୋଭା ।

ହଜିଗଲେ ନବ କାନ୍ତା କାନ୍ତାର
ବର୍ଣ୍ଣିକି ହୋଇବ ଦୁଃଖ କାନ୍ତର
ହେଉ କିମ୍ୱା ତୁହି ନିମଗ୍ନେ ଯୋଗ
ନିଦାଘେ ନ ଦେଖି ଦୁଃଖର ଯୋଗ
ହୋଇଲା ହୃଦୟ
ରୁକ୍ଷ ହେଲା ବକ୍ଷ ମରୁଭୂ ପ୍ରାୟେ ।

ଦ୍ୟୁମ୍ନ ଚମକେ ମୟୁଖେ ଦ୍ୟୁମଣି
ପ୍ରାବୃଟେ ରଚିଲେ ସ୍ୱୟଂ ବିନ୍ଧାଣୀ
ଝଲସୁ ତେସନେ ସୁବର୍ଣ୍ଣ ପ୍ରାୟେ
ସମର୍ପଣ ଯୋଗୁଁ ନରୁହେ କାୟେ
ପୟୋଦ ଅମୃତ
ପାରାବାର ହୁଅଇ ପ୍ରସାଧିତ ।

ଅମ୍ବୁଆବାଡ଼ି, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୮୯୮୪୦୪୯୫୨୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଅଧ୍ୟାପକ



ଓମ୍ ପ୍ରସାଦ ପ୍ରଧାନ

ଅଧ୍ୟୟନ କରିଥିଲି ଅଧ୍ୟାପକ ପାଇଁ କି
ନିଯୁକ୍ତି ଅଭାବେ ଶୁଣେ, ଅଧ୍ୟାପକ କାହିଁକି ?
ମିଳିଲାନି ସରକାରୀ ନିଯୁକ୍ତି ଖବର
ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ହିଁ ସାର
ନିଇତି କଲେଜରେ କ୍ଲାସ୍
ଆଉ ଯାବତୀୟ ଭାର
ଯେବେ ବେତନ ପାଇଁ କି ହୁଏ ଅଗ୍ରସର
ଅଧ୍ୟକ୍ଷ କୁହନ୍ତି ଟିକିଏ ଥୟ ଧର
ଯୋଜନା ଆସିଲାଣି ଶୀଘ୍ର ହେବ ରେଗୁଲାର
ଯଦି ପାର ଟିକେ ଏକ୍ସଟ୍ରା କ୍ଲାସ୍ କର
ଛାତ୍ରମାନେ ଆମ ଅତି ଦୁର୍ବଳ
ଯେମିତି ଉତ୍ତୀର୍ଣ୍ଣ ହୁଅନ୍ତି ଏକବାର
ଶୁଣିକି ହସେ ମୁଁ ବହୁବାର
କହିବାଟା ଯେତେ ସହଜ ଲାଗଇ
କରିବାଟା ନୁହେଁ ମଜାଦାର
ତଥାପି ଚାକିରୀ କରିଛି ଅଧ୍ୟାପକର
ଇଚ୍ଛା ଥାଉ କି ନଥାଉ ନୁହେଁ କେହି ଶୁଣିବାର
ସ୍ୱଳ୍ପ ବେତନରେ କି ଚଳେ ମୋ ସଂସାର
ସେଥିପାଇଁ ଯାଏ କୋଚିଂ ସେଣ୍ଟର୍
କଲେଜରେ ଏକ୍ସଟ୍ରା କ୍ଲାସ୍ ଆଉ
ଆଉ ଏ କୋଚିଂ ସେଣ୍ଟର୍
ପରିଶ୍ରମ କରି ଦେହ ହୁଏ ମୋ ବେମାର
ତଥାପି ମିଳେନି ଛୁଟି ମିଳେ ଖାଲି ଖବର
କୋଉଠି ଅଛନ୍ତି ସାର୍ ଶୀଘ୍ର କୋର୍ସ ସାର
ପାଖେଇଲାଣି ପରୀକ୍ଷା
ଛାତ୍ରଛାତ୍ରୀଙ୍କୁ ମାଡ଼ିଲାଣି ଡର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେମିତି ସେମାନେ ହେବେ ଉତ୍ତୀର୍ଣ୍ଣ
ସେ ବିଷୟ ଚିନ୍ତାକର
ନ ହେଲେ ସେମାନେ କରିବେ ଷ୍ଟ୍ରାଇକ୍
କ୍ଲାସ୍ ହେଉନାହିଁ ବୋଲି ଲଗେଇ ମାଇକ୍
ଏସବୁ ଶୁଣି ବି କେବେ ହୁଏନି ବିରକ୍ତ
କେବେ ବି ଚଢ଼େନି ମୁଣ୍ଡକୁ ମୋ ରକ୍ତ
ହସି ଏଡ଼େଇ ଦିଏ ସବୁଦିନ ପରି
ଏଇ ବୋଧେ ଜୀବନ ଆମରି
ସମାଜକୁ ଆଲୋକ ବାଣ୍ଟି
ନିଜଘରେ ଅନ୍ଧକାରକୁ ସାଉଁଟି
ବଞ୍ଚିଛି ବଞ୍ଚିବାକୁ ପଡ଼ିବ
ଆଉ କେତୋଟି ଦିନ
ନିଜ ଭିତରେ ସୁଖକୁ ସାଉଁଟି

ସୁଜଳ ସାର୍ କହିଲେଣି ବହୁବାର
ଧୈର୍ଯ୍ୟଧର ସୁଧାଂଶୁ ହେବ ଜଲ୍‌ଦି ରେଗୁଲାର୍
ଅପେକ୍ଷା କରିବାପାଇଁ ଅର୍ଥ ବି ଦରକାର
ସାହା ଭରସା ଯାହା ଏଇ କୋଚିଂ ସେଣ୍ଟର
ଏତିକି ଦୁଃଖ ଆମର
ମିଳୁନାହିଁ ପ୍ରାପ୍ୟ ଆମର
ଦେଖାଯାଉ କେତେବେଳେ ହେବ
ଏ ଅପେକ୍ଷାର ଅନ୍ତର ଆବିଷ୍କାର
କେବେ ମିଳିବ ଆଦର୍ଶ ଅଧ୍ୟାପକର
ପୁରସ୍କାର...

ଉଦ୍ଭିଦ ବିଜ୍ଞାନ ସମ୍ମାନ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ
ଭ୍ରାମ୍ୟଭାଷ : ୯୩୪୮୮୦୩୮୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଲେଖା କବିତା



ନିରଞ୍ଜନ ସାହୁ

ଅନେକ କବିତା ଲେଖି ସାରିଲିଣି
ଲେଖିନାହିଁ ଗୋଟେ ତୁମପାଇଁ
ଯେବେ ଲେଖିବାକୁ ଇଚ୍ଛା କରିଅଛି
ସେ ଲେଖାରେ ମନ ମାନେନାହିଁ ।

କାଗଜ କଲମ ହାତରେ ଧରିଲେ
କବିତା ସିନା ମୁଁ ଯାଏ ଲେଖି
ହେଲେ କ'ଣ ହେବ ସେ ସବୁ କବିତା
ଲେଖାଯାଏ ଦୁନିଆକୁ ଦେଖି
ତୁମ ମନଲାଖି କବିତାଟିଏ ମୁଁ
ଲେଖି ତ ପାରିଲି କେବେ କାହିଁ ? ? ?

ତୁମକୁ ନେଇ ମୁଁ କବିତାଟେ କେବେ
ଲେଖିବାକୁ ହେଲେ ଆଗଭର
ତୁମେ ଲାଗ ମୋତେ କବିତାମୟୀ ଗୋ
କଲମ ହୁଏ ମୋ ହରବର
କେମିତି ହେବ ମୋ କବିତା ନାୟିକା
ମୁଣ୍ଡ ହୁଏ ମୋର ଘାଇଁ ଘାଇଁ ।


ନିହଲ ପ୍ରସାର, ଗନ୍ଦିଆ, ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୯୩୮୨୪୧୫୮୩


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଗଜ ଫୁଲ



ସତ୍ୟବ୍ରତ ସାହୁ

କେହିଜଣେ ମୋତେ ମାଗିନି
ଏଯାଏଁ ମୋ ନିଜର ପରିଚୟ
ତମେ ଯେବେ ମୋତେ ପଚାରିଲ ଆଜି
ମନରେ ଜାଗୁଛି ଭୟ ।

ମୁଁ ଯେ ବସନ୍ତର ପହିଲି ଛୁଆଁରେ
ଗୋଲାପୀ କାଗଜଫୁଲ
ବାସ ନାହିଁ ବୋଲି ଭଅଁର ଆସେନା
ମଧୁପ କରେନା ଗେଲ
କିଏ ତମେ ପ୍ରିୟ          ଦେଲ ଟିକେ ସ୍ନେହ
ଦିଅ ତମ ପରିଚୟ ।

ଋତୁ ରାଇଜର ଯୁବରାଜ ତମେ
ଚିହ୍ନିଗଲି ଚିହ୍ନିଗଲି
ତମ ପରଶରେ ତମପାଇଁ ଖାଲି
ଏତେ ସଜ ହୋଇଥିଲି
ତମରି ସାଥିରେ          ଆସିଛି ମୁଁ ପ୍ରିୟ
ତମେ ସାଥେ ନେଇ ଯାଅ ।
କେହିଜଣେ ମୋତେ ମାଗିନି
ଏଯାଏଁ ମୋ ନିଜର ପରିଚୟ
ତମେ ଯେବେ ମୋତେ ପଚାରିଲ ଆଜି
ମନରେ ଜାଗୁଛି ଭୟ ।

ପଲ୍ଲୀସାହି, କମାଳପୁର, ଅହିୟାସ
ଯାଜପୁର, ୭୫୫୦୩୬
ଭ୍ରାମ୍ୟଭାଷ : ୯୩୩୮୧୭୫୬୧୯





Magazine Downloaded from www.aahwaan.com

# ଧନ୍ୟ ସେ ପୁତ୍ର



ପ୍ରକାଶ ଚନ୍ଦ୍ର ପଣ୍ଡା

ବିଷାଦର ଛାୟା ଖେଳି ଯାଇଥିଲା
ନିରୁପାୟ ହୋଇ ବସି
ଭାଳନ୍ତି ସକାଳେ ଶିରଛେଦ ହେବ
ପାରିବେନି କେହି ଖସି
ସଭିଙ୍କ ଆଖିରେ ଲୋତକର ଧାରା
ହୃଦୟରେ ଭରା କୋହ
ମନେ ପଡ଼େ ଜ୍ଞାନ୍ତି କୁଟୁମ୍ବଙ୍କ କଥା
ଦିଶିଯାଏ ତାଙ୍କ ମୁହଁ ।
ବୁଡ଼ିଗଲେ ରବି ପଶ୍ଚିମ ଆକାଶେ
ସଞ୍ଜ ଆସିଗଲା ନଇଁ
ବୁଡ଼ିଲା ବିଶ୍ୱାସ କାଲି ହେବ ଶେଷ
କହିଛି ମନ୍ତ୍ରୀ ଶିବେଇ ।
ବାର ବରଷର ବାଳୁତ କିଏ ସେ
ଧରି ବାଡ଼ି ବରକୋଳି
ବୁଝୁ ବୁଝୁ ସିଏ ବିଶୁ ମହାରଣା
ଏକୋଇର ବଳା ପୁଣି ।

ପଚାରିଲେ ପୁତ୍ର ବିଷାଦ କାରଣ
କହିଲେ ବିଶୁ ବୁଝାଇ
ହସିଦେଇ ପୁତ୍ର କହିଲେ ଆବେଗେ
ପିତାଙ୍କୁ ଦ୍ୱାହୀ ଦେଇ ।
ରାତାରାତି ଚୁଳ ମାରିଲା ଧରମା
ବାର ବର୍ଷର ବାଳକ
ଝାସିଦେଲା ପ୍ରାଣ ସମୁଦ୍ର ଜଳରେ
କାଳ କାଳ ରଖି ଯଶ ।
ବାରଶ ବଢ଼େଇ ପ୍ରାଣ କଲ ରକ୍ଷା
ଫୁଟାଇଲ ଓଠେ ହସ
ଧନ୍ୟ ତୁମେ ବୀର ଧନ୍ୟ ମାତାପିତା
ଅଦମ୍ୟ ତୁମ ସାହାସ
ଅଦମ୍ୟ ତୁମ ସାହାସ....

ବିଜ୍ଞାନ ଶିକ୍ଷକ, କଲ୍ୟାଣପୁର, ଭୂଇଁପୁର, ଯାଜପୁର
ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏବେ ଏବେର ବସନ୍ତ



ଦଣ୍ଡାସି ପ୍ରଧାନ

ଏଠି ଆଜି ଆଉ ବହୁନାହିଁ ଥିର ସମୀର ।

ଶାନ୍ତଶୀଳତାର ମୃଦୁ ମଳୟ ଫିଙ୍ଗୁଛି , ଭିନ୍ନ ବାସ୍ନାର ବାରୁଦ ବତାସ ।

କୁହୁଡି ଧୂଳି ଧୂଆଁ ଧର୍ଷଣରେ, ଉଜୁଡି ଯାଉଛି ଶୋଭ୍ୟ ବନ-ଉପବନ ।

କାକର  କଷରେ ଯୁଇ, ଜାଇ, ହେନା ସବୁ କାନ୍ତି ହରାଇଛନ୍ତି, ବର୍ଣ୍ଣ ଆଉ ବିଭାର ।

ଗଙ୍ଗଶିଉଳିର ହୃଦୟ ଫଟା ଦୁଃଖରେ ଉଭେଇ ଯାଉଛି, ସୁସ୍ଥ ସାମାଜିକତା ।

ମିଳେନାହିଁ ସୁପର୍ଣ୍ଣାମାନଙ୍କୁ ସହଭାଗିତାର କାରୁଣ୍ୟ ଅନୁକମ୍ପା ।

ବିଶ୍ୱାସର ବସନ୍ତ ଶୁଣାଏ, ଖାଲି ପ୍ରତାରଣାର ପ୍ରତିଶ୍ରୁତି ।

ଭିନ୍ନ ଏକ ଗନ୍ଧେ ବାଟ ହୁଡିଛି,  ଅଳି ଓ ପ୍ରଣୟୀ ପ୍ରଜାପତି ।

ବୁଲା କୁକୁରଙ୍କ ଭିଡ଼ରେ ହଜିଯାଇଛି, ସଭ୍ୟତାର ଶିଷ୍ଟାଚାର/କ୍ଳାନ୍ତହରା ପରିବେଶ ।

ସାହସଭରା ଯୁବସୁଲଭ  ଶୌର୍ଯ୍ୟ, ଆଧୁନିକତାର ନାରା ନେଇ ଅଳ୍ପାୟୁଷ ।

ମଧୁର ସିଦ୍ଧ କୋଇଲିର କଣ୍ଠସ୍ୱର ଶୁଣାଏ ନାହିଁ, ସାନ୍ତ୍ୱନାଶୀଳତାର କୁହୁ ତାନ ।

ରଙ୍ଗହରା ଉଦାସୀନ ଧୂସର କୃଷ୍ଣଚୂଡ଼ା ସବୁ, କେବଳ ନିରବରେ ଦେଖୁଥାନ୍ତି--

ବଦଳି ଯାଉଥିବା ସମୟର ସିଦ୍ଧାନ୍ତକୁ/ ମୃତ୍ୟୁକୁ ଅପେକ୍ଷା ରଖିଥିବା ଅଥର୍ବ ଉଦ୍ୟାନକୁ--

ପତଳା ରକ୍ତ ସୁଅର ଖର ନିଶ୍ୱାସରେ, ଖସିଯାଉଥିବା ପାଦ ତଳର ମାଟିକୁ;

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲକୁ ଭଲପାଉଥିବା ମାଟିର ମଣିଷ ମାନଙ୍କୁ ।

ତଥାପି, ଏଠି ନୀତି ଓ ନୈତିକତାର ସଞ୍ଜିବନୀ ମନ୍ତ୍ର ସଞ୍ଚରଣ କରିବାକୁ ହୁଏ;

ହୃଦୟ ଓ ଆତ୍ମାରେ ସତ୍ୟର ସନ୍ଧାନ ନିମିତ୍ତ । ଋତୁଚକ୍ରରେ, ରାତ୍ରିର ଆୟୁଷ କେତେ ?

କାଳର ଅନ୍ଧାର ବି ଅପେକ୍ଷା ରଖେ ନାହିଁକି, ପ୍ରତ୍ୟୁଷର ଶିଶିରସ୍ନାତ ଉଦିତ ସକାଳକୁ ??

ସୃଷ୍ଟିର ଆଦି ଶବ୍ଦରେ ଝଙ୍କୃତ ନାଦ ଭିତରେ ବ୍ରହ୍ମର ଠାବ କରିବାକୁ ।

ଶ୍ରୀଯୁକ୍ତ ଦଣ୍ଡାସି ପ୍ରଧାନ,

ଉତ୍କଳ ସାହିତ୍ୟ ସେବା ସଂସଦ,

ପାତ୍ରପୁର, ଗଞ୍ଜାମ

ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

ଆହ୍ୱାନ ଇ-ପତ୍ରିକା




Magazine Downloaded from www.aahwaan.com

# ପ୍ରାତଃ ଭ୍ରମଣ



ବିଭୁତି ଭୂଷଣ ରଥ

ସକାଳୁ ସକାଳୁ ଉଠି
ବାହାରି ପଡ ଚାଲିବାକୁ
ବିନା ବାହାନାରେ
ଜୋତା ନାହିଁ ଛତା ନାହିଁ
ନ କହି ।

ବାହାରେ କେତେ ଲୋକ
କେତେ ବିବିଧ ଲୁଗାପଟା
ଗୋଟିଏ ଉଦ୍ଦେଶ୍ୟ
ଆରାମରେ ପଦବ୍ରଜ ।

ଭେଳିକି ଭେଳି ଜୋତା
ଚପଲ ସ୍ୟାଣ୍ଡଲ୍
ଡାକ୍ତରୀ ବା ଏମିତି
ପାଦ ପାଇଁ ନିହାତି ।

ଧିରେ ଚାଲ ଅବା ଜଲଦୀ
ଚାଲ କିନ୍ତୁ ଆଗେଇ
ଉପକାର ମିଳେ ବୋଲି
ନିଶ୍ଚିତ ଭାବରେ ମନେଇ ।

ନିର୍ଦ୍ଦିଷ୍ଟ ଦୂରତା ଅବା ସମୟ
ପ୍ରତିଦିନ ଚାଲିଥିଲେ
ହୋଇଯାଏ ଅଭ୍ୟାସ
ରହିହୁଏନା ନ ଯାଇ ଗୋଟିଏ ବି ଦିବସ ।

ରକ୍ତଚାପ ଓ ମଧୁମେହ ନିବାରଣ
ଏହା ଏକ ଭଲ ଉପାୟ
ନିୟମିତ ଚାଲୁଥିଲେ
ଉପକାରୀ ଅବଶ୍ୟ ।

ବରମୁଣ୍ଡା, ଭୁବନେଶ୍ୱର
bibhutirath2010@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଘରୁଆ ବୈଷ୍ଣବ



ମନୁ ଭାଇ

ନିତି ଯିଏ ଲେଖନ୍ତି ମନର କଥା
ତାଙ୍କୁ ମିଳଇ ଶ୍ରୀ ଗଣେଶଙ୍କ କୃପା

ଶ୍ରମ -ଭୋଜନ-ବିଶ୍ରାମ ଠିକ ଯାହାର
ତାଙ୍କ ବସା ଘର ଜାଣ ବୈକୁଣ୍ଠ ପୁର

ଘର ବାରି ହିସାବ ଠିକ ଯାହାର
ସେ ବିରଳ କୁଡ଼ିଆ ସୁଦାମ ଘର

ସୁ ସମ୍ପର୍କ କଳା ଯିଏ ଜାଣନ୍ତି
କୋଠ ଭୋଗ ସିଏ ଖାଇ ପାରନ୍ତି

ସତ କହିବ ଯଦି ମୂର୍ଖ ଅନ୍ଧ ପାଶ
ତେବେ ହୋଇବ ବଂଶ ନାଶ

ଯାହାକୁ ଯାହା ଭଲ ଲାଗୁଛି
ସେ କର୍ମ ସେ ଲୁଚି ଛପି କରୁଛି

କଳା କର୍ମ ଫଳ ଜାଣ କର୍ତ୍ତାର
କାଳିବାସୀ ସବୁ ଜାଣି ଅସୁର

ଚିହ୍ନା ପରିଚିତ ଦିଅନ୍ତି ଦୁଃଖ
ବୁଝିବା ଲୋକ ମାୟାରୁ ମୁକ୍ତ

ସତ କହିବ ଯଦି ସଇତାନଙ୍କୁ
ସଇତାନ ମାରିବେ ନାକ ଦଣ୍ଡାକୁ

ଯିଏ ବୁଝନ୍ତି ଓଡ଼ିଆ ଭାଗବତ
ବୋକା ଅନ୍ଧ ରୋଗରୁ ହୁଏ ମୁକ୍ତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଳକେ ମୋର ବୋଲକର
ନିଜ ସୁରକ୍ଷା ନିଜେ କର

ପେଟ ସଫା ପାଇଁ ବରାଦଅବଢ଼ା
ମନ ସଫା ପାଇଁ ନିତିଲେଖା ପଢ଼ା

ଗଛ ଗାଈ ଯେଉଁଠି ନାହିଁ
କଂସ ଶାସନ ସେଠି ଚାଲଇ

ଯଶୋଦା ମା'ର ଆଦର ଯେଉଁଠି ନାହିଁ
ସେଠାରେ ରୋଗ ଅପରାଧ ବଢ଼ଇ

ମା ଭଉଣୀ ଶିଶୁ ଯେଉଁଠି ଖଟନ୍ତି
ସେ ମୁଲକକୁ ଲକ୍ଷ୍ମୀଛାଡି ଯାଆନ୍ତି

ହରିହର ଚଳଣିଙ୍କୁ ଯିଏ ହେୟ ମଣନ୍ତି
୧୦୮ ଦୁଃଖ ଶୋକ ଭୋଗି ଥାଆନ୍ତି

ଘରୁଆ ବୈଷ୍ଣବ ଯେ ହୁଅନ୍ତି
ଦୁଃଖ ଶୋକରୁ ମୁକ୍ତି ପାଆନ୍ତି

ନିତି ଲେଖା ପଢା ଯିଏ କରନ୍ତି
ହରିହର କୃପା ସିଏ ଭୋଗନ୍ତି

ହିସାବେ ସାହାସେ କରିଲେ ଘର
ଘର ହୋଇଯାଏ ବୈକୁଣ୍ଠ ପୁର

ବହି ଖାତା କଲମ ପ୍ରେମ
ଜୀବନ ଜୀବିକା ହୁଅଇ ଧନ୍ୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି ଗୋବର ପାଣି ମରମ
ବୁଝିଲେ ଆରମ୍ଭ ହୁଏ ଧରମ

ନିଜ ଧରମ ଯିଏ ବୁଝନ୍ତି
ନଥାଏ ତାଙ୍କର କିଛି ବିରକ୍ତି

କଥା ବୀର ଜାଣ କାମକୁ ଚୋର
ବେଶଧାରୀ ବନ୍ଧୁଙ୍କୁ ଚିହ୍ନ ସଅଳ

କଳିଯୁଗେ ବେଶଧାରୀ ମାଳମାଳ
ବେଶଧାରୀଙ୍କୁ ଚିହ୍ନିଲେ ତୁଟେ ଗୋଳମାଳ

ଯିଏ ଯାହା କୁହନ୍ତି - ସେ ତାହା ନୁହଁନ୍ତି
କାମ ଓ ଭୋଜନରୁ ସତ୍ୟ ଜାଣନ୍ତୁ

ଅସୁର ଭୋଜନ ଯିଏ କରନ୍ତି
ଖାତା କଲମ ଦେଖିଲେ ସେ ଡରନ୍ତି

ଅସୁର ଗାଁ ରେ ନଥାଏ ପୋଥି
ନରକ ଦଣ୍ଡ ଭୋଗ କରନ୍ତି

ଘରୁଆ ବୈଷ୍ଣବ ହୁଅ ନ କରି ହେଳା
ହେଳା କଲେ ବୁଡ଼ିବ କୁଟୁମ୍ବ ଭେଳା

ମୋବାଇଲ୍ : ୯୮୬୧୦୪୫୦୫୦
ଇମେଲ୍ : happylifemanubhai@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିସ୍ଥାପିତ



ଅଶ୍ୱିନୀ କୁମାର

ଆଜି ପୂର୍ବ ଆକାଶରେ
ଶୁଭେ ମେଘର ମହ୍ଲାର,
ଝିପିଝିପି ବର୍ଷା ସହ
ବୋହିଯାଏ ମୌସୁମୀ ପବନ ।
ମନେପଡେ ବିଗତ ଅତୀତ
ଯେବେ ଆସୁଥିଲା
ଅକ୍ଷୟ୍ ତୃତୀୟା ।
ଧରତୀ ମାତାକୁ ସୁମରି
ଆରମ୍ଭ କରୁଥିଲି ମୁଠିଛୁଆଁ ।।
ହେଲେ ଆଜି ସେ ସବୁ
ମୋ ପାଇଁ ସାତ ସପନ ।
ଆଜି ବର୍ଷାକୁ ସ୍ୱାଗତ କରେ
ମୋ ହୃଦୟର କ୍ରନ୍ଦନ ।।

ତୁମ ପାଇଁ ଆଜି
ମୁ ସର୍ବହରା ।
ଫେରେଇ ପାରିବ କି
ମୋ ଦୋରସା ଜମି
ମୋ ସୁନାର ଧାନ କ୍ଷେତ ।
ଲୁଟି ନେଇ ମୋ ସର୍ବସ୍ୱ
ବିକାଶ ନାଆରେ ମତେ
କଲ ବିସ୍ଥାପିତ ।।

ଦିନେ ଶସ୍ୟ ଶ୍ୟାମଳାରେ
ପରିପୂର୍ଣ ଥିଲା ମୋ ଉଙ୍ଗର ,
କୁଳୁକୁଳୁ ନାଦରେ
ବୋହିଯାଉଥିଲା
ମୋପାହାଡ଼ିଝରଣା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମ କୁଦୃଷ୍ଟି ପଡିଲା

ମୋ ଚିର ସବୁଜିମାରେ,

ଅସହ୍ୟ ହେଲା

ତୁମ ବର୍ବରତା ।।

ସବୁ ଖିନଭିନ କରିଦେଲା

ତୁମ ଶିଳ୍ପାୟନ

ଲିଭେଇ ଦେଲା ମୋ

ଅସ୍ମିତା ।।

ତୁମ ବିକାଶର ବେଦୀରେ

ବଳି ପଡିଲା

ଆମ ଜୀବନ ଜୀବିକା ।

ଫେରେଇ ପାରିବ କି

ମୋ ଝରନ୍‌ଡଙ୍ଗର

ଚାହାର ମହୁଲ କୁରେ ପତର,

ଫେରେଇ ପାରିବ କି

ହରିଡା ଅଁଳା ବନୌଷଧି ଲଘୁଜାତ ।।

ଲୁଟି ନେଇ ମୋ ସର୍ବସ୍ୱ

ବିକାଶ ନାଆରେ ମତେ

କଲ ବିସ୍ଥାପିତ ।।

ତୁମେ କି ବୁଝିବ

ଜଳ ଜଙ୍ଗଲ ଜମିର ମହତ୍ତ୍ୱ,

ତୁମପାଇଁ ଏ ସବୁ ତ ଶାଗମାଛ ଭଳି

ତୁମ ପାଇଁ ଆଜି ବିଦୀର୍ଣ୍ଣ ବସୁଧା ।

ହେଲେ ଆମ ପାଇଁ

ଏ ମାଟି ଆମ ଅନ୍ନଦାତା ଈଶ୍ୱର,

ମାଟି ଆମରି ମାଆ ।।

ଏ ଝରନ୍‌ପାଣି

ଆମ ଜୀବନ

ଏ ପାହାଡ଼ ଆମ

ବଞ୍ଚିବାର ରାହା ।

ତୁମ କାରଖାନା ଚିମିନିର ଧୂଆଁ

ଆଜି ରୁନ୍ଧିଦିଏ ଛାତିକୁ ।

ଫେରେଇ ପାରିବକି

ମୋ କୁଦୋ ଗୁରଞ୍ଜି ମାଣ୍ଡିଆ,

ଫେରେଇ ପାରିବ କି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ବିରି କୂଳଥ ତିଲ ଝିପା ,

ଦରକାର ନାହିଁ ମତେ ତୁମ

ହାଇବ୍ରିଡ୍ ଧାନର ଭାତ ।

ଲୁଟି ନେଇ ମୋ ସର୍ବସ୍ୱ

ବିକାଶ ନାଆରେ ମତେ କଲ

ବିସ୍ଥାପିତ ।।

ସହକାରୀ ଶିକ୍ଷକ, ଝରିଗାଁ, ନବରଙ୍ଗପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜ୍ୟୋସ୍ନା



ବିଭୁତି ରଞ୍ଜନ
ପାଣିଗ୍ରାହୀ

ନିରୋଳା ରାତି
କୁହୁଡି ଭରା ପାହାନ୍ତି
ସନ୍ଧ୍ୟା ବେଳର ପ୍ରୀତି
ଶେଷ ଦେଖି ହୁଅନ୍ତି

ଫୁଲର ବାସ୍ନା
ପୁନେଇଁ ରାତିର ଜ୍ୟୋସ୍ନା
ମଧୁର ନଳିନୀ ର ତୃଷ୍ଣା
ଶେଷ ଦେଖି ତୁମକୁ ହୁଅନ୍ତି

କାଳ ମେଘି ବର୍ଷା
ପର୍ବତ ସବୁଜିମାରେ ହରର୍ଷା
ଫୁଲ ଗୋଲାପ ର ଇର୍ଷା
ବୋଧେ ଦେଖି ତୁମକୁ ହୁଅନ୍ତି

ମୃଦୁ ମଳୟ
ସନ୍ଧ୍ୟା ଗୋ-ଧୂଳିମୟ
ସଜ୍ଜିତ ବସନ୍ତେ ପ୍ରଣୟ
ଦେଖି ତୁମକୁ ହୁଅନ୍ତି

ଜୀବନର ଶେଷ ଆଶ
ଅନ୍ତର ଅନ୍ତିମ ନିଶ୍ୱାସ
ଜଡ ଶରୀରର ନାଶ
ଦେଖି ତୁମକୁ ହୁଅନ୍ତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିରୀହା ସୁସ୍ମିତା



ସାବିତ୍ରୀ ସ୍ୱାଇଁ

ନବମ ଶ୍ରେଣୀର ଝିଅଟିଏ ସେହି,
ଯଉବନ ଦେହେ ସ୍ପର୍ଶ କରିନାହିଁ ।
କୁନ୍ଦୁଲି ଗାଁ ନାମଟି ତାର,
ବାପା ମାଆ ଙ୍କର ଅଟେ ଆଦର ।
ଦିନେ ସାଙ୍ଗସାଥି ମେଳେ ବାହାରିଲା,
ଫେରୁଫେରୁ ରାତି ଅନ୍ଧାର ହେଲା ।
ଅନ୍ଧାର ରାତି ସାଜିଲା ବଇରୀ,
ଖାକିୱାଲା ଦଳେ କଲେ ଶିକାରୀ ।
ରାକ୍ଷସ ମାନେ ତାକୁକଲେ ବଳାତ୍କାର,
ଶୁଣିଲେ ନାହିଁ କେହି ତାର ଚିତ୍କାର ।
ସ୍ୱାଭିମାନ ତାର ସବୁ ନଷ୍ଟ ହେଲା,
ସମାଜ ଆଗରେ କଳଙ୍କିନି ସାଜିଲା ।
ଦୋଷ ନଥାଇବି ସାଜିଲା ଦୋଷୀ,
ଦୋଷୀ ମାନେ ଏଠି ବୁଲନ୍ତି ଆସି ।
ସରକାର ନେତା ସଭିଏଁ କହିଲେ,
କେହି ନ୍ୟାୟ ତାକୁ ଦେଇନ ପାରିଲେ ।
ଶେଷରେ କହିଲେ ପାଗଳ ସାଜିଛି,
ମିଛ କଥା ଯାକ ଖାଲି ବକୁଛି ।
ଆଖିଲୁହ ତାର ଆଖିରେ ରହିଲା,
ନିନ୍ଦା ଅପବାଦ ସହିନ ପାରିଲା ।
ମରଣକୁ ନିଜ ସାଥି କରିନେଲା,
ଶେଷରେ ନିଜର ଜୀବନ ହାରିଲା ।
ଏଇ କଣ ଆମ ଦେଶର ନ୍ୟାୟ,
ସବୁ ଆଡେ ଗଲେ ଖାଲିଅନ୍ୟାୟ ।
ଆସ ଭାଇ ଭଉଣୀ ଏକାଠି ହେବା,
ଅନ୍ୟାୟ ବିରୁଦ୍ଧରେ ସଭିଏଁ ଲଢିବା ।
ଏଇ ଥିଲା ନିରୀହ ସୁସ୍ମିତାର କାହାଣୀ,
ସବୁ ନାରୀ ଆମ ମା ଭାଉଣୀ ।

ପିତା- ଶ୍ରୀ କାଳୁ ଚରଣ ସ୍ୱାଇଁ
ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ
ସ୍ନାତକୋତ୍ତର, ଦ୍ୱିତୀୟ ବର୍ଷ (ଓଡ଼ିଆ ବିଭାଗ)
ପାରଳାଖେମୁଣ୍ଡି, ଗଜପତି, ଓଡିଶା- ୭୬୧୨୦୦
ଭାମ୍ୟାଭାଷ- ୯୯୩୮୭୨୧୫୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି



ପୂର୍ଣ୍ଣିମା ଲେଙ୍କା

ଜନ୍ମିତ ସନ୍ତାନ ରାକ୍ଷସ ହେବାକୁ ଯେବେ
କୁଣ୍ଠାବୋଧ ହୁଏ ନାହିଁ - ୧
ବିକାଶନରେ, ପ୍ରକୃତିକୁ ଧ୍ୱଂସ କରିବାକୁ
ତିଳେ ହେଲେ ଚିନ୍ତନ ନ କରଇ - ୨
ନିଜ ଭୋକ ମେଣ୍ଟିବାକୁ, ସୀମାହୀନ ହେଇ
ଜୀବଜଗତକୁ ଭୁଂଜିଯାଏ ନର ରାକ୍ଷସ ରୂପ ନେଇ - ୩
ଉଚ୍ଚ ଉଚ୍ଚ ଅଟାଳିକାର ମୋହ ନେଇ
ଛିନଭିନ କରିଯାଏ ନିଜ ନିଶ୍ୱାସରେ ମାଧ୍ୟମକୁ କାଳିଦାସ ହେଇ - ୪
ଜ୍ଞାନ, ବିଜ୍ଞାନରେ ବିମୋହିତ ହେଇ
ମଣିଷ ସମାଜ ଭୁଲିଯାଏ ମଣିଷତ୍ୱକୁ ଯହିଁ - ୫
ଏକଛତ୍ରବାଦ ଭାବନା ଯେବେ ଗ୍ରାସ କରଇ
ଭଗବାନ ଶବ୍ଦଟି ତୁଚ୍ଛ ଲଗାଇ - ୬
ମଣିଷର ସୀମାହୀନ ଅତ୍ୟାଚାର
ପ୍ରକୃତିର ସୀମା ଯେବେ ଯେବେ ଲଙ୍ଘଇ - ୭
ବନ୍ୟା, ବାତ୍ୟା ମରୁଡି ରୂପ ନେଇ
ପ୍ରକୃତି ତା ପ୍ରତିଉତ୍ତର ଦିଏ ଦେଖେଇ - ୮
ପ୍ରକୃତି, ପ୍ରାକୃତିକ ଭାରସାମ୍ୟ ଯେବେ ଦିଏ ହରେଇ
ସହିବାର ସୀମାକୁ ଯେବେ ମୁହଁ ଦିଏ ଫେରେଇ - ୯
ମହାମାରୀ ରୂପେ କ୍ୟାନ୍‌ସର, କରୋନା, ସ୍ୱାଇନ ଫ୍ଲୁଏ
ମଣିଷ ସମାଜକୁ ନଷ୍ଟ କରିବାକୁ ଆସେ ଆଗେଇ - ୧୦

ଗବେଷିକା, ମାନବତା ଓ ସାମାଜିକ ବିଜ୍ଞାନ ବିଭାଗ
ଆଇଆଇଟି (ଆଇଏସ୍ଏମ୍), ଧାନବାଦ
ଝାରଖଣ୍ଡ, ୮୨୬୦୦୪
ଭ୍ରାମ୍ୟଭାଷ : ୭୦୦୮୨୦୩୮୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରତିଶୃତି



ମନୋରଞ୍ଜନ ମୁଦୁଲି

ଦେଇଥିଲ ତୁମେ କେତେ ପ୍ରତିଶ୍ରୁତି
ସିକ୍ତ ବାଲୁକା ତଟରେ ବସି,
ନୀଳ ସାଗରଟା ଥିଲା ଆମ ସାକ୍ଷୀ
ଲୁଚି ଯାଉଥିଲେ ସୂରୁଜ ଦେଖି ।

ମୃଦୁ ମଳୟରେ ଭାସି ଆସୁଥିଲା
ତୁମରି କଣ୍ଠରୁ ହସର ଧ୍ୱନି ।
କେତେ ଆଶାନେଇ ଗଢୁଥିଲି ମୋର
ଆଗାମୀ ଦିନର ସ୍ୱପ୍ନ କାହାଣୀ ।

ହଜି ଯାଇଥିବ ତୁମରି ମନରୁ
ବିଗତ ଦିନର ଅଭୁଲା ସ୍ମୃତି ।
ମିଛ ସବୁ ଥିଲା ତୁମରି ଅନ୍ତରେ
ଆଜି ତୁମେ ପରା ଯାଇଛ ଜିତି ।

ତୁମ ଶ୍ରୀମନ୍ତରେ ଟୋପାଏ ସିନ୍ଦୂର
ମୋ ପାଇଁ ଗଢିଛି ଆଜି ସମାଧି
ତୁମ ପ୍ରତିଶ୍ରୁତି ପ୍ରତଧ୍ୱନି ହୁଏ
ଗୋଧୂଳି ବେଳାରେ ହୃଦୟେ ନିତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟିର ମଣିଷ



ଆୟୁଷ ମହନ୍ତ

ସୁଖର ସୂରୁଯ ଆସେନି ଯା ପାଇଁ ଆଲୋକର ଅବକାଶ ନେଇ
ସୁନ୍ଦର ଧରାର ସିଏ ରୂପକାର ମାଟିର ମଣିଷ ସେହି ।
ବିଳାସ ବାଦର ତୀବ୍ର ବିରୋଧୀ ଦୃଢ ସଂକଳ୍ପ ତାର
ଦୁଃଖିର ମୁଖରେ ହସ ଫୁଟାଇବା ତାର ଜୀବନର ଅଙ୍ଗିକାର ।
ଛାତିକୁ ଜାବୁଡି ରକତ ନିଗାଡି ଲଗାଏ ପରାଣର ବାଜି
ବସୁଧାର ହସ ମହାନ ଦୃଶ୍ୟ ତା ପାଇଁ ସମ୍ଭବ ଆଜି ।
ରାତ୍ରିର ରଜନୀ ଆଣିନି ତାପାଇଁ ଜ୍ୟୋସ୍ନା ଶୀତଳ ରାତି
ସିଏ ସମସ୍ତଙ୍କ ଅନ୍ନଦାତା, ତା ବିଶ୍ୱ ମାନବ ପ୍ରୀତି ।
ବସୁନ୍ଧରା ସୁତ ନୁହେଁ ବିଚଳିତ ଦାରିଦ୍ର୍ୟର କଷାଘାତେ ପ୍ରପୀଡ଼ିତ
ନିର୍ବିକାର ଯେ ବିତରେ ବିଭବ ଆନନ୍ଦର ଅଶ୍ରୁପାତେ ।
ଶୁଣିଛକି ଥରୁଟିଏ ମାଟିର ମଣିଷର ଅନ୍ତର ତଳର କଥା
ଦେଖିଛ କି କେବେ ତା ସଂସାରର ମହାବ୍ୟଥା ।
ଯାହାପାଇଁ ଆଜି ଦେଖୁଛ ଧରାରେ ଆଗାମୀ ଭବିଷ୍ୟତର କଥା
ବିଦ୍ରୋହେ ତାର ବୁଲିବ ମହୀମଣ୍ଡଳେ ମୃତ୍ୟୁର ପରବାନା ।
ଆଗାମୀ ବିଶ୍ୱ କର୍ଣ୍ଣଧାର ସେ କରେନି ତା ପ୍ରତି ହେଳା
ତା ବିନା ଅନନ୍ତ ହୃଦୟରେ ଜଳିବ ଜ୍ୱାଳାର ଅଗ୍ନିମାଳା ।

Magazine Downloaded from www.aahwaan.com

ପ୍ରାଣବନ୍ତ ସେ ଯେ ବୀରପୁତ୍ର କର୍ମର ରଣାଙ୍ଗନେ

ତା ଭାଗ୍ୟ ନିଶାଣ ବିଜୟ ଭିଷାଣ କର୍ମର ଜୟଗାନେ ।

ଜାତି, ଧର୍ମକୁ ପଛରେ ପକାଇ ସମସ୍ତଙ୍କୁ ଦିଏ ଅନ୍ନ

ସେହି ପ୍ରକୃତ ମାଟିର ମଣିଷ କେତେ ଯେ ମହାନ ।

ଅବହେଳିତ ଯେ ନିଃସ୍ୱ ମଣିଷ ବିଶ୍ୱମୁଖରେ ଦିଏ ଦାନା

ଶାନ୍ତି ମୈତ୍ରୀ ପବିତ୍ର ବନ୍ଧନେ କର ତାରେ ବନ୍ଦନା । ।

ଗ୍ରା : ଗନ୍ଦିଦା, ବଡ଼ଗାଁ, ରାଇରଙ୍ଗପୁର

ମୟୁରଭଞ୍ଜ, ଓଡ଼ିଶା ୭୫୭୦୪୨

ଭ୍ରାମ୍ୟଭାଷ : ୭୩୨୫୯୮୪୧୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୁଇନ



ଡା ନୀଳମାଧବ କର

ଲୁଚେଇ ଦେଇ କଣ୍ଢେଇଟେ

ଜୀବନକୁ ( ?) ଫେରିଲେ ସେମାନେ

ମିଛରେ ପ୍ରବୋଧି ନିଜକୁ

ହଜିଗଲୁ ବୋଲି ତୁ

ଜହ୍ନଠୁ, ଜୀବନଠୁ

ପୃଥିବୀରେ, ମାଟିରେ ମାଟିରେ

. . .

ମୁଁ  କାହିଁକି ବିଶ୍ୱାସ କରିବି

କେମିତି ବା ପରତେ ଯିବି  ?

ଆଖିରେ ତ ଦେଖିନାହିଁ ତୋତେ

ସେମାନେ କହିବା ପରି

. . .

କେଉଁଠି ଲୁଚିଛୁ ତୁ

ଥରେ ମୋତେ ଧରା ଦେ

ଲୁଚାଲୁଚି ଖେଳରେ ମୁଁ

ଖୋଜି ଖୋଜି ହାଲିଆ ହେଲିଣି

. . .

ଏଇଠି ଥାଆନ୍ତୁ ସିନା

ମୋ ଆଖି ସାମନାରେ

ଜଳ ଜଳ ଦେଖୁଥାନ୍ତି ତୋତେ

ପତା ମୋର ମୁଦି ହେବା ଯାଏ

. . .

ଏବେ ତୋତେ ଖୋଜୁ ଖୋଜୁ

ଆଖିରେ ମୋ ପାଣି ଭରି ଆସେ

ସୃଷ୍ଟି ସବୁ ତୋ ବିନା

ନେସି ହେଇ ଝାପସା ହେଇଯାଏ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଥରେ ମୋତେ ଦେଖା ଦେ
ମୋ ଦୃଷ୍ଟି ଫେରେଇ ଦେ
...
ବୟସ ତୋ ସ୍ଥିର ହେଇଗଲା
ତେର ବର୍ଷ, କିଛି ମାସ, ଦିନ, ମିନିଟ, ଆଉ ସେକଣ୍ଡ କିଛି
ତୁ ସେମିତି କଣ୍ଠେଇଟେ ହେଇ ରହିଗଲୁ
ସମୟକୁ ଜିଣିଗଲୁ ସେଇ ମୁହୂର୍ତ୍ତରେ
...

ଏଠି ଯିଏ ରହିଗଲେ ତୋ ପଛରେ
ଢେର ବଡ, ଢେର ସାନ
ଅବା ତୋ ସାଙ୍ଗମାନେ
ସମୟର କବଳରେ
ତାକ ଧିନା ଥେଇ
କରୁଚନ୍ତି, କରୁଥିବେ
ରୋଗ, ଶୋକ, ଜରା ଯିବ ଖାଇ
ତୁ କିନ୍ତୁ ସେଇମିତି
କଣ୍ଠେଇଟେ ହେଇ ରହିଗଲୁ
ସମସ୍ତଙ୍କ ପାଇଁ
...
ତୁ ଚାଲିଗଲା ପରେ
ମୋ ମନରେ ନିରାଶା କାହିଁକି ଜାଗେ
ତୋ ପାଇଁ ମୋର ଯେତେ ଆଶା
ଅପୂର୍ଣ୍ଣ ରହିଲା ବେଳେ
ମୋତେ କିଆଁ ଅନ୍ଧାରିଆ ଦିଶେ
...
ତୋତେ ଦୋଳମୁକୁଟରେ  ଦେଖିଥାନ୍ତି ବୋଲି
ଏବେଠୁ ତୋ ମୁକୁଟରେ ମୋ ମନ ଥିଲା ଲାଖି
...
କପାଳ ତ ଲୁଚେଇଲୁ
କହ ଭଲା ସଜେଇବି
କେମିତି ମୁଁ ତତେ
...
ପ୍ରବୋଧିବି ନିଜକୁ କେମିତି
ନିଜ ମନ ଓ ହୃଦୟ
ତୁ ଚାଲିଗଲା ପରେ ଯିଏ
ନିସ୍ତେଜ ଓ ନିସ୍ତରଙ୍ଗ


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ଆଡ ଖାଁ ଖାଁ ଲାଗେ

ଜହରରେ ସଢ଼ିଥିବା ପରି

...

ଅପେକ୍ଷା କି ବ୍ୟସ୍ତ ଲାଗିଥାନ୍ତା

ଆଉ ଦୁଇ ଘଡି

ଆମ ପାଇଁ,

ଆମ ଅଙ୍ଗେନିଭା କାହାଣୀକୁ, ଶୁଣିଯିବା ପାଇଁ

ରହିଥାନ୍ତ, ଏମିତି ଅନ୍ତତଃ

ତୋ ନାତୁଣୀ ଝିଅ, ହେବାଯାଏ ତୋ ପରି

ଅପେକ୍ଷା କି ବ୍ୟସ୍ତ ଲାଗିଥାନ୍ତା

ଆଉ ଦୁଇ ଘଡି

...

ମୋ ହାତ ଅସନା ବୋଲି

ମୋତେ ଖୋଇ ଦେବାବେଳେ

ପଦ୍ମପତ୍ର ଜଳ ପରି

ଦେଖିବାକୁ ତୋତେ ସବୁଦିନ

ସ୍ୱଚ୍ଛ ଓ ନିର୍ମଳ

କରୁଥିଲି ଏକାନ୍ତ ପ୍ରାର୍ଥନା

ତାଙ୍କ ପାଖେ ପହଞ୍ଚିବା ଆଗୁ ବୋଧେ

ହୁଡ଼ିଗଲା ବାଟ ସିଏ, ଅରଣ୍ୟ ଭିତରେ

...

ଚାରିଆଡେ ଏବେ କ୍ଷୁଧା ତୃଷ୍ଣା

ପୁଣି କ୍ଳାନ୍ତି, ଅଛି ଆଗ ପରି

ଅଛି ପୁଣି ପଥ ବହୁଦୂର

ଆଗରେ ଯେ ଆଖି ପାଏ ନାହିଁ

...

ତୁ ଯେ ଆଉ

ମୋ ସଂଗେ ଚାଲିବୁ ନାହିଁ

ଏ ଶୁନ୍ୟତା ଘାରି ଆସେ

ଜୀବନର ଆଭା ଆସେ ଶୁଖି ଶୁଖି

...

ଦୁଃଖର ପ୍ରାବଲ୍ୟ ସିନା ସହି ହେବ

ଲୁହଧାର ଦେବ ତାକୁ ଧୋଇ

(କିନ୍ତୁ) ଶୁନ୍ୟତାରେ କେମିତି ବଞ୍ଚିବି ସତେ

ବରଂ ହଜିଯିବି ତହିଁ

...

ପଦେ ପଦେ କଥା ତୋର

ଲକ୍ଷ ପଦ ପରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତତେ ବାରି ଦିଏ ଜହ୍ନ ପରି

ଲକ୍ଷେ ତାରା ଗହଣରେ

...

ଚନ୍ଦ୍ର ସହ ସାଥି ହେବି

ବୋଲି ମକରରେ

ଆଶାକୁ ମୋ ଟାଳି ଦେଲୁ

ରହିଲୁ ଦୂରରେ

ଦୂର ପରବତ ପରେ

ଭସା ଭସା ବଉଦ ମେଳରେ

ନୀଳ ଆକାଶରେ

...

ଏତେ ଦୂରୁ -

ଦେଖୁଥିବି ତୋତେ ଖାଲି

ଭିଜୁଥିବି

ତୋ ସ୍ମୃତିର ଜ୍ୟୋତ୍ସ୍ନାରେ

କୋଳେଇବାକୁ ଇଚ୍ଛା ହେଉଥିବ

ଦେବାକୁ ଚୁମାଟେ

କିନ୍ତୁ ହାତ ପାଉନଥିବ -

...

ମୁଁ ଜିଇଁ ରହିଥିବି

ଏ ମଲା ପୃଥିବୀରେ

***

ଡା: ନୀଳମାଧବ କର

ଓଲଭରହାମ୍ପଟନ, ଇଂଲଣ୍ଡ

nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଭଉଣୀ



ପ୍ରସନ୍ନଜିତ ମହାପାତ୍ର

ରାତି ରଙ୍ଗର କଳା ବାଳକୁ
ପୋଟଳ ଚିରା ତୋ ଆଖି,
ହସରୁ ସତେ ମୁକୁତା ଝରାଉ
ଆଖି ମୋର ଯାଏ ଲାଖି ।

ସଦ୍ୟ ଶିଶୁର ହୃଦୟଟି ତୋର
ସ୍ୱର ତୋ କୋଇଲି କୁହୁ
ସ୍ନେହମୟୀ ତୁ ସବୁଠୁ ଅଲଗା
ସ୍ନେହରେ ଝରାଉ ମହୁ ।

ବାପାଙ୍କର ଜପାମାଳୀ
ବୋଉର ତୁ ଗେହ୍ଲୀ
ଆଗେ ତୋର ଫିକାପଡ଼େ
ବୁଢ଼ାମାଳୀର ସେ ମଲ୍ଲୀ ।

ଚାଲି ତୋର ଶବ୍ଦହୀନ
କେଡ଼େ ସୁନ୍ଦର ତୋ ସଣ୍ଠଣା,
ଏମିତି ତୋ ଗୁଣ ସତେ
ନାହିଁ ତୋର ଉପମା ।

ଜେଜେମାର ଆଶା ବାଡ଼ି
ସବୁଠୁ ଗେହ୍ଲି ନାତୁଣୀ
ସଭିଙ୍କ ମନ ମୋହୁ ତୁ
ଗାଇ ଗୀତା ରାଗିଣୀ ।

ମୋ ଜୀବନ ପୁସ୍ତକରେ
ତୁ ମୋ ଶ୍ରେଷ୍ଠ କାହାଣୀ
କୋଟିକରେ ଗୋଟିଏ ତୁ
ମୋ ସୁନାନାକୀ ଭଉଣୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରୁଷିଲେ ତୁ ରୁଷିଯାଏ
ଏଇ ସରଗର ଚାନ୍ଦ
ତୋ ହସରୁ ଝରିପଡ଼େ
ମହ୍ଲାର ସାନନ୍ଦ ।

ତୋ ଆଖିରୁ ଝରିଲେ
ଲୁହ ଦୁଇଧାର
ମୋ ଛାତିରେ ଚାଲିଯାଏ
ତୀକ୍ଷ୍ଣ ଗୋଟେ ଶର ।

ତୋଳି ପାରିବିନି ସିନା
ତୋ ଲାଗି ସରଗରୁ ଶଶୀ,
ତୋଳିପାରିବି ତୋ ଓଠେ
ସଦା ଖୁସି ବାରମାସୀ ।

ସୁନାରୂପା ହୀରା ମୋତି
ମୋ ପାଶେ ସିନା ନାହିଁ
ସାଇତିଛି ସ୍ନେହ ସିନ୍ଧୁ
ଏ ଛାତିରେ ତୋ ପାଇଁ ।

ଅଜବ ଦୁନିଆ ଅଜବ ମଣିଷ
ଅଜବ ଏ ମାୟା ବନ୍ଧନ
ତା ମଧ୍ୟେ ଅଜବ ତୁ ଆଉ ମୁଁ
ଅଜବ ଆମର ପ୍ରେମ ।

କେବେ କରିବୁନି ମାନ ଅଭିମାନ
ମୋ ତୋର ପାଗଳ ଭାଇ,
ପାଗଳ ତ ଯିଏ ଚିହ୍ନେନା ନିଜକୁ
ଜାଣୁନା କି ଏହା ତୁହି ?

ସ୍ନେହର ପ୍ରେମର ଦେବୀ ତୁ
ଏମିତି ତୁ ମୋ ଭଉଣୀ
କିଏ କହେ ତତେ ତେଜସ୍ୱିନୀ ବୋଲି
କିଏ କହେ ତତେ ମାମୁନି ।

ପ୍ରସନ୍ନଜିତ୍ ମହାପାତ୍ର
ବାମଦେବପୁର, ବାରବାଟୀ, ଯାଜପୁର
୭୫୫୦୮୮, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ସରସ୍ୱତୀ



ପ୍ରସନ୍ନ ପଧାନ

ମା ସରସ୍ୱତୀ ଘେନ ବିନତୀ
ଭକ୍ତି ମନରେ ମା କରେ ଆଳତୀ ।
କେଉଁ ନାମରେ ମା ତତେ ଡାକିବି
କେଉଁ ଦୀପରେ ମା ଅର୍ଘ୍ୟ ମୁଁ ଦେବି ।
ଅତି ମୂର୍ଖ ମାଗୋ ନ ଜାଣେ କିଛି
ଶ୍ରଦ୍ଧା ମନରେ ମା ତତେ ଡାକୁଛି ।
ହସ୍ତରେ ଧରିଥାଉ ତୁ ବୀଣା
ବୀଣାପାଣି ନାମେ ଜଗତେ ଜଣା ।
ହଂସପୃଷ୍ଠରେ ବସି ତୁ ଅଛୁ
ହଂସବାହିନୀ ନାମ ବହିଛୁ ।
କିଛି ମାଗୁନାହିଁ ମାଗୋ ଏତିକି
ପଦ ଦିଅ କହି କଣ୍ଠେ ମୋ ବସି ।
ଏତିକି ଗୁହାରୀ ପାଦତଳେ ତୋର
ଏ ଭବସାଗରୁ କର ଉଦ୍ଧାର ।

ଯୁକ୍ତ ତିନି ପ୍ରଥମ ବର୍ଷ ଓଡ଼ିଆ ବିଭାଗ
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃଭାଷା



ସେବକାନ୍ତ ନନ୍ଦ

ଜନ୍ମହେଲା ଦିନୁ ଯେଉଁ ଭାଷା ଶୁଣିଲି
ସେହି ଭାଷାକୁ ନେଇ ଜ୍ଞାନ ଅର୍ଜିଲି
କଥା କୁହାଠାରୁ ପାଠପଢ଼ା ଯେତେ
ସେହି ମୋର ମାତୃଭାଷା
ମୋ ମାଆଠାରୁ ଶିଖିଲି ।
ଏହି ଭାଷା ମୋର ପ୍ରଥମ ଭାଷା
ତାହାକୁ ନେଇ ମୁହିଁ ସରସା
ଗାଁ ଗାଁ ଥି ଘରେ ଘରେ
ଯେଉଁ ଭାଷା ମୁହିଁ ଶୁଣିଲି
ସେଇଟା ମୋର ମାତୃଭାଷା
ମୋ ମାଆଠାରୁ ଶିଖିଲି ।
ଲୁଚେଇ ଛପେଇ ଯେତେକଲେ ବି
ରାଗିଗଲେ ବାହାରି ଯାଏ
କଥା କହୁଥିଲା ବେଳେ
ଲୋକେ ଜାଣିଯାଆନ୍ତି ଅନ୍ୟ ରାଇଜର ବୋଲି
ସେଇଟା ମୋର ମାତୃଭାଷା
ମୋ ମାଆଠାରୁ ଶିଖିଲି ।
ଏହି ଭାଷାକୁ ନେଇ ଦୁନିଆଁର ଭାଷା ଶିଖିଲି
ଏହି ଭାଷା ବଳେ ସାରାଦେଶ ବୁଲି
ନୂଆ ନୂଆ ଜାଗା ଦେଖିଲି
ଯିଏ ମୋର ଜ୍ଞାନଦାତା ସେହି ମୋର
ମାତୃଭାଷା
ମୋ ମାଆଠାରୁ ଶିଖିଲି ।
ଇ ଭାଷାକେ ବିରୋଧ କରି
ଇଂରେଜ୍ ସରକାର ଦେଖିଗଲା ହାରି
ଏହି ଭାଷାବଳେ ସ୍ୱାଧୀନ ହେଲି
ନିଜର ଅଧିକାର ପାଇଲି
ସେଇଟା ମୋର ମାତୃଭାଷା
ମୋ ମାଆଠାରୁ ଶିଖିଲି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଚିତ୍ର ସଂସାର



ବୈବସ୍ୱତ ନାଏକ

ବିଚିତ୍ର ଏ ସଂସାର କେହି ନୁହେଁ କାହାର
ଭାବନି ହୋଇ ରହିବ ଅମର
ଏକା ଜଗତକୁ କରିଛୁ ଆଗମନ
ଏକା ହିଁ ଚାଲିଯିବ ଏ ଜୀବନ ।

ବାପାମା' ଭାଇଭଉଣୀ ସାଜି କରୁଛୁ ଅଭିନୟ
ଏ ସଂସାର ହିଁ ଏମିତି ଏକ ବିସ୍ମୟ
ଘାଣ୍ଟି ହେଉଛୁ ପଡ଼ି ସଂସାର ବନ୍ଧନେ
ସମସ୍ତେ ବ୍ୟସ୍ତ ଏଠି ମୁକ୍ତିର ସନ୍ଧାନେ ।

ବୁଝି ପାରୁନାହୁଁ ସଂସାର ଇନ୍ଦ୍ରଜାଲ
ଜାଣି ପାରୁନାହୁଁ କେବେ ହାବୁଡ଼ିବ କାଳ ।
ଅପକର୍ମ କରି କରନି ନିଜକୁ ହୀନ
ମହତ୍ କାର୍ଯ୍ୟକରି ପୂଣ୍ୟ କିଛି କିଣ ।

ଟଙ୍କା ପଇସା ଧନରତ୍ନ ନ ଲାଗିବ କାମେ
ଧର୍ମପଣ ଥିଲେ ତରିଯିବୁ ଆମେ ।

ଯୁକ୍ତତିନି ପ୍ରଥମ ବର୍ଷ (ଓଡ଼ିଆ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭବାନୀପାଟଣା, କଳାହାଣ୍ଡି
ମୋ-୭୦୭୭୪୩୩୮୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚୁଲବୁଲି ପ୍ରିୟା



ମହେନ୍ଦ୍ର କୁମାର ସ୍ୱାଇଁ

ଚୁଲବୁଲି ମୋର ମନର ମାନସୀ
ହୃଦୟ ମନ୍ଦିର ରାଣୀ
ତା ବିନା ମୋହର ଜୀବନ ଅଧୁରା
କରିଛି ପ୍ରେମର ଗୁଣି
ଦିନେ ନ ଦେଖିଲେ ତା ଚନ୍ଦ୍ରମା ମୁହଁ
ଦିନ ମୋର ସରେ ନାହିଁ
ରାତି ସାରା ଖାଲି କଡ ଲେଉଟାଏ
ନିଦ ଜମା ଆସେ ନାହିଁ
ଚୁଲବୁଲି ମୋର ଲାଜେଇ ପ୍ରେମିକା
ଲାଜକୁଳି ଲତା ପରି
ଛୁଇଁଦେଲେ ତାକୁ ଲାଜେଇ ଯାଏ ସେ
ନୂଆ ବୋହୁଟିଏ ପରି

ଚୁଲବୁଲି ମୋର ଅଭିମାନି ପ୍ରିୟା
ଅଭିମାନ କରେ କେତେ
ପ୍ରେମ ଭରା ପଦେ କଥା କହିଦେଲେ
କୋଳେଇ ନିଏ ସେ ମତେ
ଦିନ ସାରା ଖାଲି ଚାହିଁ ରହିଥାଏ
ହବାକୁ ପଦିଏ କଥା
ମୋ ସାଥିରେ ପଦେ କଥା ହୋଇଗଲେ
ଭୁଲିଯାଏ ସବୁ କଥା
ଛୋଟଛୁଆ ପରି ପ୍ରିୟା ମୋର ଅଟେ
କରେ କେତେ ଚଗଲାମୀ
ମୋ ସାଥିରେ ଲାଗେ ଚୁଲବୁଲି ମୋର
ହସ ଟିକେ ଦବା ପାଇଁ
ଧରି ମୋର ହାତ କହିଦିଏ ମତେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଥିବୁ ତୁ ମୋହରି ସାଥେ

ମୁଁ ପରା ତୋହର ଚୁଲବୁଲି ପ୍ରିୟା

ରହିଥିବି ତୋର ସାଥେ

ଛୋଟ ପିଲା ପରି ଅଳି ସିଏ କରେ

କରେ କେତେ ବଦମାସୀ

ତା ସାଥିରେ ମୋର ଦିନ କଟି ଯାଏ

ହୋଇ ତା ସାଥୀରେ ଖୁସି

କଇଁ କଇଁ ହୋଇ କାନ୍ଦୁଥାଏ ଯେବେ

ଦିନେ ନ ଦେଖିଲେ ମତେ

ଦେଖିଦେଲେ ମତେ ଦୁଃଖ ଭୁଲିଯାଏ

କେତେ କଥା କହେ ମତେ

ଚୁଲବୁଲି ମୋର ଅଭିମାନୀ ପ୍ରିୟା

କହିଥାଏ ସବୁବେଳେ

ଭାବିବୁନି କେବେ ଏକା ତୁ ଯିବନେ

ଥିବି ମୁଁ ରେ ସବୁବେଳେ

ଜୀବନର ତୋର ପ୍ରତି ଉନତି ରେ

ଥିବି ମୁଁ ତୋହରି ସାଥେ

ମାଛ ଆଉ ପାଣି ସମ୍ପର୍କ ପରିରେ

ରହିଥିବି ତୋର ସାଥେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହେ ଛାତ୍ରସମାଜ



ସନ୍ଧ୍ୟାରାଣୀ ନନ୍ଦ

ଆଦ୍ୟରୁ ସଂଯତ ହୁଅ ହେ ସତତ
ଭବିଷ୍ୟତ ହେବ ସୁମହତ
ଛାତ୍ରର ନିୟମ ବିଦ୍ୟା ଅଧ୍ୟୟନ
ଧ୍ୟାନେ ବସି ରାତିଦିନ ।
ଅନ୍ୟାୟ, ଅପମାନ, ହିଂସା ଅହମିକା
ତ୍ୟାଗକର ଜୀବନରେ
ତେବେ ସେ ପାଇବ ଯଶମାନ କେତେ
ଆନନ୍ଦେ ରହିବ ମହୀରେ ।

ଦେଶର ଭବିଷ୍ୟତ ତୁମ୍ଭେ ଅଟ ନିତ୍ୟ
ତୁମ ହାତେ ବନ୍ଧା ଦେଶ ବିକାଶ
ଉଲ୍ଲାସ ମନରେ କାର୍ଯ୍ୟେ ହୁଅ ଲୀନ
ମନେ ନ ହୋଇ କେବେ ନିରାଶ ।
କାଢ଼ିଦିଅ ହୃଦୁ ସବୁ ଦୋଷ କ୍ଲେଷ
ନୂଆ କିଛି କରିଯାଅ
ମଣିଷ ଜୀବନ ନୁହେଁ ଚିରଦିନ
ଜ୍ଞାନର ପ୍ରଦୀପ ଦେଖାଅ ।
ଶତ କଳୁଷର କଳଙ୍କ କାଳିରେ
କେବେ ଛନ୍ଦି ହୁଅ ନାହିଁ
ଯୁଗାନ୍ତ ମୃତ୍ୟୁ ରଜ୍ଜୁ ଛିଣ୍ଡାଇ
ହିତକାର୍ଯ୍ୟେ ଥାଅ ରହି ।

ବନ୍ଧପାଲି, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗାଁରେ ଜହ୍ନରାତି



ପ୍ରସନ୍ନ କୁମାର ରାଉତ

ପୋଖରୀ ମଝିରେ କଇଁ ହସୁଥାଏ
ଦଲକାଏ ପବନରେ ନାଚି ଉଠେ
ପ୍ରେମର ଆହ୍ୱାନ
ପ୍ରକୃତିର ବନ୍ଧନ
ଗାଁରେ ଜହ୍ନରାତି... ।

ଗାଁ ମୁଣ୍ଡ ବରଗଛ ତଳେ
କିଟିକିଟି ଅନ୍ଧାରର ବଳୟ
ଭେଦି ପାରେନି ଜ୍ୟୋତ୍ସ୍ନା
ମେଣ୍ଟେନାହିଁ ଓହଳ ତୃଷ୍ଣା
ଗାଁରେ ଜହ୍ନରାତି... ।

ଜୁଳୁଜୁଳିଆ ପୋକ ଏବଂ ଜହ୍ନରାତି
ଶୀତଳ ଛୁଆଁର ପ୍ରୀତି
ଜଣେ ଦ୍ୟୁତିର କାରଣ
ଜଣେ ଆମନ୍ତ୍ରଣ
ଗାଁରେ ଜହ୍ନରାତି... ।

ବିଛେଇ ହେଇ ପଡ଼େ କେଶବିନ୍ୟାସ
ଜହ୍ନ ଯେବେ ଛୁଏଁ ନାରିକେଳ ବୃକ୍ଷ
ପ୍ରେମିକାର ମୁକୁଳା କେଶ
ଜ୍ୟୋତ୍ସ୍ନାରେ ମେଣ୍ଟାଏ ଶୋଷ
ଗାଁରେ ଜହ୍ନରାତି... ।

ଗାଁ ପାଖ ନଦୀରୁ ଜୁଆର ଆସେ
ହୃଦୟରେ ଖୁସିର ଜୁଆର
ଦୁହେଁ ଭିଜନ୍ତି ଜ୍ୟୋତ୍ସ୍ନାରେ
ଜଣେ ଅନାସକ୍ତ
ଜଣେ ଆସକ୍ତ
ଗାଁରେ ଜହ୍ନରାତି... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସାଗରିକା



ସାଗର ନାୟକ

ପ୍ରେମର ଆଉ ଗୋଟେ ଯୁଗ
ମୁଠାଏ ନିଶ୍ୱାସ
ଆଞ୍ଜୁଳାଏ ସ୍ୱପ୍ନ
ଫଗୁଣର ଚଇତାଳି ପବନ
ଗୁମୁସୁମ ରୁହେ କୁନି ବୁଦୁ ମୋର
ଥଣ୍ଡା ପବନରେ ଭାଙ୍ଗି ପଡେ
ଛୋଟ ମନ ତାର
ସ୍ମୃତି ପୁଣି ଥରେ ତାଜା ହେଇପଡ଼େ
ମନେ ପଡିଲେ ତାର ..... ! ! ! !(୧)

ତୁମେ ଆସିଲା ପରେ
ଓଜାଡି ଦେଇଥିଲ
ସେହ୍ନ ଭରା ପ୍ରେମ ଆଉ କିଛି ଖୁସିର ମୁହୂର୍ତ୍ତ
ମୋର ପ୍ରୀତି ଭିଜା ପାପୁଲିରେ
ଆକଣ୍ଠ ଚିତରେ ମୁଁ ଆପଣେଇ ନେଲି
ମୋ ହୃଦୟ ବନ୍ଦ ସିନ୍ଦୁକ
ଅନାବିଳ ଭଲପାଇବା
ଫୁସୁରା ତାଗିଦା
ଅଭିମାନି ରୁଷା ଆଜିବି ପଡେ
ସେଇ ମତୁଆଲା ହସ ତଳେ
ଏଇତ ଜୀବନର ସର୍ପିଳ ରାସ୍ତା
ଯାହା ତୁମ ପାଦ ସହ ଯୋଡିଦେଇଥିଲା ମୋ
ପାଦ ଯୁଗଳକୁ
ହାତ ଧରି ଚାଲିବାକୁ
ମନ ଭରି କଥା ଗପିବାକୁ
ସାଗର କୂଳେ ତୋ ସହ ଭିଜିବାକୁ
ବର୍ଷା ଛିଟାରେ ତୋ ସହ ନାଚିବାକୁ
ପାଖରେ ନହେଲେ ନାହିଁ
ରିୟାଦ ରୁ ଆମ ଘର ଅଗଣାକୁ
ଓଢଣୀ ତଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସାଉଁ ସାଉଁ କଥା କୁ ମୁଁ ଭଲପାଏ
ଏ କେତେଟା ଦିନରେ
ତୋ ଅନୁପସ୍ଥିତରେ
ମୁଁ ଭାଙ୍ଗିପଡ଼େ
ରିୟାଦ କୋଣ ଅନୁକୋଣରେ.... ! ! ! ! !(୨)

ଜୀବନର ପ୍ରଥମ ସଞ୍ଜରେ
ଶେଫାଳୀର ମତୁଆଲା ବାସ୍ନାରେ ଭିଜି
ମୁଁ ମତୁଆଲା ହେଉଥିଲି
ତୁମ ଦେହର ବାସ୍ନା ରେ
ତୁମ ଆସିବା ପରେ
ମୋ କଥା କେବେ ନସରେ
ତୁମପାଇଁ କବିତା ଲେଖୁଥିଲି
ତୁମପାଇଁ ସାତସୁରେ ଗୀତ ଗାଉଥିଲି
ପ୍ରୀତିଝରା ମଧୁର କମ୍ପନେ.. ! ! ! ! ! (୩)

ଏବେ ତୁମ ଫେରିବା ପଥକୁ ନିତି
ଚାତକ ପରି ଚାହିଁ ରହୁଥିଲି
ଏ ମୁକ୍ତ ଆକାଶର
ନିଛାଟିଆ ରାଜ ରାସ୍ତାରେ
ଡେଣାଝଡା ବିହଙ୍ଗଟେ ପରି
ତୁମପାଇଁ ପ୍ରୀତିର ଗଜରା ଧରି
ଉଡି ବୁଲୁଥିଲି
ଶୂନ୍ୟ ଆକାଶରେ
ହା ଅସରାଏ ଲୁହ ଟୋପାରେ
କିଏ ଜଣେ ଲୁଚି ଲୁଚି କାନ୍ଦେ
ମୋ ବୁଦ୍ଧୁ ଅନୁପସ୍ଥିତ ରେ .... ! ! ! !(୪)

ପୁଣିଥରେ
ମୋ ବୁଦ୍ଧୁ ଠାରୁ କିଏ ଅଧିକ ସୁନ୍ଦର
ମୋ ବୁଦ୍ଧୁ ଠାରୁ କିଏ ଅଧିକ ଗୁଣର

ସାଗରିକା

ରିୟାଦ ( ସାଉଦିଆରବିଆ )
+୯୬୬୫୪୯୧୯୪୮୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଲି ଓ ଆଜି



ପ୍ରଶାନ୍ତ କୁମାର ନାଥ

କାଲି କହୁଥିଲ ତୁମ ପାଇଁ ମୁହିଁ
ନିଜ ଠୁଁ ବେଶି ନିଜର
ଆଜି କହୁଅଛ ତୁମରି ଉପରେ
ନାହିଁ ମୋର ଅଧିକାର ।

ତୁମ ପାଇଁ କାଲେ ସବୁକିଛି ମୁହିଁ
କହୁଥିଲ ତୁମେ ନିଜେ
ଆଜି କହୁଅଛ ଦୁନିଆଁରେ ମୁହିଁ
ସବୁଠାରୁ ଅଟେ ବାଜେ ।

କାଲି ସାଜୁଥିଲ ବାଟଳ ମୋପାଇଁ
ଗପୁଥିଲ କାହିଁ କେତେ
ମୁହଁ ମୋଡି ଏବେ ଚାଲି ଯାଉଅଛ
ଦେଖି ଦିଅ ଯେବେ ମୋତେ ।

କାଲି କହୁଥିଲ ମୋତେ ଛାଡ଼ି ତୁମେ
ଘଡ଼ିଏ ପାରୁନ ରହି
ଆଜି କହୁଅଛ ମୁଁ କାଳେ ଅଲୋଡ଼ା
ଅଟଇ ତୁମରି ପାଇଁ ।

ଆଖି ଆଖି ଯେବେ ମିଶି ଯାଉଥିଲା
ଦେଉଥିଲ ତୁମେ ହସି
ମୋ ଉପରେ ଆଜି ନଜର ପଡିଲେ
ଭାବୁଅଛ ମୋତେ ଦୋଷୀ ।

କାଲି କହୁଥିଲେ ହୃଦୟେ ତୁମର
ରହିଛି ମୁଁ ତୋଳି ଘର
ସେହି ହୃଦୟରେ ରହିବାକୁ ଆଜି
ସାଜିଛ ତୁମେ ପ୍ରାଚୀର

ପ୍ରଶାନ୍ତ କୁମାର ନାଥ
ବାଙ୍ଗାଲୋର
ମୋ-୦୮୮୯୭୩୦୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ସମସ୍ତେ ଖେଳିବା ହୋଲି



ସମ୍ବିତ୍ ମିଶ୍ର

ଦୁହେଁ ଦୁହିଁଙ୍କୁ ରଙ୍ଗ ଲଗେଇ
ଚାଇନା ରଙ୍ଗକୁ ବ୍ୟାନ୍ କରି
ଅବିର ସଙ୍ଗେ ଖେଳିବା ହୋଲି
ଆସ ସମସ୍ତେ ଖେଳିବା ହୋଲି ।

ଗୁରୁଜନଙ୍କୁ ରଙ୍ଗ ଲଗେଇ
ପରିବାରରେ ଏକାଠି ହୋଇ
ନିଜ ଖୁସିକୁ ଦିଗୁଣ କରି
ଆସ ସମସ୍ତେ ଖେଳିବା ହୋଲି ।

ନିଜ ଦୁଃଖକୁ ଭୁଲିଯାଇକି
ଧନୀ ଗରିବ କିଛି ନ ଭାବି
ଧର୍ମ ସବୁରେ ଉଚ୍ଚାରେ ରହି
ଆସ ସମସ୍ତେ ଖେଳିବା ହୋଲି ।

ଭୁଲ କାମଠୁ ଦୂରରେ ରହି
ଭଲ କାମକୁ ଆଦରି ନେଇ
ଖରାପ ଗୁଣକୁ ବାହାର କରି
ଆସ ସମସ୍ତେ ଖେଳିବା ହୋଲି ।

ପୁରୁଣା ସାଙ୍ଗଙ୍କୁ କଲ୍ କରି
ନିଜ ଘରକୁ ତାଙ୍କୁ ଡକାଇ
ପିଠାପଣା ସବୁ ବାଣ୍ଟିଦେଇ
ଆସ ସମସ୍ତେ ଖେଳିବା ହୋଲି ।

ଭ୍ରାମ୍ୟଭାଷ : ୮୩୨୭୭୨୨୮୦୦

ଆହ୍ୱାନ ଇ-ପତ୍ରିକା





Magazine Downloaded from www.aahwaan.com

# ମନେ ପଡୁଛ ତୁମେ



ଶ୍ରୀରାଜଶେଖର ସି
'ଚିମା'

ମନେ ପଡୁଛ ତୁମେ !
ମନେ ପଡୁଛ ଯେ ତୁମେ ! !

ମନେ ପଡୁଛି ତୁମର କଥା,
ଅଛି ଅନେକ ଅକୁହା କଥା,
ରହିନି ଆଉ କାମ ଅନ୍ୟଥା,
ବିଦିତ କରିବି ମୋର ବ୍ୟଥା ।୧ ।

ନିରନ୍ତର ନେଉଥିବି ତୁମରି ନାମ,
କେବେ ହେବ ପ୍ରେମର ସମାଗମ,
ଜାଣିନି କେବେ ହେବ ଆମ ସଙ୍ଗମ,
କେବେ ମିଳିବ ଆମ ପ୍ରଣୟକୁ ସମ୍ଭ୍ରମ ।୨ ।

ଆସୁଛି ଏବେ ପ୍ରଶାନ୍ତିନାନିଦ,
ପ୍ରତିଧ୍ୱନି କରୁଛନ୍ତି ତୁମରି ଶବ୍ଦ,
ପରସ୍ପର ମଧ୍ୟେ ନ ରହୁ ଭେଦ,
ତୁମରି ସ୍ମୃତି ଆଣେ ପ୍ରମୋଦ ।୩ ।

ମନେ ପଡୁଛ ତୁମେ !
ମନେ ପଡୁଛ ଯେ ତୁମେ ! !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମପାଇଁ ପଦେ



ରାହୁଲ କୁମାର ନନ୍ଦ

ଗଜରା ମୋ ହାତେ ଝାଉଁଳି ଗଲାଣି

ପ୍ରିୟାର ବାଟ ଚାହିଁ,

ପ୍ରୀତି ଫଗୁଣରେ ଏ କି ବିଡମ୍ବନା

ଦିଶୁନି ସିଏ କାହିଁ ।

ସପନ ବହିରେ ସାଜିଛି ପ୍ରେମିକ

ତା'ରି ମନକୁ ଛୁଇଁ,

ଦେଖାହେବ ଯେବେ ବାହୁ ଭିତରେ ମୁଁ

ଦେବି ତାକୁ ଲୁଚେଇ ।

#ମୋର_କଥା

#ତୁମପାଇଁ_ପଦେ

ରାହୁଲ କୁମାର ନନ୍ଦ
ସରେଇ, ଚମ୍ପୁଆ, କେଉଁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧ୍ୟରାତ୍ରୀର ଗ୍ଲାନି



ସନାତନ ମହାକୁଡ଼

ମୂଳ ରଚନା (ବଙ୍ଗଳା): ବୈଦୁର୍ଯ୍ୟ ସରକାର

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଏକ

ମୁଁ ପାଗଳ ଲୋକ ଦେଖିନି... ଯୁଦ୍ଧ କ୍ଷେତ୍ର ବେସ୍ କ୍ୟାମ୍ପ୍
ଶାଶ୍ୱତର କାରାଗାର ଆଲୋକ ଅନ୍ଧକାର କିଛି ଜାଣିନି
ଜଲସା ସିନେମା ନାଟକ ଏବଂ ସଂସାର ଦେଖେ
ପୁରା ବିଷୟଟା କଳ୍ପନା କରି ଭାବିଛି
ବିଷାଦର ଗଭୀରତମ ବନ୍ଧୁର ନାମ ଏକାକୀତ୍ୱ ।

ଦୁଇ

ଭବ ଯନ୍ତ୍ରଣା କଥାମାନେ
ମଦ୍ୟ ତ୍ରିଶ ଜାଣେ
ଶରୀର ଅକ୍ଷମ ହୁଏ ମାନ ଭାଙ୍ଗେ ମନ
ଏକା ଚାଲିବାର ଅବସର ଶେଷ ହୋଇଯାଏ ।

ତିନି

କିଛି ମଣିଷ ବଣର ଫଳଖାଇ ବଞ୍ଚୁଥିଲେ
ସେତେବେଳେ ଅନ୍ୟ ଏକଦଳ ଶିକାର କରୁଥିଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିକାରୀମାନେ ଅସ୍ତ୍ରକୁ ଲଙ୍ଗଳକରି ଫସଲ ଫଳାଇଲେ

ଜୀବନ ଯେ ଭାବେ ସଂସାର ଚାପ ପଡ଼ିଲେ

ରହିଯାଏ ନିଶା ହୋଇ

ଶିକାରୀ ବେଦନା ସେପରି ଛବି ହୋଇ

ରହିଗଲା ଗୁମ୍ଫାର କାନ୍ଥରେ ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨

ନୟାଗଡ଼ ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୩୯୭୨୦୧୭୮

ଇମେଲ୍ : sanmahakud@gmail.com

ୱେବ୍‌ସାଇଟ୍ : www.sanatanamahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମିଆଁ



ଜିତେନ୍ଦ୍ର ପାଣ୍ଡେ

ଇ ସମିଆଁ ବଡେ ଦଗାଦିଆ
ନାଇଁରହେ କେନ୍ ଠାନେ ,
ନଦୀର୍ ଧାର୍ ଲେଖେ ବହି ଯଉଥିସି
ତାର୍ ବାଟେ ତାର୍ ମନେ  । ।

ସମିଆଁ ଲାଗି କାର୍ ଜୀବନେ ଖେଲ୍ ସି
ହସ୍ ଖୁସିର୍ ଲହରୀ ,
କାର୍ ଜୀବନେ ଘେରି ଯାଏସି
ଦୁଃଖ୍ ଜଂଜାଳର୍ କୁହୁଡି  । ।

ଅତୀତ୍ ସମିଆଁ ବଡା ଦୁଃଖ୍ ଦେସି ଗା
ସୋର୍ ପଡ୍ ଲେ  ଛନେଘଡେ ,
ଆଏବାର୍ ସମିଆଁ ନୂଆ ଫୁଲ୍ ଫୁଟାସି
ଇ ଛନ୍ ଛନିଆ ମନର୍ ଝାରେ  । ।

ବର୍ତ୍ତମାନ୍ ସମିଆଁ ଥି  ହସି ଖେଳିକରି
ଜାଁ ଥା ତୋର୍ ଜୀବନ୍ ,
କେନ୍ ଛକିଆ ପଲେଇ ଆଏବା
ହଠାତ୍ କେତେବେଲେ ମରନ୍  । ।

ସମିଆଁ କାହାକେ ନି ଟାକେ ଗା
କିହେ ନି ସେ ନିଜର୍ ପରର୍ ,
ସମିଆଁ କେ ଉପଯୋଗ୍ କଲେ ହେବୁ
ବାଟୋଇ ଟେ ସଫଳ୍ ବାଟର୍  । ।

ବାଗଉଡାର, ବ୍ଲକ୍- ବେଲପଡା
ଜିଲ୍ଲା- ବଲାଙ୍ଗିର, ମୋ- ୬୩୭୦୯୭୯୬୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୁରଗୁନି



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଫଲସା ଫୁଲଠାନେ ପୀରତି କଲି
ନାଇଁ ପାରଲି ମୁଇଁ ଜାନି,
ରଙ୍ଗ୍ ଫଗୁନ୍ ବି ବିରଝାଉ ଥିଲା
ଦିନେ ହେବୁ ହୁରଗୁନି.

ରାଏତ୍ ଲେଖୁଥଲା ସପନ୍ କାଗଜେ
ହୁରୁଦ୍ ଭିତର୍ କଥା,
ମସକିଲ୍ ଇ ହାଲୋ ଆବାଜ୍ ଥି କାଁଏ
ମେଟି ଯାଉଥିଲା ବଥା.

ଜନ୍ ହଁସୁଥିଲା ଇ କଇଁର୍ କୁଲରେ
ମୁଇଁ ମରୁଥିଲି ଝୁରି,
ସମିଁଆ କହୁଥିଲା ମଧୁର୍ ଭାଷାଥି
ଭାଲେଣ୍ଟାଇନ୍ ଗଲା ଫିରି
ଭାଲେଣ୍ଟାଇନ୍ ଗଲା ଫିରି.

ବୀରମହାରାଜପୁର, ସୋନପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଶାନପଦା



ଦୀପକ କୁମାର ପାତ୍ର

ଆମର ଗାଁର ମଶାନପଦା
ବେଲ ବୁଡ଼ଲେ ଅନ୍ଧରିଆ ହେଲେ
କୁଲିଆ ,କୁକୁର ଡାକସନ ଯେତେ
ଅଛନ  ହୁଦା  ହୁଦା
ଆମର ଗାଁର ମଶାନପଦା  । ।

ରାଏତ ଅନ୍ଧାରେ ଯିଏ ଚାଲିଗଲେ
ତାଳ ,ଆମ୍ ଗଛର ପତର ପଡ଼ଲେ
ଡ଼ର ଲାଗଲେ କହେସନ
ଇଟାସେ ଭୁତ ମୁରଦା
ଆମର ଗାଁର ମଶାନପଦା  । ।

ନଦୀର ବାଲି ଲାଇଟ ଜଲଲେ
ଚିଲ ,ଶାଗୁଣା କିରଲେଇ ଦେଲେ
କହେସନ ଇଟାସେ ଚିରଗୁନିର ଶରଧା
ଆମର ଗାଁର ମଶାନ ପଦା  । ।

ଆମର ଗାଁର ଶେଷ ମୁଡ଼େ
ବୁରେଇ ବୁଦା କେଡ଼େନି କେଡ଼େ
ଅନ୍ଧିରିଆ ହେଲେ ଶୋର ପଡ଼ଶୀ
ଶୋର ପଡିଗଲେ ଦିହେଁ ଶରଶରାସି
ସେ ଟନେଇ, ମାଉଳିର କଥା
ଆମର ଗାଁର ମଶାନ ପଦା  । ।

ହେଟା ତ ଆମର ନିଜର ଘର
ଇଟା ଆମର ନକଲି ଘର
ସେଟାକେ ଦେଖି ଆମର କେତେ ଡର
ଗଲେନ କେତେ ବୋବା ଦଦା
ଯିବେ ବି ଆରୁ  ଗଦା ଗଦା
ଇଟାଏ ସୁନିଶ୍ଚିତ କଥା
ଆମର ଗାଁର ମଶାନପଦା  । ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଏଲା ବସନ୍ତ



କ୍ଷମାନିଧି ସାହୁ

ଆଏଲା ବସନ୍ତ ନୂଆ ଚେହେରାଥି
ଫଗୁନ୍ ଚଏତ୍ ମାସ୍ ନେଇ
ଅଧାଖରା ଅଧାଛାଏଁକେ
ବଡା ସୁନ୍ଦର୍ ଲାଗୁଛେ ଦିହି..

ଗଛ୍ ଖୁଟ୍ ସବୁ ଖୁଣଖୁଣିଆ ହେଲେ
ଫଗୁନ୍ ଆଏଲା ଯେଭେଁ
ଡଙ୍ଗର୍ ପର୍ବତ୍ ଟାଖଲେ ଦିନ୍
ପତର୍ ପାଆଁଲିବା କେଭେଁ ?..

ହୁର୍ ହୁରିଆ ବଉଲିଆ ଧୁକାଟା
ଦିହେ ଯାଉଛେ ଭେଦି
ଉରଘା ଲାଗୁଛେ ରସରସେଇ କରି
ହଉଛେ ଲେସମ୍ ଶର୍ଦ୍ଦି..

ଦିନକେ ଦିନ୍ ଚରଚରେଇ କରି
ଖରା ହଉଛେ ଟାନ୍
ବୋର୍ଡ୍ ପରୀକ୍ଷାମାନେ ହେଇଗଲାନ
ପଢାଥି ଛୁଆକର୍ ଧିଆନ୍..

ଗାଁ ମାନକେ ବିହା ବରପନ୍
ଭରଦର୍ ଲାଗିଛେ ଇଟା
ମୁହୁରି ସାଙ୍ଗେ ଦୁଲଦୁଲି ବାଜଲେ
କେତେ ଭୁଜିଭାତି ମିଠା..

କିସମ୍ କିସମ୍ ଫଗୁ ମାଖଲେ

Magazine Downloaded from www.aahwaan.com

ହୁଇଲ୍ ପୁଡାମା ରାତି

ମେନ୍ ମେନସା ରଙ୍ଗ୍ ଖେଳମା

ସାଥିର୍ ସାଙ୍ଗେ ଯିମା ମାତି..

ରାଧାକୃଷ୍ଣର୍ ଫଗୁଖେଲା ଲେଖେ

ଭିଜିଯିମା ସେ ରଙ୍ଗେ

ଗୋପପୁର ଯେନ୍ତା ଗାଁ ମାଁ ଆମର୍

ଖେଳମା ସମକର୍ ସାଙ୍ଗେ...

ଇ କବିତାଥି ଚଏତ୍ ମାସର୍ ଲେଖା ଆଏବା ଥର୍.....

 କ୍ଷମାନିଧି ସାହୁ

ଜାମପାଲି,ମେଲଛାମୁଣ୍ଡା,ବରଗଡ଼

୭୭୩୫୫୦୯୫୮୩(ଜିଓ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଏଜ୍ କାଲିର୍ ମୁନୁଷ୍



ଯୁବରାଜ କୁଦେଇ

ମୁନୁଷ୍ ଭିତ୍ ରୁ ମୁନୁଷ୍ ପନ୍ ଟା
ଗଲାନ ଏଭେରେ ହଜି,
ଯେତେ ନୁର୍ ଲେ ବି ଆଘର୍ ମୁନୁଷ୍ ଟେ
ନାଇଁ ପାରୁନ ଗା ଖୁଜି ।
ଆଏଜ୍ କାଲିର୍ ମୁନୁଷ୍ ବଢେ ଲବାର୍ ଆଏ
କରୁଥିସି ମନ୍ ମାନି ,
ଚମ୍ କି ପଡ୍ ବୁ ଦେଖି କରି ତାର୍
ସାହେବ୍ ଲେଖେଁ ଠାନିମାନି ।
ସବୁ କବାରେ ସେ ବଢେ ଜାନ୍ ବାର୍
ପାନି ବି ପକାସି ସର୍ ,
ନିଜର୍ ଲୋକ୍ ଯଦି ବିପଦେ ପଡିଛେ
ଭଲ୍ ଟିଆ କହେସି ମର୍ ।
କାହିଁ ପାଏବୁ ସେ ଆଘର୍ ଭାବ୍ ଟେ
ଆଝିରର୍ ମୁନ୍ ଷର୍ ଦିହେଁ ,
ନିଜର୍ ଯଦି ଫାଏଦା ଅଛେ
ହାତ୍ ଥାପି ଦେସି ଗୁହେଁ ।
ମୁନୁଷ୍ ଭିତ୍ ରୁ ହଜି ଯଉଛେ ଏଭେ
ଯେତେ ସବୁ ଭଲ୍ ଗୁନ୍ ,
ଯାହିଁ ଦେଖ୍ ବୁ ହିଁସା ଅହଁକାର୍ କଥା
କେତେ ଶୁନ୍ ବୁରେ ଶୁନ୍ ।
ସମିଆ ବଦ୍ ଲିବାର୍ ସାଁଗେ ସାଁଗେ ଦେଖ
ମୁନୁଷ୍ ବି ଯଉଛେ ବଦ୍ ଲି ,
ଧର୍ ମର୍ ତକ୍ ଡିଥିଁ ଯେତେ ନାପ୍ ଲେ ବି
ତାର୍ ପାପ୍ ଯଉଥିସି ଅଗ୍ ଲି ।
ତାର୍ ପାପ୍ ଯଉଥିସି ଅଗ୍ ଲି ।

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର୍
ମୋ-୯୯୩୮୮୧୩୨୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବ୍ ପିରତି



ଉମେଶ କୁମାର ସୁନା

ଭାବ୍ ଦିଆନିଁଆ ଭାବର୍ ବନ୍ଧନେ
ବନ୍ଧା ହିଁ ଥିସନ୍ ଦୁହେଁ
ଯୁବା ବଏସିଆ ଭାବ୍ ପିରତି
ଝଲ୍କି ଯଉଥିସି ମୁହେଁ ।
ଲୁକିଛପି କରି ମେଲ୍ ଭେଟ୍ ହେସନ୍
ମାଛି ଅନ୍ଧିଆର୍ ବେଲେ
ଛନେ ନାଁଇ ଦେଖ୍ଲେ ଡ଼ହଲ୍ ବିକଲ୍ ମନ୍
ଖୁଜା ନୁଁରା କଲେ କଲେ ।
ରାଏତ୍ ଶୁଲହ୍ ଘଡି ଆଖି କଶା ନେଁଇ
ପେଟେ ଭୁକ୍ ନାଁଇ ଲାଗେ
ଆସ୍ଲେ ଆସୁ ପଛେ ଯେତେ ଝଡ୍ ଝନ୍‌ଜାର୍
ଠିଆ ଦୁହେଁ ମଝି ଭାଗେ ।

ଜାତି,କୁଲ୍,ଧରମ୍ କିଛିନାହିଁ ଜାନନ୍
ବିହା ସପନ୍ ଦେଖି ଦେଖି
ଧାଙ୍ଗ୍ରୀ ଦେଖୁଥିସି ଛାଁଏ ଦେଖା ଦର୍ପନ୍
ସେନୋ ପାଉଡ଼ର୍ କେ ମାଖି ।
ସାଙ୍ଗ୍ ସାଥିର୍ ମେଲେ ଗାଁର୍ ମଝାଖୁଲି
ହେଉଥିସନ୍ ଠରାନରା
ଧାଙ୍ଗ୍ରୀ ଆସୁଥିଲେ ଧଙ୍ଗ୍ରା ଯୁଗିଥାଇ
ଦଉଥିସି କେତେ ଇସାରା ।
ଯୁଗେ ଯୁଗେ ଚାଲିଛେ ଇ ଭାବ୍ ପିର୍ତି
ସବୁଦିନର୍ ଲାଗି ଅମର୍
ହଁସି ହଁସି କରି ଦୁଖଃ ଦରଦ୍ କେ
ସୁଖେ କରିଥିସନ୍ ଘର୍ ।
ସୁଖେ କରିଥିସନ୍ ଘର୍ ।।

କଳାହାଣ୍ଡି,ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗିତ ପଦେ ଗା ରେ



କ୍ଷୀରୋଦ କୁମାର ସାହୁ

ଗିତ ପଦେ ଗା ରେ ଚେରେ
ନଏଦ ର ପାଏନ କେ
ସମଦରେ ନୁରବୁ ଜେ ପାଏବୁ କେଁ,
ନଏଦର ଖଂଡ଼ ମଧୁର ପାଏନ
ଚରକୋ କରୁଛେ
କେତେ ଦିନୁ ମେସି କରି ।
ଆର କେନୁ ସେ ଭାବ କେ
ପାଏବୁ ସେ
ହଜି ଗଲାନ ଲୁକର ଗୁହୁଡା ନେ ।
ସବୁ ତ ପଖନ ହେଇ ଗଲାନ
ହେଥି ଆର କେନ
ରକତ,ସିକାର ଅଛେ ଜେ
ତୋର କଥା ଆରୁ ସୁନବା ।
ବେଡି ଟା
ରେକି ରେକି ଗଉଛେ ।
ତୋର ଗିତ ଫେର ଘାଏ
ଲେହେଟି ଆଏବା
ତୋର ନିକେ ।
ଖଂ ଡ଼ ମଧୁର ପାଏନ
ନୁନ ଚରକୋ କରୁଥୁବା
ତୁଇ
ଜେତେ ଗିତ ଗାଏଲେ ବି ।

ବରପିଟା, ପାଟଣାଗଡ଼, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା




Magazine Downloaded from www.aahwaan.com

# କରମ୍



ସୁଭାସ ଚନ୍ଦ୍ର ଭୁଏ

ଭୁକା କେ ଅରନ୍ ସୁସା କେ ପାଏନ୍
ଦୁରବଲ୍ କେ ହେଲେ ସାହା
ସମାଜେ ଅଏନ୍ ପାଏ ଗୁନି ମାଏନ୍
ଝର୍କେ କେଡ଼େ ସୁନ୍ଦର୍ ଆହା

ନିଜର୍ ବଫୁ ବଲେ ପରକେ ଖୁଆଲେ
ଦଇବ ହେଉଥିବା ସାହା
ସଏଗୋଟ୍ ଚଲତି ମହାପୁରୁ ନାମେ
ପୂଜା ପାଏସି ତାର୍ ପାହାଁ

ତୁଣ୍ ନେ ଫୁଟଲେ ମନ୍ ଭିତରୁ ହେଲେ
ଲୁକେ କରୁଥିବେ ଆହା
ପରମ୍ ସକତି ବସି ପରମ୍ ସୁଇନେ
ଟେକି ଧରି ଥିବେ ବାହା

ଲୁଭେ ହେସି ଜମ୍ ଦେଖି ବୁତା କରମ୍
ସଁକରି ନାଇଁ ଜ ତାହା
ଧରି ରଖ ମନ୍ ସେଟା ଆଏ ଧରମ୍
ଜି ବାର୍ ଏକା ରାହାଁ

ହଜାର୍ ବରସ୍ ତତେ ନାଇଁ ମାଗି
ହଜାରେ ବରସ୍ ଜିଇଁ ବାର୍ ଲାଗି
ଗୁଟେ ଦିନ୍ ଆଏ କାଫି
ଛାଡି କପଟି ଗୁନେ କଧରିଆ ମନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିର୍ ମଲ୍ ହେଇ ଜା ସାଫି

ଧରି କରି ଧରମ୍ ଆବରି କରମ୍

ପାହା ଚାଲୁଥା ପଜେଇ

ଜନମୁଛନ୍ କେତେ ମରୁଛନ୍ କେତେ

କରମ୍ ଦେଇ ହଜେଇ

ହେବେ ହୁରଗୁନି ତୋର୍ ଗୁନ୍ କେ ସୁନି

କରମ୍ ଦେବୁ ଭଂଜେଇ

ଥିବୁ ହୁର୍ ଦେ ଜୁହି ହାଡ଼ ଗଲେ କୁହିଁ

ରଖିଥିବେ ତତେ ସଜେଇ

ଭଲ୍ ଲାଗେ ନାଟ୍ ଜମକାଲେ ପାଟ୍

ମଚାନ୍ ନୁ ଛାଡ଼ବୁ ଛାପ୍

ନାଁ କେ ତୋର୍ ଜୁରି କରମ୍ ସୁମୁରି

କରୁଥିବେ କାପ୍ କାପ୍

ଧାଙ୍ଗେର , ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୁଆସେନ୍



ଅରୁଣ କୁମାର ଭୋଇ

ନୂଆଁ ଘର୍ ନୂଆଁ ଦୁଆର୍

ବିହାର୍ ଆର୍...କ ଦିନେ

ଯେତକି ଅଡୁଆ କେ ହେତକି ବଢିଆ

ଦେଖିଥିଲୁ ଯେନ୍ ସପନେ

ଗୋତ୍ କୁଟୁମର୍ ମନକେ ଜାନି

ଦେଲେ ଥିର ପାଏନ୍ ତୁକେ

ତେହେରୁ କାଏ...ନ ଲୋକ କହେବେ

ଅଏନ୍ ଭୁଆସେନ୍ ଟେ....(୧)

ସମକିରର୍ ନିଘା ଭୁଆସେନ୍ ଉପ୍ରେ

କେନତା ଥିବା ଯେ....

ସୁନା ବଲିକରି ଆନଲୁଁ କାଏ ନ

କାଁ କରବୁ କରମ କପାଳ କେ

ନନ୍ଦ, ଡେଢ଼ଶୁର୍, ଶାଶ୍, ଶଶୁର୍

ସମକୁ ଯଧରି କରବୁ ସଁସେ

ତେହେରୁ କାଏନ ଲୋକ କହେବେ

ଅଏନ୍ ଭୁଆସେନ୍ ଟେ......(୨)

ପହେଲା ଦିନର୍ ରନ୍ଧା ଭାତ୍ କେ

ସବୁ ଲୁକର୍ ଥିସି ଆଏଁଖ୍ ଟେ

ପରା ପାଟକର ଲାଗର୍ ଲେସର୍

ଖାଏବାର ଲାଗି ହାତେ ପନତେ

ପଏସେ ଅଧଲେ ଆନିଥିବେ

ମୁଁହୁ ଦେଖବାର୍ କେ

ତେହେରୁ କାଏନ ଲୋକ କହେବେ

ଅଏନ୍ ଭୁଆସେନ୍ ଟେ.....(୩)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହାତେ ବାଲଟିନ୍ ମୁଡ କେ ଗାଜି
ଗାଁ ଖୁଲି ଯିବୁ ବନ୍ଧ କେ ଗାଧି
ଲାଏଜ୍, ସରମ୍ ହେଲେ କାଁ କରବୁ
ହେଟା ତ ଆମର୍ ଜୁନହାଁ ବିଧି
ଯଦି କରିଥିବୁ ଟିକେ ରଁଚେ
ଅମକାର୍ ବହ ବଲବେ ଟେକେ
ତେହେରୁ କାଏନ ଲୋକ କହେବେ
ଅଏନ୍ ଭୁଆସେନ୍ ଟେ......(୪)

ସବୁକଥା କେ ସହେବୁ ଲହେବୁ
ଜିଁବା ଖାଇବାର୍ କେ
ତାହାକେ କହେସନ୍ ସୁନାନାକୀ
କୁଟୁମ୍ ଚଳାସି ଯେ
କାହାର ଘରେ ନାଇ ଗାଲି ଝଗର୍
କହ ତ ଟିକେ ମତେ
ତେହେରୁ କାଏନ ଲୋକ କହେବେ
ଅଏନ୍ ଭୁଆସେନ୍ ଟେ......(୫)

ଭଁଡ଼ାର୍ ଘରର୍ ଚାବି ପାଏଲୁ
ରଖିଥିବୁ ସୁରେ-ସାଏଟେ
ସୋର୍ କରିଥା ଇ କଥା କେ
ସଁସାର୍ ଡଙ୍ଗା ଥି ନୂଆ କୁନୁଆ ଟେ
ଯାଏଁ କଥା ହେଲେ ଆକଟ କରି
ଆଘୋ ପଚରାବେ ତତେ
ତେହେରୁ କାଏନ ଲୋକ କହେବେ
ଅଏନ୍ ଭୁଆସେନ୍ ଟେ.....(୬)

ଧଉଁରଦାଦାର,ରାମପୁର
ବଲାଙ୍ଗୀର
ମୋ-୯୯୩୮୧୩୭୩୪୫

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଝୁମୁରା ନାଇଁ ଲାଗେ



ବିକାଶ ଚନ୍ଦ୍ର ବେହେରା

ଉଜ୍ ଲା ସୁରୁଜ୍ ପଚିମ୍ ଆକାଶେ, ବୁଡ୍ ଲା ସବ୍ ନୁ ଛାଡି,
କଲା କିଟିକିଟି ଅନ୍ଧକାର ସେନ୍ , ଆଏସି ଧରା ନେ ମାଡ଼ି ।
ଅନ୍ଧାର ଯେନ୍ତା ଆଏଲା ମାଡ଼ି, ହେଇ ଗଲାନ ରାଏତ,
ପଶୁ ପକ୍ଷୀ ଆର୍ ମନୁଷ୍ ଶୁଇବେ, ଖାଇ କରି ତୁନ୍ ଭାଏତ ।
ମୋର୍ ମନେ ହେନେ ସୋର୍ କରୁଥିଲା,ମୋର୍ ଆଇବୁଢୀର୍ କଥା,
ରାତିର୍ ବେଲା କଥାନୀ ତାର୍ ଲଗାସି ମହନୀ ଅଥା ।
ଭାଇ ବହନି ଯେତ୍ କ ସମେଁ, ବସୁଥିନୁ ବେଢ଼ି କରି,
ରଜା ରାନୀ ଆରୁ ବାଘ୍ ମିରିଗ୍ କଥା ସୁନୁଥିନୁ କାନ୍ ଡେରି ।
ମୋର୍ ଆଇ ଯେନ୍ତା କଥାନୀ କହେସି କେହି ନାଇଁ ହେବେ ତାର୍ ବାଗେ,
ତାର୍ କଥାନୀ କେ ଶୁନ୍ ଲେ ମୋତେ ଝୁମୁରା ନାଇଁ ଲାଗେ ।

ଛାତ୍ର, ଶିକ୍ଷା ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ , କଟକ - ୭୫୩୦୦୮
ମୋ - ୮୯୧୭୪୨୬୧୩୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବରିଆ ଜୀବନ୍



ସହଦେବ ଧରୁଆ

ଖୁଣ୍ ଖୁଣିଆ ଖରେଁ କଲିଆ
ଖଟି ଖଟି ଦିନ୍ ଗଲା,
ଖଟସି ବଲି ସାହୁର୍ ତଲି
ଧନ୍-ସଂପଦ୍-ବଂଗଲା ।୧ ।

ଗୁଡି, ମୁଲିଆ ଆର୍ ହଲିଆ
ନି' ହେଲେ ସାକାର୍ ମଲେ,
କାମ୍ କବାର୍ ସବୁ ଲବାର୍
ପଡବେ ନ ଅରକଲେ ।୨ ।

ଅନର୍-ଗଲା ନାହୁଁ ନୁହେଲା
କରେଇ ନେବେ କବାର୍,
କାମର୍ ଭୁତି ମାଗଲେ ଗୁଡି
ଖିଚ୍ ପିଚାବେ ବେକାର୍ ।୩ ।

ଯଦରି ଦେବେ ଭାଲୁ ଧରାବେ
ଭୁତିଭରା କାଟି ଦେଇ,
କହେଲେ ମଲା ସହେଲେ ମଲା
ଦୁଖେଁ ବାଏବିଛୋ ହେଇ ।୪ ।

ମାଲିକ୍ ମନ୍ ଛଂଚବା ଧନ୍
କବରିଆ ଗୁଲଗୁଲା,
କାମ୍ କରାସି ପେଟ୍ ମାଡସି
ଗୁଡି ଜୀବନ୍ ଖୁଟଲା ।୫ ।

ରକତ୍ ମୁଟା କବାର୍ ବୁତା


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାଟଲେ ଭି ଭୁତି-ମୁଲ୍,

ସଁକରୁ ଥିସି ସଥେଁ କେଁ ଦୁଷି

ସହିଲହି ବିଲକୁଲ୍ ।୬ ।

ସପନ୍ ସଜା ସବୁ ଅସଜା

ବଲସି ସହେଲେ ମଜା,

ସୁଖେଁ ରହେବେ କୁଟୁମ୍ ସବେ

ବୁହେଁ ପଛେ ଦୁକ୍-ସଜା ।୭ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୭୫୧ ୦୨୨

ଭ୍ରାମ୍ୟଭାଷ : ୬୩୭୧୧୯୧୪୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



# ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ



ଗଣେଷ ଭୁଏ

ଗର୍ଜି ଘୁମୁରି ଡିଜେ ବାଜୁଛେ
ଗାଁର୍ ଇ ମୁଡ଼ସା ନୁ ସେ ମୁଡ଼ସା ଯାଏକ୍
ଷ୍ଟ୍ରୀଟ୍ ଲାଇଟ୍ ଲାଗିଛେ
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ଗାଁର୍ ଗଁତିଆ ବୁଢ଼ା ସିଆନ୍ ଆଜି
ଧୁତି ଛାଡ଼ି ଟ୍ରାଉଜର୍ ପେଣ୍ଟ୍ ପିନ୍ଧିଛେ ।
ହାଥେ ନାଇନ ଆଉ ସେ ଭାଗବତ ପୋଥି
ଗାଁର୍ ବୁଢ଼ା ଆଜି ଏଣ୍ଡ୍ରଏଡ୍ ମୋବାଇଲ୍ ଧରିଛେ ।
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ଧୁଡ଼ା ନଳିଆ ବାଟ୍ ଘାଟ୍ ଆଜି
କଂକ୍ରିଟ୍ ରାସ୍ତା ଆଉ ବ୍ରିଜ୍ ବନିଛେ ।
ଛାଏନ୍ ପିଣ୍ଡା ଖପରା ଘର୍
ମାଏଟ୍ ଛାଡ଼ି ପକ୍କା ଘର୍ ବନିଛେ ।
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାଇ ନ ସେ ଆଉ ଆମ୍ ବୁରେଇ
ନାଇ ଦିସିବାର୍ ଆଉ ସେ ଶଗଡ଼ ଗାଡ଼ି ।
ପଂ ପାଂ ହରନ୍ ମାରି ଗାଡ଼ି ଚଲୁଛେ
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ନାଇ ଖେଲବାର୍ ପିଲାମାନେ ଆଉ ସେ ଦାହି ବାଙ୍କୀଡ଼ି
ନାଇ ଚଲାବାର୍ ଛୁଆମାନେ ଆଉ ସେ ମଲ୍ଲା ଗାଡ଼ି ।
ଯାହାକେ ଦେଖବ୍ ଏଣ୍ଡ୍ରଏଡ୍ ମ୍ବାଇଲ୍ ଜାକୁଛେ
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ସିଆନ୍ ସୁଜନ୍ ଆଉ ଗୁଣି ଜ୍ଞାନୀ
ନାଇ ବଜାବାର୍ ଆଉ ସେ ମଜରା ଗିନୀ ।
ମୋବାଇଲ୍ ଆଜି ତାକର୍ ଭାଗବତ ପୁରାଣ୍ ହେଇଛେ
ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

ମୋର୍ ଗାଁ ଆଜି ସହର୍ ସହର୍ ବାସୁଛେ ।

କୁମେଲସିଂହା, ବରଗଡ଼, ଅତାବିରା
ଭ୍ରାମ୍ୟଭାଷ : ୯୦୭୮୩୯୩୮୦୫
ଇମେଲ୍ : bhueganesh764@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ କିଛି ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ବୃଦ୍ଧ କିପରି ବୁଦ୍ଧି ଶିଖିଲେ ଆସନ୍ତୁ ଜାଣିବା ସେ ବିଷୟରେ

ଗୋଟିଏ ଗ୍ରାମରେ ଜଣେ ବୁଢ଼ା ବାସ କରୁଥିଲେ । ଥରେ ସେ ପ୍ରଚାର କଲେ ଯେ ତାଙ୍କର ପଡ଼ୋଶୀ ଯୁବକ ଜଣେ ଚୋର ଅଟେ । ଏହି କଥା ସବୁଆଡ଼େ ପ୍ରଚାର ହୋଇଗଲା । ସମସ୍ତେ ଯୁବକଠାରୁ ବଞ୍ଚିବାକୁ ଚେଷ୍ଟା କଲେ । ଏ କଥା ଶୁଣି ଯୁବକ ଜଣକ ଭାରି ବ୍ୟତିବ୍ୟସ୍ତ ହୋଇଗଲେ । କେହି ତା କଥା ବିଶ୍ୱାସ କଲେ ନାହିଁ । ପରେ ପରେ ନିକଟରେ ଏକ ଚୋରି ଘଟଣା ଘଟିଲା । ସମସ୍ତଙ୍କ ନଜର ଏହି ଯୁବକ ଉପରେ ରହିଲା ଏବଂ ଶେଷରେ ଯୁବକକୁ ଗିରଫ କରାଗଲା । କିନ୍ତୁ କିଛିଦିନ ପରେ ସେ ନିର୍ଦ୍ଦେଶରେ ମୁକ୍ତି ପାଇଲା । ନିର୍ଦ୍ଦୋଷ ଘୋଷିତ ହେବାପରେ ଯୁବକ ଚୁପ୍ ବସିଲେ ନାହିଁ । ମିଥ୍ୟାରୋପ ଅଭିଯୋଗରେ ବୁଢା ବିରୁଦ୍ଧରେ ମୋକଦ୍ଦମା ଦାଏର କଲା । ନିଜକୁ ବଞ୍ଚାଇବା ପାଇଁ ବୁଢା ଜଣକ ଅଦାଲତରେ କହିଲା, "ମୁଁ ଯାହା କହିଥିଲି ଏଥିରେ କାହାର କ୍ଷତି ପହଞ୍ଚିବା ଉଦ୍ଦେଶ୍ୟ ମୋର ନଥିଲା ।" ବିଚାରପତି ବୃଦ୍ଧବ୍ୟକ୍ତିଙ୍କୁ କହିଲେ, "ଯୁବକଜଣଙ୍କୁ ଯାହା କହିଥିଲ ତାକୁ ଏକ କାଗଜରେ ଲେଖିଦିଅ ଏବଂ ଯିବା ରାସ୍ତାରେ ଏହି କାଗଜ ଖଣ୍ଡକୁ ଟୁକୁଡା ଟୁକୁଡା କରି ଚିରି ଫିଙ୍ଗିଦିଅ । କାଲି ନ୍ୟାୟ ଶୁଣାଣି ପାଇଁ ଆସିବ । ବୃଦ୍ଧ ବ୍ୟକ୍ତି ଜଣଙ୍କ ଏହା ହିଁ କଲେ । ନ୍ୟାୟାଳୟରେ ପହଞ୍ଚିବା କ୍ଷଣି ବିଚାରପତି ବୃଦ୍ଧ ବ୍ୟକ୍ତିଙ୍କୁ କହିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁ କାଗଜ କାଲି ଟୁକଡା ଟୁକଡା କରି ଫିଙ୍ଗି ଦେଇଥିଲ ତାକୁ ଏକତ୍ର କରି ନେଇଆସ ।”

ବୃଦ୍ଧ ବ୍ୟକ୍ତିଜଣଙ୍କ ନିଜର ଅକ୍ଷମତା ପ୍ରକାଶ କଲେ ଏବଂ କହିଲେ ଏହି କାଗଜ ଖଣ୍ଡ ସବୁ ଯାଡେ ସିଆଡେ଼ ଉଡ଼ିଗଲା । ଏହା ଏବେ ମିଳିବ ନାହିଁ । ଏହିପରି ଭାବେ ଏକ ସାଧାରଣ ମନ୍ତବ୍ୟ କୌଣସି ବ୍ୟକ୍ତିର ମାନସମ୍ମାନ ନଷ୍ଟ କରିଥାଏ । ଯେଉଁଭଳି ଭାବେ ଯୁବକ ଜଣଙ୍କର ଅବସ୍ଥା ହେଲା । ତେଣୁ ଯଦି କାହା ବିଷୟରେ କିଛି ଭଲ କହିପାରୁନ ତେବେ ଚୁପ୍ ରହିବା ହିଁ ଶ୍ରେୟସ୍କର । ନିଜ କଥା ଉପରେ ନିୟନ୍ତ୍ରଣ ରହିବା ଦରକାର ।

ଆଳଦା, ଖଇରା, ବାଲେଶ୍ୱର, ମୋ–୯୮୫୩୧୪୨୫୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ଭାଷା ଆଜି ଦିଗହରା



ମନୋଜ କୁମାର ପଣ୍ଡା

ନିଜକୁ ଆଧୁନିକ ପରି ସଜେଇ ହେବାର ନିଶା ଆମ ଓଡ଼ିଶାରେ ଏତେ ପ୍ରବଳ ଯେ ଏହି କୃତ୍ରିମ ସଜେଇ ହେବା ଭିତରେ ଆମେ ଆମର ଅସଲି ପ୍ରାକୃତିକ ପରିଚୟବୋଧକୁ ହରାଇ ଚାଲିଛୁ । ସଠିକ୍ ଆଧୁନିକତାର ସାମଗ୍ରିକ ପୁରୋଦୃଷ୍ଟିଟି ଯଦି ଆମ ପାଖରେ ଥାଆନ୍ତା, ତେବେ ଆମେ ହୁଏତ ଆମର ଭୂମି ସଂଲଗ୍ନ ଚେରଗୁଡ଼ିକୁ ନିଜ ହାତରେ ଏହିପରି କାଟି ଚାଲିନଥାନ୍ତୁ ।

ଭଲା କେଉଁ ଆଧୁନିକତାର ନାଁରେ ଆମେ ଆମର ମାତୃଭାଷାକୁ ଉପେକ୍ଷା କରିଚାଲିଛୁ ତାହା ଆମକୁ ମଧ୍ୟ ଜଣାନାହିଁ । ସମୟର ଏହି ନୂତନ ପ୍ରବାହରେ ଆମେ ବାହାରର ଭାଷା ଓ ଚଳଣି ଦ୍ୱାରା ଯେତିକି ମାତ୍ରାରେ ପ୍ରଭାବିତ ହେଲୁ ସେତିକି ମାତ୍ରାରେ ଖୋଦ୍ ନିଜ ମାଟିରେ ବାହାରକୁ ପ୍ରଭାବିତ କରିପାରିଲୁ ନାହିଁ । ଓଡ଼ିଶା ପ୍ରଦେଶର ଅପେକ୍ଷାକୃତଭାବେ ଉନ୍ନତ ଓ ଆଧୁନିକ ବୋଲି କୁହାଯାଉଥିବା ସହରମାନଙ୍କରେ ଏହି ତଥାକଥିତ ବାହ୍ୟସ୍ରୋତଟିର ପ୍ରଭାବରେ ଓଡ଼ିଆ ଭାଷା ଦିନକୁ ଦିନ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଏହି କିଛିବର୍ଷ ହେଲା ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଦାରୀକରଣ ପ୍ରଭାବ ଯୋଗୁଁ ଶିକ୍ଷାଠାରୁ ଆରମ୍ଭ କରି ବାଣିଜ୍ୟ ଜଗତ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ଏକ ଅଭିନବ ଚାକଚକ୍ୟରେ ନିଜକୁ ଉପସ୍ଥାପିତ କରିବାରେ ଲାଗିପଡ଼ିଛନ୍ତି । ଏହି ନୂତନ ବହୁଦେଶୀୟ ରଙ୍ଗରେ ଆମ ମୁହଁର ପ୍ରିୟ ଭାଷାଟି କ୍ରମଶଃ ବେରଙ୍ଗ ହେବାରେ ଲାଗିଛି ।

ସହରମାନଙ୍କୁ ପ୍ରଗତି ଓ ଆଧୁନିକତାର ଏକ ବିକଶିତ ପେଣ୍ଠସ୍ଥଳୀ ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଧାରଣତଃ ବିବେଚନା କରାଯାଇଥାଏ । ଯାହାଫଳରେ ଗାଁ ଗୁଡ଼ିକରେ ଅନ୍ୟାନ୍ୟ ସହରୀ ସଂକ୍ରମଣ ପରି ସହରର ଭାଷା ମଧ୍ୟ ଗ୍ରାମାଞ୍ଚଳର ଭାଷାକୁ ପ୍ରଭାବିତ କରିଥାଏ । ଓଡ଼ିଶାର ଏହି ହାତଗଣତି ସହରମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ଅନୁଧ୍ୟାନ କଲେ ଏହି ଚିନ୍ତା ଉଦ୍ରେକକାରୀ ଭାଷା ସମସ୍ୟାଟି ସମ୍ମୁଖକୁ ଆସିବ । ସହରରେ ବସବାସ କରୁଥିବା ଲକ୍ଷାଧିକ ଲୋକଙ୍କର ବ୍ୟକ୍ତିଗତ ଓ ସାମୁହିକ ଜୀବନଚର୍ଯ୍ୟାରେ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମାତ୍ର ଆଧୁନିକତାର ଫେସନ୍‌ରେ ସଜ୍ଜିତ ଏହିସବୁ ସହରମାନଙ୍କରେ ବିଶେଷ କରି ଘରୋଇ ଉଦ୍ୟୋଗ, ସପିଙ୍ଗ୍ କମ୍ପ୍ଲେକ୍ସ, ରେସ୍ତୋରାଁ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଓଡ଼ିଆ ଭାଷା ଗୌଣ ରୂପେ ବ୍ୟବହାର ହେଉଥିବାର ଦେଖାଯାଏ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହିସବୁ ସ୍ଥାନମାନଙ୍କରେ କାରବାର କରୁଥିବା ଶତକଡ଼ା ନବେ ଭାଗ ମଣିଷମାନେ ଖାଣ୍ଟି ଓଡ଼ିଆ ଅଟନ୍ତି । କିନ୍ତୁ କେଜାଣି କାହିଁକି କେଉଁ ହୀନମନ୍ୟତା ଯୋଗୁଁ ହେଉ କିମ୍ବା ନିଜକୁ ସଦ୍ୟତମ ସଭ୍ୟ ଜଗତର ଶ୍ରେଣୀ ପ୍ରତିନିଧି ବୋଲି ଭାବି ଫୁଲେଇ ହେବାକୁ ହେଉ ଏହିସବୁ ଓଡ଼ିଆମାନଙ୍କ ତୁଣ୍ଡରେ ଓଡ଼ିଆ ଭାଷା ବଦଳରେ ଭକ୍ ଭକ୍ ଅଣଓଡ଼ିଆ ଭାଷା ସବୁ ବାହାରୁଥିବାର ଦେଖାଯାଏ । ଓଡ଼ିଆ ଭାଷା ନିମନ୍ତେ ନିତ୍ୟାନ୍ତ ବିଷମୟ ଦୃଶ୍ୟଟି ହେଉଛି ଏହିସବୁ ସ୍ଥାନମାନଙ୍କରେ ଦୁଇଜଣ ଓଡ଼ିଆ ଲୋକ ମଧ୍ୟ ନିଜ ନିଜ ମଧ୍ୟରେ ଅଣଓଡ଼ିଆ ଭାଷାରେ କଥାବାର୍ତ୍ତା ହେଉଥିବାର ଦୃଶ୍ୟ । ଏହି ଦୃଶ୍ୟକୁ ଦେଖିଲେ ଆମେ ଓଡ଼ିଆ ଭାଷା ନିଜ ଘର ଭିତରେ କେଉଁଠି କଣଠେସା ହୋଇ ପଡ଼ିରହିଥିବା ପରି ଲାଗେ ।

କଟକ, ଭୁବନେଶ୍ୱର ଓ ରାଉରକେଲା ପରି ଓଡ଼ିଶାର ବଡ଼ ବଡ଼ ସହରମାନଙ୍କରେ ଯଦି ପ୍ରାଦେଶିକ ଭୂଗୋଳ ବିଷୟରେ ଜ୍ଞାନ ନ ଥିବା କୌଣସି ବ୍ୟକ୍ତିକୁ ଛାଡ଼ିଦିଆଯାଏ ତେବେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ କଦାପି ଏହି ସହରମାନଙ୍କୁ ଦେଖି ଓଡ଼ିଶାର ବୋଲି ଭାବିବ ନାହିଁ । ଏହିସବୁ ସ୍ଥାନମାନଙ୍କରେ ଆଖିମେଲି ଚାରିଆଡ଼କୁ ଚାହିଁଲେ ଇଂରାଜୀ ଭାଷାର ଯେଉଁ ବିଜ୍ଞାପନର ଶୋଭାଯାତ୍ରା ଦେଖିବାକୁ ମିଳିବ ଏହାକୁ ଦେଖି ଯିଏ ବି କେହି ଓଡ଼ିଶା ବୋଲି ଚିହ୍ନିବାକୁ ସନ୍ଦେହ କରିବସିବ । ଓଡ଼ିଆ ଭାଷା ଯଦି ଓଡ଼ିଆ ଜାତିର ଓ ଓଡ଼ିଶା ପ୍ରଦେଶର ଏକ ପ୍ରମୁଖ ପରିଚୟ ବୋଲି ବିଚାର କରାଯାଉଥାଏ ତେବେ ଏହି ସହରମାନଙ୍କର ବାହ୍ୟ ଶୋଭାରେ ଏହାର କାଣିଚାଏ ଲକ୍ଷଣ ସୁଦ୍ଧା ପ୍ରତିଫଳିତ ହୋଇନଥାଏ* ।

ଏବେ ବହୁ ବିଳମ୍ବରେ ହେଲେ ବି ଓଡ଼ିଶା ସରକାର ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ନିମନ୍ତେ ଆଗକୁ ଅଣ୍ଟା ଭିଡ଼ି ବାହାରିଛନ୍ତି । ଏହି ଭାଷାର ସୁରକ୍ଷା, ପ୍ରଚାର ଓ ପ୍ରସାର ନିମନ୍ତେ କେତେକ ବିଧିବଦ୍ଧ ପଦକ୍ଷେପମାନ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଯାହାଫଳରେ ଏଥର ଓଡ଼ିଶାର ସବୁ ଦୋକାନ ବଜାର ଓ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ଲଗାଯାଇଥିବା ସାଇନବୋର୍ଡଗୁଡ଼ିକ ଓଡ଼ିଆ ଭାଷାରେ ଲେଖାଯିବ । ଏପରିକି ବିବାହ, ବ୍ରତ ଆଦି ଉତ୍ସବମାନଙ୍କରେ ବ୍ୟବହାର ହେଉଥିବା ନିମନ୍ତ୍ରଣ କାର୍ଡଗୁଡ଼ିକ ମଧ୍ୟ ଓଡ଼ିଆ ଭାଷାରେ ଛପାଯିବ । ନିଶ୍ଚିତ ଭାବରେ ଓଡ଼ିଆ ଭାଷାର ଆଜିର ଏହି ସ୍ଥିତି ଶଙ୍କୁଳ ଦୃଶ୍ୟପଟରେ ଉପରଲିଖିତ ସରକାରୀ ନିଷ୍ପତ୍ତିକୁ ଏକ ଆଶା ସଞ୍ଚାରକାରୀ ପଦକ୍ଷେପ ବୋଲି କୁହାଯିବ । କିନ୍ତୁ ଏହିସବୁ ନିୟମ କେତେଦୂର କାର୍ଯ୍ୟକାରୀ ହେବ ସେଥିପାଇଁ ସନ୍ଦେହ ଯଦିଓ ରହିଛି, ତଥାପି ଏହାକୁ ନେଇ ଭାଷାପ୍ରେମୀ ମାନଙ୍କ ମହଲରେ କିଛିଟା ଆଶ୍ୱାସନା ପ୍ରକାଶ ପାଇଛି । ସହରୀ ଆବହାୱାରେ ନିଜର ଅସ୍ତିତ୍ୱକୁ ହରାଇ ଚାଲିଥିବା ଓଡ଼ିଆ ଭାଷାର ସୁରକ୍ଷା କ୍ଷେତ୍ରରେ ଦେଖାଯାଉଥିବା ପ୍ରତିବନ୍ଧକ ଗୁଡ଼ିକ କିଛି ପରିମାଣରେ ଦୂରୀଭୂତ ହୋଇପାରିବ ବୋଲି ଆଶା ପ୍ରକାଶ ପାଉଛି । ସେଥିପାଇଁ ଏହିସବୁ ଗୃହୀତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିୟମଗୁଡ଼ିକ କେତେ ମାତ୍ରାରେ ନିଷ୍ଠାର ସହିତ କଡ଼ାକଡ଼ି ଭାବେ ପାଳନ କରାଯାଉଛି ତାହା ଦେଖିବାର କଥା । ଅତୀତରେ ମଧ୍ୟ ଏହା ପୂର୍ବରୁ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଓ ପ୍ରଚାର ନିମନ୍ତେ ସରକାରୀ ସ୍ତରରେ ଉଦ୍ୟମ କରାଯାଇଥିଲା । ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ନିମନ୍ତେ ପଦକ୍ଷେପମାନ ନିଆଯାଇଥିଲା । ମାତ୍ର ଆଜି ପର୍ଯ୍ୟନ୍ତ ମଧ୍ୟ ଓଡ଼ିଶାର ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥକୁ ଅବଜ୍ଞା କରି ଏହି ମହତ୍ତର ଉଦ୍ଦେଶ୍ୟକୁ ସାକାର କରାଇ ଦିଆଯାଉନାହିଁ* ।

ଏଠାରେ ଯେଉଁ ସ୍ୱତଃପ୍ରବୃତ୍ତ ପ୍ରଶ୍ନଟିଏ ମନକୁ ଆସୁଛି, ତାହା ହେଉଛି କେବଳ କ'ଣ ସରକାରୀ ସୁରକ୍ଷା ବଳୟ ଭିତରେ ଭାଷାକୁ ଜୀବିତ ଓ ବିକଶିତ କରି ରଖାଯାଇ ପାରିବ କି ? ସମ୍ଭବତଃ ନୁହେଁ । ଏଇଥିପାଇଁ ବେସରକାରୀ ସ୍ତରରେ ଉଦ୍ୟମ ବ୍ୟାପକ ଭାବରେ ହେବାର ଆବଶ୍ୟକତା ରହିଛି । ଓଡ଼ିଶାରେ ବିଚ୍ଛୁରିତ ହୋଇ ଗ୍ରାମ ଠାରୁ ଆରମ୍ଭ କରି ସହର ନଗର ପର୍ଯ୍ୟନ୍ତ ଅନେକ ସାହିତ୍ୟ ଅନୁଷ୍ଠାନମାନ ରହିଛନ୍ତି । ଯେଉଁମାନେ ରୀତିମତ୍ ସଭା ସମିତିମାନଙ୍କରେ ଅତ୍ୟନ୍ତ କ୍ଷୋଭର ସହିତ ଓଡ଼ିଆ ଭାଷାର ଅବକ୍ଷୟ ପାଇଁ ଚିନ୍ତା ପ୍ରକଟ କରିଆସୁଛନ୍ତି ଅଥଚ ବାସ୍ତବ କ୍ଷେତ୍ରରେ ଏହି ଭାଷାର ବିକାଶ ଓ ସମୃଦ୍ଧି ନିମନ୍ତେ କୌଣସି ରଚନାତ୍ମକ କାର୍ଯ୍ୟପନ୍ଥା ହାତକୁ ନେଇନଥାନ୍ତି । ସେମାନଙ୍କର ଭାଷାପ୍ରୀତି କେବଳ ସାହିତ୍ୟ ରଚନା ଓ ସଭା ସମିତିର ଶବ୍ଦବାଜୀ ମଧ୍ୟରେ ସୀମିତ । ନିଜର ଭାଷାକୁ ନେଇ ଯେଉଁ ସର୍ବମୂଳ ଆତ୍ମଗୌରବଟି ଆମ୍ଭମାନଙ୍କ ଭିତରେ ବସା ବାନ୍ଧି ରହିବା କଥା ତାହା ବୋଧହୁଏ ବାହାରର ପାଶ୍ଚାତ୍ୟ ଆକାଶକୁ ଦେଖି ଡେଣା ଝାଡ଼ି ଉଡ଼ିଯିବାକୁ ବାହାରିଲାଣି । ଓଡ଼ିଆଭାଷୀ ଲୋକଟିଏ କେବଳ ଏକଭାଷୀ ନହୋଇ ଏକ ବା ଏକାଧିକଭାଷୀ ହେଲେ ଓଡ଼ିଆ ଭାଷା ଆଦୌ କ୍ଷତିଗ୍ରସ୍ତ ହେବନାହିଁ । ବରଂ ନିଜର ବହୁ ବାବଦୂକତାର ପ୍ରତିଭା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେତୁ ଓଡ଼ିଆ ବୋଲି ପରିଚୟଟିକୁ ଅଧିକ ଗୌରବାନ୍ୱିତ କରିବ* ।

ଆମେ ବୋଧହୁଏ ଭୁଲିଯାଇଛୁ ଯେ ଓଡ଼ିଆ ଭାଷା ଏକ ପ୍ରତିଷ୍ଠିତ ମାନକ ଭାଷା ଅଟେ । ଏହାର ଏକ ସ୍ୱତନ୍ତ୍ର ଲିପି ରହିଛି । ଏକ ସମୃଦ୍ଧ ପ୍ରାଚୀନ ପରମ୍ପରା ରହିଛି । ଏହା ଆଦୌ ଏକ ଉପଭାଷା ନୁହେଁ । ଦେଖାଯାଉଛି ଆଧୁନିକ ରୁଚିର ପ୍ରବାହରେ ଏହି ଭାଷା ଦିନକୁ ଦିନ ନିଜ ବ୍ୟବହାର ଉପଯୋଗିତା ହରାଇ କେବଳ ଏକ ବୋଲିରେ ପରିଣତ ହେବାକୁ ଯାଉଛି । ଉଦାହରଣ ରୂପେ ଯେକୌଣସି ସହରୀ ଶିକ୍ଷିତ ମଣିଷର ବ୍ୟବହାରିକ ଜୀବନଧାରାକୁ ପର୍ଯ୍ୟାଲୋଚନା କଲେ ଏହା ଜଣା ପଡ଼ିଥାଏ । କୌଣସି ଆବଶ୍ୟକତାବଶତଃ ଯଦି ତାକୁ କୌଣସି ସ୍ଥାନରେ ଦସ୍ତଖତ କିମ୍ବା ଏକ ଦରଖାସ୍ତଟିଏ ଦେବାକୁ ହେଉଥାଏ ସେ ଲେଖିଥାଏ ଇଂରାଜୀ ଭାଷାରେ । ପିଲାମାନଙ୍କୁ ପାଠ ପଢ଼ାଏ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ । ଅଫିସକୁ ଗଲେ କାମ କରେ ଇଂରାଜୀ ଭାଷାରେ* ।

ତା'ହେଲେ ଓଡ଼ିଆ ଭାଷା ରହିଲା ଆଉ କେଉଁଠି ? କେବଳ କ'ଣ ଖାଲି ମୁହଁରେ ?

ବିଳମ୍ବରେ ହେଲେ ବି ଏହିସବୁ ଯଥାର୍ଥ ପ୍ରଶ୍ନଗୁଡ଼ିକୁ ସାମନା କରିବା ନିମନ୍ତେ ଆମ୍ଭମାନଙ୍କଠାରେ ଆନ୍ତରିକ ଉତ୍ସାହ ପ୍ରକାଶ ପାଇବା ଆବଶ୍ୟକ ।

ମାତୃଭାଷା ଦିବସ ର ମୋର ଏକ ସ୍ୱତନ୍ତ୍ର ଉପସ୍ଥାପନା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେସରକାରୀ କ୍ଲିନିକ୍



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବେସରକାରୀ କ୍ଲିନିକ୍ ନା ମରଣଯନ୍ତା !

ବିଗତ ସପ୍ତାହରେ ବ୍ରହ୍ମପୁର ସହରର ଏକ ପ୍ରମୁଖ ବେସରକାରୀ ହସପିଟାଲ୍‌ରେ ଅସ୍ତ୍ରୋପଚାର ପରେ ଏକ ନବବିବାହିତା ଯୁବତୀଙ୍କ ମୃତ୍ୟୁପରେ ଯେଉଁଭଳି ଭାବରେ ଗଣମାଧ୍ୟମରେ ତତ୍ପରତା ପ୍ରକାଶ ପାଇଛି ତାହା ଅଭୂତପୂର୍ବ । ଏହିଭଳି ତତ୍ପରତା ଯଦି ସମୟ ଥାଉ ଥାଉ ପ୍ରକାଶିତ ହୋଇଥାନ୍ତା ହୁଏତ ଏକ ନିରୀହ ପ୍ରାଣହାନୀ ହୋଇନଥାନ୍ତା ବୋଲି ଅନେକ ମତ ଦେଉଛନ୍ତି ।

ସୂଚନା ଅନୁଯାୟୀ ବ୍ରହ୍ମପୁର ସହରରେ ଥିବା ଏହି ପ୍ରତିଷ୍ଠିତ ବେସରକାରୀ ହସପିଟାଲରେ ବିଗତ ଦିନରେ ଏହିଭଳି ଅନେକ ରୋଗୀ ପ୍ରାଣ ହରାଇଥିବା ଏବଂ ଏଥିପାଇଁ ଜନଅସନ୍ତୋଷ କୁହୁଳୁଥିଲା, ଚଳିତ ଘଟଣାରେ ଯେତେବେଳେ ଜଣେ ନବବିବାହିତା ଯୁବତୀ ଏହି ହସପିଟାଲରେ ଆପେଣ୍ଡିସାଇଟିସ୍ ଅପରେସନ ପରବର୍ତ୍ତୀ ଅବସ୍ଥାରେ ପ୍ରାଣହାନୀ ହେଲା, ସେତେବେଳେ ଜନଅସନ୍ତୋଷ ତୀବ୍ର ହୋଇଥିଲା ଏବଂ ଏଥିରେ ସଂପୃକ୍ତ ଡାକ୍ତରଙ୍କୁ ଲୋକମାନେ ଅଭଦ୍ରୋଚିତ ବ୍ୟବହାର କରିବାକୁ ପଛାଇନଥିଲେ । ଯଦିଓ ସଂପୃକ୍ତ ଡାକ୍ତର ବ୍ରହ୍ମପୁର ସହରର ଜଣେ ପ୍ରତିଷ୍ଠିତ ଅସ୍ତ୍ରୋପଚାର ବିଶେଷଜ୍ଞ ଏବଂ ତାଙ୍କର ଚିକିତ୍ସା ପାଇଁ ସେ ବହୁତ ଲୋକପ୍ରିୟ ମଧ୍ୟ । ସେ ଯା'ହେଉ, ଚଳିତ ପ୍ରକରଣରେ ଜଣେ ଯୁବତୀଙ୍କ ମୃତ୍ୟୁପରେ ଲୋକମାନେ ସଂପୃକ୍ତ ଡାକ୍ତର ଏବଂ ହସପିଟାଲ୍ ବିରୋଧରେ ବିକ୍ଷୋଭଗାର କରିବା ସହ ସେମାନଙ୍କୁ ଗିରଫ୍ କରିବା ଦାବୀ କରୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ହେଉଛି, ବ୍ରହ୍ମପୁର ଭଳି ଏକ ସହର ଯେଉଁଠି ଏକ ସରକାରୀ ହସପିଟାଲ ଥାଉ ଥାଉ ରୋଗୀମାନେ ପ୍ରାଇଭେଟ୍ ନର୍ସିଂ ହୋମ ଯିବାକୁ କାହିଁକି ଇଚ୍ଛା କରୁଛନ୍ତି ? ଯଦି ସରକାରୀ ସେବା ଉପଲବ୍ଧ ଅଛି ତା ହେଲେ ସରକାର ଏଭଳି ବେସରକାରୀ ହସପିଟାଲ ଖୋଲିବା ପାଇଁ ଅନୁମତି କାହିଁକି ଦେଉଛନ୍ତି ? ସହରରେ କାମ କରୁଥିବା ନବେରୁ ଅଧିକ ବେସରକାରୀ ନର୍ସିଂ ହୋମ୍, ହସପିଟାଲ୍ ଓ କ୍ଲିନିକ୍ ସବୁ ତ ସରକାରଙ୍କ ଅନୁମତି ନେଇ ହିଁ କାମ କରୁଛି । ସରକାର କାହିଁକି ଏ ସବୁ ପାଇଁ ଅନୁମତି ଦେଉଛନ୍ତି ? ଏହାର ପ୍ରମୁଖ କାରଣ ହେଲା, ସରକାର ବି ଜାଣିଛନ୍ତି ଯେ ସମସ୍ତ ପ୍ରକାର ସରକାରୀ ବ୍ୟବସ୍ଥା ସତ୍ତ୍ୱେ ଅନେକ ରୋଗୀଙ୍କୁ ସେବା ଯୋଗାଇଦେବାକୁ ସରକାରୀକଳ ଅକ୍ଷମ, ତେଣୁ ବେସରକାରୀ ସଂସ୍ଥାମାନଙ୍କୁ ଅନୁମତି ଦିଆଯାଉଛି ।

ସରକାରୀ ହସପିଟାଲ ଅବସ୍ଥା ନ କହିଲେ ହିଁ ଭଲ । ଆପଣ ଯଦି ସେଭଳି ପରିବେଶରେ କିଛି ସମୟ ରହିବେ ତା ହେଲେ ଆପଣ ବି ନିଜକୁ ରୋଗୀ ଭଳି ଅନୁଭବ ନ କରି ରହି ପାରିବେନି । ଏଥିପାଇଁ ଯେଉଁ ରୋଗୀଙ୍କ ପରିଜନ ପାରୁଛନ୍ତି, ସେମାନେ କିଛି ଅଧିକ ଅର୍ଥ ବ୍ୟୟ କରି ଭଲ ସେବା ଆଶାରେ ରୋଗୀଙ୍କୁ ବେସରକାରୀ ହସପିଟାଲ୍ ବା ନର୍ସିଂହୋମରେ ଭର୍ତ୍ତି କରୁଛନ୍ତି । ସରକାରୀ ହସପିଟାଲ୍‌ର ଅସ୍ତ୍ରୋପଚାର ଗୃହ ଅପେକ୍ଷା ବେସରକାରୀ ହସପିଟାଲ୍‌ରେ ଅଧିକ ଉନ୍ନତ ଉପକରଣ ଓ ଚିକିତ୍ସା ବ୍ୟବସ୍ଥା ରହୁଛି । ସରକାରୀ ହସପିଟାଲ୍‌ରେ ବି ରହୁଛି ସତ କିନ୍ତୁ ସେ ସବୁ ସମୟସାପେକ୍ଷ ନୁହେଁ, ଏବଂ ଅଧିକାଂଶ ଉପକରଣ ସମୟ ସହ ବଦଳିବାର ଦେଖାଯାଉନି । ବଡ଼ ମେଡ଼ିକାଲରେ ଥିବା ଅଧିକ ଖର୍ଚ୍ଚବହୁଳ ଉପକରଣ ବିନା କୌଣସି ଉପଯୋଗରେ ଖତ ଖାଉଛି ବୋଲି ସମୟ ସମୟରେ ସମ୍ବାଦପତ୍ରରେ ଦେଖିବାକୁ ମିଳୁଛି । ଏଭଳି କାହିଁକି ହେଉଛି ତାହା ବିଷୟରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସରକାର ଅବଗତ ଅଛନ୍ତି ନା ନାହିଁ ତାହା ଆମେ ଜାଣିବା କେମିତି ? କୋଟି କୋଟି ଟଙ୍କା ବ୍ୟୟରେ କ୍ରୟ ହୋଇଥିବା ସିଟିସ୍କାନ୍ ମେସିନ୍, ଅଲ୍ଟ୍ରା ସାଉଣ୍ଡ ମେସିନ୍ ଅନେକ ସମୟରେ ଅଚଳ ହେବାଯୋଗୁଁ ରୋଗୀମାନଙ୍କୁ ବେସରକାରୀ ସଂସ୍ଥା ଉପରେ ନିର୍ଭର କରିବାକୁ ପଡୁଛି, ପରୋକ୍ଷରେ ଏହି ଭଳି ବ୍ୟବସ୍ଥା ହିଁ ରୋଗୀଙ୍କୁ ବେସରକାରୀ ହସପିଟାଲ୍ ପ୍ରତି ଅଧିକ ଆକର୍ଷିତ କରୁଛି ।

ସରକାରୀ ହସପିଟାଲରେ ଡାକ୍ତରଙ୍କୁ ଦେଖା କରିବାପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରହିବା ଅପେକ୍ଷା ପ୍ରାଇଭେଟ୍ କ୍ଲିନିକରେ କିଛି ଅର୍ଥ ବ୍ୟୟରେ ସେଇ ଡାକ୍ତରଙ୍କୁ ସହଜରେ ଦେଖାକରିବା ସହ ଅଧିକ ସମୟ ନେଇ ରୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ଚର୍ଚ୍ଚା କରିବା ସମ୍ଭବ ହୋଇପାରୁଥିବାରୁ ଥିଲାବାଲା ଲୋକମାନେ ପ୍ରାଇଭେଟ୍ ସେବା ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି । ସରକାରୀ ହସପିଟାଲକୁ କେନ୍ଦ୍ରକରି ଅନେକ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବିକାନିର୍ବାହ ପାଇଁ ମଧ୍ୟ ବେଳେ ବେଳେ ରୋଗୀମାନଙ୍କୁ ସେଠାରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରାଇଭେଟ୍ ନର୍ସିଂ ହୋମ୍‌କୁ ଆଣୁଥିବାର ଅଭିଯୋଗରେ କୌଣସି ମିଥ୍ୟାନାହିଁ । ଏହିଭଳି ଦଲାଲ ଗୋଷ୍ଠୀ ଓଡ଼ିଶାର ସମସ୍ତ ସରକାରୀ ହସପିଟାଲ ବାହାରେ ଦେଖିବାକୁ ମିଳିବେ । ସେମାନେ ଅର୍ଥ ବିନିମୟରେ ବିଭିନ୍ନ ବେସରକାରୀ ହସପିଟାଲକୁ ରୋଗୀ ଯୋଗାନ୍ତି । ଏଥିପାଇଁ ମଧ୍ୟ ଅଧିକ ଲୋକ ବେସରକାରୀ ହସପିଟାଲ୍ ଉପରେ ନିର୍ଭର କରନ୍ତି ।

ଭାରତ ସରକାରଙ୍କ କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅଧିନରେ ବେସରକାରୀ କ୍ଲିନିକ୍ / ନର୍ସିଂ ହୋମ୍ / ହସପିଟାଲ୍ ଖୋଲିବାପାଇଁ ନିତିନିୟମମାନ ଧାର୍ଯ୍ୟ କରାଯାଇଛି । ସେହି ସବୁ ନିୟମକୁ ମାନିବାପରେ ହିଁ ଏହି ସବୁ ସଂସ୍ଥାମାନଙ୍କୁ କାମ କରିବାକୁ ଅନୁମତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଳୁଛି । ବେସରକାରୀ ସଂସ୍ଥା ସମସ୍ତ ନିତିନିୟମକୁ ମାନିବାପାଇଁ ବହୁଳ ଭାବରେ ଖର୍ଚ୍ଚାନ୍ତ ହେଉଥିବାର ଦୃଷ୍ଟାନ୍ତ ଦେଇ ରୋଗୀ ସେବାକୁ ବ୍ୟୟବହୁଳ କରି ପକାଉଛନ୍ତି । ଭଲ ସେବା ଆଶାରେ ଲୋକମାନେ ଅଧିକ ଖର୍ଚ୍ଚ କରିବାକୁ ପଛାଉନାହାନ୍ତି । ବର୍ତ୍ତମାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜୀବନବୀମା ସଂସ୍ଥାମାନଙ୍କ ଆବିର୍ଭାବ ଏହିଭଳି ସଂସ୍ଥାମାନଙ୍କରେ ବ୍ୟୟବହୁଳ ସେବାପାଇଁ ଲୋକମାନଙ୍କୁ ଉସୁକାଉଛି । ରୋଗ ହୋଇଥାଉ ବା ନ ହୋଇଥାଉ, ଲୋକମାନେ ବୀମା କିଣିଛନ୍ତି ମାନେ କିଛି ଅସାଧୁ ବ୍ୟବସାୟୀଙ୍କ ସହାୟତାରେ ମିଛରେ ରୋଗ ହୋଇଥିବା ଏବଂ ଚିକିତ୍ସିତ ହୋଇଥିବା ଦର୍ଶାଇ ବୀମା ସଂସ୍ଥାମାନଙ୍କରୁ ଅର୍ଥ ସଂଗ୍ରହରେ ବି ଲାଗିଛନ୍ତି । ଏହି ସବୁ ଫଳରେ ବେସରକାରୀ ହସପିଟାଲ ମାନେ ବହୁଳ ଭାବରେ ଲାଭବାନ ହେଉଛନ୍ତି ।

ବର୍ତ୍ତମାନ ଆମେ ଚଳିତ ପ୍ରକରଣକୁ ଆସିବା ଏବଂ ଦେଖିବା ଯେ ଯେଉଁ ଘଟଣାପାଇଁ ଆଜି ସମୁଦାୟ ବ୍ରହ୍ମପୁର ସହର ସ୍ତବ୍ଧ ହୋଇଛି ଏବଂ ଏକ ପ୍ରମୁଖ ବେସରକାରୀ ହସପିଟାଲରେ ତାଲା ପଡ଼ିଯାଇଛି, ସେହି ଘଟଣା ହେଲା କାହିଁକି ?

"ଜୀବନ ଓ ମୃତ୍ୟୁ ଉପରବାଲାଙ୍କ ହାତରେ.." ଏହିଭଳି ଏକ ସଂଳାପ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଆନନ୍ଦରେ ଶୁଣିବାକୁ ମିଳିଥିଲା । ହେଲେ ଯଦି କୌଣସି ରୋଗୀ ହସପିଟାଲରେ ମୃତ୍ୟୁବରଣ କରେ, ସେତେବେଳେ ଲୋକମାନେ ସିଧା ସିଧା ଡାକ୍ତରଙ୍କୁ ଦୋଷ ଦେଇପକାନ୍ତି । ବୁଝି ହେଉନି, ଡାକ୍ତର କଣ ମୃତ ରୋଗୀର ଶତ୍ରୁ ! ଏଭଳି ଧାରଣା ଲୋକଙ୍କ ମନରେ ସୃଷ୍ଟି ହେଉଛି କେମିତି ? ନିଜର ପରିଜନଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇଥିବା ଲୋକମାନେ ଉଚିତ ଅନୁଚିତ ବୁଝିବାରେ ଅକ୍ଷମ ହୋଇ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିବାକୁ ପଛାନ୍ତି ନାହିଁ, ଏହାର ଉଦାହରଣ ଗତବର୍ଷ ପଶ୍ଚିମବଙ୍ଗର ଏକ ହସପିଟାଲରେ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବା ଘଟଣାରୁ ଜାଣିହୁଏ । ଜଣେ ଡାକ୍ତର ନିଜର ବୁଦ୍ଧି ଓ ଜ୍ଞାନର ବ୍ୟବହାର କରି ରୋଗୀମାନଙ୍କ ପାଇଁ ସବୁଠାରୁ ଭଲ ଓ ଉପଯୁକ୍ତ ଚିକିତ୍ସାପାଇଁ ପରାମର୍ଶ ଦେଇପାରେ, କିନ୍ତୁ ଡାକ୍ତର ଭଗବାନ ନୁହନ୍ତି । ତେଣୁ ଚିକିତ୍ସା କରିବା ଅର୍ଥ ନୁହେଁ, ଯେ ସଂପୃକ୍ତ ଡାକ୍ତର ମରଣୋନ୍ମୁଖୀ ରୋଗୀଙ୍କୁ ବଞ୍ଚାଇପାରିବେ । ଏହା ଅସମ୍ଭବ ।

ଯେଉଁ ମହିଳାଙ୍କ ମୃତ୍ୟୁ ହେଲା, ତାଙ୍କର ମୃତ୍ୟୁର କାରଣ ହୃଦକ୍ରିୟା ବନ୍ଦ ହେବାଯୋଗୁଁ ହୋଇଥିବା କଥା ପୋଷ୍ଟମର୍ଟମ୍ ରିପୋର୍ଟରୁ ଜଣାପଡ଼ିଛି । ହସପିଟାଲ ତରଫରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସଂପୃକ୍ତ ମହିଳାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିଲା ଏବଂ ଅସ୍ତ୍ରୋପଚାର ଲାପାରୋସ୍କୋପିକ୍ ପ୍ରକ୍ରିୟାରେ କରାଯାଇଥିଲା ଯେଉଁଥିରେ ରୋଗୀ ସୁରକ୍ଷିତ ରହିପାରନ୍ତି । ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେମିତି ହୋଇଥିଲା । କିନ୍ତୁ ରୋଗୀ ପୂର୍ବରୁ ଶ୍ୱାସରୋଗରେ ପୀଡ଼ିତା ଥିଲେ, ଯେଉଁଥିପାଇଁ ଅସ୍ତ୍ରୋପଚାର ହେବାର ଅନେକ ସମୟପରେ ତାଙ୍କର ଶ୍ୱାସପ୍ରକ୍ରିୟାରେ ଜଟିଳତା ଦେଖାଦେଲା ଏବଂ ତାଙ୍କୁ ବଞ୍ଚାଇବାର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ହସପିଟାଲ୍ ତରଫରୁ ରୋଗୀଙ୍କୁ ବଞ୍ଚାଇବା ପାଇଁ ସମସ୍ତ ଚେଷ୍ଟା କରାଯାଇଥିଲା ବୋଲି ଆଶ୍ୱାସନା ଦିଆଯାଇଥିଲା ବେଳେ କିନ୍ତୁ ରୋଗୀଙ୍କ ପରିଜନ ଏଥିରେ ଅସହମତ ଦେଖା ଯାଆନ୍ତି । ରୋଗୀଙ୍କ ପରିବାର ତରଫରୁ କୁହାଯାଇଛି ଯେ ଅସ୍ତ୍ରୋପଚାର ପରେ ରୋଗୀଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ଦେଖାଦେଇଥିଲା କିନ୍ତୁ ଅସ୍ତ୍ରୋପଚାର କରିଥିବା ଡାକ୍ତର ରୋଗୀଙ୍କୁ ଛାଡ଼ିଦେଇ ଚାଲିଯାଇଥିଲେ । ସେ ପୁଣିଥରେ ଫେରିବା ବେଳକୁ ରୋଗୀ ମୃତ୍ୟୁବରଣ କରି ସାରିଥିଲେ । ଯଦି ଡାକ୍ତର ଉପସ୍ଥିତ ଥାଆନ୍ତେ ତାହେଲେ ହୁଏତ ରୋଗୀଙ୍କୁ ବଞ୍ଚାଯାଇ ପାରନ୍ତା ।

ବେସରକାରୀ ହସପିଟାଲରେ ଅସ୍ତ୍ରୋପଚାର ପାଇଁ ଆସିଥିବା ଡାକ୍ତର ଜଣେ ସରକାରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର୍ମଚାରୀ । ଅନ୍ୟ ସମସ୍ତ ଡାକ୍ତରଙ୍କ ଭଳି ସେ ମଧ୍ୟ ନିଜ ଦାୟିତ୍ୱ ତୁଲାଇବା ପରେ ନିଜର ବ୍ୟକ୍ତିଗତ ସମୟରେ ବେସରକାରୀ ଭାବରେ ରୋଗୀ ସେବା ଯୋଗାଇ ଦିଅନ୍ତି । ଏବଂ ଅସ୍ତ୍ରୋପଚାର କରିବାରେ କୌଣସି ତ୍ରୁଟି ସେ କରିନାହାନ୍ତି ବୋଲି ଜଣାପଡ଼ିଛି । ହୁଏତ ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ରୋଗୀ ନିଶ୍ଚେତକର ପ୍ରଭାବରୁ ମୁକ୍ତ ହେବାର ପ୍ରଚେଷ୍ଟାରେ ବିଫଳ ହୋଇ ମୃତ୍ୟୁବରଣ କରିଥାଇ ପାରନ୍ତି । ଯାହା ବି ହେଉ, ହୁଏତ ଡାକ୍ତରଙ୍କ ଉପସ୍ଥିତି ଏହି ବିଷମ ସମୟରେ ରୋଗୀଙ୍କ ପରିଜନଙ୍କୁ କୌଣସି ପ୍ରକାର ଆଶ୍ୱାସନା ଦେଇ ପାରିଥାନ୍ତା । ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ଯଦି ରୋଗୀ ମୃତ୍ୟୁବରଣ କରିଥାନ୍ତେ ତା ହେଲେ ହୁଏତ ରୋଗୀଙ୍କ ପରିଜନ ଡାକ୍ତରଙ୍କୁ ଦୋଷୀ ବୋଲି ମାନି ନଥାନ୍ତେ । କିନ୍ତୁ ଏହି ଘଟଣାରେ ଡାକ୍ତର ଅସ୍ତ୍ରୋପଚାର କରିବା ପରେ ହସପିଟାଲରୁ ବାହାରି ଚାଲିଯାଇଥିଲେ, ଏବଂ ସେଠାରେ ରୋଗୀର ଅବସ୍ଥାକୁ ଦେଖି ଉଚିତ ଚିକିତ୍ସା ଦେବାଭଳି କୌଣସି ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି (ଡାକ୍ତର / ଫାର୍ମାସିଷ୍ଟ / ନର୍ସ୍) ଉପସ୍ଥିତ ନଥିଲେ । ଯାହା ଲୋକଙ୍କୁ ଉତ୍ୟକ୍ତ କରିଦେଇଥିଲା । ଏଠି ଡାକ୍ତରଙ୍କୁ କିଛିକାଂଶରେ ଦୋଷମୁକ୍ତ କରିବା ଅସମ୍ଭବ ହୋଇପଡ଼େ । କାରଣ ଅସ୍ତ୍ରୋପଚାର କରିଥିବା ଡାକ୍ତର ଅସ୍ତ୍ରୋପଚାର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ସମୟରେ ଉପସ୍ଥିତ ରହି ସମସ୍ତ ପ୍ରକ୍ରିୟାକୁ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷଣ କରିବା ଉଚିତ ଥିଲା । ସେ ରୋଗୀର ଅତୀତର ରୋଗର ଇତିହାସକୁ ଲକ୍ଷ୍ୟକରି ତାଙ୍କୁ ସମ୍ପୂର୍ଣ୍ଣଭାବରେ ନିଶ୍ଚେତକର ପ୍ରଭାବ ଶୂନ୍ୟ ହେବା ପର୍ଯ୍ୟନ୍ତ ଅପେକ୍ଷା କରିପାରିଥାନ୍ତେ । କିନ୍ତୁ ଯେମିତି ସବୁବେଳେ ହୋଇ ଆସୁଛି, ଅଭିଜ୍ଞ ଡାକ୍ତରମାନେ କେବଳ ଅସ୍ତ୍ରୋପଚାର କରିଦେଇ ବାକି ସମସ୍ତ କାର୍ଯ୍ୟ ହସପିଟାଲର ଅନଭିଜ୍ଞ କର୍ମକର୍ତ୍ତାଙ୍କ ଉପରେ ନ୍ୟସ୍ତ କରିଦେଇ ଚାଲିଯାଆନ୍ତି । ପ୍ରାୟତଃ ଅଧିକାଂଶ ମୁଖ୍ୟ କାର୍ଯ୍ୟ ସମାପନ ହୋଇଥିବା ହେତୁ ରୋଗୀକୁ

Magazine Downloaded from www.aahwaan.com

ସ୍ଥାନାନ୍ତର କରିବା, ନିଶ୍ଚେତକର ପ୍ରଭାବ ହ୍ରାସ କରିବା ଆଦି କାର୍ଯ୍ୟ ଅପେକ୍ଷାକୃତ କମ ପ୍ରମୁଖତା ରଖେ, ତେଣୁ କେବେ କୌଣସି ଅସୁବିଧା ହୋଇନଥିଲା ।

ବର୍ତ୍ତମାନ ଏହି ଘଟଣାର ଏକ ପ୍ରମୁଖ ଦିଗପ୍ରତି ଧ୍ୟାନ ଦେବା । ଘଟଣା ଜଣାପଡ଼ିବା ପରେ ଗଣମାଧ୍ୟମ ଯେଉଁଭଳି ଭାବରେ ତତ୍ପରତା ଦେଖାଇଲା, ତାହା ଅଭୁତପୂର୍ବ ଥିଲା । କିନ୍ତୁ ବେସରକାରୀ ହସପିଟାଲକୁ ସଂପୂର୍ଣ୍ଣଭାବରେ ଦୋଷୀ ବୋଲି ଘୋଷଣା କରିବାପୂର୍ବରୁ ଏହି ହସପିଟାଲ୍ ଅନେକ ଦିନରୁ ସହରରେ ଥିବା ଏବଂ ଅଗଣିତ ରୋଗୀଙ୍କୁ ସେବା ଯୋଗାଇ ଦେଇ ଆସୁଥିବା କଥାକୁ ଏଡ଼ାଇ ଦେଲେ । ହସପିଟାଲ୍‌ରେ ରୋଗୀ ମୃତ୍ୟୁହେଲେ କଣ ସମ୍ପୂର୍ଣ୍ଣ ହସପିଟାଲ ହିଁ ଦୋଷୀ ? କଣ ସରକାରୀ ହସପିଟାଲରେ ରୋଗୀ ମୃତ୍ୟୁବରଣ କରୁନାହାନ୍ତି ? ନା ସେଠି ଗରିବ ରୋଗୀ ନିଜପାଇଁ ନାଯ୍ୟ ଦାବୀ କରିପାରୁନାହିଁ ବୋଲି ଅନେକ ଘଟଣା ଉହ୍ୟ ରହି ଯାଉଛି ? ଗଣମାଧ୍ୟମ ସରକାରୀ ହସପିଟାଲ୍ ଭିତରେ ପ୍ରବେଶ କରି ଘଟଣାକୁ ପ୍ରସାର କରିବାକୁ ଅକ୍ଷମ ହେଉଛନ୍ତି ? ବେସରକାରୀ ହସପିଟାଲ୍ ଯଦି ରୋଗୀର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରୁନାହିଁ, ତା ହେଲେ ଏତେ ସଂଖ୍ୟକ ରୋଗୀ ସେଠାକୁ ଆସୁଛନ୍ତି କିଭଳି ? ସୁଉଚ୍ଚ ଅଟ୍ଟାଳିକା ଗଢ଼ି ଅନେକ ବର୍ଷରୁ ରୋଗୀ ସେବା ଯୋଗାଇ ଆସୁଛନ୍ତି କିଭଳି ? ବଡ଼ ମେଡ଼ିକାଲ୍ ଥାଉ ଥାଉ ରୋଗୀଙ୍କୁ ସେହି ବେସରକାରୀ ହସପିଟାଲକୁ ନିଆଯାଉଛି କାହିଁକି ? କିଛି ଗଣମାଧ୍ୟମ କହିଛନ୍ତି ଯେ ଡାକ୍ତରଙ୍କ ନିର୍ଦ୍ଦେଶରେ ରୋଗୀଙ୍କୁ ସେହି ବେସରକାରୀ ହସପିଟାଲରେ ଭର୍ତ୍ତି କରାଯାଇଥିଲା, ଯଦି ସେମିତି ବି ହୋଇଥାଏ ତା ହେଲେ ସଂପୃକ୍ତ ଡାକ୍ତରଙ୍କ ନିଜର ଏକ ହସପିଟାଲ ସହରର ପ୍ରମୁଖ ସ୍ଥାନରେ ରହିଛି, ସେ ନିଜ ହସପିଟାଲରେ ରୋଗୀଙ୍କୁ ରଖି ଅସ୍ତ୍ରୋପଚାର କରିବାକୁ କହିଲେ ନାହିଁ କାହିଁକି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଗୋଟିଏ ରୋଗୀ ମୃତ୍ୟୁବରଣ କରିବାପରେ ଯେଉଁଭଳି ପ୍ରତିକ୍ରିୟା ଦେଖାଯାଇଛି, ଯଦି ଠିକ୍ ଏଇ ଭଳି ପ୍ରତିକ୍ରିୟା ଆଗରୁ ଦେଖାଯାଇଥାନ୍ତା, ହୁଏତ ଏହି ଘଟଣା ଘଟିନଥାନ୍ତା । ସରକାର ଏବେ ନିଶ୍ଚିତ କରନ୍ତୁ ଯେ ସମସ୍ତ ଅସ୍ତ୍ରୋପଚାର କେବଳ ସରକାରୀ ଡାକ୍ତରଖାନାରେ ହିଁ ହେବ । ବେସରକାରୀ ଡାକ୍ତରଖାନା ସବୁ ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଯେଉଁ ସରକାରୀ ଡାକ୍ତରମାନେ ଅଭିଜ୍ଞ, ସେମାନଙ୍କ ସେବାକୁ ସରକାରୀ ସ୍ତରରେ ଉଚିତ ମୂଲ୍ୟାୟନ କରାଯାଇପାରିଲେ ହୁଏତ ସେମାନେ ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ଇଚ୍ଛା ପ୍ରକାଶ ନ କରି ପାରନ୍ତି । ବଡ଼ ଡାକ୍ତରଖାନାରେ ଡାକ୍ତରୀ ଛାତ୍ରଙ୍କ ଦୟାରେ ରୋଗୀଙ୍କୁ ଛାଡ଼ିଦେଇ ଅଭିଜ୍ଞ ଡାକ୍ତରମାନେ ନିଜର ବ୍ୟକ୍ତିଗତ ବ୍ୟାପାରରେ ବ୍ୟସ୍ତ ରହୁଛନ୍ତି, ଏହାର କାରଣ ଓ ନିରାକରଣ ଦାୟିତ୍ୱ ମଧ୍ୟ ସରକାରଙ୍କର ।

ସର୍ବୋପରି ଡାକ୍ତର ମଧ୍ୟ ଜଣେ ସାଧାରଣ ମନୁଷ୍ୟ ଏବଂ ସେ ଭଗବାନ ନୁହନ୍ତି । ତେଣୁ ରୋଗୀଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଇବା ପାଇଁ ସେ ଚେଷ୍ଟା କରିପାରନ୍ତି, କିନ୍ତୁ ମୃତ୍ୟୁ ଅବଶ୍ୟମ୍ଭାବୀ ଥିଲେ ତାଙ୍କୁ ବଞ୍ଚାଇବା ଭଳି ଶକ୍ତି ମନୁଷ୍ୟର ନାହିଁ । ଏବଂ ଡାକ୍ତର କେବେ ବି ରୋଗୀର ଶତ୍ରୁ ଭଳି ବ୍ୟବହାର କରନ୍ତି ନାହିଁ, ତେଣୁ ରୋଗୀର ମୃତ୍ୟୁରେ ଡାକ୍ତରଙ୍କୁ ଆକ୍ରମଣ କରିବା ଆଦୌ ଗ୍ରହଣୀୟ ନୁହେଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିବାହ ବନ୍ଧନ !



ସୋସିଆଲ୍ ଫୋରମ୍

ପ୍ରାଗୈତିହାସିକ ସମୟରେ ମଣିଷକୁ ଦେବାଦେବୀ, ଗ୍ରହନକ୍ଷତ୍ର, କର୍ମକୁଣ୍ଡଳ, ହୋମଯଜ୍ଞ ତଥା ପୂଜାଅର୍ଚ୍ଚନା କ'ଣ ଏବଂ ସେସବୁର ମନୁଷ୍ୟ ଉପରେ କିଛି ପ୍ରଭାବ ଅଛି କି ନାହିଁ ତାହା ଉପରେ କୌଣସି ଧାରଣା ନଥିଲା । ମନୁଷ୍ୟର ଜ୍ଞାନ ପ୍ରଖର ହୋଇ ଧୀରେ ଧୀରେ ସୁରକ୍ଷା ଜନିତ ଭୟର ମାତ୍ରା ବୃଦ୍ଧି ହେବାପରେ ଏହିସବୁ ଅଲୌକିକ ତଥ୍ୟ ଗୁଡିକ ଆନୁମାନିକ ଭାବେ ଉଦ୍ଭାବିତ ହେଲା । କାଳକ୍ରମେ ସାମାଜିକ ସଂସ୍କାର ବୃଦ୍ଧି କ୍ଷେତ୍ରରେ ଅନେକ ସାମାଜିକ ଚେତନା ସହିତ କୁସଂସ୍କାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଲା । ଅର୍ଥାତ କୌଣସି ଏକ ସାମାଜିକ କର୍ମରେ ସେହି ଆନୁମାନିକ ବିଧି ଗୁଡିଏ ଯୋଡ଼ିଦେଇ ତାହାର କୌଣସି ପ୍ରକାର ବାସ୍ତବବାଦୀ ତଥା ପ୍ରାକୃତିକ ପ୍ରଭାବକୁ ସିଧାସଳଖ ଅନୁଭବ କରି ହେଉନଥିଲେ ମଧ୍ୟ ଅଲୌକିକତାକୁ ସମ୍ମାନ ଦେଇ ଆନନ୍ଦ ଅନୁଭବ କରି ଗୋଟିଏ ଦିଗରେ  ଆଗ୍ରହୀ ହେବା ସହିତ ମାନସିକ ଭ୍ରାନ୍ତି ଭୟ ଦୂର କରିବାରେ ମନୁଷ୍ୟ ତତ୍ପରତା ପ୍ରଦର୍ଶନ କରିବାକୁ ଲାଗିଲା । ଫଳ ସ୍ୱରୂପ ସେହି ଅଲୌକିକ ବିଚାରଧାରା ଏବଂ ତାହାର ବିନିଯୋଗ ବିଶିଷ୍ଟ ବର୍ଣ୍ଣନା ଗୁଡିକ ଦାର୍ଶନିକ ତଥା ବିଶେଷ ଜ୍ଞାନ ବିଶିଷ୍ଟ ଲୋକଙ୍କ ଛଡା ସମସ୍ତଙ୍କୁ ବୁଝି ପାରିବାରେ ଅକ୍ଷମ କରିଦେଲା ।

କାଳକ୍ରମେ ଏକ ସ୍ୱତନ୍ତ୍ର ସମ୍ପ୍ରଦାୟ ତଥା ଉନ୍ନତ ମାନର ଜ୍ଞାନ ବିଶିଷ୍ଟ ଜିନରୁ ଜନ୍ମିତ ତଥା କଥିତ ଏକ ପ୍ରଜାତିର ମନୁଷ୍ୟ ଯାହାଙ୍କୁ ଭାରତରେ ବ୍ରାହ୍ମଣ ଭାବେ ପରିଚୟ ମିଳିଥିଲା, ସେହିମାନେହିଁ ଏହିସବୁ ଅଲୌକିକ ତଥ୍ୟ ଗୁଡିକ ଉପରେ ବିଶାରଦ ଥିଲେ । ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କୁ ପଚାରି ବୁଝି ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ କାର୍ଯ୍ୟ କରିବାକୁ କୌଣସି ମତେ ସହମତ ଥିଲେ । ଅର୍ଥାତ ବ୍ରାହ୍ମଣ ମାନେ ସେହି ଅଜ୍ଞ ପ୍ରଜାତିର ମନୁଷ୍ୟ ମାନଙ୍କୁ ସଂସ୍କାର ଶିକ୍ଷା ଦେବା ସହିତ ସେମାନଙ୍କ ଅଜ୍ଞତାର ସୁଯୋଗ ନେଇ ଅନେକ ଠକାମିର ଶିକାର କାରିବାକୁ ପଛଘୁଞ୍ଚା ଦେଲେ ନାହିଁ । ଏମିତି ଦିନକୁ ଦିନ ଅନେକ କୁସଂସ୍କାର ତଥା ଅବାନ୍ତର ତଥ୍ୟ ଗୁଡିଏ ଯୋଡି ବିଭିନ୍ନ ଭୟ ଦେଖାଇ ସମଗ୍ର ଜନମାନସରେ ଏକ ପ୍ରକାର ଅନାବଶ୍ୟକ ଅଯୌକ୍ତିକ ଭୟ ସଞ୍ଚାର ହେବାକୁ ଲାଗିଲା । ତେଣୁ ସେହି ଭୟ ଜନିତ କୁପ୍ରଭାବକୁ ଏଡାଇ ଶାନ୍ତିରେ ଜୀବନ ଜାପାନ କରିବା ପାଇଁ ମନୁଷ୍ୟ ସେହିସବୁ ବାଧ୍ୟତା ମୂଳକ ଭାବେ ଗ୍ରହଣ କରିବା ହେତୁ ତାହା ଏକ ପ୍ରକାର ସାମାଜିକ ରୀତିରେ ପରିଣତ ହୋଇଗଲା ।

ଏମିତି ଅନେକ ସାମାଜିକ ରୀତି ମଧ୍ୟରୁ ବିବାହ ବନ୍ଧନ ଗୋଟିଏ ଅଂଶ ବିଶେଷ ଯାହା ଉପରେ ଆଲୋଚନା ତଥା ତର୍ଜମା କରି କିଛି ତଥ୍ୟ ଭିତିକ ଅନୁଶୀଳନ ଦିଆଗଲା । ସେସବୁ କେତେଦୂର ଗ୍ରହଣୀୟ ନିର୍ଭର ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ବିଚାର ଧାରାକୁ ନେଇ ।

ରାଜତନ୍ତ୍ରର ପ୍ରଚଳନ ହେବା ପରେ ମନୁଷ୍ୟ ମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି ହୋଇ ଅଦ୍ୟାବଧି ପ୍ରତ୍ୟେକ ଘର ପରିବାରର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା, ସ୍ୱାଭିମାନ, କୌଳିକ ବିଚାରଧାରା, ପୁରୁଷାନୁକ୍ରମିକ ପରମ୍ପରା, ମାନବୀୟ ଚିନ୍ତାଧାରା ତଥା ଜୀବନଧାରଣ ଶୈଳୀ ଦେଖିବାକୁ ମିଳିଥାଏ । ସେସବୁ ସ୍ଥଳ ବିଶେଷରେ ଅନେକ ସାମଞ୍ଜସ୍ୟ / ଅସାମଞ୍ଜସ୍ୟ ଦେଖାଇଥାଏ ପରିବାର ଠାରୁ ପରିବାର ମଧ୍ୟରେ । ମଣିଷ ସମାଜ ଗଠନ କରି ଏକ ସାମାଜିକ ପ୍ରାଣୀ ଭାବେ କୋଉ ଆଦି କାଳରୁ ଚଳି ଆସୁଛି । ମଣିଷ ସମାଜର ବୈବାହିକ ରୀତି ନୀତି ଅନ୍ୟ ପ୍ରାଣୀ ସମାଜରେ ଦେଖିବାକୁ ମିଳି ନଥାଏ । ଆମ ସମାଜରେ ପୁଅ ଝିଅର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବାହ ପାଇଁ ଦୁଇଟି ପରିବାର ମଧ୍ୟରେ ଆପୋଷ ବୁଝାମଣା ତଥା ମନ ମିଳନ ପରେ ଯଥା ରୀତିରେ ବାହାଘର ସମ୍ପନ୍ନ ହୋଇଥାଏ । ଏତଦ ବ୍ୟତୀତ କିଛି ସାମାଜିକ ବ୍ୟତିକ୍ରମ ଢଙ୍ଗରେ ମଧ୍ୟ ଅନେକ ବିବାହ ସମ୍ପନ୍ନ ହେଉଥିବା ଆମେ ଲକ୍ଷ୍ୟ କରିଥାଉ ।

ପାଶ୍ଚାତ୍ୟ ଦେଶ ଗୁଡିକର ବୈବାହିକ ପରମ୍ପରା ତୁଳନାତ୍ମକ ଭାବେ ଭିନ୍ନ ଭିନ୍ନ ହୋଇଥିବା ବେଳେ ଆମ ଦେଶର ବୈବାହିକ ପରମ୍ପରା ସମ୍ପୂର୍ଣ ରୂପେ ଅସାମଞ୍ଜସ୍ୟ ଦେଖାଇଥାଏ ସେମାନଙ୍କ ରୀତି ନୀତିକୁ । ଅର୍ଥାତ ଭାରତ ଏବଂ ତାହାର ସଂଲଗ୍ନ ରାଷ୍ଟ୍ର ଗୁଡିକରେ ଯେଉଁଭଳି ବୈବାହିକ ପରମ୍ପରା ଦେଖିବାକୁ ମିଳେ ତାହା ସାରା ବିଶ୍ୱରେ ଅନ୍ୟତ୍ର ଦେଖିବାକୁ ମିଳିବ ନାହିଁ । ଆମ ଦେଶର ବିବାହ କାର୍ଯ୍ୟ ସମ୍ପାଦନ ପୂର୍ବ ଏବଂ ପରବର୍ତ୍ତୀ ସାମାଜିକ ରୀତି ନୀତି ଏତେ ଜଟିଳ ଯେ ସାଧାରଣ ମନୁଷ୍ୟ ପକ୍ଷରେ ସେସବୁ ବୁଝିବା ସହଜସାଧ୍ୟ ନୁହେଁ । ପ୍ରତ୍ୟେକ ମୁହୂର୍ତ୍ତ ତଥା ସମୟରେ ସେସବୁର ଉପଯୁକ୍ତତା ଉପରେ ନିର୍ଭର କରିବାକୁ ପଡିଥାଏ ବିଶେଷଜ୍ଞ ତଥା ବ୍ରାହ୍ମଣ ଉପରେ । ହେଲେ ଆଜି ସୁଦ୍ଧା ଏକବିଂଶ ଶତାବ୍ଦୀରେ ପାଦଦେଇ ମଧ୍ୟ ତଥା କଥିତ ଅଜ୍ଞାନ ସମ୍ପ୍ରଦାୟଙ୍କ ସମେତ ବ୍ରାହ୍ମଣ ସମାଜ ମଧ୍ୟ ବାଦ ପଡ଼ିନାହାନ୍ତି ସହିସବୁ ପରମ୍ପରାରୁ ।

ପୂର୍ବରୁ ଆମ ଦେଶରେ ବୈବାହିକ ମିଳନ କରାଯିବା ନେଇ ପାତ୍ର କନ୍ୟାଙ୍କ ମେଳଣ ତଥା ପାରିବାରିକ ସଂସ୍କୃତିର ସାମଞ୍ଜସ୍ୟତାକୁ ବିଚାରକୁ ନେଇ ସେମାନଙ୍କ କୁଣ୍ଡଳୀ ମେଳ ହେଲେ ବିବାହ ସ୍ଥିର କରାଯାଉଥିଲା, ଯାହା ଆଜି ମଧ୍ୟ ଜୀବିତ ଅଛି । କିନ୍ତୁ ଅନ୍ୟପକ୍ଷରେ କେତେକ କ୍ଷେତ୍ରରେ ପ୍ରେମ ବିବାହ ତଥା ପଞ୍ଜିକୃତ ବିବାହ ମାଧ୍ୟମରେ ସାମାଜିକ ରୀତି ନୀତି ଗୁଡିକୁ ଭୃକ୍ଷେପ ନକରି ଅନେକ ବିବାହ ସମ୍ପନ୍ନ ହେଉଥିବା ପରଲିଖିତ ହେଉଅଛି । ପୁନଃ ସାମାଜିକ ସଂସ୍କୃତି, ପରମ୍ପରା, ଜାତି, ଗୋତ୍ର, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୌଣସି

ଆହ୍ୱାନ ଇ-ପତ୍ରିକା


 Magazine Downloaded from www.aahwaan.com

ପ୍ରକାର ଭେଦଭାବ ନରଖି ବିବାହ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି । ବର୍ତ୍ତମାନ ତର୍ଜମା କରିବା ବିଷୟ ଏହିକିଯେ, ସେହି ପ୍ରାଚୀନ ପରମ୍ପରାକୁ ବାଦଦେଇ ନିଜ ଇଚ୍ଛାରେ ବିବାହ କରୁଥିବା ଦମ୍ପତ୍ତି ଆଉ ପାରମ୍ପରିକ ରୀତିରେ ବିବାହ କରିଥିବା ଦମ୍ପତ୍ତିଙ୍କ ମଧ୍ୟରେ କିଛି ବ୍ୟତିକ୍ରମ କିମ୍ବା ଅସ୍ୱାଭାବିକ ଲକ୍ଷଣ ଦେଖିବାକୁ ମିଳେ କି ? ପୁନଃ ପାରମ୍ପରିକ ରୀତିରେ ବିବାହ କରିଥିବା ଦମ୍ପତ୍ତି ସେମାନଙ୍କ ଠାରୁ ଅଧିକ ଯୋଗ୍ୟ ସାମାଜିକ ତଥା ସେମାନଙ୍କ ସାମାଜିକ ଦାଇତ୍ୱ, ଚେତନା ନିର୍ବିଶେଷରେ ସାମାଜିକ ମୂଲ୍ୟବୋଧ ଏବଂ କର୍ତବ୍ୟନିଷ୍ଠତା ଅଧିକ ଥାଏ କି ? କିମ୍ବା କ'ଣ କ'ଣ ବ୍ୟବଧାନ ଥାଏ କିମ୍ବା ଉଭୟ ସମାନ ସ୍ତରରେ ରହନ୍ତି ନା କିଛି ଭିନ୍ନତା ପରିଲକ୍ଷିତ ହୁଏ, ଏଠାରେ ଆଲୋଚ୍ୟ ବିଷୟ !!

ନିର୍ଦ୍ଧାରଣର ପରିସମାପ୍ତିରେ ଗବେଷଣାତ୍ମକ ତଥ୍ୟ ଉପରେ ଆଧାରିତ କିଛି ରହସ୍ୟମୟ ତଥ୍ୟ ସମସ୍ତଙ୍କ ଗୋଚର ପାଇଁ ଦିଆଗଲା । ତାହା ସହିତ ଆପଣମାନେ କେତେ ଦୂର ସହମତ ନିଜେ ପରଖି ନିଅନ୍ତୁ କିମ୍ବା ଆମକୁ ଜଣାଇଲେ ପୁନଃ ପରିମାର୍ଜିତ କରାଯିବ । କିମ୍ବା ଆପଣମାନେ ସନ୍ତୁଷ୍ଟ ହେଲେ ଆମକୁ ଜଣାଇଲେ ଆସନ୍ତା ଭବିଷ୍ୟତରେ ପୁଣି କିଛି ନୂତନ ରହସ୍ୟାତ୍ମକ ବିଷୟ ଉପରେ ତର୍ଜମା ଉପସ୍ଥାପନ କରିବୁ ।

ବିବାହ ବନ୍ଧନ ସ୍ୱର୍ଗରେ ନିର୍ଧାରଣ ହୋଇଥାଏ ବୋଲି ହିନ୍ଦୁ ଧର୍ମର ଏକ କୁହେଳିକା ପଛରେ ନପଡ଼ି ନିଜ ଜୀବନ ସାର୍ଥକ କରିବା ପାଇଁ କିଛି ଉପାଦେୟ ତଥ୍ୟ ଭିତ୍ତିକ ଅନୁଶୀଳନି ଉପରେ ଗୁରୁତ୍ୱ ଦେଇ ଆଗକୁ ବଢିଲେ ଆୟୋଜିତ ବିବାହ ହେଉ କି ପ୍ରେମ ବିବାହ, ସାମାଜିକ ତଥ୍ୟ ଉପରେ ଆଧାରିତ ହେଉ କି ନିଜସ୍ୱ ଇଛା କିମ୍ବା ଯେକୌଣସି ପ୍ରକାର ବିବାହ କୃତକାର୍ଯ୍ୟ ହୋଇଥାଏ । କିନ୍ତୁ ସବୁ କଥାରେ ଅନ୍ୟ ଉପରେ ନିର୍ଭର କରି ନିଜର ବିଚାରଶକ୍ତିକୁ ପଛରେ ପକାଇ କୌଣସି ବିବାହ ବନ୍ଧନ ସ୍ଥିର କଲେ ହୁଏତ ତାହା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରା ଜୀବନ ସମ୍ପୃକ୍ତ ଦମ୍ପତିଙ୍କ ସହିତ ପରିବାର ତଥା ସମ୍ପର୍କୀୟଙ୍କ ଆସ୍ଥାକୁ କ୍ଷିପ୍ର ପ୍ରତିଘାତ ପୂର୍ବକ ଅନେକ ଜଞ୍ଜାଳ ଭରିଦେଇ ସାରା ଜୀବନ ହନ୍ତସନ୍ତ କରିଥାଏ । କହିବାର ମୂଳ ବିଷୟ ହେଲା ଯେକୌଣସି ସାମାଜିକ ରୀତି ନୀତି ହେଉ କି କୁଣ୍ଡଳୀ ମେଳଣ ସେସବୁ ମାନସିକତା ଉପରେ ନିର୍ଭର କରେ ଆମେ କଣ ଭାବୁଛେ ! କିନ୍ତୁ ବାସ୍ତବ ଏହାଯେ ପ୍ରଥମେ ଦୁଇଟି ପରିବାର ମଧ୍ୟରେ ନୂତନ ବନ୍ଧୁତ୍ୱ ସ୍ଥାପନ ପୂର୍ବରୁ ଯଦି ଉଭୟ ପରିବାରର ବିଚାରଧାରା ତଥା ପାରିବାରିକ ଚଳଣି ମେଳ ହେଉନଥିଲେ ମଧ୍ୟ ନିଜର କୌଣସି ପ୍ରକାର ଦୁର୍ବଳତା ହେତୁ ବିବାହ ସ୍ଥିର କରାଯାଏ ଅଥବା ସେସବୁକୁ ବିଚାରକୁ ନନେଇ ପ୍ରେମ ମିଳନ ହୋଇଥାଏ, ସେହି କ୍ଷେତ୍ରରେ ବିବାହ ସାରା ଜୀବନ ଅଶାନ୍ତି ମଧ୍ୟରେ ବଞ୍ଚିବାକୁ ବାଧ୍ୟ କରାଏ ! ଅର୍ଥାତ ଆଜିକାଲି ଇଣ୍ଟର୍ନେଟ ମାଧ୍ୟମରେ କିମ୍ବା ଦେୟ ପ୍ରତିନିଧି ମାଧ୍ୟମରେ ଯେଉଁଭଳି ପାତ୍ର କନ୍ୟା ଠାବ କରି ବିବାହ ବନ୍ଧନ କରାଯାଉଅଛି ଅଥବା ସେମାନଙ୍କ ପାରିବାରିକ ଆଦର୍ଶବାଦକୁ ପରୀକ୍ଷା ନକରି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ଶାରୀରିକ ଗଠନ, ସମ୍ପତ୍ତି ଏବଂ ରୋଜଗାର ଉପରେ ସନ୍ତୁଷ୍ଟ ହେଲେ ବିବାହ ବନ୍ଧନ ନିର୍ଦ୍ଧାରିତ ହୋଇ ଅନୁଷ୍ଠାନ ସମ୍ପୂର୍ଣ୍ଣ କରାଯାଉଅଛି ସେସବୁ ଅତ୍ୟନ୍ତ କଠୋର ସମୟ ଆଣିଦେଉଅଛି ଆସନ୍ତା ଭବିଷ୍ୟତରେ ସମସ୍ତଙ୍କ ପାଇଁ !! କିଛି ବର୍ଷ ପୂର୍ବେ ଯେଉଁସବୁ ବିବାହ ବନ୍ଧନ ହେଉଥିଲା ସେସବୁ ନିଜ ଜ୍ଞାତସାର ଥିବା ଅଥବା ନିଜ ବନ୍ଧୁ ବାନ୍ଧବଙ୍କ ଜରିଆରେ ସେମାନଙ୍କ ଅଭିଜ୍ଞତା ଉପରେ ବିଶ୍ୱାସ ରଖି ଉଭୟ ପରିବାର କୁଣ୍ଡଳୀ ମେଳ କରିବା ସହିତ ପାରିବାରିକ ସାମଞ୍ଜସ୍ୟତା ଉପରେ ଗୁରୁତ୍ୱ ଆଧାର କରି ବିବାହ ଠିକ କରାଯାଉଥିଲା । ବର୍ତ୍ତମାନ କିନ୍ତୁ ଆଉ ସେହିଭଳି ଦେଖିବାକୁ ମିଳୁନାହିଁ ! ଅତଃ ଅଧିକାଂଶ ପରିବାର ଛତ୍ରଭଙ୍ଗ ହୋଇ ଖଣ୍ଡ ବିଖଣ୍ଡିତ ହୋଇ ପରସ୍ପର ଈର୍ଷାନ୍ୱିତତା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳୁଛି । ନିଜସ୍ୱ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାରିବାରିକ ତଥା ରକ୍ତ ସମ୍ପର୍କ ଠାରେ ତିକ୍ତତା ମନଭାଙ୍ଗ ରଖି ଅନ୍ୟ ଉପରେ ନିର୍ଭର କରି ବିବାହ ସମ୍ପର୍କ ସ୍ଥାପନ କରାଯାଉଥିବା ଦେଖିବାକୁ ମିଳୁଛି । ଅତଏବ ଦୁଇ ପରିବାର ମଧ୍ୟରେ ସାମାଜିକ ସମତା ନଥାଇ ତଥା ତାହାଉପରେ ପ୍ରାଧାନ୍ୟତା ଦିଆନଯାଇ କୌଣସିମତେ ଏକ ସମ୍ପର୍କ ସ୍ଥାପନ ଗଭୀର ପରିସ୍ଥିତି ସୃଷ୍ଟି କରୁଛି ଭବିଷ୍ୟତରେ ଯାହା ବର୍ତ୍ତମାନ ଅନୁମାନ କରି ହୁଏନି । ଏଭଳି ସ୍ଥଳେ ଅନେକ ସମୟରେ ଉଭୟ ପରିବାରଙ୍କ ପକ୍ଷରୁ ମିଥ୍ୟା ତଥ୍ୟ ପ୍ରଦାନ ପୂର୍ବକ ବିବାହ ଅନୁଷ୍ଠାନ ସମ୍ପନ୍ନ କରାଯିବା ଭବିଷ୍ୟତରେ ଆଶାତୀତ ଜଟିଳତା ସୃଷ୍ଟି କରୁଥିବା ଏକ ସାଧାରଣ ଲକ୍ଷଣ ହୋଇଗଲାଣି ସମାଜରେ । ତେଣୁ କେବଳ ଯେ ପରିବାର ନୁହେଁ ବରଂ ବିବାହିତ ଦମ୍ପତ୍ତିଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇ ତିକ୍ତତା ତଥା ଛାଡପତ୍ର ଦେବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି ଉଭୟ ପରିବାର ଯାହା ଆଜିକା ସମୟରେ ଏକ ସାଧାରଣ ସମସ୍ୟ ଭାବେ ସମାଜରେ ଦଣ୍ଡାୟମାନ ! ଏହିଭଳି ଅନେକ ସମସ୍ୟ ଦେଇ ପ୍ରାୟତଃ ସମସ୍ତ ପରିବାର ଗତି କରୁଥିବା ଦେଖିବାକୁ ମିଳୁଥିବା ବେଳେ ତାହାର ଆସୁ ସମାଧାନ ଦିଗରେ ସଚେତନ ହେବାନେଇ ବିଚାରଶୀଳ ମନଭାବ ଦେଖିବାକୁ ମିଳୁନାହିଁ କୌଣସି କ୍ଷେତ୍ରରେ ! ଏମିତି ସୀମାହୀନ ସମସ୍ୟା ଦେଖିବାକୁ ମିଳୁଛି ବିଭିନ୍ନ ସାମାଜିକ କିମ୍ବା ଅସାମାଜିକ ବିବାହ ଅନୁଷ୍ଠାନରେ ଯାହାସବୁ ଲେଖା ମାଧ୍ୟମରେ ପ୍ରକାଶ କରିବା ସମ୍ଭବ ନୁହେଁ ! କିନ୍ତୁ ସବୁ ସମସ୍ୟାର ସମାଧାନ ଥାଏ ନିଶ୍ଚିତ ଯଦି ବିଚାରଶୀଳ ମନୋଭାବ ନେଇ ତର୍ଜମା କରି ପ୍ରଥମରୁ ଅଗ୍ରସର ହେବା । ଅଥବା ବୁଦ୍ଧିମନ୍ତଙ୍କ ବିଚାରଶୀଳ ପରାମର୍ଶ ନେଇ ଆଗକୁ ବଢିଲେ ହୁଏତ ଭବିଷ୍ୟତ ଆନନ୍ଦ ଦାୟକ ହୋଇପାରେ । ବର୍ତ୍ତମାନ ପାଇଁ ଅନୁଶୀଳନଟିକୁ ଏଇଠି ସମାପ୍ତ କରି ପରବର୍ତ୍ତୀ ସମୟରେ ସେହିସବୁ ସମସ୍ୟାର ସମାଧାନ ତଥା ସମସ୍ୟା ଆସିବା ପୂର୍ବରୁ କଣ ସବୁ ସତର୍କତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବଲମ୍ବନ କରାଯାଇପାରେ ତାହାରି ଉପରେ ଏକ ବିସ୍ତୃତ ବିବରଣୀ ଦିଆଯିବ । ଆପଣ ମାନଙ୍କ ଭଲପାଇବା ଉପରେ ନିର୍ଭର କରୁଛି ଆମର ସାଂସାରିକ ସଚେତନତା ବାର୍ତ୍ତାର ପ୍ରଭାବ ତଥା ସାମାଜିକ ସଂସ୍କାର ।

କିଛି ପ୍ରଶ୍ନ ଥିଲେ ପଚାରି ପାରିବେ, ଯାହାର ନିଶ୍ଚିତ ଯୁକ୍ତାତ୍ମକ ଉତ୍ତର ମିଳିବ । ସେତେବେଳ ଯାଏଁ ବିଦାୟ । ଧନ୍ୟବାଦ ।

ସୋସିଆଲ ଫୋରୁମ (India)
ଛତ୍ରପୁର, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଭାବ



ଶଶାଙ୍କ ଶେଖର ପଣ୍ଡା

"ସ୍ୱଭାବ" ଏମିତି ଏକ ଶବ୍ଦ ଯାହାର ଆକ୍ଷରିକ ଅର୍ଥ ହେଲା 'ଆତ୍ମଭାବ' ବା 'ନିଜସ୍ୱ ଭାବ' । ଏହାକୁ 'ପ୍ରକୃତି' ମଧ୍ୟ କୁହାଯାଏ । ପ୍ରତ୍ୟକ ବ୍ୟକ୍ତି ଯେଉଁ ସ୍ୱଭାବ ସହିତ ଜନ୍ମଲାଭ କରିଥାନ୍ତି, ସେ ତାକୁ ମୃତ୍ୟୁ ପର୍ଯ୍ୟନ୍ତ ତ୍ୟାଗ କରିପାରନ୍ତି ନାହିଁ (ପ୍ରକୃତି ନୈବ ମୁଚ୍ୟତେ) । ସ୍ୱଭାବ ମନୁଷ୍ୟର ସମଗ୍ର ଜୀବନକୁ ପ୍ରଭାବିତ କରିଥାଏ । ଅର୍ଥାତ ପ୍ରତ୍ୟକେ ନିଜର ସ୍ୱଭାବ ଅନୁଯାୟୀ କର୍ମମାନ କରିଚାଲିଥାନ୍ତି । ଉପଦେଶର ଦ୍ୱାହି ଦେଇ ବା ପ୍ରଭୃତି ବିସ୍ତାର ଦ୍ୱାରା ମଧ୍ୟ ସହଜରେ ସ୍ୱଭାବର ପରିବର୍ତ୍ତନ ଅଣାଯାଇ ପାରେ ନାହିଁ । ତେଣୁ କଥାରେ ଅଛି - " ଯାହାର ଯେମନ୍ତ ସ୍ୱଭାବ, ଗୁରୁ-ବଚନ କି କରିବ ?" ଆହୁରି ମଧ୍ୟ ଅଛି - " ଘୁଷୁରି ପ୍ରକୃତି ପଙ୍କରେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ " ।

ପଣ୍ଡିତମାନଙ୍କ ମତରେ ଯେଉଁ ଜନ୍ମାନ୍ତରକୃତ ସଂସ୍କାର ପ୍ରାଣୀମାନଙ୍କର ବର୍ତ୍ତମାନ ଜନ୍ମରେ ସ୍ୱକାର୍ଯ୍ୟଭିମୁଖ ହୋଇ ବ୍ୟକ୍ତ, ତାହାର ନାମ ସ୍ୱଭାବ । ଅର୍ଥାତ ପୂର୍ବ ଜନ୍ମରେ ଯେଉଁ ସଂସ୍କାର ଦ୍ୱାରା ପ୍ରାଣୀ ଏ ଜନ୍ମରେ ନିଜ କାର୍ଯ୍ୟ କରେ, ତାହା ହିଁ ସ୍ୱଭାବ । ସେଇଥିପାଇଁ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଏତେ ପାର୍ଥକ୍ୟ ଦେଖାଯାଏ । ଯଦି ଶିଶୁମାନଙ୍କୁ ଲକ୍ଷ୍ୟ କରିବେ ଜାଣିପାରିବେ ପ୍ରତ୍ୟକେ ଭିନ୍ନ, କିଏ ଖେଳିବାକୁ ଭଲପାଉଥିବା ବେଳେ କିଏ ଖେଳଣାକୁ ଭାଙ୍ଗିବାରେ ବ୍ୟସ୍ତ ଆଉ କିଏ-କିଏ ଭାଙ୍ଗି ଯାଇଥିବା ଖେଳଣାକୁ ଯୋଡ଼ିବାରେ ବ୍ୟସ୍ତ । ଏମିତି ଅନେକ ସ୍ୱଭାବ ଦେଖିବାକୁ ମିଳେ ଶିଶୁମାନଙ୍କ ମଧ୍ୟରେ, ଏହାର କାରଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତ୍ୟେକଙ୍କର ଭିନ୍ନ-ଭିନ୍ନ ସ୍ୱଭାବ ବା ପୂର୍ବଜନ୍ମର ଅଲଗା ସଂସ୍କାର । ସେଇଥିପାଇଁ ବିଦ୍ୱାନମାନେ କହନ୍ତି- ବାସ୍ତବିକ ପ୍ରାଣୀର ଆତ୍ମା କିଛି କରେ ନାହିଁ କି କରାଏ ନାହିଁ, ସ୍ୱଭାବ ହିଁ ସବୁ କରାଇଥାଏ । ଏଣୁ ମଣିଷ ପାଖରେ ଅନ୍ୟାନ୍ୟ ସମସ୍ତ ଗୁଣ ସ୍ୱଭାବ ନିକଟରେ ନଗଣ୍ୟ । ଶରୀରର ଅଙ୍ଗ-ପ୍ରତ୍ୟଙ୍ଗମାନଙ୍କ ମଧ୍ୟରେ ମସ୍ତିସ୍କ ଯେପରି ଉଚ୍ଚ ସ୍ଥାନ ପାଇଛି, ସେହିପରି ଗୁଣମାନଙ୍କ ମଧ୍ୟରେ ସ୍ୱଭାବ ହିଁ ସର୍ବ ଶ୍ରେଷ୍ଠ ସ୍ଥାନ ପାଇଛି । ମସ୍ତିସ୍କ ନିର୍ଦ୍ଦେଶରେ ଯେପରି ଅନ୍ୟ ଅଙ୍ଗ-ପ୍ରତ୍ୟଙ୍ଗ କାର୍ଯ୍ୟ କରନ୍ତି, ସେହିପରି ସ୍ୱଭାବ ମଣିଷର ଅନ୍ୟ ସମସ୍ତ ଗୁଣକୁ ନିୟନ୍ତ୍ରିତ କରିଥାଏ ।

ଜଣାଯାଏ ସୁସ୍ୱଭାବର ବ୍ୟକ୍ତି ଯେକୌଣସି ଦୁର୍ଗୁଣର ଅଧିକାରୀ ହୋଇଥିଲେ ସୁଦ୍ଧା ସୁକାର୍ଯ୍ୟ କରେ, କିନ୍ତୁ ଦୃଷ୍ଟ ସ୍ୱଭାବର ବ୍ୟକ୍ତି ଯେତେ ପ୍ରକାରର ସୁଗୁଣର ଅଧିକାରୀ ହୋଇଥିଲେ ସୁଦ୍ଧା ସାଧାରଣତଃ ଖରାପ କାର୍ଯ୍ୟପ୍ରତି ଆକୃଷ୍ଟ ହୋଇଥାଏ । ଯଦି ଜଣେ ଚୋର ସୁବୁଦ୍ଧିମାନ ହୋଇଥିଲେ ସୁଦ୍ଧା ବିଦ୍ୱାନ ହୋଇ ନ ପାରେ, କାହିଁକି ନା ସେ ତା'ର ବୁଦ୍ଧିକୁ ସବୁବେଳେ ଚୋରି କରିବାରେ ହିଁ ବିନିଯୋଗ କରେ । ଦୃଷ୍ଟ ସ୍ୱଭାବର ବ୍ୟକ୍ତି ପାଖରେ ବିଦ୍ୟା, ବୁଦ୍ଧି ଓ ପୌରୁଷର କିଛି ମୂଲ୍ୟ ନ ଥାଏ, କାରଣ ତା'ର କୁସ୍ୱଭାବ ସବୁକୁ ଟପିଯାଇ ସର୍ବୋଚ୍ଚରେ ପ୍ରଭୁତ୍ୱ ବିସ୍ତାର କରେ । ତେଣୁ ନିଜର ଭଲଗୁଣକୁ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ ନ କରି ଧ୍ୱଂସମୂଳକ କାର୍ଯ୍ୟରେ ବ୍ୟବହାର କରେ ।

ଏଥିପାଇଁ ବ୍ୟକ୍ତିତ୍ୱର ପରୀକ୍ଷା କରାଗଲା ବେଳେ ପ୍ରଥମେ ସ୍ୱଭାବକୁ ବିଚାରକୁ ନିଆଯାଏ । ସ୍ୱଭାବ ଯୁଆଡ଼କୁ ନେଇଯାଏ ବ୍ୟକ୍ତିର ଗୁଣ ସେହି ମାର୍ଗରେ ଚାଲନ୍ତି । କହିବାର ମାନେ ନୁହେଁ ଗୁଣମାନଙ୍କର ପରିବର୍ତ୍ତନ ଅସମ୍ଭବ ? ଅଭ୍ୟାସରେ ପରିଣତ ହୋଇଗଲେ ବିଦ୍ୟାର ମଧ୍ୟ ବିସ୍ମରଣ ଘଟିଥାଏ । କିନ୍ତୁ ସ୍ୱଭାବ ସହଜରେ ବଦଳେ ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇଥିପାଇଁ ପଞ୍ଚତନ୍ତ୍ରରେ ବର୍ଣ୍ଣିତ ଅଛି- "ଯଃ ସ୍ୱଭାବୋ ହି ଯସ୍ୟ ସ୍ୟାତ୍ ତସ୍ୟାସୌ ଦୂରତିକ୍ରମଃ ।ଶ୍ୱା ଯଦି କ୍ରୀୟତେ ରାଜା କିଂ ନାଶ୍ନାତ୍ୟୁପାନହମ୍ ॥"

ଯାହାର ସ୍ୱଭାବ ଯାହା, ସେ ତାକୁ ସହଜରେ ଛାଡ଼ି ପାରେ ନାହିଁ । କୁକୁରକୁ ରାଜା କରିଦେଲେବି ସେ ଜୋତା ଚୋବାଇବା ଛାଡ଼ିପାରିବ ନାହିଁ । ଏଥିରୁ ସ୍ୱଷ୍ଟ ପ୍ରମାଣିତ ହୁଏ ଯିଏ ସ୍ୱଭାବର ସବୁ ଗୁଣ ମଧ୍ୟରେ ଶ୍ରେଷ୍ଠ ଏବଂ ମଣିଷର ବ୍ୟକ୍ତିତ୍ୱର କଷଟିପଥରେ ଉତୀର୍ଣ୍ଣ ହୁଏ ସେ ହିଁ ଲାଭ କରେ ସଫଳତା ।

ଚାଣକ୍ୟଙ୍କ ନୀତି ଅନୁସାରେ- "ଦୁର୍ଯ୍ୟନଃ ପରିହଃର୍ତ୍ତବ୍ୟୋ ବିଦୟାଳଙ୍କୃତୋପି ସନ୍ । ମଣିନା ଭୁଷିତଃ ସର୍ପଃ କିମସୌ ନ ଭୟଙ୍କରଃ ।।" ବିଦ୍ୱାନ ହେଲେ ମଧ୍ୟ ଦୁଃର୍ଜନ ଅର୍ଥାତ ଦୃଷ୍ଟସ୍ୱଭାବର ବ୍ୟକ୍ତି ସହିତ ସମ୍ପର୍କ ସ୍ଥାପନ କରିବା ଅନୁଚିତ । ମଣିଭୂଷିତ ସର୍ପ କ'ଣ ଭୟଙ୍କର ନୁହେଁ କି ? କହିବାର ତାତ୍ପର୍ଯ୍ୟ - ଜଣେ ଯେତେ ସୁଗୁଣର ଅଧିକାରୀ ହେଲେ ମଧ୍ୟ ଦୃଷ୍ଟସ୍ୱଭାବର ଵ୍ୟକ୍ତି ଠାରୁ ଦୂରରେ ରହିବ ଉଚିତ ଏବଂ କେବଳ ସୁସ୍ୱଭାବର ବ୍ୟକ୍ତି ସହ ମିତ୍ରତା ସଠିକ ମାର୍ଗ ଦେଖାଇଥାଏ ।

ଅନ୍ୟ ଦୃଷ୍ଟିରୁ ଚିନ୍ତା କଲେ ଜଣାଯାଏ ଏ ସଂସାରରେ ଦୁଇପ୍ରକାରର ଲୋକ ଦେଖାଯାଆନ୍ତି- ହିଂସାତ୍ମକଭାବ ଓ ଉଦାରସ୍ୱଭାବ । ସବୁ ମୋର, ମୁଁ ଚାହିଁଲେ ସବୁ କରିପାରିବି,ମୋ ବିନା ଅନୁମତିରେ କିଛି ହୁଏ ନାହିଁ, ମୁଁ ହିଁ ସର୍ବେ-ସର୍ବା ଏମିତି ଅନେକ କହିଥାଆନ୍ତି ନିଜର ଅହଂକାରଭାବକୁ ଜାଗ୍ରତ କରାଇ । ଆଉ କିଛି ଏମିତିବି ଏ ସଂସାରରେ ଅଛନ୍ତି, ଯେଉଁମାନେ ଧର୍ମଶାସ୍ତ୍ରକୁ ଅନୁସରଣ କରନ୍ତି, ଇଶ୍ୱରଙ୍କୁ ବିଶ୍ୱାସ କରନ୍ତି, ପରର ମଙ୍ଗଳ ନିମନ୍ତେ ଚିନ୍ତାଶୀଳ ହୁଅନ୍ତି, କାହିଁକି ନା ସେମାନେ ଭାବନ୍ତି ଏ ସଂସାରରେ କର୍ତବ୍ୟ ମାତ୍ର ଅଢେଇଦିନ । ତେଣୁ ଭଗବାନ ଯେଉଁଥି ପାଇଁ ଜନ୍ମ ଦେଇଛନ୍ତି ତାହାର ସଦୁପଯୋଗ

Magazine Downloaded from www.aahwaan.com

କରିବା । ପ୍ରକୃତରେ ନିଜର ବା ପରର କିଛି ବି ନୁହେଁ । ଆଜି ଯାହା କିଛି ନିଜର କାଲି ହୁଏତ ଆଉ କାହାର ହୋଇଯିବ, ସବୁ କିଛି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି । ନିଜଠାରେ ଯେଉଁ ଆତ୍ମା ଅଛି ଅନ୍ୟ ଠାରେବି ସେହି ଆତ୍ମା ଅଛି । ସବୁ ଆତ୍ମା ସେହି ପରମାତ୍ମାଙ୍କର ଅଂଶବିଶେଷ ଏବଂ ପ୍ରଭେଦହୀନ । ଏହି ସତ୍ୟକୁ ହୃଦୟଙ୍ଗମ କରିଥିବା ଉଦାରସ୍ୱଭାବ ବ୍ୟକ୍ତିମାନେ ହିଁ ଭେଦଜ୍ଞାନ କରନ୍ତି ନାହିଁ । ତାଙ୍କ ଦୃଷ୍ଟିରେ ସମଗ୍ର ପୃଥିବୀ ଏକ ପରିବାର । ପରିବାରରେ ଯେମିତି ପ୍ରତ୍ୟକେ ପରସ୍ପରର ସୁଖଦୁଃଖରେ ସମଭାଗୀ ହୋଇ ମିଳିମିଶି ଚଳନ୍ତି । ସେହିପରି ନିଜକୁ ମଧ୍ୟ ଗଢି ତୋଳନ୍ତି ଅନ୍ୟର ଉପକାର ନିମନ୍ତେ ।

ସମଗ୍ର ମାନବଜାତି ନିଜର ଆଚରଣକୁ ସୁଧାର ଆଣି ସ୍ୱଭାବର ପରିବର୍ତ୍ତନ କଲେ ନିଶ୍ଚିତ ସୁଖ ଫଳପ୍ରଦ ହେବ ଓ ଈଶ୍ୱରଙ୍କର ଆଶୀର୍ବାଦ ଉପାର୍ଜନ କରିବାରେ ସକ୍ଷମ ହେବ ।

ଉତ୍ତରବାଡ଼,ଭଣ୍ଡାରିପୋଖରୀ

ମୋ-୯୯୩୭୨୨୬୮୦୪


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଗାଁ ମନ୍ଦିର



ଶାନ୍ତନୁ କୁମାର ରାଉତ

ସର୍ବପ୍ରଥମେ ପ୍ରଭୁ ବୀର ମହାବୀର ଜୟ ବଜରଙ୍ଗବାଲିଙ୍କ ଚରଣାବିନ୍ଦରେ ନିଜକୁ ସମର୍ପି ଦେବା ସହିତ ବୀର ମହାବୀର ଚାରିଟେବୁଲ ଟ୍ରଷ୍ଟ ଭଳି ଏକ ମାଙ୍ଗଳିକ ଅନୁଷ୍ଠାନର 'ସ୍ମରଣିକା' ବିଷୟରେ ଦୁଇପଦ ଲେଖିବା ଲାଗି ସୁଯୋଗ ମିଳି ଥିବାରୁ ନିଜକୁ ଧନ୍ୟ ମନେ କରୁଅଛି ।

'ଜୀବନ' ବେଳେ ବେଳେ ବହୁତ କିଛି ହରେଇ ନିଏ କିନ୍ତୁ ହରେଇ ନବା ସହିତ ବହୁତ କିଛି ଶିକ୍ଷା ଦେଇଯାଏ । ଜୀବନ କଣ ? ସମସ୍ତେ ଜୀବନକୁ ବୁଝିବା ଦରକାର । ଜୀବନ ଏକ ଅମୁଲ୍ୟ ସମ୍ପଦ, ଜୀବନ ଏକ ଭଗବାନଙ୍କ ଉପହାର, ଜୀବନ ଏକ କର୍ତ୍ତବ୍ୟ, ଜୀବନ ଏକ ପ୍ରତିଜ୍ଞା, ଜୀବନ ଏକ ସଂଗ୍ରାମ, ଜୀବନ ଏକ ସମସ୍ୟା, ଜୀବନ ଏକ ଆହ୍ୱାନ ଏହାକୁ ସମସ୍ତେ ନିଜର ଭାବି ଆପଣେଇବା ଦରକାର । ଜୀବନରେ ପ୍ରତ୍ୟେକ ମଣିଷ କିଛି ନା କିଛି ଲକ୍ଷ୍ୟ ରଖିବା ସହିତ ଲକ୍ଷ୍ୟକୁ ସାକାର କରିବାର ପ୍ରୟାସ କରିବା ନିହାତି ଦରକାର ।

ଯେଉଁ ଜାଗାରେ ଭଗବାନ ବଶୀଭୂତ ହୁଅନ୍ତି ସେ ଜାଗା ପବିତ୍ର, ସେ ମାଟି ପବିତ୍ର ଏବଂ ସେ ଗାଁ ସହିତ ଆଖ ପାଖ ଗାଁ ମଧ୍ୟ ପବିତ୍ର । ମନ୍ଦିରଟିଏ ଗଢି ତୋଳିବାର ସୌଭାଗ୍ୟ ପ୍ରାୟ ସମସ୍ତଙ୍କ ଭାଗ୍ୟରେ ନଥାଏ । ଏବଂ ଯିଏ ଗଢ଼ିବାର ପ୍ରୟାସ କରନ୍ତି ପ୍ରାୟତଃ କୋଟିଏ ପୂଣ୍ୟର ଫଳ ସଦୃଶ ....

ସେହିଭଳି ଏକ ମହାପୂଣ୍ୟବନ୍ତ ମହାନ ଚିନ୍ତା କରି ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତର ନୂଆସାହି ଗ୍ରାମରେ ସ୍ୱର୍ଗତ ଶ୍ରୀଧର ରାଉତଙ୍କ ସୁପୁତ୍ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରୀଯୁକ୍ତ ବିଶ୍ୱନାଥ ରାଉତ ଏକ ହନୁମାନ ମନ୍ଦିରର ସ୍ଥାପନା ପାଇଁ ସ୍ଥିର କଲେ ଯାହାକି ୨୦୧୨ ମସିହା ବାହୁଡ଼ାଦିନ ବହୁ ଜ୍ଞାନୀ, ଗୁଣି, ବିଜ୍ଞ ଜ୍ୟୋତିର୍ବିଦ ବ୍ରାହ୍ମଣ ଏବଂ ପଣ୍ଡିତ ମାନଙ୍କ ସହିତ ଗ୍ରାମର ସମସ୍ତ ଅଧିବାସୀ ଏବଂ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମାରୋହରେ ମନ୍ଦିରର ସ୍ଥାପନା ନିମନ୍ତେ ମାଟି ପୂଜାର ଶୁଭ ଉଦଘାଟନ କରାଇଥିଲେ । ଯାହାକି ୧୦୦ ଫୁଟରୁ ଉର୍ଦ୍ଧ ଉଚ୍ଚତାର ମନ୍ଦିର ଏବଂ ସମସ୍ତ କଳକାର୍ତ୍ତିକୁ ପୂର୍ଣ୍ଣାପୂର୍ଣ୍ଣ ଭାବେ ପୁରା କରିବା ସହିତ ୨୦୧୭ ମସିହା ସେଇ ବାହୁଡ଼ାଦିନ ମନ୍ଦିର ପ୍ରତିଷ୍ଠାର ଆୟୋଜନ ଗ୍ରାମବାସୀମାନଙ୍କ ଦ୍ୱାରା କରାଇବା ସହିତ ମନ୍ଦିରଟିର ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ଏକ ଟ୍ରଷ୍ଟ ଗଠିତ କରାଇ ଟ୍ରଷ୍ଟହାତକୁ ମନ୍ଦିରକୁ ଉତ୍ସର୍ଗ କରି ଦୁନିଆ ନିକଟରେ ନିଜର ପରିଚୟ ପ୍ରଦାନ ପାଇଥିଲେ । ଯେଉଁଠି କି ପୂର୍ବରୁ ମନ୍ଦିରଟିଏ ନଥିବା କାରଣରୁ ଅଞ୍ଚଳର ବାସିନ୍ଦାମାନେ ଭଗବାନଙ୍କ ଦର୍ଶନ ଏବଂ ଆଶୀର୍ବାଦ ନିମନ୍ତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ କିନ୍ତୁ ମନ୍ଦିରଟିଏ ହେବା ଫଳରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ନିଜର ମନୋସ୍କାମନା ସହିତ ଭଗବାନଙ୍କୁ ପୂଜା କରିବା ଓ ଆଶୀର୍ବାଦ ଲାଭ କରିପାରୁଛନ୍ତି ।

ମଣିଷ ଦିନେ ଏ ଦୁନିଆରୁ ଚାଲିଯାଏ ସତ କିନ୍ତୁ ନିଜର କର୍ମ ନିଜକୁ ଯୁଗ ଯୁଗ ଲାଗି ଜୀବନ୍ତ ରଖିଦିଏ ତେଣୁ ସମସ୍ତଙ୍କୁ ମୋର ଗୋଟିଏ ଅନୁରୋଧ ଯଦି ଆପଣ କରୁଥିବା କାର୍ଯ୍ୟ ଆପଣଙ୍କୁ ଠିକ ଲାଗୁଛି ତେବେ ସେହି କର୍ମ ହିଁ କରନ୍ତୁ କିନ୍ତୁ ଆପଣଙ୍କ କର୍ମ ବାହାର ଲୋକ ମାନଙ୍କୁ ମଧ୍ୟ ଭଲ ଲାଗୁଥିବା ଦରକାର

‘ବିଦ୍ୱତ୍ତ୍ୱ ଚ ନୃପତ୍ତ୍ୱ ଚ ନୈବତୁଲ୍ୟ କଦାଚନ
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ ସର୍ବତ୍ର ପୂଜ୍ୟତେ’

ନୂଆସାହି, ପାଟରଙ୍ଗା, ଯାଜପୁର, ୯୮୭୧୭୫୭୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : April 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**